ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୭/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 7/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 45 | ମୂଲ୍ୟ₹୭/-

DSPL - 458





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ରାଜ୍ୟରେ ୧୧୮ଟି
# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ, ଅବକାରୀ, ଓଡ଼ିଶା

**ଡଃ ସମ୍ବିତ ପାତ୍ର**
ସାଂସଦ, ପୁରୀ, ଓଡ଼ିଶା

**ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ**
ବିଧାୟକ, ଖୋର୍ଦ୍ଧା, ଓଡ଼ିଶା

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର, ଭୁବନେଶ୍ୱର, ଓଡ଼ିଶା

**୭ ଜାନୁଆରୀ ୨୦୨୬ । ପୂର୍ବାହ୍ନ ୧୧.୦୦ଘଟିକା । ପଲଟଣ ପଡ଼ିଆ, ବାଣପୁର, ଖୋର୍ଦ୍ଧା**

OIPR-27068/13/0095/2526

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**



ପ୍ରୟାଗରାଜରେ ମଙ୍ଗଳବାର ମାଘମେଳା ଚାଲିଥିବାବେଳେ ସଙ୍ଗମସ୍ଥଳରେ ନୌକାଗୁଡ଼ିକୁ ବନ୍ଧାଯାଇଛି।

## ଆମେରିକା କୋର୍ଟରେ ହାଜର ହେଲେ ମାଦୁରୋ




ନ୍ୟୁୟର୍କ,୬।୧

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ସୋମବାର ଆମେରିକାର ଏକ ଅଦାଲତରେ ହାଜର କରାଯାଇଛି। ସେ ନିଜକୁ ଦେଶର ରାଷ୍ଟ୍ରପତି ଘୋଷଣା କରିବା ସହ ତାଙ୍କ ଗିରଫଦାରିକୁ ବିରୋଧ କରିଛନ୍ତି। ଆମେରିକା ପ୍ରଶାସନ ମାଦୁରୋଙ୍କ ବିରୋଧରେ ନିଶାଦ୍ରବ୍ୟ ଚୋରାଚାଲାଣ ଅଭିଯୋଗ ଆଣି ତାଙ୍କୁ କ୍ଷମତାରୁ ହଟାଇବା ଯଥାର୍ଥ ବୋଲି ଅଦାଲତରେ ଯୁକ୍ତି ବାଢ଼ିଥିବାବେଳେ ମାଦୁରୋ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। କୋର୍ଟରୁମ୍‌ରେ ସେ ସ୍ପେନିସ୍ ଭାଷାରେ କହୁଥିବାବେଳେ ସେଠାରେ ଉପସ୍ଥିତ ଜଣେ ରିପୋର୍ଟର ଏହାକୁ ଅନୁବାଦ କରିଥିଲେ। ଶୁକ୍ରବାର ରାତିରେ ଆମେରିକା ସେନା ଭେନେଜୁଏଲା ରାଜଧାନୀ କାରାକାସ୍‌ରେ ଆକ୍ରମଣ କରି ରାଷ୍ଟ୍ରପତି ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଗିରଫ କରି ନ୍ୟୁୟର୍କ ନେଇଯାଇଥିଲା। ଆମେରିକା ଯିବା ପରେ ମାଦୁରୋଙ୍କୁ ପ୍ରଥମ ଥର ପାଇଁ ସେଠାର କୋର୍ଟରେ ହାଜର କରାଯାଇଛି। ସେ ନୀଳ ରଙ୍ଗର ଜେଲ ପୋଷାକ ପିନ୍ଧିଥିବା ଦେଖାଯାଇଥିଲା। ତାଙ୍କ ସହ ସ୍ତ୍ରୀ ଫ୍ଲୋରେସ୍ ରହିଥିଲେ।

## ହସ୍ପିଟାଲରେ ସୋନିଆ

ନୂଆଦିଲ୍ଲୀ,୬।୧

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଶ୍ୱାସଜନିତ ଅସୁବିଧାର ସମ୍ମୁଖୀନ ହେବାରୁ ତାଙ୍କୁ ମଙ୍ଗଳବାର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ୭୯ ବର୍ଷୀୟା ସୋନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି ଏବଂ ସେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିଛନ୍ତି କଂଗ୍ରେସ ସୂତ୍ରରୁ ପ୍ରକାଶ।

## କୃଷକଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ

ଅହମଦାବାଦ,୬।୧

ଗୁଜରାଟ ଆନନ୍ଦ ଜିଲାର ଜଣେ ଚାଷୀ ସରପଞ୍ଚଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବାରୁ ତାଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ ହୋଇଛି। ଭରତଭାଇ ପଦିୟାର ନାମକ ଉକ୍ତ ଚାଷୀ ଏବେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ସରପଞ୍ଚ ଓ ତାଙ୍କ ପରିବାରର ୪ ସଦସ୍ୟଙ୍କ ନାମରେ ମାମଲା ରୁଜୁ ହୋଇଛି। ଗାଁର ମହିଳା ସରପଞ୍ଚ କୋକିଳାବେନ୍ ଓ ତାଙ୍କ ପରିବାର ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ଭରତଭାଇ ଗତ ଅକ୍ଟୋବରରେ ଜିଲା ଏବଂ ତାଲୁକ ଉନ୍ନୟନ ଅଫିସର, ଉନ୍ନୟନ କମିଶନର ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ କୌଣସି ଜବାବ ନ ମିଳିବାରୁ ସେ ଗଣମାଧ୍ୟମରେ ଜଣାଇଥିଲେ। ଏହା ପରେ ତାଙ୍କୁ ଜୀବନରୁ ମାରିଦେବାକୁ ସରପଞ୍ଚଙ୍କ ସ୍ୱାମୀ ଓ ଅନ୍ୟମାନେ ଧମକ ଦେଇଥିଲେ। ଘଟଣା ଦିନ କୋକିଳାବେନ୍, ତାଙ୍କ ସ୍ୱାମୀ ଦିନେଶଭାଇ, ପୁଅ ନିଲେଶଭାଇ, ରାଜେଶଭାଇ ଓ ପୁତୁରା ଏକ କାର୍‌ରେ ଆସି ଭରତଭାଇଙ୍କୁ ହାତୁଡ଼ିରେ ଆକ୍ରମଣ କରିଥିଲେ। ପରେ ସେମାନେ ଗାଁ ମଝିକୁ ତାଙ୍କୁ ଟାଣିନେଇ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ ବୋଲି ଭରତଭାଇ ଅଭିଯୋଗ କରିଛନ୍ତି।

# ଚିଠା ତାଲିକାରୁ କଟିଲେ ୨.୮୯ କୋଟି ଭୋଟର

### ୟୁପି ଏସ୍‌ଆଇଆର୍

ଲକ୍ଷ୍ନୌ/ନୂଆଦିଲ୍ଲୀ,୬।୧




ଉତ୍ତର ପ୍ରଦେଶରେ ନିର୍ବାଚନ କମିଶନ ଚଳାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚିଠା ଚାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଉକ୍ତ ତାଲିକାରେ ୧୨.୫୫ କୋଟି ଭୋଟର ସ୍ଥାନ ପାଇଥିବାବେଳେ ୨.୮୯ କୋଟିଙ୍କୁ ହଟାଯାଇଛି।

ୟୁପିରେ ପୂର୍ବରୁ ମୋଟ ୧୫.୪୪ କୋଟି ଭୋଟର ପଞ୍ଜୀକୃତ ହୋଇଥିଲେ। ଏସ୍‌ଆଇଆର୍ ପ୍ରକ୍ରିୟାରେ ସେମାନଙ୍କ ମଧ୍ୟରୁ ୧୮.୭୦% ଅର୍ଥାତ୍ ୨.୮୯ କୋଟି ମତଦାତାଙ୍କୁ ହଟାଇ ଦିଆଯାଇଛି। ୪୬.୨୩ ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିଥିବାବେଳେ ୨.୧୭ କୋଟି ମତଦାତା ସ୍ଥାୟୀ ଭାବେ ଅନ୍ୟତ୍ର ପଳାୟନ କରିଛନ୍ତି। ୨୫.୪୭ ଲକ୍ଷ ଭୋଟର ଏକାଧିକ ସ୍ଥାନରେ ନିଜ ନାମ ପଞ୍ଜୀକରଣ କରିଛନ୍ତି। ଏହି କାରଣରୁ ସେମାନଙ୍କ ନାମକୁ ଚିଠା ତାଲିକାରୁ ବାଦ୍ ଦିଆଯାଇଥିବା ବିଷୟ ୟୁପି ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନବଦୀପ ରିନ୍‌ୱା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଚୂଡ଼ାନ୍ତ ଭୋଟର ତାଲିକା ମାର୍ଚ୍ଚ ୬ରେ ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏସ୍‌ଆଇଆର୍ ପ୍ରକ୍ରିୟା ପରେ ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ ବିରୋଧୀ ଦଳଗୁଡ଼ିକ ଉଭୟ ନିର୍ବାଚନ କମିଶନ ଓ ଭାଜପାକୁ ସମାଲୋଚନା କରିଛନ୍ତି। ୟୁପି କଂଗ୍ରେସ ସଭାପତି ଅଜୟ ରାୟ କହିଛନ୍ତି, ଏସ୍‌ଆଇଆର୍ ପାଇଁ ଦିଆଯାଇଥିବା ସମୟ ପର୍ଯ୍ୟାପ୍ତ ନ ଥିଲା। ଏହା ଏକ ଅତି ତରବରିଆ ନିଷ୍ପତ୍ତି। ଯେଉଁଭଳି ଭାବେ ଏସ୍‌ଆଇଆର୍ ଆରମ୍ଭ କରାଯାଇଥିଲା, ଉତ୍ତର ପ୍ରଦେଶ ଭଳି ବଡ଼ ରାଜ୍ୟ ପାଇଁ ମାସେ ସମୟ ଦେବା ଅଯୌକ୍ତିକ। ସେହିପରି ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ତାଙ୍କ ସ୍ତ୍ରୀ ଡିମ୍ପଲ ଯାଦବଙ୍କ ସଂସଦୀୟ ଆସନ ମୈନପୁରୀରେ ନିର୍ବାଚନ କମିଶନ ବୈଧ ଭୋଟରଙ୍କ ନାମ କାଟିଦେଇଛନ୍ତି। ଭୋଟର ବିକ୍ଷୋଭ କରିବା ପୂର୍ବରୁ କମିଶନ ନିଜ ଭୁଲ୍ ସୁଧାରନ୍ତୁ। ନଚେତ୍ ପରିଣତି ଭଲ ହେବ ନାହିଁ ବୋଲି ଅଖିଳେଶ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଦେଶର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ୟୁପିରେ ୨୦୨୫ ଅକ୍ଟୋବର ୨୭ରେ ଏସ୍‌ଆଇଆର୍ କରାଯିବା ନେଇ ଘୋଷଣା କରାଯାଇଥିଲା। ତାଲିକାରୁ ଅଧିକ ସଂଖ୍ୟକ ଭୋଟରଙ୍କ ନାମ ହଟାଯାଇଥିବା ନେଇ ରାଜନୈତିକ ଦଳଗୁଡ଼ିକ ଚିନ୍ତା ପ୍ରକଟ କରିବା ପରେ ଏସ୍‌ଆଇଆର୍ ଅବଧିକୁ ୩ ଥର ବଢ଼ାଯାଇଥିଲା।

## ମଣିପୁରରେ ଡବଲ ବିସ୍ଫୋରଣ: ୨ ଆହତ

ଇମ୍ଫାଲ,୬।୧

ମଣିପୁରର ବିଷ୍ଣୁପୁର ଜିଲାରେ ସୋମବାର ସକାଳେ କ୍ରମାଗତ ୨ଟି ବିସ୍ଫୋରଣ ଘଟି ୨ ଜଣ ଆହତ ହୋଇଛନ୍ତି। ଭୋର ୫ଟା ୪୫ ମିନିଟ୍ ସମୟରେ ଏକ ପରିତ୍ୟକ୍ତ ଘରେ ଆଇଇଡି ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ୨୦୨୩ ମେ'ରେ ରାଜ୍ୟରେ ଜାତିଆଣ ହିଂସା ଆରମ୍ଭ ହେବା ଦିନରୁ ଉକ୍ତ ଘର ପରିତ୍ୟକ୍ତ ରହିଥିଲା। ଏହାର ୨୦୦ ମିଟର ଦୂରରେ ସକାଳ ୮ଟା ୪୫ ମିନିଟ୍‌ରେ ଦ୍ୱିତୀୟ ବିସ୍ଫୋରଣ ଘଟିଛି। ଆହତ ୨ ଜଣଙ୍କୁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି। ପୋଲିସ ବିସ୍ଫୋରଣ ସ୍ଥଳ ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ଇରାନ ନ ଯିବା ପାଇଁ ଆଡଭାଇଜରି ଜାରିକଲା ଭାରତ

ନୂଆଦିଲ୍ଲୀ,୬।୧

ଇରାନରେ ଅତ୍ୟଧିକ ମୁଦ୍ରାସ୍ଫୀତି ଏବଂ ମୁଦ୍ରାର ଅବମୂଲ୍ୟାୟନକୁ ନେଇ ହିଂସାତ୍ମକ ବିକ୍ଷୋଭ ଲାଗିରହିଥିବାବେଳେ ଅତି ଜରୁରୀ ନ ଥିଲେ ସେଠାକୁ ନ ଯିବା ପାଇଁ କେନ୍ଦ୍ର ସରକାର ନାଗରିକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଇରାନରେ ଥିବା ଭାରତୀୟମାନେ ଉପଯୁକ୍ତ ସତର୍କତା ଅବଲମ୍ବନ କରିବା ସହ ବିକ୍ଷୋଭ ହେଉଥିବା ଅଞ୍ଚଳକୁ ନ ଯିବା ପାଇଁ ଆଡଭାଇଜରି ଜାରି ହୋଇଛି। ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ଜରୁରୀ ନ ଥିଲେ ଇସଲାମିକ ରିପବ୍ଲିକ୍ ଅଫ୍ ଇରାନକୁ ନ ଯିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

### ମହିଳାଙ୍କୁ ଗଣବଳାତ୍କାର

ଢାକା,୬।୧



ରାଣା ପ୍ରତାପ

ବାଂଲାଦେଶର ଜଶୋର ଜିଲା ଅନ୍ତର୍ଗତ କୋପାଲିଆ ବଜାର ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଜଣେ ହିନ୍ଦୁଙ୍କୁ ଗୁଳିକରି ହତ୍ୟା କରାଯାଇଛି। ରାଣା ପ୍ରତାପ (୪୫) ନାମକ ଏହି ବ୍ୟକ୍ତି ଏକ ବରଫ କଳ ଚଳାଇବା ସହ ସ୍ଥାନୀୟ ଖବରକାଗଜର କାର୍ଯ୍ୟକାରୀ ସମ୍ପାଦକ ଥିଲେ। କେତେଜଣ ଅଜଣା ଆତତାୟୀ ମୋଟର ସାଇକେଲ୍‌ରେ ଆସି ତାଙ୍କୁ ଆଇସ୍ ଫ୍ୟାକ୍ଟ୍ରିରୁ ବାହାରକୁ ଡାକିଥିଲେ। ସେମାନେ ରାଣାଙ୍କୁ ପାଖ ଗଳିକୁ ନେଇଯାଇ ଅତି ନିକଟରୁ ତାଙ୍କ ମୁଣ୍ଡକୁ ଗୁଳି ଚଳାଇ ଖସି ପଳାଇଥିଲେ। ଗୁଳି କରିବା ପୂର୍ବରୁ ରାଣାଙ୍କ ସହ ସେମାନଙ୍କର ବଚସା ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବାଂଲାଦେଶରେ ଗତ କିଛି ସପ୍ତାହ ହେଲା ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାକାଣ୍ଡ ଲାଗିରହିଛି।

ଇତିମଧ୍ୟରେ କାଳିଗଞ୍ଜଠାରେ ଜଣେ ୪୦ ବର୍ଷୀୟା ହିନ୍ଦୁ ବିଧବାଙ୍କୁ ୨ ଜଣ ଅଭିଯୁକ୍ତ ଗଣବଳାତ୍କାର କରିବା ସହ ତାଙ୍କୁ ଗଛରେ ବାନ୍ଧି ଚୁଟି କାଟିଦେଇଛନ୍ତି। ଅଭିଯୁକ୍ତ ଶାହିନ ଏବଂ ତାଙ୍କ ସହଯୋଗୀ ହାସନ ବୋଲି ମହିଳା ଜଣକ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କଠାରୁ ମହିଳା ଜଣକ ଏକ ଜମି ଓ ଘର କିଣିଥିଲେ। ସେବେଠାରୁ ସେମାନେ ମହିଳାଙ୍କୁ ହଇରାଣ କରିଆସୁଥିଲେ। ଶନିବାର ସନ୍ଧ୍ୟାରେ ଅଭିଯୁକ୍ତ ତାଙ୍କ ଘରକୁ ଆସି ବଳାତ୍କାର କରିବା ସହ ୫୦,୦୦୦ ଟାକା ଦାବି କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସୁରେଶ କାଲମାଡ଼ିଙ୍କ ପରଲୋକ

ପୁଣେ,୬।୧



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ସୁରେଶ କାଲମାଡ଼ିଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହେଉଥିଲା। ଦୀର୍ଘଦିନ ଧରି ଅସୁସ୍ଥ ଥିବା ସୁରେଶ ମହାରାଷ୍ଟ୍ରର ପୁଣେସ୍ଥିତ ଦୀନାନାଥ ମଙ୍ଗେସ୍କର ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଆଖିବୁଜି ଦେଇଥିବା ଜଣାପଡ଼ିଛି। ୧୯୪୪ ମେ' ୧ରେ ପୁଣେରେ ଜନ୍ମିତ ସୁରେଶ ପୂର୍ବରୁ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍ (ଓଏଲ୍ଏ) ଅଧ୍ୟକ୍ଷ ଥିଲେ। ସେ ପୁଣେ ସଂସଦୀୟ ଆସନରୁ ଅନେକ ଥର ଜିତି ଲୋକ ସଭାରେ ପ୍ରତିନିଧିତ୍ୱ କରିଥିଲେ। ରାଜନୀତିକୁ ଆସିବା ପୂର୍ବରୁ ସୁରେଶ ୧୯୬୪ରୁ ୧୯୭୨ ପର୍ଯ୍ୟନ୍ତ ଭାରତୀୟ ବାୟୁସେନାରେ ପାଇଲଟ୍ ଭାବେ କାର୍ଯ୍ୟ କରିଥିଲେ। ୧୯୯୫ରୁ ୧୯୯୬ ମଧ୍ୟରେ ସେ କଂଗ୍ରେସ ସରକାର ଅମଳରେ ରେଳ ରାଷ୍ଟ୍ରମନ୍ତ୍ରୀ ଥିଲେ। ୨୦୧୦ରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ଦୁର୍ନୀତିରେ ଛନ୍ଦିହୋଇ ୨୦୧୧ରେ ସେ ଜେଲ ଯାଇଥିଲେ। ଏଥିଯୋଗୁ କଂଗ୍ରେସ ତାଙ୍କୁ ନିଲମ୍ବନ କରିଥିଲା।

# ହରିଦ୍ୱାରରେ ଲାଗିବ ଅଣହିନ୍ଦୁଙ୍କ ପ୍ରବେଶ କଟକଣା

### ଉତ୍ତରାଖଣ୍ଡ ସରକାରଙ୍କ ଯୋଜନା

ଡେରାଡୁନ୍,୬।୧



ହରିଦ୍ୱାରରେ ଥିବା ୧୦୫ଟି ଘାଟକୁ ଅଣହିନ୍ଦୁଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ପାଇଁ ଉତ୍ତରାଖଣ୍ଡ ସରକାର ବିଚାର କରୁଥିବା ଜଣାପଡ଼ିଛି। ସେହିପରି ହରିଦ୍ୱାର ଓ ଋଷିକେଶକୁ ପବିତ୍ର ସହର ରୂପେ ଘୋଷଣା କରିବା ନେଇ ମଧ୍ୟ ସରକାରଙ୍କ ଯୋଜନା ରହିଛି। ହର-କି-ପୌରି ଘାଟର ଦେଖାଶୁଣା କରୁଥିବା କେତେଜଣ ଧାର୍ମିକ ନେତା ଓ ଏକ ସଙ୍ଗଠନ ପକ୍ଷରୁ ଏପରି ଦାବି କରାଯିବା ପରେ ଉତ୍ତରାଖଣ୍ଡ ସରକାର ଏହି ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏପରି କଟକଣା ଜାରି ପାଇଁ ଉଦ୍ଦିଷ୍ଟ ୧୯୧୬ ମସିହାର ଏକ ଚୁକ୍ତି ଉପରେ ମଧ୍ୟ ରାଜ୍ୟ ସରକାର ସମୀକ୍ଷା କରୁଥିବା ଜଣାପଡ଼ିଛି। ୨୦୨୭ରେ ପଡୁଥିବା ଅର୍ଦ୍ଧକୁମ୍ଭ ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ।

ହରିଦ୍ୱାରର ୧୨୦ ବର୍ଗ କି.ମି. ବିସ୍ତୃତ ଅଞ୍ଚଳରେ ଥିବା ୧୦୫ ଘାଟକୁ ଅଣହିନ୍ଦୁଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିବା ପାଇଁ କେତେଜଣ ସାଧୁସନ୍ଥ ଦାବି କରିଛନ୍ତି। ହର-କି-ପୌରି ଘାଟର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଗଙ୍ଗା ସଭା ସଙ୍ଗଠନ ମଧ୍ୟ ଅନୁରୂପ ଦାବି କରିଛି। ଏହା ପରେ ଉତ୍ତରାଖଣ୍ଡର ଭାଜପା ସରକାର ହରିଦ୍ୱାର ଓ ଋଷିକେଶକୁ 'ସନାତନ ପବିତ୍ର ସହର' ରୂପେ ଘୋଷଣା କରିବାକୁ ଯୋଜନା ଚଳାଇଛନ୍ତି। ୨୦୨୭ ଜାନୁଆରୀ ୧୪ ମକର ସଂକ୍ରାନ୍ତିରେ ଆରମ୍ଭ ହେବାକୁ ଥିବା ଅର୍ଦ୍ଧକୁମ୍ଭ ମେଳାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ୧୯୧୬ରେ ଭାରତରତ୍ନ ପଣ୍ଡିତ ମଦନ ମୋହନ ମାଲବ୍ୟ ଓ ବ୍ରିଟିଶ ସରକାର ମଧ୍ୟରେ ସମ୍ପାଦନ ହୋଇଥିବା ଏ ସଂକ୍ରାନ୍ତ ଚୁକ୍ତିନାମାର ବିବରଣୀକୁ ମଧ୍ୟ ସରକାର ଅନୁଧ୍ୟାନ କରୁଛନ୍ତି। ମାଲବ୍ୟ ଗଙ୍ଗାସଭାର ପ୍ରଥମ ଅଧ୍ୟକ୍ଷ ଥିଲେ। ଗଙ୍ଗାନଦୀର ପ୍ରବାହରେ ଯେପରି ବାଧା ନ ଉପୁଜେ ତାହା ସୁନିଶ୍ଚିତ କରି ହରିଦ୍ୱାରର ପବିତ୍ରତାକୁ ବଜାୟ ରଖିବା ପାଇଁ ଉକ୍ତ ଚୁକ୍ତିନାମାରେ ସହମତି ପ୍ରକାଶ ପାଇଥିଲା। ସେହିପରି ହରିଦ୍ୱାର ସହରକୁ ଅଣହିନ୍ଦୁମାନଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ନେଇ ସର୍ତ୍ତ ରଖାଯାଇଥିଲା। ଋଷିକେଶ ଓ ହରିଦ୍ୱାରରେ ଅଣହିନ୍ଦୁମାନେ ସ୍ଥାୟୀ ବାସିନ୍ଦା ହୋଇପାରିବେ ନାହିଁ ଏବଂ ସେମାନେ କେବଳ କାର୍ଯ୍ୟ ପାଇଁ ସେଠାକୁ ଯାଇପାରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟ ସରକାର ଗମ୍ଭୀରତାର ସହ ମୂଳ ଚୁକ୍ତିନାମାର ନିୟମଗୁଡ଼ିକୁ ଫେରାଇ ଆଣିବା ପାଇଁ ଚିନ୍ତା କରୁଛନ୍ତି।

ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏନେଇ କହିଛନ୍ତି, ଦେବଭୂମିର ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା ପାଇଁ ସରକାର ସବୁ ଜରୁରୀ ପଦକ୍ଷେପ ନେବେ। ସନାତନ ବିଶ୍ୱାସୀଙ୍କ ପାଇଁ ଉତ୍ତରାଖଣ୍ଡ ହେଉଛି ଆସ୍ଥାର କେନ୍ଦ୍ରସ୍ଥଳ। ହରିଦ୍ୱାର ଓ ଋଷିକେଶକୁ ସନାତନ ସହର ରୂପେ ଘୋଷଣା କରିବା ପାଇଁ ବିଚାର ଚାଲିଛି।

## ମ୍ୟାଟ୍ରିମୋନିଆଲ ରାକେଟ, ୨୦୦ କୋଟିର ଠକେଇ

ନୂଆଦିଲ୍ଲୀ



ବିବାହ ପାଇଁ ଜୀବନସାଥୀ ଖୋଜୁଥିଲେ ସାବଧାନ! ମ୍ୟାଟ୍ରିମୋନିଆଲ ସାଇଟ ଜରିଆରେ ଦେଶବ୍ୟାପୀ ଚାଲିଥିବା ଏକ ବଡ଼ ଧରଣର ଠକେଇ ରାକେଟ ମୁମ୍ବାଇ ପୋଲିସ ଧରିବାରେ ସଫଳ ହୋଇଛି। ଏହି ଗ୍ୟାଙ୍ଗ ବିବାହର ପ୍ରତିଶ୍ରୁତି ଦେଇ ନିରୀହ ଲୋକଙ୍କୁ ପ୍ରେମ ଜାଲରେ ଫସାଇ ପ୍ରାୟ ୨୦୦ କୋଟିରୁ ଅଧିକ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ପୋଲିସ ଏହି ମାମଲାରେ ମହିଳାଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରିଛି। ଏହି ରାକେଟ ଜାଲ ସାରା ଦେଶରେ ବିଛାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଦେଶର ବିଭିନ୍ନ ପ୍ରାନ୍ତରୁ ୫୦ରୁ ଅଧିକ ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି, ଯେଉଁମାନେ ନିଜ ଜୀବନର ସଞ୍ଚିତ ପୁଞ୍ଜି ଏହି ଠକମାନଙ୍କ ହାତରେ ହରାଇଛନ୍ତି। ତଦନ୍ତରୁ ଜଣାପଡିଛି ଯେ ଏହି ଗ୍ୟାଙ୍ଗ ଅତ୍ୟନ୍ତ ଚତୁରତାର ସହ ସେମାନଙ୍କର କାର୍ଯ୍ୟ କରୁଥିଲେ। ପ୍ରଥମେ ଗ୍ୟାଙ୍ଗ୍‌ର ମହିଳା ସଦସ୍ୟମାନେ ବିଭିନ୍ନ ମ୍ୟାଟ୍ରିମୋନିଆଲ ସାଇଟ୍‌ରେ ନକଲି ପ୍ରୋଫାଇଲ ଖୋଲି ଲୋକଙ୍କ ସହ ବନ୍ଧୁତା କରୁଥିଲେ। କଥାବାର୍ତ୍ତା ମାଧ୍ୟମରେ ବିବାହର ବିଶ୍ୱାସ ଦେଇ ସେମାନଙ୍କୁ ଭାବନାତ୍ମକ ଭାବେ ନିଜ ଜାଲରେ ଫସାଉଥିଲେ। ପୀଡ଼ିତଙ୍କ ସମ୍ପୂର୍ଣ୍ଣ ଭରସା ଜିତିବା ପରେ ସେମାନଙ୍କୁ ମୋଟା ଅଙ୍କର ଲାଭର ପ୍ରଲୋଭନ ଦେଖାଇ ନିବେଶ କରିବାକୁ କୁହାଯାଉଥିଲା। ବିଶ୍ୱାସ ଜନ୍ମାଇବା ପାଇଁ ଠକମାନେ ନକଲି କମ୍ପାନୀ ନାମରେ ପ୍ରଫେସନାଲ ୱେବସାଇଟ ଓ ଦସ୍ତାବିଜ ପ୍ରସ୍ତୁତ କରୁଥିଲେ। ଆରମ୍ଭରୁ କିଛି ଲାଭ ଦେଖାଇ ସେମାନେ ପୀଡ଼ିତଙ୍କଠାରୁ ବଡ଼ ଅଙ୍କର ଟଙ୍କା ହଡ଼ପ କରୁଥିଲେ।

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୭/୨୦୨୬ | Bhubaneswar, Wednesday, January 7/2026 | ପୃଷ୍ଠା-୧




**ଷ୍ଟିଭ ସ୍ମିଥ୍‌ଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ପଞ୍ଚମ ଆଶେସ ଟେଷ୍ଟରେ ୧୨୯ ରନ କରି ଅପରାଜିତ ରହିଛନ୍ତି ଅଷ୍ଟ୍ରେଲିଆ ବ୍ୟାଟର ଷ୍ଟିଭ ସ୍ମିଥ୍।

୧୨ ୦୭

**କାର୍ତ୍ତିକଙ୍କ ଜୀବନରେ 'ମିଷ୍ଟ୍ରି ଗର୍ଲ'ଙ୍କ ଏଣ୍ଟ୍ରି**

ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହ ନାମ ଯୋଡ଼ାଯିବା ପରେ ଏବେ ଜଣେ ବିଦେଶୀ 'ମିଷ୍ଟ୍ରି ଗର୍ଲ'ଙ୍କ ସହ କାର୍ତ୍ତିକ ଆର୍ଯ୍ୟନଙ୍କ ଲିଙ୍କଅପ ଖବର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।






କଟକ କଳା ବିକାଶ କେନ୍ଦ୍ର ଅଡିଟୋରିୟମ୍‌ରେ ମଙ୍ଗଳବାର କଟକ ମହୋତ୍ସବ ଉଦ୍‌ଯାପନୀ ସମାରୋହରେ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। **(ଫଟୋ: ରାଜକିଶୋର ମହାନ୍ତି)**

## ପାକିସ୍ତାନ ପାଇଁ ଗୁପ୍ତଚର: ପଠାନ୍‌କୋଟ୍‌ରୁ ନାବାଳକ ଗିରଫ

ପଠାନ୍‌କୋଟ,୬।୧

ପାକିସ୍ତାନୀ ଇଣ୍ଟେଲିଜେନ୍ସ ହେଣ୍ଡଲର୍ସଙ୍କୁ ଭାରତର ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଯୋଗାଇବା ଅଭିଯୋଗରେ ପଞ୍ଜାବର ପଠାନ୍‌କୋଟ୍‌ରେ ଜଣେ ୧୫ ବର୍ଷୀୟ ନାବାଳକ ଗିରଫ ହୋଇଛନ୍ତି। ୨୦୨୫ ମେ'ରେ ଅପରେଶନ୍ ସିନ୍ଦୂର କରାଯିବା ପରଠୁ ଏତେ ସ୍ୱଳ୍ପ ବୟସର କୌଣସି ବ୍ୟକ୍ତି ଧରାପଡ଼ିବାରେ ଏହା ହେଉଛି ପ୍ରଥମ ଘଟଣା। ଏନେଇ ପଠାନ୍‌କୋଟ୍ ଏସ୍‌ଏସ୍‌ପି ଦଲଜିନ୍ଦର ସିଂ ଧିଲୋନ୍ କହିଛନ୍ତି, ସ୍ୱଳ୍ପବୟସ୍କ ବାଳକଙ୍କୁ ସୋସିଆଲ ମିଡିଆ ଜରିଆରେ କିଛିବର୍ଷ ହେଲା ଆତଙ୍କବାଦର ପାଠ ପଢ଼ାଯାଉଥିଲା। ସେ ପାକିସ୍ତାନର ସାମରିକ ଅଧିକାରୀ, ଆଇଏସ୍‌ଆଇ ଏଜେଣ୍ଟ ଏବଂ ଆତଙ୍କବାଦୀମାନଙ୍କ ଯୋଗସୂତ୍ରରେ ଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୋମବାର ତାଙ୍କୁ ଧରାଯାଇଛି। କାରିଗରିରେ ନିପୁଣ ଏହି ନାବାଳକ ତଥ୍ୟ ହାସଲ ପାଇଁ ନିଜ ମୋବାଇଲ ଫୋନ୍‌କୁ କ୍ଲୋନ୍ କରିବାରେ ସଫଳ ହୋଇଥିଲେ। କ୍ଲୋନିଂ ଜରିଆରେ ହେଣ୍ଡଲରମାନେ ତାଙ୍କ ଡିଭାଇସ୍‌ରୁ ପ୍ରତ୍ୟକ୍ଷ ଭାବେ ତଥ୍ୟ ନେଇପାରୁଥିଲେ। ସେ ସମ୍ବେଦନଶୀଳ ସ୍ଥାନଗୁଡ଼ିକର ଭିଡିଓଗ୍ରାଫି କରିଛନ୍ତି। ତାଙ୍କ ଫୋନ୍‌କୁ ସେହି ପ୍ରକାର ହ୍ୟାକ୍ କରାଯାଇଥିଲେ, ସୂଚନା ମଧ୍ୟ ସେମାନଙ୍କ ହସ୍ତଗତ ହୋଇଥିବ ବୋଲି ଏସ୍‌ଏସ୍‌ପି କହିଛନ୍ତି।

ତଦନ୍ତରୁ ଜଣାପଡ଼ିଛି ଯେ, ବର୍ଷକ ତଳେ ଜମ୍ମୁ-କଶ୍ମୀରର ବାସିନ୍ଦା ଏହି ନାବାଳକଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ତେବେ ନାବାଳକ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ମନେକରୁଥିଲେ। ଏହି ଧାରଣା ତାଙ୍କ ମନସ୍ତତ୍ତ୍ୱକୁ ପ୍ରଭାବିତ କରିଥିବାରୁ ସୋସିଆଲ ମିଡିଆ ଜରିଆରେ ପାକିସ୍ତାନୀ ଏଜେନ୍ସିଗୁଡ଼ିକ ଦ୍ୱାରା ବିଛାଯାଇଥିବା ଜାଲରେ ସହଜରେ ସେ ଫସିଯାଇଥିଲେ। ଉଲ୍ଲେଖଯୋଗ୍ୟ, ପଠାନ୍‌କୋଟ୍‌ରେ ଭାରତୀୟ ବାୟୁସେନାର ଏକ ରଣନୈତିକ ଘାଟି ରହିଛି। ୨୦୧୬ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ ଉକ୍ତ ଘାଟି ଉପରେ ଆକ୍ରମଣ କରିବା ପରଠୁ ଏହା ହାଇଆଲର୍ଟରେ ରହିଛି।

## ଝାରସୁଗୁଡ଼ାରେ ୭୨ବର୍ଷର ରେକର୍ଡ ଭାଙ୍ଗିଲା ତାପମାତ୍ରା

### ପୁଣି ଲେଉଟିଲା ଶୀତ

ଭୁବନେଶ୍ୱର,୬।୧(ବନ୍ଦନା ସେଠୀ)

ରାଜ୍ୟକୁ ପୁଣି ଲେଉଟିଲା ଶୀତ। ଗତ ୨ଦିନ ହେବ ଶୀତ ସାମାନ୍ୟ କମ୍ ଥିବାବେଳେ ମଙ୍ଗଳବାରଠାରୁ ଶୀତର ପ୍ରକୋପ ପୁଣି ବୃଦ୍ଧି ପାଇଛି। ଆଗାମୀ ୪ଦିନରେ ଏହା ଆହୁରି ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୪ଦିନ ରାତି ତାପମାତ୍ରା ୧ରୁ ୨ଡିଗ୍ରୀ ହ୍ରାସ ପାଇବା ସହିତ ଅଧିକ ଥଣ୍ଡା ଅନୁଭୂତ ହେବ। ଏହାପରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଆଗାମୀ ୩ଦିନ ଅର୍ଥାତ୍ ଶୁକ୍ରବାର ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, କଟକ, ଜଗତ୍‌ସିଂହପୁର ଏବଂ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

୧୦୫ ଘାଟ

## ବରଗଡ଼ରେ ନାବାଳିକାଙ୍କୁ ବଳାତ୍କାର, ହତ୍ୟା ମାମଲା

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ୨୦୨୪ ନଭେମ୍ବର ୧୫ରେ ଜଣେ ୬ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ଅତି ନିର୍ମମଭାବେ ହତ୍ୟା କରିବା ମାମଲାରେ ଅଭିଯୁକ୍ତଙ୍କୁ ପୋକ୍‌ସୋ ଅଦାଲତ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିଛନ୍ତି। ଘଟଣାକୁ ବିରଳରୁ ଅତି ବିରଳତମ ଦର୍ଶାଇ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଛି। ସମାଜରେ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧକୁ ରୋକିବାରେ ଏହି ଦଣ୍ଡାଦେଶ ଏକ ଉଦାହରଣ ସୃଷ୍ଟି କରିବ ବୋଲି କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ହେଲେ ଫାଶୀଦଣ୍ଡ ପାଉଥିବା ଅଭିଯୁକ୍ତମାନେ ପରବର୍ତ୍ତୀ ସମୟରେ ଆଇନର ସୁବିଧା ନେଇ ଉପର ଅଦାଲତଙ୍କ ଦ୍ୱାରସ୍ଥ ହେଉଛନ୍ତି। ମାମଲାକୁ ଅନେକ ଦିନ ପର୍ଯ୍ୟନ୍ତ ଗଡ଼ାଇବା ସହ କେତେକ କ୍ଷେତ୍ରରେ ଦଣ୍ଡକୁ କୋହଳ ମଧ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ଆମ ରାଜ୍ୟରେ ତଳ କୋର୍ଟରେ ମୃତ୍ୟୁଦଣ୍ଡ ପାଇଥିବା କୌଣସି ଅଭିଯୁକ୍ତଙ୍କୁ ଗତ ୩ଦଶନ୍ଧି ମଧ୍ୟରେ ଫାଶୀଖୁଣ୍ଟରେ ଝୁଲାଯାଇପାରି ନାହିଁ। ତଥ୍ୟ ଅନୁସାରେ ୧୯୯୪ରେ ଶେଷଥର ପାଇଁ ବଳାତ୍କାର ଏବଂ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲରେ ଫାଶୀଖୁଣ୍ଟରେ ଝୁଲାଯାଇଥିଲା। ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳୁ ନ ଥିବାରୁ ଦୋଷୀ ସାବ୍ୟସ୍ତ ହୋଇ ମଧ୍ୟ ଆଇନର ଗଳାବାଟ ଦେଇ ଖସିଯାଉଥିବାରୁ ଅନ୍ୟ ଅପରାଧୀଙ୍କ ମନରେ ଅପରାଧ ଘଟାଇବା ପାଇଁ ଭୟ ସୃଷ୍ଟି ହେଉନାହିଁ। ଗତ ୧୦ବର୍ଷ ମଧ୍ୟରେ ବିଭିନ୍ନ ମାମଲାରେ ତଳ କୋର୍ଟଙ୍କ ଦ୍ୱାରା ଫାଶୀ ଦଣ୍ଡାଦେଶ ପାଇଥିବା ୧୩ ଅଭିଯୁକ୍ତଙ୍କ ଦଣ୍ଡାଦେଶକୁ ହାଇକୋର୍ଟ କୋହଳ କରିଥିବା ଜଣାପଡ଼ିଛି।

# ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ବରଗଡ଼,୬।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ୨୦୨୪ ନଭେମ୍ବର ୧୫ରେ ସଂଘଟିତ ନାବାଳିକା(୬)ଙ୍କୁ ଅପହରଣକରି ନେଇ ବଳାତ୍କାର ପରେ ହତ୍ୟା ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ବରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଅଦାଲତର ସ୍ୱତନ୍ତ୍ର ବିଚାରପତି ଡ. କିରଣ କୁମାର ପ୍ରଧାନ ଏହି ମାମଲାର ଶୁଣାଣିକରି ଅଭିଯୁକ୍ତ ପାଇକମାଳ ଥାନା ମହୁଲପାଲି ଗ୍ରାମର ପ୍ରଶାନ୍ତ ବାଗ ଓରଫ୍ ବରିହା(୨୫)ଙ୍କୁ ମୃତ୍ୟୁ ଦଣ୍ଡାଦେଶ କରିଛନ୍ତି। ୩୭ଜଣଙ୍କ ସାକ୍ଷ୍ୟ ଗ୍ରହଣ, ୫୫ ଡକୁମେଣ୍ଟ୍ସ ଏବଂ ୨୭ ବିଭିନ୍ନ ସାମଗ୍ରୀରୁ ବଳିଷ୍ଠ ପ୍ରମାଣ ମିଳିବା ପରେ ବିଚାରପତି ଚୂଡ଼ାନ୍ତ ରାୟରେ ଏଭଳି ଦଣ୍ଡାଦେଶ ଦେଇଛନ୍ତି। ଏହାସହ ମୃତ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ୧୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ବିଚାରପତିଙ୍କ ଆଦେଶ ରହିଛି। ଜିଲା ଗଠନହେବା ଦିନଠାରୁ ବରଗଡ଼ରେ ମୃତ୍ୟୁ ଦଣ୍ଡାଦେଶ ପ୍ରଥମ ହୋଇଥିବାବେଳେ ଏଭଳି ଏକ ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତତ୍କାଳୀନ ସରକାରୀ ଓକିଲ(ଭାରପ୍ରାପ୍ତ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର) ଦ୍ୱିତୀଶ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।



ଅଭିଯୁକ୍ତ ପ୍ରଶାନ୍ତ ବାଗ

ପ୍ରକାଶ ଯେ, ୨୦୨୪ ନଭେମ୍ବର ୧୫ ପୂର୍ବାହ୍ନ ପ୍ରାୟ ୯ଟାରେ ମୃତ ପୀଡ଼ିତା ତାଙ୍କ ଜେଜେବାପାଙ୍କ ସହ ଘରେ ଥିବାବେଳେ ଅଭିଯୁକ୍ତ ପ୍ରଶାନ୍ତ ମଧ୍ୟ ତାଙ୍କ ସହିତ ସେତେବେଳେ ଉପସ୍ଥିତ ଥିଲେ। ପୀଡ଼ିତାଙ୍କ ମା'ବାପା କ୍ଷେତକୁ ଧାନକାଟିବାକୁ ଯାଇଥିଲେ। ତେବେ ଅଭିଯୁକ୍ତ ମାଛ ଧରିଯିବା ଆଳଦେଖାଇ ପୀଡ଼ିତାଙ୍କୁ ଘରୁ ଡାକି ନେଇଥିଲେ। ଏହାପରେ ପୀଡ଼ିତାଙ୍କ ଜେଜେବାପା ମଧ୍ୟ ଧାନ କାଟିବାକୁ କ୍ଷେତକୁ ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ କ୍ଷେତରୁ ଧାନ କାଟି ସାରି ପୀଡ଼ତାଙ୍କ ଜେଜେବାପା ଘରକୁ ଫେରିଥିଲେ। ମାତ୍ର ସେତେବେଳେ ଅଭିଯୁକ୍ତ ପ୍ରଶାନ୍ତ କେବଳ ଘରେ ଥିଲେ। ତାଙ୍କ ଗାଲରେ ରକ୍ତଛିଟା ଲାଗିଥିଲା। ପୀଡ଼ିତାଙ୍କୁ ଘରେ ଦେଖିବାକୁ ନ ପାଇ ଜେଜେବାପା ତାଙ୍କ ନାତୁଣୀଙ୍କ ସମ୍ପର୍କରେ ପ୍ରଶାନ୍ତଙ୍କୁ ପଚାରିଥିଲେ। ମାତ୍ର ପ୍ରଶାନ୍ତ କିଛି ଜାଣି ନ ଥିବା କହିଥିଲେ।

ଏହାପରେ ପରିବାର ଲୋକେ ପୀଡ଼ିତାଙ୍କୁ ଖୋଜାଖୋଜି କରିଥିଲେ ଏବଂ ଗାଁ ନିକଟ ଜଙ୍ଗଲରେ ଉଲଗ୍ନ ଅବସ୍ଥାରେ ପୀଡ଼ିତାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏନେଇ ସୂଚନା ପାଇ ପୋଲିସ ସେତେବେଳେ ☞ପୃଷ୍ଠା-୨

## ମାର୍ଚ୍ଚ ୮ ସୁଦ୍ଧା ସଜାଡ଼ ବାଳିକା ଶୌଚାଳୟ: ଅନୁ ଗର୍ଗ

### ୩ ବିଭାଗକୁ ସରକାରଙ୍କ ଟାର୍ଗେଟ୍

ଭୁବନେଶ୍ୱର,୬।୧(ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ବାଳିକା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମାର୍ଚ୍ଚ ୮ ପୂର୍ବରୁ ଯେପରି ଶୌଚାଳୟ ସୁନିଶ୍ଚିତ ହେବ ସେନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଂପୃକ୍ତ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆଦିଲ୍ଲୀଠାରେ ଡିସେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟସ୍ତରୀୟ ମୁଖ୍ୟ ଶାସନ ସଚିବ ସମ୍ମିଳନୀର ନିଷ୍ପତ୍ତିକୁ ନେଇ ମୁଖ୍ୟ ଶାସନ ସଚିବ ୩ଟି ବିଭାଗକୁ ଏପରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ରହିଛି। ସମ୍ପୃକ୍ତ ୩ ବିଭାଗକୁ କୁହାଯାଇଛି, ବିକଶିତ ଭାରତ ପାଇଁ ମାନବ ସମ୍ବଳର ସର୍ବାଧିକ ଗୁରୁତ୍ୱ ରହିଛି। ଏହି ଦୃଷ୍ଟିରୁ ☞ପୃଷ୍ଠା-୨

## ଗାନ୍ଧୀଙ୍କ ନାଁରେ ରାଜନୈତିକ ଫାଇଦା ପାଇଁ ହୋଇଥିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୧(ସୁନିତ୍ ମିଶ୍ର)

ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ(ଭିବିଜିରାମଜି) ବିଲ୍ ସଂସଦରେ ପାସ୍ ହୋଇ ଆଇନରେ ପରିଣତ ହୋଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଏହି ଯୋଜନାର ଲକ୍ଷ୍ୟ। ଉକ୍ତ ଆଇନର ନାମକରଣ ଜରିଆରେ ବିକଶିତ ଭାରତର ଲକ୍ଷ୍ୟକୁ ଯୋଡ଼ାଯାଇଛି। ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ। କେବଳ ଗାନ୍ଧୀଙ୍କ ନାମକୁ ବ୍ୟବହାରକରି ରାଜନୈତିକ ଫାଇଦା ଉଠାଇବା ଆମର ଲକ୍ଷ୍ୟ ନୁହେଁ। ବିରୋଧୀ ଦଳଗୁଡ଼ିକ ନାନା ପ୍ରକାର ଅପପ୍ରଚାର କରୁଛନ୍ତି। ଏହାକୁ କୃଷକ ବିରୋଧୀ ଏବଂ ଗରିବ ବିରୋଧୀ ବୋଲି ଦର୍ଶାଉଛନ୍ତି। ଏନ୍‌ଆର୍‌ଇଜିଏସ୍ ଯୋଜନାରେ ମହାତ୍ମା ଗାନ୍ଧୀଙ୍କ ନାମକୁ ଯୋଡ଼ି ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ନାମିତ କରାଯାଇଥିଲା। ଗାନ୍ଧୀଙ୍କ ନାମକୁ ବ୍ୟବହାରକରି ରାଜନୈତିକ ଫାଇଦା ଉଠାଇବାକୁ ଉପା ସରକାର ଏହି



ଯୋଜନା କାର୍ଯ୍ୟକାରୀ କରିଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର କୃଷକ ଓ ଗରିବଙ୍କ ରୋଜଗାର ବୃଦ୍ଧି ପାଇଁ ସ୍ୱାଧୀନତା ପୂର୍ବରୁ ଓ ପରେ ଅନେକ ଥର ପ୍ରୟାସ କରାଯାଇଛି। ୧୮୭୬ରୁ ୧୮୭୮ ମଧ୍ୟରେ ଭାରତରେ ଦୁର୍ଭିକ୍ଷ ହୋଇଥିଲା। ଏହା ପରବର୍ତ୍ତୀ ଅବସ୍ଥାରେ ଇଂରେଜ ଶାସନ ସମୟରେ ୧୮୮୦ରେ ଦୁର୍ଭିକ୍ଷ ବୋର୍ଡ ପ୍ରସ୍ତୁତ କରାଯାଇଥିଲା। ଏଥିରେ ଲୋକଙ୍କୁ ସହାୟତା ଦେବା ପାଇଁ କାମ ବାଧ୍ୟତାମୂଳକ ଥିଲା। କିନ୍ତୁ ଲୋକଙ୍କର କୌଣସି ଅଧିକାର ନ ଥିଲା। ସ୍ୱାଧୀନତା ପରେ ସମ୍ବିଧାନର ଧାରା ୪୧ ଅନୁଯାୟୀ ଦେଶର ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ଲୋକଙ୍କୁ କାମ ଯୋଗାଇବା ଏକ ନୈତିକ ଦାୟିତ୍ୱ ବୋଲି କେନ୍ଦ୍ର ସରକାର ସେତେବେଳେ ହୃଦୟଙ୍ଗମ କରିଥିଲେ। ମାତ୍ର ଏହାକୁ କାର୍ଯ୍ୟକାରୀ କରାଇବା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଥିଲେ। ୧୯୬୦ ଏବଂ ୧୯୭୧ରେ ଗ୍ରାମୀଣ ରୋଜଗାର ପାଇଁ ନୂଆ ଯୋଜନା କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା, ଯଦି କାମ ଥିବ ତେବେ ସେମାନଙ୍କୁ କାମ ଯୋଗାଇ ଦିଆଯିବ। ମାତ୍ର ଲୋକଙ୍କ ପାଇଁ ଆଦୌ କର୍ମନିଯୁକ୍ତି ସୃଷ୍ଟି କରାଯାଉ ନ ଥିଲା। ଗଳାବାଟ ଥିବା ଯୋଗୁ ଗରିବ ଚାଷୀ, ମୂଲିଆ ଶୋଷିତ ହେଉଥିଲେ। ସେହିପରି ପ୍ରଶାସନିକ କାର୍ଯ୍ୟାନ୍ୱୟନରେ ମଧ୍ୟ ବିଫଳତା ଯୋଗୁ ଏସବୁ ଯୋଜନା ଅନେକ ସମୟରେ ଅସଫଳ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏଭଳି ଅନେକ ଯୋଜନା କରାଯାଇଥିଲେ ମଧ୍ୟ ତାହା ସବୁ ବିଫଳ ହୋଇଥିଲା। ଲକ୍ଷ୍ୟହୀନତା, ଦୁର୍ବଳ ବିକେନ୍ଦ୍ରୀକରଣ ଓ ଦୁର୍ନୀତି ☞ପୃଷ୍ଠା-୨

## ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୬।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ପରିଶ୍ରମୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜନ୍ମଦିନର ଶୁଭେଚ୍ଛା। ସେ ଓଡ଼ିଶାର ବିକାଶ ପଥକୁ ବୃଦ୍ଧିକରିବା ଏବଂ ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତକରିବା ପାଇଁ ଉଲ୍ଲେଖନୀୟ ପ୍ରୟାସ କରିଛନ୍ତି। ଲୋକଙ୍କ ସେବାରେ ତାଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ ☞ପୃଷ୍ଠା-୨

## ସରକାର ଲଗାଇଲେ 'ଏସ୍ମା'

### ଡାକ୍ତରଙ୍କ ଆନ୍ଦୋଳନ

ଭୁବନେଶ୍ୱର,୬।୧(ରବିନାରାୟଣ ଜେନା)

ରାଜ୍ୟରେ ଡାକ୍ତର ସଂଘ(ଓମ୍‌ସା) ପକ୍ଷରୁ ଜାରି ରହିଥିବା ଆନ୍ଦୋଳନକୁ ପ୍ରଶମିତ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର କଠୋର କାର୍ଯ୍ୟାନୁଷ୍ଠାନସ୍ୱରୂପ ଓଡ଼ିଶା ଜରୁରୀ ସେବା ପରିଚାଳନା ଆଇନ(ଇଏସ୍‌ଏମ୍) ଲାଗୁ କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ସଚିବ ଦର୍ଶାଇଛନ୍ତି, ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଡାକ୍ତର, ନର୍ସିଂ ଅଫିସର, ଫାର୍ମାସୀ ଅଫିସର, ଅନ୍ୟାନ୍ୟ ପାରାମେଡିକାଲ ☞ପୃଷ୍ଠା-୨


SIKSHA 'O' ANUSANDHAN

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ଓଟିଇଟି ପରୀକ୍ଷା ଦେଇପାରିବେ ଦୁଇବର୍ଷିଆ ବିଏଡ୍ ଛାତ୍ରୀଛାତ୍ର

ଭୁବନେଶ୍ୱର,(ସୁଚିସ୍ମିତା ସାହୁ): ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଦେବା ପାଇଁ ସ୍ୱତନ୍ତ୍ର ଶିକ୍ଷାରେ ଦୁଇବର୍ଷିଆ ବିଏଡ୍ କରିଥିବା ଛାତ୍ରୀଛାତ୍ରଙ୍କୁ ସୁଯୋଗ ମିଳିବ। ସେମାନେ ଓଟିଇଟି ପେପର୍-୨ ପରୀକ୍ଷା ଦେଇପାରିବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦିଆଯାଇଛି। ପୂର୍ବରୁ କେବଳ ସ୍ୱତନ୍ତ୍ର ଶିକ୍ଷାରେ ବର୍ଷିକିଆ ବିଏଡ୍ କରିଥିବା ପିଲାଙ୍କୁ ଏହି ପରୀକ୍ଷା ଦେବା ପାଇଁ ସୁଯୋଗ ମିଳୁଥିଲା। ଏହି ପରିବର୍ତ୍ତନ ଫଳରେ ୩ ହଜାରରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟରତ ଓଡ଼ିଶା ସ୍ପେଶାଲ୍ ଏଜୁକେସନ୍ ଫେଡେରେଶନ୍ (ଓଏସ୍ଏଫ୍ଇଡି)ର ସମ୍ପାଦକ ଆୟୁଷ ଚୌଧୁରୀ କହିଛନ୍ତି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ପକ୍ଷରୁ ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ଅଧିବେଶନ, ସ୍ଥାନ: ଭଞ୍ଜ କଳା ମଣ୍ଡପ, ସମୟ: ସକାଳ ୯ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସଂସ୍କୃତି ବିହାର, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏଶନ୍ ଏବଂ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୁମ୍ବିନୀ ହଲ୍, ହୋଟେଲ ଶୀତଲ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୪୫।

**ବାଲେଶ୍ୱର**
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ସକାଳ ୯ଟା।

**ରାୟଗଡ଼ା**
- ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଚନ୍ଦ୍ରପୁର, କଦମା, ସମୟ: ପୂର୍ବାହ୍ନ ୧୦ଟା।
- ଲିଭିଙ୍ଗ ଫାର୍ମସ ପକ୍ଷରୁ ଖାଦ୍ୟ ମେଳା, ସ୍ଥାନ: ଖୁରିଗାଁ, କାଶିପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

**ନବରଙ୍ଗପୁର**
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରିଗୁଡ଼ାସ୍ଥିତ ସରକାରୀ ୟୁଜିଏଚ୍ ବିଦ୍ୟାଳୟ, ସ୍ଥାନ: ରାଇଘର, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ନବରଙ୍ଗପୁର ମଣ୍ଡେଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡାବୁଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଡାବୁଗାଁସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନନ୍ଦପୁର ବ୍ଲକ ଖମରା ପ୍ରାଥମିକ ବିଦ୍ୟାଳୟ, ସ୍ଥାନ: କୁନ୍ଦୁରା ବ୍ଲକ କେରିମିଟି ଉଚ୍ଚ ବିଦ୍ୟାଳୟ , ରାଣୀଗୁଡ଼ା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଯ୍ୟଟନ ବିକାଶ ପରିଷଦର ଚତୁର୍ଥ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ଅପରାହ୍ନ ୨ଟା।
- ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା ୩୦।
- ପିଏମ ଶ୍ରୀ ଉତ୍ସବ, ସ୍ଥାନ: ବାଳିକା ଉଚ୍ଚ ଆବାସିକ ବିଦ୍ୟାଳୟ କାଉଡିଆଗୁଡା, ସାଗରଗୁଡା, ସମୟ: ଅପରାହ୍ନ ୫ଟା।
- ଜଙ୍ଗଲ ସୁରକ୍ଷା ନେଇ ଟାସ୍କ ଫୋର୍ସ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।
- ପୁଷପୁନି ମହୋତ୍ସବ ଉଦଯାପନୀ ସମାରୋହ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ପଡ଼ିଆ, ସାଗରଗୁଡ଼ା, ସମୟ: ସନ୍ଧ୍ୟା ୭ଟା।

**ମାଲକାନଗିରି**
- ମାଲ୍ୟବନ୍ତ ମହୋତ୍ସବ ତାରିଖ ନିର୍ଦ୍ଧାରଣ ସମ୍ବନ୍ଧୀୟ ବୈଠକ, ସ୍ଥାନ: ମାଲକାନଗିରି ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ପିଏମ୍‌ଶ୍ରୀ ମେଳା, ସ୍ଥାନ: କୁସୁମୀ ବଳରାମ ହାଇସ୍କୁଲ, କୁଚିଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରସ୍ତୁତି ବୈଠକ, ସ୍ଥାନ: କୁମ୍ଭାରପଡାସ୍ଥିତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀର ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୧ଟା।
- ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପାରୁଆଭାଡି ନୋଡାଲ ହାଇସ୍କୁଲ, କୁଚିଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପଲ୍ଲିଶ୍ରୀ ମେଳା, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଖଣ୍ଡୋକଟା ହାଇସ୍କୁଲ, କୁଚିଣ୍ଡା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପିଏମ୍‌ଶ୍ରୀ ମେଳା, ସ୍ଥାନ: ଅର୍ଡାବାହାଲ ଏସ୍ଏସ୍‌ଡି ବାଳିକା ହାଇସ୍କୁଲ, କୁଚିଣ୍ଡା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ମେଳା, ସ୍ଥାନ: କୁଚିଣ୍ଡା କଲେଜ ପଡ଼ିଆ ସମୟ: ଅପରାହ୍ନ ୧ଟା ୪୫।
- ଜିଲା ପ୍ରଶାସନ ପକ୍ଷରୁ ୟୁଥ ଫେଷ୍ଟିଭାଲ, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଜିଲାସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ତେଣ୍ଡାପଦର, ପାଟଣାଗଡ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଲୋଇସିଂହା ବ୍ଲକ ଖାରମୁଣ୍ଡା ଆଞ୍ଚଳିକ ନୋଡାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।

**ସୁନ୍ଦରଗଡ଼**
- ୨ୟ ପର୍ଯ୍ୟାୟ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, କୁଆଁରମୁଣ୍ଡା, ସମୟ: ସକାଳ ୧୦ଟା।
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ଲେଫ୍ରିପଡା ବ୍ଲକ ଦର୍ଲିପାଲି ସ୍ଥିତ ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ:୧୧ଟା।
- ଜିଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମାଦ୍ରିକାଲୋ ଭବନ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

**ବରଗଡ଼**
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ହାଇସ୍କୁଲ, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ବ୍ଲକ ମେଦିନୀପୁର, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭେଜିଗୋରା, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆଠାରୁ ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।
- କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ବରଘାଟ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବିକଳପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ୧୮ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ, ଜେସିସି ସମ୍ବଲପୁର ବନାମ ଏଫ୍ଏଫ୍‌ସିସି ବଲାଙ୍ଗୀର, ସ୍ଥାନ: ବିକଳପୁର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ସୁଜନ ନାଗ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।
- ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସହରସ୍ଥିତ ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୫ଟା ୩୦।

**ନୂଆପଡ଼ା**
- ୮ତମ ଜୟ ମା' ସୁନାଦେଈ କପ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ସୁନାବେଡା କଣାଭଏଁରା ଖେଳପଡିଆ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଘାଟନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ମେଳା, ସ୍ଥାନ: ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନୂଆପଡା ସଦର ବ୍ଲକ କଲ୍ୟାଣପୁର, ମାଗୁରପାଣି ଓ ବୁଲାଭାଟ ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଯୋଧ୍ୟା ଅଭିମୁଖେ ବାହାରିଥିବା କୋଦଣ୍ଡ ଧନୁଙ୍କୁ ସ୍ୱାଗତ, ସ୍ଥାନ: ନୂଆପଡ଼ା ସଦର ମହକୁମା ଓ ଖରିଆର ରୋଡ୍, ସମୟ: ପୂର୍ବାହ୍ନ ୧୧ଟା।
- ଗାୟତ୍ରୀ ପରିବାର ପକ୍ଷରୁ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଦ୍ୱିତୀୟ ଦିବସରେ ସାମୂହିକ ଜପ, ଧ୍ୟାନ, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁ, ସମୟ: ପ୍ରାତଃ ୫ଟାରୁ ରାତ୍ର ୯ଟା।

## ରାଜ୍ୟବାସୀଙ୍କ ଶୁଭେଚ୍ଛା ସେବା ପାଇଁ ଉତ୍ସାହ ବଢ଼ାଇବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ବାର୍ତ୍ତା ଆସିଛି। ମୁଖ୍ୟମନ୍ତ୍ରୀ ସମସ୍ତ ଶୁଭେଚ୍ଛା ବାର୍ତ୍ତାକୁ ସାଦରେ ଗ୍ରହଣ କରି ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟବାସୀଙ୍କ ଏହି ଶୁଭେଚ୍ଛା ଓ ଆଶୀର୍ବାଦ ମୋତେ ରାଜ୍ୟର ସେବା କରିବା ପାଇଁ ଆହୁରି ଉତ୍ସାହ ପ୍ରଦାନ କରିବ। ଲୋକଙ୍କ ମୁଖ୍ୟ ସେବକ ଭାବେ ଓଡ଼ିଶାର ବିକାଶ ସହିତ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଉପରେ ସେ ସବୁ ସମୟରେ ଗୁରୁତ୍ୱ ଦେଇଆସିଛନ୍ତି। ଏହି ସ୍ନେହ, ଶ୍ରଦ୍ଧା ରାଜ୍ୟବାସୀଙ୍କ ସେବାପାଇଁ ତାଙ୍କର ମନୋବଳକୁ ଆହୁରି ଦୃଢ କରିବ ବୋଲି ସେ କହିଛନ୍ତି। ୨୦୩୬ ସୁଦ୍ଧା ଆମର ଯେଉଁ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ରହିଛି, ତାହା ହାସଲ ପାଇଁ ଆପଣମାନଙ୍କ ସ୍ନେହ, ଶୁଭେଚ୍ଛା ଓ ଆଶୀର୍ବାଦ ଆମକୁ ଆହୁରି ଶକ୍ତି ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ରଙ୍କ ସହିତ କେତୁ ଯୁକ୍ତ ହୋଇଥିବାରୁ ସନ୍ତାନଙ୍କ ଯୋଗୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଜୀବନରେ ଅଶାନ୍ତି ଉପୁଜିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହିତ ସ୍ଥଗିତ କାମକୁ ଆରମ୍ଭ କରିପାରନ୍ତି। ବିଶେଷତଃ ଦ୍ୱିଜା ନକ୍ଷତ୍ର ଆଜି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ**
ପାପଗ୍ରହ ଅଷ୍ଟମସ୍ଥ ହୋଇ ଧନଭାବକୁ ପ୍ରଭାବିତ କରୁଥିବାରୁ ଟଙ୍କା ପଇସା ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ। ବନ୍ଧୁଙ୍କ ଅସୁବିଧାକୁ ସୁଧାରିବା ପରିପ୍ରେକ୍ଷୀରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ରହିପାରନ୍ତି। ତୃତୀୟସ୍ଥାନ ରାହୁଙ୍କ ଦୃଷ୍ଟିରେ ଥିବାରୁ ଭ୍ରାତୃ ସମ୍ପର୍କରେ ସମସ୍ୟା ସୃଷ୍ଟିହେବ।

**ମିଥୁନ**
ଧନାଧିପ ତୃତୀୟରେ ପାପଯୁକ୍ତ କାରଣରୁ ଅର୍ଥସମ୍ପର୍କୀୟ କଳହଜନିତ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଘର ଖର୍ଚ୍ଚ ଦି'ଗୁଣା ହୋଇପାରେ। ମୃଗଶିରା ନକ୍ଷତ୍ର ସକାଶେ ଋଣ କରାଇଦେବା ପାଇଁ ଜଣେ ବନ୍ଧୁ ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ**
ଷଷ୍ଠାଧିପ ଦ୍ୱାଦଶସ୍ଥ ଯୋଗୁ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ରର ସ୍ୱାସ୍ଥ୍ୟ ଅବସ୍ଥା ନିମ୍ନଗାମୀ ହେବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସମସ୍ୟା ରହିଥିଲେ ମଧ୍ୟ ଆପଣଙ୍କ କର୍ମପ୍ରବାହ ଆଗକୁ ଗଡ଼ି ଚାଲିବାରେ କୌଣସି ପ୍ରତିବନ୍ଧକ ରହିବନାହିଁ। ପାରିବାରିକ ସୌହାର୍ଦ୍ଦ୍ୟ, ସାମାଜିକ ସମ୍ମାନ ଓ ଆର୍ଥିକସ୍ଥିତି ମନ୍ଦ ହେବନାହିଁ।

**ସିଂହ**
ଶନିଙ୍କ ଦୃଷ୍ଟିଜନିତ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ନ ହୋଇପାରେ। ପରିବାରରେ ସନ୍ତାନଙ୍କ ସମସ୍ୟା, ପରୀକ୍ଷାରେ ସାକ୍ଷାତ୍‌କାରଜନିତ ସାମୟିକ ମାନସିକ ଅସ୍ଥିରତା ସୃଷ୍ଟିହେବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବିବାଦୀୟ ପରିସ୍ଥିତି ନିୟନ୍ତ୍ରଣରେ ରହିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ମିଳିବ। ବୈଷୟିକ ଅଭିବୃଦ୍ଧି ଘଟିବ।

**କନ୍ୟା**
ଚତୁର୍ଥଭାବରେ ଏକାଧିକ ଗ୍ରହ ପାରିବାରିକ ଜୀବନରେ ହଟଚମଟ ସୃଷ୍ଟି କରିପାରନ୍ତି। ଗାଡ଼ିମୋଟର ଚାଳନାରେ, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ, ନିର୍ମାଣକ୍ଷେତ୍ରରେ ସତର୍କ ରହିବା ଭଲ ହେବ। ଲାଭାଧିପ ବ୍ୟୟଭାବରେ ଅବସ୍ଥାନ କରୁଥିବାରୁ କିଛି ପାଇବାକୁ ଯାଇ କିଛି ହରାଇବାକୁ ପଡ଼ିପାରେ।

**ତୁଳା**
ଆପଣଙ୍କ ରାଶି ପାଇଁ ଆଜିର ଗ୍ରହସ୍ଥିତି ଅନୁକୂଳ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ। ନିଜ ଲୋକଙ୍କ ଅପେକ୍ଷା ବାହାର ଲୋକଙ୍କ ସହ ସମ୍ପର୍କ ଦୃଢୀଭୂତ ହେବ। ସାହିତ୍ୟ, ସଙ୍ଗୀତ, ମନୋରଞ୍ଜନ କାର୍ଯ୍ୟରେ ପ୍ରଶଂସିତ ହେବେ। କିନ୍ତୁ ସ୍ୱାତୀ ନକ୍ଷତ୍ର ଦୂରଯାତ୍ରାରୁ ଦୂରେଇ ରହିବାକୁ ମନସ୍ଥ କରିପାରନ୍ତି।

**ବିଛା**
ଉଚ୍ଚାରୋହୀ ମଙ୍ଗଳଙ୍କ ଯୋଗୁ ଆଜି ଦୈହିକ, ମାନସିକ ଓ ଆର୍ଥିକ ଦିଗଟି ଭଲ ରହିବ। କିନ୍ତୁ ସ୍ୱଜନ ବିବାଦ, ପଡ଼ୋଶୀଙ୍କ ଅପପ୍ରଚାର ଏବଂ କର୍ମକ୍ଷେତ୍ରରେ ଉଦାସୀନତା ଲାଗିରହିବ। ଅନ୍ୟମାନଙ୍କ ସକାଶେ ନିଜକୁ ସନ୍ତୁଳିତ ହେବାକୁ ପଡ଼ିପାରେ। ସାଙ୍ଗଠନିକ କାର୍ଯ୍ୟରେ, ରାଜନୀତିରେ, ଆନୁଷ୍ଠାନିକ କାମରେ ପ୍ରଶଂସିତ ହୋଇପାରନ୍ତି।

**ଧନୁ**
ଆଜିର ଗ୍ରହଯୋଗ ଆପଣଙ୍କୁ ବିବାଦ ସମାଧାନରେ, କ୍ରୟବିକ୍ରୟର ମଧ୍ୟସ୍ଥତାରେ ସଫଳତା ପ୍ରଦାନ କରିବ। ଚନ୍ଦ୍ର ଓ କେତୁ ପ୍ରଭାବରେ କୂଟନୈତିକ ଆଲୋଚନାରେ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। ଅନାବଶ୍ୟକ କଥାବାର୍ତ୍ତା ବିବାଦର କାରଣ ହେବ। ଦୈହିକ ସୁସ୍ଥତା, ଆର୍ଥିକ ଅଭିବୃଦ୍ଧି ଓ ଲକ୍ଷ୍ୟହାସଲରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର**
ରବିଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ବିଶିଷ୍ଟବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ଶୁକ୍ରଙ୍କ ଶୁଭଦୃଷ୍ଟିରୁ ମନୋରଞ୍ଜନର ମଉକା ଜୁଟିପାରେ। ପ୍ରତ୍ୟାବର୍ତ୍ତନ ପଥରେ ମୂଲ୍ୟବାନ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସଙ୍ଗକୁ ସହଜରେ କାମ ମଧ୍ୟ ହାସଲ କରିପାରିବେ।

**କୁମ୍ଭ**
ଏକାଦଶସ୍ଥ ପାପଗ୍ରହ ଆପଣ ଠିକ୍ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପକାଇପାରନ୍ତି। ବିଶେଷ ଶ୍ରମ ଓ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ହୋଇପାରେ। କର୍ମକ୍ଷେତ୍ରରେ ଭାବିଚିନ୍ତି ସତର୍କତାମୂଳକ ପଦକ୍ଷେପ ନ ନେଲେ ପରେ ପସ୍ତେଇବାକୁ ପଡ଼ିବ। ବ୍ୟବସାୟିକ ଉତ୍କର୍ଷତା ସହ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବାର ସୌଭାଗ୍ୟ ଅର୍ଜନ କରିବେ।

**ମୀନ**
ବୃହସ୍ପତିଙ୍କ ସୁପ୍ରଭାବରେ ଆରୋଗ୍ୟଲାଭ, କାର୍ଯ୍ୟସିଦ୍ଧି, ସଫଳ ଆଲୋଚନା ମାନସିକ ସ୍ଥିତିକୁ ଦୃଢୀଭୂତ କରିବ। କର୍ମ କ୍ଷେତ୍ରରେ ନିଚଜାତିର ବ୍ୟକ୍ତିଙ୍କ ସହ ଉଚ୍ଚବାଚ ଘଟିପାରେ। ଆଜିର ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ରାଜନୈତିକ, ସାମାଜିକ, ପ୍ରଶାସନିକ ଓ ଅର୍ଥନୈତିକ ସ୍ଥିତି ବାଧାପ୍ରାପ୍ତ ହେବନାହିଁ।

ଆଜି ଜାନୁଆରୀ ୭ ତାରିଖ, ମାଘ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ବୁଧବାର। ରାଶିନକ୍ଷତ୍ର-ଦିବା ଘ.୧୧.୫୭ମି. ଗତେ, ପୂର୍ବାଫାଲଗୁନୀ/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୬ମି. ଗତେ ଘ.୦୮.୩୭ମି. ମଧ୍ୟେ, ଘ.୧୦.୪୭ମି. ଗତେ ଘ.୧୧.୫୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୧୪ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଝାରସୁଗୁଡ଼ାରେ ୭୨ବର୍ଷର...

କୋରାପୁଟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି ହୋଇଛି। ଅପରପକ୍ଷେ ଝାରସୁଗୁଡ଼ାରେ ତାପମାତ୍ରା ୭୨ବର୍ଷର ରେକର୍ଡ ଭାଙ୍ଗିଛି। ମଙ୍ଗଳବାର ଏଠାରେ ସର୍ବନିମ୍ନ ତାପମାତ୍ରା ୫.୧ ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ ସ୍ୱାଭାବିକ ତାପମାତ୍ରାଠାରୁ ୬.୭ ଡିଗ୍ରୀ କମ୍ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ତଥ୍ୟ ଅନୁଯାୟୀ, ୧୯୮୬ ଜାନୁଆରୀ ୬ରେ ଝାରସୁଗୁଡ଼ାରେ ତାପମାତ୍ରା ୬.୧, ୨୦୨୦ ଡିସେମ୍ବର ୨୧ରେ ୫.୮, ୨୦୨୩ ଜାନୁଆରୀ ୭ରେ ୫.୬ ଏବଂ ୨୦୨୫ ଜାନୁଆରୀ ୯ରେ ୬ ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ ମଙ୍ଗଳବାର ୫.୧ ଡିଗ୍ରୀ ରେକର୍ଡ କରାଯାଇଛି। ଝାରସୁଗୁଡ଼ା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ଖସିବା ସହିତ ଅସହ୍ୟ ଶୀତ ଅନୁଭୂତ ହେଉଛି। ମଙ୍ଗଳବାର ଭୋରଠାରୁ ରାଜଧାନୀ ଭୁବନେଶ୍ୱରରେ ୧୦ରୁ ୧୫କି.ମି ବେଗରେ ମୁଖ୍ୟତଃ ଉତ୍ତର-ଉତ୍ତରପୂର୍ବ ଦିଗରୁ ଥଣ୍ଡା ପବନ ପ୍ରବାହ ହେତୁ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଥିଲା। ବିଭାଗ ପକ୍ଷରୁ ରେକର୍ଡ ହୋଇଥିବା ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ରାଜ୍ୟର ୧୧ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୬.୬ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ ଜି.ଉଦୟଗିରି ଓ କିରେଇରେ ୬.୮, ଦାରିଙ୍ଗବାଡ଼ିରେ ୭.୫, ସୁନ୍ଦରଗଡ଼ରେ ୭.୬, ସେମିଳିଗୁଡ଼ାରେ ୮.୫, ବଲାଙ୍ଗୀରରେ ୮.୮, କେନ୍ଦୁଝରରେ ୯, ସୋନପୁରରେ ୯.୧ ଏବଂ ଢେଙ୍କାନାଳରେ ୯.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି କଟକରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀକୁ ଖସିଛି। ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୧୨.୯ ଡିଗ୍ରୀ ରେକର୍ଡ ହୋଇଛି। ଏହାବ୍ୟତୀତ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ ଘନ କୁହୁଡ଼ି ନେଇ ସତର୍କ ସୂଚନା ଜାରି କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅବେଳରେ ଆଲିଙ୍ଗନ**
**ଚାହିଁଲେ ପତି**
**ଦିନବେଳେ ଲଜ୍ଜାକର**
**କହିଲେ ସତୀ।**

ଦାମ୍ପତ୍ୟ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଯେତେ ନିବିଡ଼ ହେଲେ ସୁଦ୍ଧା ତାହା ଦିନବେଳେ ସମ୍ପାଦିତ ହେବା ଅତ୍ୟନ୍ତ ଲଜ୍ଜାକର ହୋଇଥାଏ। ସତୀ ଏବଂ ସାଧ୍ୱୀ ପତ୍ନୀ ଏହାକୁ ଆଦୌ ପ୍ରଶ୍ରୟ ଦିଅନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଇଲା ସଂକ୍ରାନ୍ତି ନାନୀ**
**ସାଙ୍ଗରେ ପୁନିଅଁ ପରବ ଘେନି।**

ରଜକୁ ଏଠାରେ ସଂକ୍ରାନ୍ତି ନାନୀ ବୋଲି ଦର୍ଶାଯାଇଛି। ସାଧାରଣତଃ ରଜ ସଂକ୍ରାନ୍ତି ପରେ ବର୍ଷର ପୁନେଇଁ ପରବ ଆରମ୍ଭ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଦୋଷୀଙ୍କୁ ମୃତ୍ୟୁ...

ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଚଳାଇଥିଲା। ତଦନ୍ତରେ ପ୍ରଶାନ୍ତଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଅଧିକ ପଚରାଉଚରା କରିଥିଲା। ପ୍ରଶାନ୍ତ ପୀଡ଼ିତାଙ୍କୁ ବଳାତ୍କାର ଏବଂ ହତ୍ୟା କରିଥିବା କହିଥିଲେ। ପ୍ରଥମେ ଏକ ବେଲ୍ଟରେ ପୀଡ଼ିତାଙ୍କୁ ଶ୍ୱାସରୁଦ୍ଧ କରିଥିଲେ। କାଳେ ସେ ବଞ୍ଚିଯାଇଥିବେ ଭାବି ପୁଣି ଏକ ବଡ଼ ପଥର ପୀଡ଼ିତାଙ୍କ ମୁଣ୍ଡ ଉପରେ କଚାଡ଼ି ହତ୍ୟା କରିଥିବା ସେ ସ୍ୱୀକାର କରିଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ପୀଡ଼ିତାଙ୍କ ଜେଜେବାପାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଦଫା ୧୪୦(୧)/୬୫(୨)/୬୬ବିଏନ୍ଏସ୍/୬ପୋକ୍ସୋ ଆକ୍ଟରେ ଏକ ମାମଲା(ନଂ.୨୮୮/୨୦୨୪) ରୁଜୁକରି ଅଧିକ ତଦନ୍ତ ଚଳାଇଥିଲା। ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରି ପକାଇଥିଲା। ପୋଲିସ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। ବରଗଡ଼ ଏସ୍‌ପି ପି.ଏସ୍. ମୀନା ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ତତ୍କାଳୀନ ପଦ୍ମପୁର ଥାନା ଅଧିକାରୀ ମମତା ନାଏକ ତଦନ୍ତ ଅଧିକାରୀଭାବେ ରହିଥିଲେ। ଘଟଣା ଘଟିବାର ୨୦ଦିନ ମଧ୍ୟରେ ପୋଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା ଏବଂ ଏହା ପରେ ବିଚାର ପ୍ରକ୍ରିୟା ଆଗେଇ ଚାଲିଥିଲା। ସାକ୍ଷ୍ୟ ଗ୍ରହଣ ସହ ବଳିଷ୍ଠ ପ୍ରମାଣ ମିଳିବା ପରେ ଗତ ଡିସେମ୍ବର ୨୬ରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତକରି ସାରିଥିଲେ। ମଙ୍ଗଳବାର ଦଣ୍ଡବିଧାନର ଶୁଣାଣି ରହିଥିଲା। ତେବେ ଅଭିଯୁକ୍ତଙ୍କୁ କେଉଁ ଦଣ୍ଡ ମିଳିବ, ତାକୁ ସମସ୍ତେ ଚାହିଁ ବସିଥିଲେ। ଏପରିକି କୋର୍ଟକୁ ପୀଡ଼ିତାଙ୍କ ପରିବାର ଲୋକେ ମଧ୍ୟ ଆସିଥିଲେ। ମୃତ୍ୟୁ ଦଣ୍ଡାଦେଶ ମିଳିବା ପରେ ଏଭଳି ରାୟକୁ ସମସ୍ତେ ସ୍ୱାଗତ କରିଛନ୍ତି। ଏନେଇ ପୀଡ଼ିତାଙ୍କ ମା' କହିଛନ୍ତି, ଝିଅକୁ ଅମାନୁଷିକଭାବେ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବା ଯୋଗୁ ବିଚାରପତିଙ୍କୁ କୋଟି କୋଟି ଜୁହାର। ତେବେ ଯେଉଁଦିନ ଅଭିଯୁକ୍ତଙ୍କୁ ଫାଶୀ ଦିଆଯିବ, ସେହିଦିନ ତାଙ୍କ ଝିଅର ଆତ୍ମାକୁ ଶାନ୍ତି ମିଳିବ ବୋଲି କାନ୍ଦିକାନ୍ଦି ପୀଡ଼ିତାଙ୍କ ମା' କହିଛନ୍ତି। ସେହିପରି ସ୍ଥାନୀୟ ସରପଞ୍ଚ ଦିଲୀପ ବେହେରା କହିଛନ୍ତି, ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେବାକୁ ଅଞ୍ଚଳବାସୀ ଆରମ୍ଭରୁ ଦାବି କରି ଆସିଥିଲେ। ଆଜି ସେହି ନ୍ୟାୟ ମିଳିଛି। ଏଭଳି ଦଣ୍ଡବିଧାନ ହେଲେ ଆଉ କେହି ସେଭଳି ଘୃଣିତ କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ ବୋଲି ବେହେରା କହିଛନ୍ତି।

## ମାର୍ଚ୍ଚ ୮ ସୁଦ୍ଧା ସଜାଡ଼...

ପ୍ରଥମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶିକ୍ଷା ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଇଛି। ଏହି କ୍ରମରେ ଆସନ୍ତା ମାର୍ଚ୍ଚ ୮ ପୂର୍ବରୁ ଯେପରି ସମସ୍ତ ବାଳିକା ବିଦ୍ୟାଳୟ ଅଥବା ମହାବିଦ୍ୟାଳୟରେ ଶୌଚାଳୟ ପ୍ରସ୍ତୁତ ହେବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ମୁଖ୍ୟ ସଚିବ କହିଛନ୍ତି। ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶନାମାକୁ ନେଇ ଚଳିତମାସ ୩ରେ ଏକ ନିର୍ଦ୍ଦେଶନାମା ସଂପୃକ୍ତ ବିଭାଗୀୟ ସଚିବଙ୍କୁ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଲାଗି ଶିଶୁବାଟିକା ତଥା ପ୍ରାକ୍ ଶିକ୍ଷାନୁଷ୍ଠାନ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଖୁସିକେନ୍ଦ୍ର ଭାବେ କାର୍ଯ୍ୟ କରିବାକୁ କୁହାଯାଇଛି। ଏହାସହିତ ଶିଶୁମାନଙ୍କ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଖେଳନାଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ମନୋରଞ୍ଜନ ସାମଗ୍ରୀ ରହିବ। କିଛି କିଛି ସମୟରେ ଶିଶୁମାନଙ୍କୁ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ରକୁ ପରିଭ୍ରମଣ କରାଇ ଆନନ୍ଦ ଜନ୍ମାଇବାକୁ ପଡ଼ିବ। ଏକାଠି ବସି ତିଥି ଭୋଜନ କରିବେ। ଶିଶୁମାନଙ୍କ ମଧ୍ୟରେ ପୋଷଣ ପ୍ରତିଯୋଗିତା ମଧ୍ୟ କରାଯାଇପାରିବ। ଏହିଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କୁ ବିଦ୍ୟାଳୟ ପ୍ରତି ଆଗ୍ରହ ଜନ୍ମାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଦିଆଯାଇଥିବା ପରାମର୍ଶରେ ପ୍ରାଥମିକ ବିଦ୍ୟାଳୟସ୍ତରରେ ଇଣ୍ଟରନେଟ୍, ବିଜ୍ଞାନ ଉପକରଣ, ଆଇସିଟି ଲ୍ୟାବ୍ ପ୍ରଭୃତି ବ୍ୟବସ୍ଥା ରହିବାକୁ କୁହାଯାଇଛି। ବିଦ୍ୟାଳୟରେ ଯେପରି ଅଙ୍ଗନୱାଡ଼ି କେନ୍ଦ୍ର ଚାଲିପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦେବାକୁ ହେବ। ଯେଉଁ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସୁଛନ୍ତି ସେମାନଙ୍କର ଏବଂ ସେମାନଙ୍କ ଅଭିଭାବକଙ୍କ ମାନସିକତା ପରୀକ୍ଷା କରାଯିବ। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଏବଂ ଗୋଟିଏ ଶ୍ରେଣୀରେ କେତେ ପିଲା ପଢ଼ିପାରିବେ ତାହାର ନିର୍ଦ୍ଦିଷ୍ଟତା ରହିବ। ମଧ୍ୟମ ପାଠ ପଢ଼ିବା ପର୍ଯ୍ୟନ୍ତ ଶିଶୁମାନଙ୍କ ସାଇକୋଲୋଜି ପରୀକ୍ଷା କରାଯିବ। ସବୁଠାରୁ ବଡ଼କଥା ହେଲା, ଗ୍ରାମାଞ୍ଚଳ ବିଦ୍ୟାଳୟରେ ଯେପରି ସହରାଞ୍ଚଳ ସୁବିଧା ରହିବ ତାହାକୁ ଦୃଷ୍ଟିଦେବାକୁ ହେବ। ସେହିପରି ମହାବିଦ୍ୟାଳୟସ୍ତରରେ ଉଚ୍ଚଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି।

ସେଥିମଧ୍ୟରେ ଶିଳ୍ପ-ଶିକ୍ଷା ମଧ୍ୟରେ ସହଯୋଗ ସୁଦୃଢ଼ କରିବା, ଇଣ୍ଟର୍ନସିପ୍ ଓ ଆପ୍ରେଣ୍ଟିସିପ୍ ବ୍ୟବସ୍ଥାକୁ ଶକ୍ତ କରିବା ସହିତ କୃଷି ଉଚ୍ଚ ଶିକ୍ଷା ପରିବେଶର ଭବିଷ୍ୟତ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ କୁହାଯାଇଛି। ଏହାସହିତ ଇନ୍‌କ୍ୟୁବେଶନ୍ ସେଣ୍ଟର ମାଧ୍ୟମରେ ରାଜ୍ୟ ପ୍ରାଯୁକ୍ତିକ ସଂସ୍ଥାଗୁଡ଼ିକର ନବୋନ୍ମେଷ ପରିବେଶକୁ ଶକ୍ତ କରିବା, ୧୦ଟି ଉଚ୍ଚଶିକ୍ଷା ଅନୁଷ୍ଠାନକୁ ମଡେଲ୍ ଫିନିଶିଂ ସ୍କୁଲ ଭାବେ ଉନ୍ନତ କରିବା ଓ ଆତ୍ମହତ୍ୟା ରୋକିବା ପାଇଁ ମାନସିକ ପରାମର୍ଶ ସେବା ପ୍ରଦାନ କରିବା ଭଳି ବ୍ୟବସ୍ଥା ଆପଣାଇବାକୁ ଉଚ୍ଚଶିକ୍ଷା ବିଭାଗକୁ କୁହାଯାଇଛି।

## ଗାନ୍ଧୀଙ୍କ ନାଁରେ...

ଯୋଗୁ ବିଭିନ୍ନ ସମୟରେ ଏହିସବୁ ଯୋଜନା ସଫଳ ହୋଇପାରିନାହିଁ। ଗରିବ ଓ ଶ୍ରମିକମାନଙ୍କ ପାଇଁ ଏହା କେବେ ଫଳପ୍ରଦ ହୋଇପାରି ନ ଥିଲା। ୨୦୦୫ରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏନ୍ଆରଇଜିଏସ୍) ଆରମ୍ଭ କରାଯାଇଥିଲା। ଗତ ୨୦ ବର୍ଷ ଧରି ସାରା ଦେଶରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତ ଯୋଜନା(ଏମ୍‌ଜିଏନ୍ଆରଇଜିଏସ୍)ରେ ନାମିତ କରାଯାଇଥିଲା। ମାତ୍ର ଏହାର ମୌଳିକ ଢାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା। ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବାକୁ ଉପା ସରକାର ଏହି ଯୋଜନା କାର୍ଯ୍ୟ କରିଥିଲା। ଏଥିରେ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ଦେବା ପାଇଁ ନିୟମ ଥିଲେ ମଧ୍ୟ ବାସ୍ତବରେ କେବଳ ୫୦ ଦିନ କାମ ମିଳୁଥିଲା। ସେହିପରି ଯେଉଁ ଭତ୍ତା ଦିଆଯାଉଥିଲା ତାହା ଅତ୍ୟନ୍ତ ନଗଣ୍ୟ ଥିଲା। ଉକ୍ତ ଯୋଜନାରେ ବିଭିନ୍ନ ରାଜ୍ୟରେ ସେତେବେଳେ ଦୁର୍ନୀତି ମଧ୍ୟ ଦେଖିବାକୁ ମିଳିଥିଲା। ମିଛ ମଷ୍ଟରରୋଲ୍ ଦେଖାଇ ମୃତ ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଯୋଡ଼ିଦିଆଯାଇଥିଲା। ମଜୁରି ପ୍ରଦାନରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଥିଲା। ଉପା ସରକାର ସମୟରେ ଯୋଜନାବଦ୍ଧ ଭାବେ ଏସବୁ ଦୁର୍ନୀତି ହୋଇଥିଲା। ବିହାରରେ ୬୦୦୦ କୋଟି ଓ ଉତ୍ତରପ୍ରଦେଶରେ ୧୦ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲା। ୨୦୧୨ରେ ସମ୍ବଲପୁରରେ କେତେଜଣ ମୃତବ୍ୟକ୍ତି, ରୋଗୀ ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ନାମରେ ମଜୁରି ଟଙ୍କା ଉଠାଯାଇଥିଲା। ମଷ୍ଟରରୋଲ୍‌ରେ ମିଛ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା। କିଛି ରାସ୍ତା କାମ ଆଦୌ କରା ନ ଯାଇ ଅର୍ଥ ହଡ଼ପ କରାଯାଇଥିଲା। ଏନ୍ଆରଇଜିଏସ୍‌ରେ ଋତୁକାଳୀନ ସମସ୍ୟା ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନଥିଲା ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ଟେକ୍ନୋଲୋଜିକୁ ବ୍ୟବହାରକରି ଏସବୁ ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଭିବି ଜି ରାମ ଜି ବିଲ୍' ପ୍ରଣୟନ କରିଛନ୍ତି। ଗ୍ରାମ ସ୍ୱରାଜ ଆଣିବା ପାଇଁ ଗାନ୍ଧୀଙ୍କ ଯେଉଁ ସ୍ୱପ୍ନ ଥିଲା ତାକୁ ଠିକ୍ ଭାବେ କାର୍ଯ୍ୟକାରୀକରି ବିକଶିତ ଆଡ଼କୁ କିପରି ଅଗ୍ରସର ହେବା ସେନେଇ ନୂତନ ଯୋଜନାରେ ବ୍ୟବସ୍ଥା କରାଯାଇଛି। କର୍ମନିଯୁକ୍ତିର ଅବଧିକୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି। ଆର୍ଥିକ ଦୁର୍ବଳ ଗ୍ରାମାଞ୍ଚଳର ଏକ ପରିବାର ଏବେ ୧୨୫ ଦିନ ନିଯୁକ୍ତି ପାଇବାକୁ ହକ୍‌ଦାର ବୋଲି ସ୍ପଷ୍ଟ କରାଯାଇଛି। କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଷ ସମୟରେ ଓ ଅମଳ ସମୟରେ ଏହି କାମ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏହାଦ୍ୱାରା କୃଷିକ୍ଷେତ୍ରରେ ଶ୍ରମିକ ଅଭାବ ସମସ୍ୟା ଦୂରହେବ ଏବଂ ଅଯଥା ମଜୁରି ବଢ଼ିବା ସମସ୍ୟା ବନ୍ଦ ହେବ। ଫଳରେ ଆଉ କେହି ବି ଠିକେ ସେହି ସମୟରେ କାମ ହେଉଛି ବୋଲି କହି ଦୁର୍ନୀତି କରିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ରବି ନାରାୟଣ ନାୟକ, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ବାବୁ ସିଂ, ଆଶ୍ରିତ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ...

ପାଇଁ ପ୍ରାର୍ଥନା କରୁଛି। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ଆପଣଙ୍କ ଶୁଭେଚ୍ଛା ପାଇଁ ଧନ୍ୟବାଦ। ଆପଣଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନ ଅଧିକ ଉତ୍ସର୍ଗୀକୃତ ଭାବରେ ଓଡ଼ିଶାବାସୀଙ୍କ ସେବା କରିବାରେ ତାଙ୍କ ସଂକଳ୍ପକୁ ଅଧିକ ଦୃଢ଼ କରିଚାଲିଛି ବୋଲି ସେ ଲେଖିଛନ୍ତି।

## ସରକାର ଲଗାଇଲେ...

କର୍ମଚାରୀ, ଟେକ୍ନିସିଆନ, ଶ୍ରେଣୀ-୩ ଓ ୪ କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ରାଜ୍ୟର ସରକାରୀ ହସ୍ପିଟାଲ ଓ ଡିସ୍‌ପେନ୍‌ସାରିଗୁଡ଼ିକରେ ଚିକିତ୍ସା ସେବା ଓ ପରିଚାଳନା ସହ ସଂପୃକ୍ତ ସେବା/ନିଯୁକ୍ତିରେ କାମ ବନ୍ଦ କରି ଆନ୍ଦୋଳନ କରିବାକୁ ନିଷେଧ କରିଛନ୍ତି, ଯାହାଦ୍ୱାରା ରାଜ୍ୟର ସ୍ୱାସ୍ଥ୍ୟସେବା ଅବ୍ୟାହତ ରହିବ ଏବଂ ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ। ମାତ୍ର ଡାକ୍ତର ସଂଘ ପକ୍ଷରୁ କେତେକ ଦାବି ନେଇ ଏବେ ଆନ୍ଦୋଳନ ଚାଲୁରହିଛି। ଏହାଦ୍ୱାରା ଜନସାଧାରଣ ସ୍ୱାସ୍ଥ୍ୟସେବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଓଡ଼ିଶା ଜରୁରୀ ସେବା ଆଇନ-୧୯୮୮(ଓଡ଼ିଶା ଆଇନ-୯, ୧୯୯୨) ର ଧାରା-୩ର ଉପଧାରା(୧) ସହ ଧାରା-୨ ଦ୍ୱାରା ପ୍ରଦତ୍ତ କ୍ଷମତାର ବ୍ୟବହାର କରିଛନ୍ତି। ଫଳରେ ଉପରୋକ୍ତ ବର୍ଗର ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀମାନେ ଯେପରି ଆନ୍ଦୋଳନକୁ ନ ଓହ୍ଲାଇବେ ତାକୁ ଦୃଷ୍ଟିରେ ରଖି ଏହି ଜରୁରୀ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ଆଦେଶ ଆସନ୍ତା ୬ ମାସ ପାଇଁ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି।

पेट्रोलियम एवं प्राकृतिक गैस मंत्रालय
भारत सरकार
MINISTRY OF PETROLEUM AND NATURAL GAS
GOVERNMENT OF INDIA
सत्यमेव जयते

# ଭାରତ ଆରମ୍ଭ କରିଛି ନିଜର ହାଇଡ୍ରୋକାର୍ବନ୍ ସାମର୍ଥ୍ୟକୁ ବିସ୍ତାରିତ କରିବାର ଯୁଗ

**ଓପନ୍ ଏକରେଜ୍ ଲାଇସେନ୍ସିଂ ପ୍ରୋଗ୍ରାମ୍ (ଓଏଏଲ୍‌ପି), ଡିସ୍‌କଭର୍ଡ ସ୍ମଲ୍ ଫିଲ୍ଡ୍ସ (ଡିଏସ୍‌ଏଫ୍) ଏବଂ କୋଲ୍ ବେଡ୍ ମିଥେନ୍ (ସିବିଏମ୍) ବ୍ଲକ୍‌ଗୁଡ଼ିକ ଲାଗି ବିଡ୍ ଦାଖଲ ସମ୍ପର୍କିତ ଘୋଷଣା**





"ଭାରତ କେବଳ ଯେ ନିଜର ବିକାଶକୁ ଆଗକୁ ବଢ଼ାଉଛି ତାହା ନୁହେଁ ବରଂ ଦୁନିଆର ବିକାଶର ମଧ୍ୟ ନେତୃତ୍ୱ ନେଉଛି, ଯେଉଁଥିରେ ଶକ୍ତି କ୍ଷେତ୍ରର ଭୂମିକା ମହତ୍ତ୍ୱପୂର୍ଣ୍ଣ ।"

**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

## ଐତିହାସିକ ସଂସ୍କାର

- ସବୁ ପ୍ରକାର ମିନେରାଲ ଅଏଲ୍ ଅପରେଶନ୍ ତଥା ସ୍ୱେଶାଲ ପେଟ୍ରୋଲିୟମ୍ ଲିଜ୍ ପାଇଁ ଏକକ ଲିଜ୍
- ୩୦ ବର୍ଷ ପର୍ଯ୍ୟନ୍ତ ଅବଧି ଯାଏ ଲିଜ୍, ଯାହାକୁ ଫିଲ୍ଡର ଅର୍ଥନୈତିକ ଜୀବନ ପର୍ଯ୍ୟନ୍ତ ବଢ଼ାଯାଇପାରିବ
- ସାଧାରଣ ଭିତ୍ତିଭୂମିର ବିକାଶ ଏବଂ ଶେୟାରିଂ
- ସମୟବଦ୍ଧ ସ୍ୱୀକୃତି ସହ ସହଜ ପ୍ରକ୍ରିୟା
- ବ୍ୟାପକ ଶକ୍ତି ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ଅନୁମତି
- ଆଇନ ବଦଳିବା କ୍ଷେତ୍ରରେ ସୁରକ୍ଷା
- ବୈଦେଶିକ ନିବେଶକଙ୍କ ସହ ମଧ୍ୟସ୍ଥତା ଯୋଗୁ ନିରପେକ୍ଷ ଫୋରମ୍
- ଅଣ-ଅପରାଧୀକରଣ - କାରାଦଣ୍ଡର ବ୍ୟବସ୍ଥା ନାହିଁ
- ବିବାଦ ସମାଧାନ ପାଇଁ ଏକ ପ୍ରଭାବୀ ବ୍ୟବସ୍ଥା

## ବିଡିଂ ରାଉଣ୍ଡ

### ଓଏଏଲ୍‌ପି ବିଡ୍ ରାଉଣ୍ଡ - X

**୧୩ଟି ସେଡିମେଣ୍ଟ୍ରି ବେସିନ୍‌ରେ ୨୫ଟି ବ୍ଲକ୍,**
୧.୮୩ ଲକ୍ଷ ବର୍ଗ କିମିରେ ବ୍ୟାପ୍ତ ଅଧିକାଂଶ ଅଫ୍‌ଶୋର୍ ।

### ଡିସ୍‌କଭର୍ଡ ସ୍ମଲ୍ ଫିଲ୍ଡ ରାଉଣ୍ଡ - IV

**୯ଟି କଣ୍ଟ୍ରାକ୍ଟ ଏରିଆରେ ୫୫ଟି ଡିସ୍କଭରି,**
~୨୦୦ ମିଲିୟନ୍ ଟନ୍ ତୈଳ ସମତୁଲ୍ୟ (ଏମ୍‌ଏମ୍‌ଟିଓଇ)

### ସ୍ୱେଶାଲ କୋଲ୍ ବେଡ୍ ମିଥେନ୍ ବିଡ୍ ରାଉଣ୍ଡ ୨୦୨୫ ଏବଂ ୨୦୨୬

**୫,୬୨୦ ବର୍ଗ କିମିରେ ବ୍ୟାପ୍ତ ୧୬ଟି ବ୍ଲକ୍,**
ଆନୁମାନିକ ସମ୍ବଳ: ~୨୭୪ ବିଲିୟନ କ୍ୟୁବିକ୍ ମିଟର (ବିସିଏମ୍)

IEW

**ଇଣ୍ଡିଆ ଏନର୍ଜି ୱିକ୍, ଗୋଆରେ**
ଡିଜିଏଚ୍ ଷ୍ଟଲ୍ ପରିଦର୍ଶନ କରନ୍ତୁ
(୨୭-୩୦ ଜାନୁଆରୀ, ୨୦୨୬)



ଭାରତର ଶକ୍ତି ବିକାଶ ଗାଥାରେ ଯୋଗ ଦିଅନ୍ତୁ

**ଅନ୍ୱେଷଣ । ଆବିଷ୍କାର । ଉତ୍ପାଦନ**

For more information, visit mopng.gov.in or dghindia.gov.in

For more information, visit mopng.gov.in (or) dghindia.gov.in

DGH

Follow us at :

ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ। ତା' ସହ ବିଶ୍ୱ-ଐକ୍ୟ ଓ ସଂହତି ଆଣିବାରେ ତତ୍ପର ହେବାକୁ ପଡ଼ିବ। ମଣିଷ ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। ମଣିଷକୁ ତା'ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢ଼ାଇ ଚାଲିବାକୁ ହେବ। ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। **-ଶ୍ରୀଅରବିନ୍ଦ**

# ୧୦୫ ଘାଟ

ଭାରତରେ ଗତ କିଛି ବର୍ଷ ହେବ ସୃଷ୍ଟି କରାଯାଇଥିବା ସାମାଜିକ, ଅର୍ଥନୈତିକ, ଧାର୍ମିକ ଓ ରାଜନୈତିକ ବିଭାଜନ ବିଷୟରେ ୬ ଜାନୁଆରୀ ଏହି ସ୍ତମ୍ଭରେ 'ଶିକ୍ଷିତ ଦେଶବିରୋଧୀ' ଶୀର୍ଷକରେ ଲେଖା ପ୍ରକାଶ କରିଥିଲୁ। ଏହି ଦିନ ଆଉ ଏକ ବିଭାଜନ ନେଇ ଉତ୍ତରାଖଣ୍ଡରୁ ଖବର ମିଳିଛି। ତାହା ହେଲା ଜଳଘାଟ ବିଭାଜନ। କେତେକ ସନ୍ନ୍ୟାସୀ ଓ ଶ୍ରୀଗଙ୍ଗା ସଭାର କର୍ମକର୍ତ୍ତା ଉଠାଇଥିବା ଦାବି ପରିପ୍ରେକ୍ଷୀରେ ଏବେ ଉତ୍ତରାଖଣ୍ଡ ସରକାର ତୀର୍ଥକ୍ଷେତ୍ର ହରିଦ୍ୱାର ଓ ତା'ର ଆଖପାଖ ଅଞ୍ଚଳରେ ଅଣହିନ୍ଦୁମାନଙ୍କ ପ୍ରବେଶ ଉପରେ ନିଷେଧାଦେଶ ଲଗାଇବା ଲାଗି ଚିନ୍ତା କରୁଛନ୍ତି। ଗଙ୍ଗାନଦୀ କୂଳରେ ଥିବା ହରିଦ୍ୱାରରୁ ଋଷିକେଶ ପର୍ଯ୍ୟନ୍ତ ୧୦୫ ଘାଟ ଅଛି। ୨୦୨୭ ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତିରୁ ଅର୍ଦ୍ଧ-କୁମ୍ଭ ଥିବାରୁ ତା' ପୂର୍ବରୁ ନଗରର ପବିତ୍ରତା ବଜାୟ ରଖିବା ପାଇଁ ଏଭଳି ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଛି। ତେବେ ଏଠାକୁ କେଉଁ ଅଣହିନ୍ଦୁ ଯାଆନ୍ତି, ତାହାର କୌଣସି ତଥ୍ୟ ମିଳିପାରୁ ନାହିଁ। ଉପରଲିଖିତ ନିଷ୍ପତ୍ତିକୁ ସିଦ୍ଧ କରିବା ଲାଗି ଇତିହାସର ସାହାରା ମଧ୍ୟ ନିଆଯାଇଛି। କୁହାଯାଉଛି ଋଷିକେଶ ଓ ହରିଦ୍ୱାରର ପବିତ୍ରତା ରକ୍ଷା କରିବା ଉଦ୍ଦେଶ୍ୟରେ ପଣ୍ଡିତ ମଦନମୋହନ ମାଲବ୍ୟ ଓ ବ୍ରିଟିଶ୍ ସରକାରଙ୍କ ମଧ୍ୟରେ ୧୯୧୬ରେ ହୋଇଥିବା ଏକ ଚୁକ୍ତି ଅନୁଯାୟୀ ବର୍ତ୍ତମାନ ତାହାକୁ ଅନୁସରଣ କରାଯିବ। ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ବୋଲି ଏବେକାର ଭାଜପା ରାଜ୍ୟ ସରକାର ଦାବି କରୁଛନ୍ତି। ଆଜିର ପରିସ୍ଥିତିରେ ସରକାରଙ୍କର ସବୁ ବିବୃତିକୁ ବିଶ୍ୱାସ କରିଗଲେ ପରବର୍ତ୍ତୀ ସମୟରେ ତାହା ଅସତ୍ୟ ବୋଲି ପ୍ରମାଣ ହୋଇପାରେ। ଇଣ୍ଟରନେଟ୍‌ରେ ଅନେକ ଖୋଜିବା ସତ୍ତ୍ୱେ ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ଉଲ୍ଲିଖିତ ଏହି ୧୯୧୬ ଚୁକ୍ତି ସମ୍ପର୍କରେ କୌଣସି ବାସ୍ତବ ତଥ୍ୟ ଆମର ହସ୍ତଗତ ହୋଇପାରି ନାହିଁ। ତଥାପି ଯଦି ଆଜିର ସରକାରଙ୍କ ଦାବିକୁ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରାଯାଏ, ତା' ହେଲେ ଉପୁଜୁଥିବା ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇପାରେ। ଯଦି ଚିନ୍ତା କରାଯାଉଥିବା ସରକାରଙ୍କ ନିୟମକୁ କାର୍ଯ୍ୟକାରୀ କରାଯାଏ, ତେବେ ସମ୍ପୃକ୍ତ ଅଞ୍ଚଳରେ ସାମାଜିକ ଅସଙ୍ଗତି ସୃଷ୍ଟି ହେବାର ଆଶଙ୍କା ରହୁଛି।

ଉପରଲିଖିତ ଖବରରୁ ଖିଅଟାଣି ଆଲୋଚନା କଲେ ଯାହା ସମସ୍ତଙ୍କ ପାଇଁ ଚିନ୍ତା ସୃଷ୍ଟି କରିବା କଥା, ତାହା ହେଲା ଯୋଜନା କରିଦେଉଥିବା ବର୍ଗ ଭବିଷ୍ୟତକୁ ଅନିଷା କରୁନାହାନ୍ତି। ସମ୍ଭବତଃ ସେଥିପାଇଁ ଦେଶବାସୀଙ୍କୁ କ୍ଷତି ସହିବାକୁ ପଡୁଛି। କେନ୍ଦ୍ରରେ କଂଗ୍ରେସ ସରକାର ଅମଳରେ ଅନେକ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଅଘଟଣ ପରେ ରେଡ୍ ଆଲର୍ଟ ଜାରି କରାଯାଉଥିଲା, ହେଲେ ପରବର୍ତ୍ତୀ ସମୟରେ ତାହାର କିଛି ପ୍ରଭାବ ପଡୁ ନ ଥିଲା। ଆତଙ୍କବାଦୀ କାର୍ଯ୍ୟରେ ମୁସଲମାନଙ୍କ ସମ୍ପୃକ୍ତି ଥିଲେ ମଧ୍ୟ ନେତୃତ୍ୱ ନେଉଥିବା ମୁସଲମାନ ନେତା ତାହାକୁ ବିରୋଧ କରିବାକୁ ଆଗେଇ ଆସୁ ନ ଥିଲେ। ଫଳରେ ଆତଙ୍କବାଦୀ କାର୍ଯ୍ୟରେ ବିରାମ ଲାଗୁ ନ ଥିଲା। ଉପା ସରକାରର ପତନ ପରେ ମୁସଲମାନ ସମ୍ପ୍ରଦାୟକୁ ଭାରତରେ ଅନେକ ବିପଦ ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ପଡ଼ୋଶୀ ବାଂଲାଦେଶରେ ଦୀର୍ଘ ଶାସନ କରିଥିବା ଆୱାମି ଲିଗ୍ ଦଳ ଓ ତା'ର ନେତା ଶେଖ୍ ହାସିନାଙ୍କ ରାଜୁତି ସମୟରେ ସେଠାକାର ସଂଖ୍ୟାଲଘୁ ହିନ୍ଦୁ ନାଗରିକ ବାଂଲାଦେଶ ମୁସଲମାନଙ୍କ ଉପରେ ଯଥେଷ୍ଟ ଚାପ ପକାଇବା ସହିତ ହିଂସା ମଧ୍ୟ ଘଟାଉଥିଲେ। ହାସିନାଙ୍କର ବାଂଲାଦେଶରୁ ପଳାୟନ ପରେ ସେଠାକାର ସଂଖ୍ୟାଲଘୁ ହିନ୍ଦୁ ଏବେ ଅସୁରକ୍ଷିତ ପରିସ୍ଥିତିରେ ପଡ଼ିଯାଇଛନ୍ତି। ଏହି ପରିସ୍ଥିତିକୁ ଅଧିକ ଜଟିଳ କରିବାରେ ଭାରତର ଭୂମିକା ଗୌଣ ନୁହେଁ। ବାଂଲାଦେଶ ହିନ୍ଦୁଙ୍କର ଦୌରାତ୍ମ୍ୟ ପଛରେ ଭାରତର ଶକ୍ତି ମନୋବଳ ଯୋଗାଉଥିଲା। ଆଜିର ପରିସ୍ଥିତିରେ ସେମାନଙ୍କୁ ସୁରକ୍ଷା ଦେବାର ଶକ୍ତି ଭାରତ ପାଖରେ ନାହିଁ। ଅନ୍ୟପଟେ ବାଂଲାଦେଶରେ ଘୃଣିତ ଶେଖ୍ ହାସିନାଙ୍କୁ ଭାରତରେ କେନ୍ଦ୍ର ସରକାର ଖୋଲାଖୋଲି ଆଶ୍ରୟ ଦେଇଛି। ଏହି ପରିପ୍ରେକ୍ଷୀରେ ସଦ୍ୟ ଆଉ ଏକ ଘଟଣାକୁ ଦେଖାଯାଉ। ବାଂଲାଦେଶ କ୍ରିକେଟର ମୁସ୍ତାଫିଜୁର ରହମନଙ୍କୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଆଇପିଏଲ୍ ପାଇଁ ନିଲାମ କରି ନେଇଥିଲା। ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ହେଉଥିବାରୁ ତାଙ୍କୁ ତୁରନ୍ତ ଟିମ୍‌ରୁ ବାହାର କରାଯାଉ ବୋଲି ଚାପ ପଡ଼ିବା ପରେ ଏହାର ମାଲିକ ଶାହରୁଖ୍ ଖାନ୍ କ୍ରିକେଟର ମୁସ୍ତାଫିଜୁରଙ୍କୁ ଅବ୍ୟାହତି ଦେଇଛନ୍ତି। ଏଠି ପ୍ରଶ୍ନ ଉଠୁଛି, ଶାହରୁଖ ସିଧାସଳଖ ମୁସ୍ତାଫିଜୁରଙ୍କୁ ତାଙ୍କ ଦଳ ପାଇଁ କିଣି ନ ଥିଲେ। ସମସ୍ତ ଖେଳାଳି ବୋର୍ଡ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ) ପାଖରେ ପଞ୍ଜୀକୃତ ହୋଇଥାଆନ୍ତି। ସେମାନଙ୍କ ମଧ୍ୟରୁ ପ୍ରତିଭାବାନ୍ ଖେଳାଳିଙ୍କୁ ଦଳଗୁଡ଼ିକ ବାଛିଥାଆନ୍ତି। ଏବେ ବିସିସିଆଇର ସଭାପତି ମିଥୁନ ମାନହସ ଅଛନ୍ତି। ତେବେ ମୁସ୍ତାଫିଜୁରଙ୍କୁ ଭାରତରେ ଖେଳିବା ପାଇଁ କାହାର ହାତ ଥିବ ତାହା ସମସ୍ତେ ଜାଣିଛନ୍ତି। ବାଂଲାଦେଶରେ ହିନ୍ଦୁବିରୋଧୀ କାଣ୍ଡରେ ସମ୍ପୃକ୍ତ କ୍ରିକେଟରଙ୍କୁ ଟାଣିବା ଗ୍ରହଣୀୟ ହେଉ ନାହିଁ। ଯଦି ଜଣେ ଖେଳାଳିଙ୍କ ପାଇଁ ଏଭଳି ଚାପ ପଡୁଛି, ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହାସିନାଙ୍କୁ ଭାରତରେ ସୁରକ୍ଷିତ ରଖିବା ଅନାବଶ୍ୟକ ବୋଲି କେତେକ ମହଲରେ ଆଲୋଚନା ହେଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମୁସ୍ତାଫିଜୁରଙ୍କୁ ଖେଳରୁ ବାଦ୍ ଦେବା ପରେ ବାଂଲାଦେଶ ସରକାର ସେଠାରେ ଆଇପିଏଲ୍ ପ୍ରସାରଣକୁ ବନ୍ଦ କରିବା ସହ ଆସନ୍ତା ଫେବୃଆରୀରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତ ମାଟିରେ ଖେଳିବ ନାହିଁ ବୋଲି କହିଛି। ଜଣେ ଖେଳାଳି ପାଇଁ ବାଂଲାଦେଶ ତତ୍‌କ୍ଷଣାତ୍ ବଡ଼ ନିଷ୍ପତ୍ତି ନେଇଯାଉଥିବା ବେଳେ ଭାରତ ଅନେକ କ୍ଷେତ୍ରରେ ଦୃଢ଼ତାର ସହ କିଛି ପଦକ୍ଷେପ ନେଇପାରୁ ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ନିଜର ଶକ୍ତି ଦେଖାଇପାରୁ ନାହିଁ। ଯଦି ଭାରତ ପ୍ରକୃତ ଉନ୍ନତି ଦିଗରେ ସଘନ ପ୍ରୟାସ କରି ଆଗକୁ ଯାଇପାରନ୍ତା, ସବୁ ପଡ଼ୋଶୀ ରାଷ୍ଟ୍ର ଭାରତକୁ ଅନୁସରଣ କରିବାକୁ ବାଧ୍ୟ ହୁଅନ୍ତେ। ଅପରପଟେ ଭାରତ ତା'ର ସଂକୀର୍ଣ୍ଣ ଓ ପିଲାଳିଆମି ମାନସିକତା ପ୍ରଦର୍ଶନ କରୁଥିବାରୁ କ୍ଷୁଦ୍ର ପଡ଼ୋଶୀ ରାଷ୍ଟ୍ର ମଧ୍ୟ ନାଲିଆଖି ଦେଖାଇପାରୁଛି।

# ପ୍ରମୁଖ ଲେଖନୀରୁ ନାରୀସ୍ୱର



ଡ. ସାରଦା ପ୍ରସାଦ କର

ସାହିତ୍ୟ ଆକାଶର ପ୍ରାଜ୍ଞ, ବିଜ୍ଞ, ବିଶେଷଜ୍ଞଗଣ- ଉଇଲିଅମ ସେକ୍ସପିଆର, ଲିଓ ଟଲଷ୍ଟୟ, ଅରନେଷ୍ଟ ହେମିଙ୍ଗ୍‌ୱେ କିମ୍ବା, ଭାରତୀୟ ଆଦର୍ଶ ଚେତନ ଭଗତ ପ୍ରମୁଖଙ୍କ ଲେଖାରେ ମହିଳା ସ୍ୱରକୁ ଯେଉଁ ଢଙ୍ଗରେ ସଂକଳନ କରାଗଲା ତାହା ସବୁ ସଂକ୍ଷିପ୍ତ ସଂସ୍କରଣ ହୋଇଗଲା। କିନ୍ତୁ ମହିଳା ଜଣେ ଯେତେବେଳେ ମହିଳାର କଥା ଲେଖନୀ ମାଧ୍ୟମରେ ପ୍ରକାଶ କଲା ତା' ଭିତର ସଂଗୁପ୍ତ ବ୍ୟଥା-ବେଦନା ଧରାପଡ଼ିଲା।

ନାରୀ ସ୍ୱରର ଉପସ୍ଥାପିକା ଭାବରେ ଆମେ ମାରୀ ଓଲଷ୍ଟନ କ୍ରାଫ୍ଟଙ୍କୁ ବିଶ୍ୱର ବରିଷ୍ଠ ଲେଖିକା ବିଜୟ ଟିକା ପିନ୍ଧାଇସାରିଛୁ। ୧୭୯୨ ମସିହାରୁ ମାରୀ କ୍ରାଫ୍ଟଙ୍କ ପୁସ୍ତକ 'ଏ ଭିଣ୍ଡିକେଶନ ଅଫ୍ ଦ ରାଇଟ୍ସ ଅଫ୍ ଓମେନ'କୁ ନାରୀ ସ୍ୱରର ଆଦ୍ୟ ଝଙ୍କାର ହିସାବରେ ଗ୍ରହଣ କରିସାରିଛୁ। କିନ୍ତୁ ମୋର ଅନ୍ତର୍ଦୃଷ୍ଟିରେ ତତ୍କାଳୀନ ପୁରୁଷକୈନ୍ଦ୍ରିକ ଇଂରେଜୀ ସମାଜରେ ଓ ମୋର ଭାବନା ପଥରେ ଯେଉଁ ନାରୀ ଚରିତ୍ରଟି ପଥାରୂଢ଼ ହୋଇ ଠିଆ ହୁଅନ୍ତି ସେ ହେଉଛନ୍ତି ଆନି ଏଲିଅଟ୍, ଜାନେ ଅଷ୍ଟିନ ମହୀୟସୀଙ୍କ ୧୮୧୭ ମସିହାର ଶେଷ ଉପନ୍ୟାସ 'ପର୍ଶୁଏସନ' ମାଧ୍ୟମରେ। ପୁରୁଷ କହିଲେ, କ୍ଷମତାର ଧ୍ରୁବୀକରଣ ଆଉ ମହିଳା କହିଲେ, ଚାରିକାନ୍ଥ ଆବଦ୍ଧ ବେସାହାରା ଦରିଦ୍ର ମାନସିକତାଟିଏ। ଜାନେ ଅଷ୍ଟିନ୍ ପୁଣି ଆନିଙ୍କ ମାଧ୍ୟମରେ ସୂଚାଇଦେଲେ, ଯଦି ତାଙ୍କୁ କେହି ଜଣଙ୍କ ସ୍ୱରଟିଏ ଦିଆଯାଆନ୍ତା ତେବେ ସେ ପୁରୁଷର ନାରୀଟିଏ ପ୍ରତି ରହିଥିବା ମାନସିକତାରେ ପରିବର୍ତ୍ତନ କରିପାରନ୍ତେ। ଯେଉଁ ସମୟରେ ଏ କଥାଟି ଲେଖିଲେ ସେହି ସମୟରେ ନାରୀକୁ ଚର୍ଚ୍ଚର ଅନୁମତି ପତ୍ରର ଆବଶ୍ୟକତା ଥିଲା। ଏ କଥାଟି ଛୋଟିଆ ହୋଇପାରେ ହେଲେ କୌଣସି ସ୍ୱାଧୀନତା ସଂଗ୍ରାମର ନିର୍ଣ୍ଣାୟକ ସ୍ୱର ଠାରୁ କମ୍ ନ ଥିଲା।

ଆମେରିକୀୟ ମହିଳା ସ୍ୱର ଉତ୍‌ଥାପିକାଙ୍କ ମଧ୍ୟରେ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସରେ ରୁଚି ରଖୁଥିବା ଊନବିଂଶ ଶତାବ୍ଦୀର ଲେଖିକା ଲୁସିଆନାର କେଟ୍ ଚୋପିନ ଲେଖାର ଗାମ୍ଭୀର୍ଯ୍ୟତା ପାଇଁ ସମସାମୟିକ ସମାଜରେ ସମାଲୋଚିତ ହୋଇଛନ୍ତି। ଅବିଗେଲ ଆଦାମ୍‌ସ, ଚାର୍‌ଲୋଟ୍ ପର୍କିନ୍‌ସ ଓ ଆଲିସ ୱାକର ପ୍ରମୁଖ ଫେମିନିଷ୍ଟ ବାର୍ତ୍ତାବହମାନେ ସମାନ ଅଧିକାର, ଆର୍ଥିକ ସ୍ୱାଧୀନତା ଓ ଶୋଷଣ ଏବଂ ପୁରୁଷ ଯୌନ ପିପାସା ନିକଟରେ ନାରୀ ଏକ ଅବଦମିତ ଚରିତ୍ରକୁ ନିନ୍ଦା କରିଛନ୍ତି। ଉର୍ଦ୍ଦୁ ଭାଷାରେ ଇସ୍‌ମତ ଚୁଘତାଇଙ୍କ 'ଲିହାଫ', ବୁଢ଼ା ନବାବ ସାହେବଙ୍କ ବୈବାହିକ ବନ୍ଦୀଶାଳାରେ ବେଗମ ଜାନଙ୍କ ଆଦ୍ୟ ଯୌବନ ଲୁଣ୍ଠିତ ହେବାକୁ ରକ୍ଷଣଶୀଳ ସମାଜରେ ଚୁଘତାଇଙ୍କ ଖଣ୍ଡା ଖେଳ କହିପାରିବା। ଝିଅ, ପଣ୍ୟଦ୍ରବ୍ୟ ନୁହେଁ। ଜାତିଭେଦରୁ ଜାତ 'ରୁଦାଲୀ' ମାନେ ଉଚ୍ଚବଂଶଜଙ୍କ ମୃତ୍ୟୁରେ କାନ୍ଦିବା ପାଇଁ ଭଡ଼ାରେ ଆସିବା ଏକ ଭଡ଼ାଟିଆ ସଂସ୍କୃତି କହି




ଘୃଣ୍ୟ ପ୍ରଥାଚାର ଉପରେ ଭାରି ପଡ଼ିଲେ ମହାଶ୍ୱେତା ଦେବୀ। ମଧ୍ୟ ଭାରତରୁ ରାଜତନ୍ତ୍ରର ସମାପ୍ତି ହୋଇଛି ହେଲେ 'ରଇ' ନାଚରେ ସାମିଲ ହେଉଥିବା ବେଡ଼ିଆ ଜାତିର ଝିଅ ମହିଳାଙ୍କ ପାଦରୁ ବେଡ଼ି କାଢ଼ିବାକୁ ସଚେତନତାର ବାର୍ତ୍ତା ଆଜିଯାଏ ପହଞ୍ଚି ପାରୁନି ତାଙ୍କ ନିକଟରେ। ବାର୍ ହୋଟେଲରେ ନାଚବାଲୀ ଜୀବନର ପରମ୍ପରା ଊର୍ଦ୍ଧ୍ୱରେ ଶିକ୍ଷା ସମ୍ମାନ ଭଳି ମୌଳିକ ଆବଶ୍ୟକତା ଥିବା କଥାଟି ପହଞ୍ଚିପାରନ୍ତା ଯଦି ଅଗ୍ରଦୂତ ହୁଅନ୍ତେ ଲେଖିକାମାନେ।

ଉଭୟ ମାଲୟାଲମ ଆଉ ଇଂରାଜୀରେ ଗଦ୍ୟ ଆଉ ପଦ୍ୟ ଧାରାର ସଂରଚନା କଲେ କମଳା ଦାସ ; ଲେଖିଲେ - ମହିଳାଟିଏ ଭାଙ୍ଗିଦେଇପାରିବ ପାରିବାରିକ ବୋଝ ଓ ଯୌନାଚାରର ବେଡ଼ି। ପଛରେ ପଡ଼ିନାହାନ୍ତି ଓଡ଼ିଆ କଥା କାରିଗର ବୀଣା ମହାନ୍ତି, 'ପାଟଦେଈ'ରେ ଶାଶୁଘରୁ ବିତାଡ଼ିତ ପାଟ ଚରିତ୍ରକୁ ବଞ୍ଚିବା ଶିଖାଇଛନ୍ତି ବାପଘରେ, ସାମାଜିକ ଟାହିଟାପରା ମଧ୍ୟରେ। ତୁରନ୍ତ ପୋଲିସ ସହାୟତା ପାଇଁ ଜାତୀୟ ଜରୁରୀ ନମ୍ବର-୧୧୨, ଦେୟମୁକ୍ତ ଓମେନ୍ସ ହେଲ୍ପଲାଇନ-୧୮୧, ସରକାରୀ ଆବାସସ୍ଥଳୀ 'ସ୍ୱାଧାର ଗୃହ' ଭଳି ବ୍ୟବସ୍ଥା ମହିଳାଟିକୁ ଭିତରୁ ସଶକ୍ତ କରିପାରୁନି ଆମ ଜଳବାୟୁରେ, ପାଟଦେଈଙ୍କ ସଂଖ୍ୟା ବଢୁଛି। ମାନବିକତା ଶୃଙ୍ଖଳିତ ନ ହେବା ଯାଏ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ପୁରୁଷର ନଟରାଜ କାମନା, ଅବଳା ଭାବନା କି ରଙ୍ଗଭେଦର ଘୃଣା ଭାବନାକୁ ଶେଷ କରିବା ଅସମ୍ଭବ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜଣେ ସଚେତନ ଅନୁରାଗୀ ତଥା ସ୍ପଷ୍ଟବାଦୀ ଜାନେ ଇଅର(୧୮୪୭) ଚରିତ୍ର ଚାର୍‌ଲୋଟ୍ ବ୍ରଣ୍ଟିଙ୍କୁ ବିଶ୍ୱର ପ୍ରଥମ ମହିଳା ଫେମିନିଷ୍ଟ ଗୌରବ ଆଣିଦେଲା। ବିଂଶଶତାବ୍ଦୀ ପ୍ରାରମ୍ଭରେ ଓଡ଼ିଆ ଭାଷାରେ 'କାଳିବୋହୂ' ଉପନ୍ୟାସ ଡାକ୍ତର କୁନ୍ତଳା କୁମାରୀ ସାବତଙ୍କୁ ମହିଳାଙ୍କ ପାଇଁ ମହିଳା ସ୍ୱରର ଆଦ୍ୟ ବାର୍ତ୍ତାବହଙ୍କ ମଧ୍ୟରେ ଜଣେ ବୋଲି ଚିହ୍ନିତ କଲା। ଉଭୟ ବ୍ରଣ୍ଟି ଆଉ ସାବତଙ୍କ ଜୀବଦ୍ଦଶା ମାତ୍ର ୩୮ ବର୍ଷରେ ସୀମିତ ହେଲେ ଜଣେ ଚଉକାନ୍ଥର ଆବଦ୍ଧ ଭାଙ୍ଗି ମହିଳାଙ୍କୁ ବାହାରକୁ ନେବାକୁ ଯେମିତି ପ୍ରତିବଦ୍ଧ ଅନ୍ୟ ଜଣେ ପରଦା ଚିରି ଘୃଣ୍ୟ ପ୍ରଥାରୁ ମୁକ୍ତିର ସନ୍ଦେଶ ପାଇଁ ଜନ୍ମ ଯେମିତି। ଗତ ସେପ୍ଟେମ୍ବରରେ ଉଦୟପୁର ବଲ୍ଲଭନଗର ପୋଲିସ ଥାନା ଅଧୀନ କାଳିବୋହୂ ଲକ୍ଷ୍ମୀର ସ୍ୱାମୀ କିଶନ ତାକୁ ନିଆଁରେ ଜଳେଇବା ଥିଲା ଛାତିଥରା। ଗୋରା ହେବାପାଇଁ ବଜାରରୁ କୌଣସି ଗୋଟେ ପ୍ରସାଧାନ ଆଣି ଲକ୍ଷ୍ମୀର ଦେହରେ ମାଲିସକରି ଧୂପ ନିଆଁର ସେଙ୍କ ଲଗେଇଥିଲା କିଶନ। ପ୍ରଥମରୁ ଏସିଡ୍ ଗନ୍ଧ ହେବାରୁ ଲକ୍ଷ୍ମୀ ବିରୋଧ କରିଥିଲେ ବି ଶୁଣିବାକୁ କେହି ନ ଥିଲେ। କାଳୀ ମା' ତାରନ୍ତି, ଆମେ କାଳି ବୋହୂକୁ ମାରନ୍ତି। କୁନ୍ତଳା କୁମାରୀମାନେ ଏ ଦିଗରେ ସଚେତ ମନ ହୋଇ କଲମକୁ ଗତିଶୀଳ କରାଇବା ଜରୁରୀ ହୋଇପଡ଼ିଛି।

ଆବେଗ ଭରା ନାରୀ ଜୀବନରୁ ମୁକ୍ତି, ସଂଗୃହୀତ ପ୍ରବନ୍ଧ 'ସେନ୍‌ସିବଲ ସେନ୍‌ସୁଆଲିଟି' ଜରିଆରେ ଇଂରାଜୀରେ, ସମ୍ପାଦିକା ତଥା ଲେଖିକା ସରୋଜିନୀ ସାହୁ ସ୍ୱୀକାରକଲେ ଯେ ଫେମିନିଜମ୍ କହିଲେ ପୁରୁଷ ବିରୋଧରେ ଜୟଯାତ୍ରା ନୁହେଁ ବରଂ ପୁରୁଷ ସହ ସମକକ୍ଷ ଜୀବନଯାତ୍ରା, ଉନ୍ମୁକ୍ତ ଯୌନ ନିରପେକ୍ଷତା। ସୁନୀତା ଉଇଲିଅମ୍ସ କେବେ ମହାକାଶକୁ କେବେ ସମୁଦ୍ରକୁ ଲମ୍ଫମାରି ଦେଖାଇଦେଲେ ଯେ ନାରୀର ସମକକ୍ଷ ଜୀବନ ବଞ୍ଚିବା ପୁରୁଷର ଜୟଯାତ୍ରାରେ ବାଧକ ନୁହେଁ ବରଂ ସାମାଜିକ ଉତ୍‌ଥାନରେ ସହାୟକ।

ଭାରତୀୟ-ଆମେରିକୀୟ ଝୁମ୍ପା ଲାହିରି ଇଟାଲୀ ଭାଷାରେ ଚିତ୍ରଣକଲେ ଗୌରୀ ଚରିତ୍ରକୁ। 'ଇନ୍ ଅଦର ୱାର୍ଡସ'ରେ ଆଖି ସାମ୍ନାରେ ସ୍ୱାମୀ ଉଦୟନର ହତ୍ୟା ପରେ ଗୌରୀକୁ ସାହସର ସହ ସାମାଜିକ ଦାୟିତ୍ୱ ଉଠାଇବାକୁ ଶକ୍ତି ଦେଲେ। ବୁକର ପୁରସ୍କାର ବିଜୟିନୀ ଅରୁନ୍ଧତୀ ରାୟ ସୋଫି ମଲ ଚରିତ୍ର ଜରିଆରେ 'ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ'କୁ ସଜାଇଲେ ନାରୀ ଅଧିକାର ପୁସ୍ତିକା। ଅବିବାହିତା ତାମିଲ ବ୍ରାହ୍ମଣୀ ଅଖିଳା ଚରିତ୍ର ଜରିଆରେ କେରଳୀ ଲେଖିକା ଅନିତା ନାୟାର 'ଲେ କୁପ' ସୃଷ୍ଟି କଲେ। ପାରିବାରିକ ବୋଝରେ ଭାରାକ୍ରାନ୍ତ ହେବା ଅପେକ୍ଷା ଜଣେ ମହିଳାର ଅନୁଭୂତିକୁ ସମ୍ମାନ ମିଳିବା ଉଚିତ। ଶୋଭା ଦେଙ୍କ ଲେଖାରେ ପ୍ରକାଶିତ ହେଲା ମହିଳାଙ୍କ ବୈବାହିକ ଜୀବନର ସତ୍ୟତା। 'ଦି ଥାଉଜାଣ୍ଡ ଫେସେସ୍ ଅଫ୍ ନାଇଟ' ବା ରାତିର ହଜାରେ ମୁହଁ, ଗିଥା ହରିହରନ ଇଂରାଜୀରେ ବୁଝେଇଦେଲେ ପୁରାତନ ଓ ଆଧୁନିକ ସ୍ପର୍ଶରେ ବଦଳୁଥିବା ନାରୀ ଜୀବନ। ଏମାନେ ସମସ୍ତେ ଏକ ନିଆରା ସ୍ୱର ସମର୍ପଣ କରିଛନ୍ତି, ନାରୀକୁ ଶକ୍ତିମାନ-ଗତିମାନ କରିବା ପାଇଁ।

ସିଦ୍ଧାନ୍ତରେ ଏହା ସ୍ପଷ୍ଟ କରାଯାଇପାରେ ଯେ ନାରୀ ପାଇଁ ଅବିନଶ୍ୱର ସ୍ୱର ନାରୀ ହିଁ ନିଖୁଣ ଭାବେ ଗାଇପାରେ। ସନ୍ଥପୁରୁଷ ସେହି ଯୁଗାବ୍ଦ ଯୋଦ୍ଧା ଭୀମ ଭୋଇଙ୍କ କରକମଳ ନିଃସୃତ ପବିତ୍ର ଶବ୍ଦ ଏଠାରେ ପ୍ରଯୁଜ୍ୟ-'ଯେସନେକ ଜଳ ପବନର ଭେଦ ନାହିଁ, ପୁରୁଷ ଯେଠିକି ଯିବ ନାରୀ ଯିବ ତହିଁ' ନାରୀ, ପୁରୁଷ ସହ ସମରଥା ହେଉ, ଦୁର୍ଜୟୀ-ଦିଗ୍‌ବିଜୟୀ ହେଉ, ନାରୀ କାଳଜୟୀ ହେଉ। ନାରୀ ପୁରୁଷ ପାଇଁ ସମ୍ଭାବନାର ଜୟଯାତ୍ରା ହେଉ, ତା'ର ଭାବନା, ଚେତନା ପୁରୁଷକୁ ସମଦର୍ଶୀ-ପ୍ରିୟଦର୍ଶୀ-ଦୂରଦର୍ଶୀ କରୁ।

**ଡାକବଙ୍ଗଳାଛକ, ପୁରୁଣାଭୁବନେଶ୍ୱର**
**ମୋ : ୮୨୪୯୮୨୭୧୪୮**

# ଆମେରିକାର ଭେନେଜୁଏଲା ଆକ୍ରମଣ



ଡ. ବିମଳ ଷଡ଼ଙ୍ଗୀ

ଆମେରିକା ୩ ଜାନୁଆରୀ ୨୦୨୬ରେ ଭେନେଜୁଏଲା ଉପରେ ସଂଘଟିତ ଆକ୍ରମଣ କରିଛି। ସ୍ଥାନୀୟ ସମୟ ଅନୁସାରେ ମଧ୍ୟରାତ୍ରି ପ୍ରାୟ ୨ଘଟିକା ସମୟରେ ଭେନେଜୁଏଲାର ରାଜଧାନୀ କାରାକାସ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସେନା ଅଧିକୃତ, ବନ୍ଦର, ସଞ୍ଚାର ଓ ଯୋଗାଯୋଗ ଆଦି ଅନୁଷ୍ଠାନ ଉପରେ ଆମେରିକା ସେନାର ଡ୍ରୋନ୍ ଦ୍ୱାରା ଆକ୍ରମଣ ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦାର ବିଷୟ। ତା' ସହ ଅନ୍ୟାନ୍ୟ ସ୍ଥାନରେ ଆମେରିକାର ଏକାଧିକ ବିସ୍ଫୋରଣ ଦ୍ୱାରା ଭେନେଜୁଏଲାର ବ୍ୟାପକ କ୍ଷତି ଘଟିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ଓ ଘୋଷଣା ଅନୁସାରେ ତାଙ୍କ ସେନା ଭେନେଜୁଏଲାର ରାଷ୍ଟ୍ରପତି ନିକୋଲସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଧରି ନେଇଛନ୍ତି ଓ ତାଙ୍କୁ ଭେନେଜୁଏଲାରୁ ବାହାର ଦେଶକୁ ନେଇଯାଇ ଏକ ଅଜ୍ଞାତ ସ୍ଥାନରେ ବନ୍ଦୀ କରିଛନ୍ତି ଯାହା କୌଣସି ରାଷ୍ଟ୍ର ଉପରେ ଅନ୍ୟାୟ ଆକ୍ରମଣ ରୂପେ ଧରାଯାଏ। ଏହି ଆକ୍ରମଣ ଯୋଗୁ ଅନ୍ତର୍ଜାତୀୟ ଆଇନ ଓ ସାର୍ବଭୌମ ଭଳି ବିଷୟରେ ବିବାଦ ସୃଷ୍ଟି ହୋଇଛି। ପୃଥିବୀର ଅନେକ ଦେଶ ଏହି ଘଟଣାକୁ ଗମ୍ଭୀର ଭାବେ ଦେଖୁଛନ୍ତି। କିଛି ଆମେରିକା ଗୋଡ଼ାଣିଆ ଦେଶ ଏହି ଆକ୍ରମଣକୁ ଅନୁମୋଦନ କରୁଥିବା ସ୍ଥଳେ ବହୁ ଦେଶ ଏହାକୁ ଆଇନ ଓ ସୁରକ୍ଷା ଉଲ୍ଲଂଘନ ବୋଲି ବିବେଚନାକରି ତୀବ୍ର ନିନ୍ଦା କରିଛନ୍ତି। ରୁଷିଆ ଏବଂ ଚାଇନା ଏହାକୁ ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନ ଏବଂ ଆକ୍ରମଣ ବୋଲି ବିବେଚନା କରିଛନ୍ତି। ମେକ୍ସିକୋ ଓ ବ୍ରାଜିଲ ଏହାକୁ ଗମ୍ଭୀରତାର ସହ ନେଇ ମଧ୍ୟସ୍ଥ ପ୍ରସ୍ତାବ ଦେଇଛନ୍ତି।

ଭେନେଜୁଏଲା ସରକାର ଏହି ଆକ୍ରମଣକୁ ଦେଶର ସାର୍ବଭୌମତ୍ୱ ଉପରେ ଆମେରିକାର ଆକ୍ରମଣ ବୋଲି ବର୍ଣ୍ଣନା କରବା ସହ ଏହାକୁ ଜାତୀୟ ସଙ୍କଟ ଭାବରେ ଘୋଷଣା କରିଛନ୍ତି। ଦେଖିବାକୁ ଗଲେ ଆମେରିକାର ଏହି ଆକ୍ରମଣ ପଛରେ ଅନେକ କାରଣ ରହିଛି। ଆମେରିକା ନିଜର ଆର୍ଥିକ ଲକ୍ଷ୍ୟରେ ଭେନେଜୁଏଲା ଉପରେ ଆକ୍ରମଣ କରିଥିବା କୁହାଯାଉଛି। କାରଣ ଭେନେଜୁଏଲା ଏକ ଲମ୍ବା ସମୟ ଧରି ରୁଷିଆ,ଚାଇନା,ଇରାନ ଆଦି ଦେଶ ସହ ସୁସମ୍ପର୍କ ରଖିବା ସହିତ କ୍ୟୁବା ଭଳି ସୋସିଆଲିଜମ୍ ନୀତି ଅନୁସରଣ କରିଆସିଛି, ଯାହା ଆମେରିକାର ରାଜନୈତିକ ନୀତି ସହ ମେଳଖାଇ ନ ଥାଏ। ଆମେରିକାର ଦାବି ଅନୁସାରେ, ମାଦୁରୋ ଏବଂ ତାଙ୍କ ସ୍ତ୍ରୀ ଉଭୟଙ୍କୁ 'ନାର୍କୋ ଟେରୋରିଜମ୍'ଓ ଅନ୍ୟାନ୍ୟ ଅଭିଯୋଗ ଆଧାରରେ ବନ୍ଦୀ ରଖାଯାଇଛି ଏବଂ ଭେନେଜୁଏଲାରେ ସେହି ଦୃଷ୍ଟିରୁ ଆକ୍ରମଣ କରାଯାଇ ସେମାନଙ୍କୁ ଦେଶରୁ ବାହାରକୁ ନିଆଯାଇଛି, ଯାହା ଅତ୍ୟନ୍ତ ଭିତ୍ତିହୀନ। ମାତ୍ର ଲୁକ୍କାୟିତ ଏହାର ଅନ୍ୟତମ ମୁଖ୍ୟ କାରଣ ଭେନେଜୁଏଲା ବିଶ୍ୱର ସବୁଠାରୁ ଅଧିକ ତେଲ ଗଚ୍ଛିତ ଥିବା ଦେଶଗୁଡ଼ିକ ମଧ୍ୟରୁ ଗୋଟିଏ ଦେଶ ଭାବରେ ଗଣାଯାଏ। ଆରବ ଓ ଆମେରିକାର ତୈଳ ରିଜର୍ଭଠାରୁ ମଧ୍ୟ ଅଧିକ। ମାତ୍ର ନିଜର ଅଧିକ ଗାଢ଼ ଅଶୋଧିତ ପ୍ରାକୃତିକ ତୈଳକୁ ଶୋଧନ କରିବା



ପାଇଁ ଆବଶ୍ୟକ ବୈଷୟିକ ଜ୍ଞାନର ଅଭାବ ଯୋଗୁ ଆଜି ଭେନେଜୁଏଲା ଗରିବୀ ସହ ସଂଗ୍ରାମ କରୁଛି। ଏହି ଅଶୋଧିତ ତୈଳକୁ ଆୟତ୍ତ କରିବା ପାଇଁ ଆମେରିକାର ଲୋଭ ରହିଛି। ଏହାସହ ନିଜର ଆର୍ଥିକ ବିକାଶ ଓ ଶକ୍ତି ସୁରକ୍ଷା ଏ ଆକ୍ରମଣ ପଛରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନକରେ। ପ୍ରକାଶ ଥାଉ କି ଅତୀତରେ ଇରାକ ,ଲେବାନନ୍ ,ତୁର୍କୀ,ଆଫଗାନିସ୍ତାନ ଆଦି ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପକରି ଆମେରିକା କେବଳ ତୈଳ ପାଇଁ ସେ ଦେଶଗୁଡ଼ିକୁ ନଷ୍ଟ କରିଛି। ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଭାରତ ବିରୋଧୀ କାର୍ଯ୍ୟକଳାପ ବୃଦ୍ଧିକରାଇ ଅସ୍ଥିରତା ସୃଷ୍ଟି କରିଚାଲିଛି। ନିକଟରେ ବାଂଲାଦେଶରେ ସେଖ୍ ହାସିନା ସରକାରର ପତନ ଓ ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ଆମେରିକାର ପ୍ରଚ୍ଛନ୍ନ ହାତ ରହିଥିବା କୁହାଯାଉଛି। ନିଜର ଆର୍ଥିକ ବଳ ଓ ପ୍ରତିରକ୍ଷା ସାମଗ୍ରୀ,ତୈଳ ଆଦି ଅନ୍ୟାନ୍ୟ ଦ୍ରବ୍ୟ ବିକ୍ରୟ ସହ ସାରା ବିଶ୍ୱକୁ ନିଜ ଆଜ୍ଞାଧୀନ କରିବାକୁ ଆମେରିକାର ପ୍ରୟାସ ଜାରି ରହିଛି ଯାହା ଟ୍ରମ୍ପଙ୍କ ଶାସନ କାଳରେ ଅଧିକ ସ୍ପଷ୍ଟ ହୋଇଛି। ପ୍ରକାଶ ଥାଉକି ଦକ୍ଷିଣ ଆମେରିକା ମହାଦେଶର ଉତ୍ତର ଅଞ୍ଚଳରେ କାରିବିଆନ ସାଗର କୂଳରେ ଅବସ୍ଥିତ ଏହି ସ୍ୱାଧୀନ ରାଷ୍ଟ୍ର ଭେନେଜୁଏଲା। ଏହାର ପୂର୍ବରେ ଗୁଏନା, ପଶ୍ଚିମରେ କଲମ୍ବିଆ,ଦକ୍ଷିଣରେ ବ୍ରାଜିଲ ଓ ଉତ୍ତରରେ କାରିବିଆନ ସାଗର ରହିଛି। ନିଜର ବିପୁଳ ତୈଳ ଭଣ୍ଡାର, ଆଣ୍ଡିଜ୍ ପର୍ବତମାଳାର ଅଂଶ ଓ ଓରିନୋକୋ ନଦୀ ପାଇଁ ଏହା ସୁପ୍ରସିଦ୍ଧ। ମୁଖ୍ୟତଃ ୟୁରୋପୀୟ, ସ୍ପାନିଶ୍, ଇଟାଲିଆନ,ଆଫ୍ରିକୀୟଙ୍କ ସହିତ କିଛି ମୂଳ ଅଧିବାସୀ ଭେନେଜୁଏଲାରେ ବସବାସ କରନ୍ତି, ଯେଉଁ ବିଭିନ୍ନତା ଭେନେଜୁଏଲାକୁ ସାଂସ୍କୃତିକ ଭାବେ ଋଦ୍ଧିମନ୍ତ କରିଛି। ଭେନେଜୁଏଲାର ଲୋକମାନେ ଅତିଥି ପ୍ରିୟ। ସମସ୍ୟା ସତ୍ତ୍ୱେ ସେମାନେ ସଙ୍ଗୀତ, ନୃତ୍ୟ ଓ ଉତ୍ସବକୁ ଛାଡ଼ି ଦେଇନାହାନ୍ତି। ଭେନେଜୁଏଲାର ଲୋକମାନେ ନୃତ୍ୟ, ଫୁଟ୍‌ବଲ ଓ ବେସ୍‌ବଲକୁ ଆଦର କରନ୍ତି। ସଂସ୍କୃତି ସେମାନଙ୍କ ଜୀବନରେ ମନୋବଳ ରକ୍ଷାର ଉପାୟ। ଗତ ୨ ଦଶକ ଧରି ମୁଦ୍ରାସ୍ଫୀତି, ଚାକିରି ଅଭାବ,ଖାଦ୍ୟ ଓ ଔଷଧ ସଙ୍କଟ ସତ୍ତ୍ୱେ ଭେନେଜୁଏଲାର ଲୋକମାନେ ପରସ୍ପରକୁ ସହାୟତା କରୁଛନ୍ତି। ଅନେକେ ଦେଶ ଛାଡ଼ି ଯାଇଥିଲେ ମଧ୍ୟ ଦେଶକୁ ଭୁଲିନାହାନ୍ତି, ଯାହା ସେମାନଙ୍କ ମାନବୀୟ ଶକ୍ତିର ପ୍ରମାଣ।

ଗୁରୁତ୍ୱପୂର୍ଣ୍ଣ କଥା ଭେନେଜୁଏଲାର ସାଧାରଣ ଲୋକ ଯୁଦ୍ଧ ଚାହାନ୍ତି ନାହିଁ। ସେମାନେ ଶାନ୍ତି, ସ୍ଥିରତା ଓ ସାଧାରଣ ଜୀବନ ବିତାଇବାକୁ ପସନ୍ଦ କରନ୍ତି। ମାତ୍ର ଆମେରିକା ଦ୍ୱାରା ଆକ୍ରମଣ, ଅବରୋଧ ଓ ହସ୍ତକ୍ଷେପରେ ସର୍ବାଧିକ କଷ୍ଟ ସେମାନେ ଭୋଗୁଛନ୍ତି। ସମସ୍ତ କଷ୍ଟ ସତ୍ତ୍ୱେ ଭେନେଜୁଏଲାର ଲୋକମାନେ ଏକ ନୂତନ ଭବିଷ୍ୟତର ଆଶା ଛାଡ଼ିନାହାନ୍ତି। ଶିକ୍ଷା, କାର୍ଯ୍ୟ ଓ ଶାନ୍ତିର ସ୍ୱପ୍ନ ଦେଖୁଛନ୍ତି, ସେମାନେ ସଂଘର୍ଷରେ ବଞ୍ଚି ରହିଥିବା ସାଧାରଣ ମଣିଷ। ସମସ୍ୟା ସତ୍ତ୍ୱେ ମଧ୍ୟ ସେମାନେ ମାନବୀୟତା, ସଂସ୍କୃତି ଓ ଆଶାକୁ ଜୀବନ୍ତ ରଖିଛନ୍ତି। ଆମେରିକା ଦ୍ୱାରା ଏପରି ଏକ ସଂସ୍କୃତି ଓ ସଭ୍ୟତାକୁ ନଷ୍ଟ କରିବାର ମସୁଧା ଅତ୍ୟନ୍ତ ନିନ୍ଦନୀୟ ଓ କ୍ଷୋଭର ବିଷୟ।

**ମୋ: ୯୪୩୭୧୨୩୮୯୨**

## ଏଇ ଭାରତରେ

ଅଧିକ ଅମଳକ୍ଷମ ଧାନଚାଷ ଆରମ୍ଭ ହେବା ପରଠାରୁ ସମୟକ୍ରମେ ଦେଶୀ ତଥା ପାରମ୍ପରିକ ବିହନ ଲୋପ ପାଇବାରେ ଲାଗିଛି। ତେବେ ସାମ୍ବାଦିକ ଏମ୍.ଜେ. ପ୍ରଭୁ ଦେଶୀଧାନ ଚାଷ କରିବା ସକାଶେ ତାମିଲନାଡୁ ଛେଙ୍ଗାଲପାଟୁ ଜିଲାର ପ୍ରାୟ ୩୦ଟି ଗାଁର ୮୦୦ କୃଷକଙ୍କୁ ସାହାଯ୍ୟ କରୁଛନ୍ତି। ସେ ହିନ୍ଦୁ ଖବରକାଗଜରେ କୃଷି ସମ୍ପର୍କିତ ଖବର ସଂଗ୍ରହ ଦାୟିତ୍ୱରେ ଥିବା ସମୟରେ ଭାରତର କଶ୍ମୀରଠାରୁ କନ୍ୟାକୁମାରୀ ଯାଏ ବୁଲିବା ବେଳେ କୃଷକଙ୍କ ସମସ୍ୟା ଅନୁଭବ କରିଥିଲେ। ଏହି କ୍ରମରେ ସେ ବୁଡ଼ିଯାଉଥିବା ଦେଶୀଧାନ ସମ୍ପର୍କରେ ବିଶେଷ ତଥ୍ୟ ପାଇପାରିଥିଲେ। ଦେଶୀଧାନ ବିଲୁପ୍ତ ହେବା ଲକ୍ଷ୍ୟକରି ସେ ୨୦୧୫ରେ ସାମ୍ବାଦିକତା ଛାଡ଼ି ତାଙ୍କ ଗାଁ ମୋରାପ୍ପାକ୍କମକୁ ଫେରି ଚାଷ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଭୁ ଗ୍ରୀନ୍ କଜ୍ ଫାଉଣ୍ଡେଶନ ଗଠନ କରି ସେବେଠାରୁ ଦୁଇ ଦଶନ୍ଧି ହେଲା କୃଷକଙ୍କୁ ୧୩ଟି କିସମର ଦେଶୀଧାନ ଚାଷରେ ସହଯୋଗ କରିଆସୁଛନ୍ତି। ଗ୍ରୀନ୍ କଜ୍ ଫାଉଣ୍ଡେଶନ ସହଯୋଗରେ ଛେଙ୍ଗାଲପାଟୁ ଜିଲାର ବିଭିନ୍ନ ସ୍ଥାନରେ ଗୋଷ୍ଠିଭିତ୍ତିକ ସିଡ୍ ବ୍ୟାଙ୍କ ଖୋଲାଯାଇଛି। ଗୋଟିଏ ସିଡ୍ ବ୍ୟାଙ୍କ ପାଖାପାଖି ୬ରୁ ୭ଟି ଗାଁର ୧୮୦ରୁ ୨୧୦ କୃଷକଙ୍କୁ ୧୩ କିସମର ଦେଶୀ ଧାନବିହନ ଯୋଗାଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୭ ଜାନୁଆରୀ ୧୯୭୬

- ଜାତିସଂଘର ପୂର୍ବତନ ପାର୍ଲାମେଣ୍ଟ ସଭ୍ୟ କେ. ଏଲ୍. ଗୁପ୍ତାଙ୍କୁ ନିଃସର୍ତ୍ତ ଭାବେ ଅଟକ ବନ୍ଦୀତ୍ୱରୁ ଖଲାସ କରିଦିଆଯାଇଛି।
- ତ୍ରିପୁରାର ପାର୍ବତ୍ୟ ଅଞ୍ଚଳରେ ତୈଳ କର୍ପୋରେଶନ ପକ୍ଷରୁ ଖନନ କରାଯାଇଥିବା ଏକ କୂପରୁ ବାଷ୍ପ ବାହାରିବାରୁ ତୈଳ ରହିଥିବା ସୂଚନା ମିଳିଛି।

## ଚିରନ୍ତନୀ

ଆଖିମୟ ଦେହ ମମ
ଲାଗେ ମଧୁଲୀଟ ସମ
ସୁଷମାର ମଧୁପାନେ ରମଇଁ
ଅସ୍ଥିର ପାଦ ନାହିଁ ଗମଇ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | 6 | |
| 7 | 8 | 3 | | | | | | |
| | 2 | | | | | | | |
| | | | 4 | | 5 | 6 | | |
| | | | | | 9 | | | |
| | 4 | 1 | 8 | | | | 5 | |
| | | 2 | | | 6 | | 1 | 9 |
| | 1 | | | 4 | | | | 8 |
| | 5 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 7 | 8 | 2 | 3 | 9 | 4 |
| 8 | 2 | 4 | 3 | 9 | 1 | 5 | 6 | 7 |
| 9 | 3 | 7 | 5 | 6 | 4 | 2 | 1 | 8 |
| 6 | 8 | 5 | 2 | 3 | 7 | 9 | 4 | 1 |
| 4 | 1 | 3 | 9 | 5 | 8 | 6 | 7 | 2 |
| 7 | 9 | 2 | 1 | 4 | 6 | 8 | 3 | 5 |
| 5 | 6 | 8 | 4 | 1 | 3 | 7 | 2 | 9 |
| 3 | 7 | 1 | 8 | 2 | 9 | 4 | 5 | 6 |
| 2 | 4 | 9 | 6 | 7 | 5 | 1 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ଆମିଷ ବଜାର ଅବହେଳିତ

ମହାଶୟ,

ନିକଟ ଅତୀତରେ ପୁରୀ ଆମିଷ ବଜାରର ଆଧୁନିକୀକରଣ କରାଯାଇଥିଲା । ଏଥିପାଇଁ ସରକାରୀ ରାଜକୋଷରୁ ବହୁ ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଇଥିଲା । କିନ୍ତୁ ଉକ୍ତ ଆମିଷ ବଜାର ଆଜି ଅବହେଳିତ । ଏହା ଦୂଷିତ ତଥା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି । ଏଭଳି ପରିବେଶରେ ବ୍ୟବସାୟୀମାନେ ସର୍ବଦା ଆମିଷ ବିକ୍ରି କରୁଛନ୍ତି । ଏହାସହ ପ୍ରତିଦିନ ଆମିଷ ପାଇଁ ଆସୁଥିବା ପୁରୀ ସହରବାସୀ ଏଭଳି ଅସ୍ୱାସ୍ଥ୍ୟକର ବାତାବରଣ ମଧ୍ୟରେ ଚଳପ୍ରଚଳ ହେବା ପାଇଁ ବାଧ୍ୟ ହେଉଛନ୍ତି । ଆମିଷ ବଜାର ପରିପାର୍ଶ୍ୱରେ ଏବେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦାହୋଇ ପଡ଼ିରହୁଛି ଏବଂ ଦୁର୍ଗନ୍ଧ ବାହାରୁଛି । ଏହି ସମସ୍ୟା ପ୍ରତି କାହାର ବି ନିଘା ନାହିଁ । ଏଥିପ୍ରତି ପୌରସଂସ୍ଥାର ନିଦ ଭାଙ୍ଗୁନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ପୌର କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଏହି ଅଳିଆଗଦା ସବୁକୁ ତୁରନ୍ତ ଆମିଷ ବଜାର ପାର୍ଶ୍ୱରୁ ହଟାଯିବା ପାଇଁ ବ୍ୟବସ୍ଥା କରନ୍ତୁ । ଏହାର ନିରାକରଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଏବଂ ବ୍ୟବସାୟୀ ମଧ୍ୟ ସ୍ୱର ଉଠାଇବା ଆବଶ୍ୟକ ।

**-ସୌମ୍ୟରାଜ ପଟ୍ଟନାୟକ, ବଡ଼ଶଙ୍ଖ, ରେଡ୍‌କ୍ରସ୍ ରୋଡ୍, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମିଲର୍ସଙ୍କ ଆନ୍ଦୋଳନ, ଅଟକିଲା ଧାନ ସଂଗ୍ରହ

## ମଣ୍ଡିରୁ ଗଡ଼ିଲା ନାହିଁ ଧାନ ବୋଝେଇ ଗାଡ଼ି

ସମ୍ବଲପୁର,୬।୧(ପ୍ରମୋଦ ବହିଦାର)

ମିଲର୍ସଙ୍କ ଆନ୍ଦୋଳନ ଯୋଗୁ ସମ୍ବଲପୁରରେ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ ହୋଇଛି। ୭ ଦଫା ଦାବିରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର ଆନ୍ଦୋଳନ ପାଇଁ ସମଗ୍ର ରାଜ୍ୟରେ ପୁଣିଥରେ ଧାନ ସଂଗ୍ରହରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଫଳରେ ବିଗତ କିଛିଦିନ ଧରି ସମ୍ବଲପୁରରେ ସୁରୁଖୁରୁରେ ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟା ମଙ୍ଗଳବାର ବନ୍ଦ ରହିଛି। ଜିଲାରେ ସମସ୍ତ ମଣ୍ଡି ଖୋଲାଥିଲେ ମଧ୍ୟ ମିଲର୍ସଙ୍କ ଆନ୍ଦୋଳନ ସମ୍ପର୍କରେ ଖବର ପାଇଁ ଅନେକ ଚାଷୀ ମଣ୍ଡିକୁ ଧାନ ଆଣିନାହାନ୍ତି। ମାନେଶ୍ୱର ବ୍ଲକ ଅନ୍ତର୍ଗତ ତବଲା ଗ୍ରାମର ବିକ୍ରମ ବଢ଼େଇ ଓ ବାବୁଲା ବାରିକ ଟୋକନ ପାଇ ମଧ୍ୟ ମଣ୍ଡିକୁ ଧାନ ବିକ୍ରି ପାଇଁ ଆଣି ନ ଥିଲେ। ଉଭୟେ କହିଛନ୍ତି, ମିଲ୍‌ରେ ଧାନ ଉଠି ନ ପାରିଲେ ଦିନ ଦିନ ଧରି ଧାନ ବୋଝେଇ ଗାଡ଼ି ସହ ଅପେକ୍ଷା କରିବାକୁ ପଡୁଛି। ଧାନ ପରିବହନ ପାଇଁ ଗାଡ଼ି ଭଡ଼ା ଠାରୁ ହଲ୍ଟିଂ(ଅଟକି ରହିବା) ଖର୍ଚ୍ଚ ଅଧିକ ହେଉଥିବାରୁ ସେମାନେ ଧାନ ମଣ୍ଡିକୁ ଆଣି ନାହାନ୍ତି ବୋଲି କହିଥିଲେ। ଅନ୍ୟ କେତେଜଣ ମଣ୍ଡିରେ ଧାନକୁ ରଖି ଦେଇଥିବା ଦେଖିବାକୁ ମିଳିଛି। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ(ସିସିଏସ୍‌ଓ) ସୁବୋଧ ହେତା କହିଛନ୍ତି, ରାଜ୍ୟସ୍ତରରେ ମିଲର୍ସ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମାତ୍ର ଧାନ ସଂଗ୍ରହ ପ୍ରକ୍ରିୟାରେ ଏହା ବାଧକ ସୃଷ୍ଟି କରି ନାହିଁ। ମଙ୍ଗଳବାର ମଧ୍ୟ ଜିଲାରେ ଅନେକ ମଣ୍ଡିରେ ଧାନ ଉଠିଛି। ମାତ୍ର ମିଲର୍ସଙ୍କ ଆନ୍ଦୋଳନ ଯୋଗୁ ମଣ୍ଡିରୁ କାଳେ ଧାନ ଉଠିବ ନାହିଁ ସେହି ଆଶଙ୍କାରେ ଟୋକନ୍ ପାଇଥିଲେ ସୁଦ୍ଧା ବହୁ ସଂଖ୍ୟାରେ ଚାଷୀ ମଙ୍ଗଳବାର ମଣ୍ଡିକୁ ଧାନ ଆଣି ନ ଥିଲେ ବୋଲି କହିଛନ୍ତି ସିସିଏସ୍‌ଓ ହୋତା। ଅପରପକ୍ଷରେ ଯୋଗାଣ ବିଭାଗ ସୂତ୍ରରୁ ମିଳିଥିବା ଏକ ତଥ୍ୟ ଅନୁସାରେ ଚଳିତ ଖରିଫ୍‌ରେ ଜିଲାରେ ଧାନ ସଂଗ୍ରହ ପାଇଁ ଏପର୍ଯ୍ୟନ୍ତ ଧାର୍ଯ୍ୟ ଲକ୍ଷ୍ୟ ୨୭ ଲକ୍ଷ ୯୯ ହାଜର୯୯୦ କୁଇଣ୍ଟାଲ ମଧ୍ୟର ୪୮ ହଜର ୭୮୧ ଜଣ ଚାଷୀଙ୍କଠାରୁ ୨୩ ଲକ୍ଷ ୬୫ ହଜାର ୫୮୪ କୁଇଣ୍ଟାଲ ଧାନ କ୍ରୟ ହୋଇ ସାରିଛି। ଏବାବଦକୁ ୪୨ ହଜାର ୯୮୯ ଜଣ ଚାଷୀଙ୍କୁ ୪୯୦ କୋଟି ୧୮ ଲକ୍ଷ ୩୭ ହଜାର ୦୨୧ ଟଙ୍କା ସେ ମାନଙ୍କ ଜମା ଖାତାକୁ ପ୍ରେରଣ କରାଯାଇଛି।



ମଣ୍ଡିରେ ଅଟକି ରହିଥିବା ଧାନ ବୋଝେଇ ଟ୍ରାକ୍ଟର।

# ୱେସ୍କୋ ଇଞ୍ଜିନିୟର ଆସୋସିଏଶନ ବାର୍ଷିକ ଅଧିବେଶନ




ୱେସ୍କୋ ଇଞ୍ଜିନିୟର ସର୍ଭିସ ଆସୋସିଏଶନର କର୍ମକର୍ତ୍ତା।

ସମ୍ବଲପୁର,୬।୧(ଭବାନୀ ଶଙ୍କର ଭୋଇ)

ୱେସ୍କୋ ଇଞ୍ଜିନିୟର ସର୍ଭିସ ଆସୋସିଏଶନର ବାର୍ଷିକ ସାଧାରଣ ଅଧିବେଶନ ସମ୍ବଲପୁର କାଇଁସିରଠାରେ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ରାଉରକେଲା ଓ ସମ୍ବଲପୁର ମଣ୍ଡଳ ଅଧୀନ ଟିପିଡବ୍ଲ୍ୟୁଓଡିଏଲ ଅଧୀନରେ କାର୍ଯ୍ୟରତ ଗ୍ରାଜୁଏଟ ଇଞ୍ଜିନିୟର ସଂଘ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟରତ ଇଞ୍ଜିନିୟର ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ଗଣତନ୍ତ୍ରିକ ପଦ୍ଧତିରେ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ଜଗନ୍ନାଥ ବାରିକ ସଭାପତି, ବିଜୟ ମହାପାତ୍ର ଉପସଭାପତି, ଶଙ୍କର ବେହେରା ସାଧାରଣ ସମ୍ପାଦକ, ବ୍ରଜକିଶୋର ମିଶ୍ର ସହ ସମ୍ପାଦକ ଓ ସୂର୍ଯ୍ୟକାନ୍ତ ସାହୁ କୋଷାଧକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରଞ୍ଜିତ ଗାୟା, ଜସ୍ମିତ ସିଂ ଛାବ୍ରା ଓ ଗୁପ୍ତ ପ୍ରସାଦ ତ୍ରିପାଠୀ ସହ ସାଧାରଣ ସମ୍ପାଦକ, କଶଳେଶ ପ୍ରଧାନ, ଉଦୟଭାନୁ ନନ୍ଦି, ବାପୁଜୀ ପ୍ରଧାନ, ପୁରନ୍ଦର ସାହୁ, ନିଖିଲ ପଟେଲ, ପ୍ରିୟବ୍ରତ ଜେନା ଓ ବିବେକାନନ୍ଦ ଷଡ଼ଙ୍ଗୀ ଏକଜିକ୍ୟୁଟିଭ ବଡିକୁ ନିର୍ବାଚିତ ହୋଇଥିଲେ। ରାଜୁ ସାହା, ହିମାଂଶୁ ସାମନ୍ତରାୟ ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ଏହି ଅବସରରେ ନିର୍ବାଚିତ ସଭ୍ୟ ଇଞ୍ଜିନିୟରଙ୍କ ସମସ୍ତ ସମସ୍ୟାକୁ ଆଗାମୀ ଦିନରେ ଟାଟା ମ୍ୟାନେଜମେଣ୍ଟ ଆଗରେ ଉପସ୍ଥାପନା କରି ସମସ୍ୟାର ସମାଧାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଏମ୍‌ବିସିସି କପ୍ କ୍ରିକେଟ: ଅଙ୍ଗାବିରା ଚାମ୍ପିୟନ

ନାକଟିଦେଉଳ, ୬।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତ. ଅନ୍ତର୍ଗତ ପଳସାବୁରୀ ଗ୍ରାମର ମା' ବାୟାଣୀ କ୍ରିକେଟ କ୍ଲବ ପକ୍ଷରୁ ଗତ ୪ ତାରିଖଠାରୁ ଆରମ୍ଭ ହୋଇଥିବା ଏମ୍‌ବିସିସି କପ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ ଟି କ୍ରିକେଟ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ତୁଷାର ୱାରିଅର୍ସ ବୁଢ଼ାପାଳ ଏବଂ ୟୁନିକ ଏକାଦଶ ଅଙ୍ଗାବିରା ମଧ୍ୟରେ ହୋଇଥିଲା। ଟସ୍ ଜିଣି ଅଙ୍ଗାବିରା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪ ଉଇକେଟ ହରାଇ ୧୦୫ ରନ କରିଥିଲା। ବୁଢ଼ାପାଳ ଦଳ ୮ ଓଭରରେ ୮ ଉଇକେଟ ହରାଇ ୭୨ରନ କରି ପରାଜିତ ହୋଇଥିଲା। ଅଙ୍ଗବିରାର ଜୁଲୁ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ କାହ୍ନୁ ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ପୂର୍ବତନ ନାକଟିଦେଉଳ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ସମ୍ମାନିତ ଅତିଥିଭାବେ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର ସାହୁ, ବିଜେଡି ଯୁବ ନେତା ଧିରେନ କୁମାର ସାହୁ ଯୋଗଦେଇ ବିଜେତା ଅଙ୍ଗାବିରା ଏବଂ ଉପବିଜେତା ବୁଢ଼ାପାଳ ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ମା' ବାୟାଣୀ କ୍ରିକେଟ କ୍ଲବର ଟୁନା ବିଶ୍ୱାଳ, ବଳରାମ ସାହୁ, ମୁନା ବିଶ୍ୱାଳ, ତପନ ସାହୁ ଏବଂ ଧ୍ରୁବ ବିଶ୍ୱାଳ ଓ ସଦସ୍ୟମାନେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଟ୍ରଫିସହ ଖେଳାଳିମାନେ।

# ସାପ୍ତାହିକ ହାଟ ଉଦ୍‌ଘାଟିତ

ନାକଟିଦେଉଳ, ୭।୧(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତ ସଦର ଗ୍ରାମରେ ସାପ୍ତାହିକ ହାଟ ଉଦ୍‌ଘାଟିତ ହୋଇଛି। ପଞ୍ଚାୟତ ପକ୍ଷରୁ ବସିଥିବା ଏହି ହାଟକୁ ସରପଞ୍ଚ ପାଣ୍ଡ ଚରଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ସାଲେଭଟା ବରଛକ ଯାତ୍ରା ପଡିଆରେ ସପ୍ତାହର ସୋମବାର ଏହି ହାଟ ବସିବ। ଏହାଦ୍ୱାରା ପଞ୍ଚାୟତ ଅନ୍ତର୍ଗତ ୨୨ ରାଜସ୍ୱ ଗ୍ରାମର ଚାଷୀ ସେମାନଙ୍କ ଉତ୍ପାଦିକ ପନିପରିବା ସମେତ ଅନ୍ୟାନ୍ୟ ଦ୍ରବ୍ୟ ସହଜରେ ବିକ୍ରି କରିବା ସହ ଖାଉଟିମାନେ ସୁବିଧା ପାଇ ପାରିବେ ବୋଲି ସରପଞ୍ଚ ପ୍ରଧାନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଲେଭଟା ଗ୍ରାମ୍ୟ କମିଟି ସଭାପତି ଦହନ ସାହୁ, ସମ୍ପାଦକ ବିପିନ ଗଡ଼ତ୍ୟା, କୋଷାଧକ୍ଷ ନିର୍ମଳ ଚନ୍ଦନ, ପଞ୍ଚାୟତ ଅନ୍ତର୍ଗତ ସମସ୍ତ ସିଆରପି, ଏମବିକେ, ୱାର୍ଡସଭ୍ୟାସଭ୍ୟଙ୍କ ସମେତ ବିଭିନ୍ନ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

RECRUITMENT OF GRADUATE ENGINEER TRAINEES (GETs) THROUGH GATE-2025

National Aluminium Company Limited (NALCO), a Navratna Central PSU and one of the largest integrated Alumina- Aluminium Complexes of Asia, is looking for Graduate Engineer Trainees (GETs) through GATE-2025, as per the details given below:

| Sl. No. | Discipline | No of Posts |
|---|---|---|
| 01 | Mechanical | 59 |
| 02 | Electrical | 27 |
| 03 | Chemical | 24 |

Candidates willing to apply in NALCO may visit career section of NALCO website www.nalcoindia.com for further details.
Advt. No. 10250803, Date: 30/12/2025
CGM(HR)-R&P

# ବୀର ଛବିଳ ସାଏ ପ୍ରଦର୍ଶନୀ ମେଳା ଉଦ୍‌ଯାପିତ

ସମ୍ବଲପୁର,୬।୧(ଭବାନୀ ଶଙ୍କର ଭୋଇ)

ଲୋକ ମହୋତ୍ସବ ସମ୍ବଲପୁର ଅବସରରେ ବୀର ଛବିଳ ସାଏ ପ୍ରଦର୍ଶନୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଦର୍ଶନୀରେ ୫୬୫ଟି ଚିତ୍ର, ୪ଟି ଆର୍ଟ ୱାର୍କଶପ ଗ୍ରୁପ ୨୦୦ଟି ଚିତ୍ର, ୩୮ଟି ଫଟୋଗ୍ରାଫ, ପଥର କଳାକୃତି, ପାରମ୍ପରିକ ମାଟିର ଘର ଓ ବଳଦ ଗାଡ଼ି ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର ଲୋକକଳା, ସଂସ୍କୃତି ଓ ସୃଜନଶୀଳତାକୁ ଜନସାଧାରଣଙ୍କ ସମ୍ମୁଖରେ ସୁନ୍ଦର ଭାବେ ପ୍ରତିପାଦନ କରାଯାଇଥିଲା। ପ୍ରଦର୍ଶନୀ ସଂଯୋଜକ କୁଳଦୀପ ବୁର୍ମା, ସହସଂଯୋଜକ ରୋଚିସ ଦେ ଓ ଶ୍ରୀମନ୍ତ ସାହୁ ମେଳାକୁ ଅଧିକ ଆକର୍ଷଣୀୟ କରିବାକୁ ଚେଷ୍ଟା କରିଥିଲେ। ପ୍ରଦର୍ଶନୀରେ ଲାଇଭ ପେଣ୍ଟିଂ ପ୍ରଦର୍ଶନୀ ସହ ଯୁବ କଳାକାରମାନଙ୍କୁ ସୁଯୋଗ ଦେବାକୁ ଚେଷ୍ଟା କରାଯାଇଥିଲା। ଲୋକ ମହୋତ୍ସବ ସଂଯୋଜକ ଦୀପକ ପଣ୍ଡା ଏବଂ ଉପଦେଷ୍ଟା ମଣ୍ଡଳୀର ପରାମର୍ଶରେ ଉପସମିତି ସଦସ୍ୟ ଜିତେନ୍ଦ୍ରିୟ ବେହେରା, ସୁବ୍ରତ ବେହେରା, ମାନସୁନ ଭୋଇ, ରୋହନ ଭୋଇ, ଲୋକନାଥ ପୂଜାରୀ, ଯୁଗଳ କିଶୋର ବାରିକ, ଆୟୁଷ୍ମାନ ଦାସ, ଲୋକନାଥ ସାହାଣୀ, ସ୍ୱରୂପା ସାର, ଶିବାନୀ ଭୋଇ, ଥବିର ସେଉଲ, ପ୍ରଜ୍ଞା ପୂଜାରୀ, ଆକାଂକ୍ଷା ପୂଜାରୀ, ଦୀପାଳି ସେଠ, ଦେବେନ୍ଦ୍ର କୁମାର ସାହୁ ଓ ମୋନାଲିସା ଭଗତ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଗା ମନ୍ଦିର ରତ୍ନମୁଦ ପାଇଁ ପ୍ରସ୍ତୁତି ବୈଠକ

ଜମନକିରା,୬।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ମୁଖ୍ୟ ଛକରେ ନବ ନିର୍ମିତ ମା' ଦୁର୍ଗାଙ୍କ ମନ୍ଦିରର ରତ୍ନମୁଦ ମହୋତ୍ସବ ଆସନ୍ତା ୨୯ ତାରିଖ ଗୁରୁବାର କରାଯିବ ବୋଲି ଧାର୍ଯ୍ୟ ହୋଇଛି। ଏଥିପାଇଁ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରେ ଗ୍ରାମ ଉନ୍ନୟନ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ମାଣ କମିଟି ସଭାପତି ପିଛାଲୁ ଭୋଇ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ବ୍ରାହ୍ମଣ ଓ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ଦିନ ପ୍ରତ୍ୟୁଷରୁ ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ପ୍ରାରମ୍ଭ ହେବ। ଯେଉଁ ଶ୍ରଦ୍ଧାଳୁମାନେ ଉକ୍ତ କାର୍ଯ୍ୟରେ ଦାନ କରିବା ପାଇଁ ଇଚ୍ଛୁକ ହେବେ ସେମାନେ କମିଟି କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିବା ପାଇଁ କମିଟି ପକ୍ଷରୁ ଆହ୍ୱାନ କରାଯାଇଛି। ଆଲୋଚନାରେ ପଣ୍ଡିତ ଅଶୋକ କୁମାର ପାଣିଗ୍ରାହୀ, ପ୍ରଶାନ୍ତ ପଣ୍ଡା, କମିଟି ସମ୍ପାଦକ ହେମନ୍ତ ମହାକୁଲ, ଆଦି ପ୍ରସାଦ ମହାକୁଲ, ରବୀନ୍ଦ୍ର ପ୍ରସାଦ ଦାନୀ, ଅନୁପ କୁମାର ବହିଦାର, ସୁବାସ ସାହୁ, ସ୍ନେହାସିସ ପଟ୍ଟନାୟକ, ସଞ୍ଜୟ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ କଲେଜ ସମ୍ପାଦକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

କୁଚିଣ୍ଡା, ୬।୧୨( ବିରଞ୍ଚି ଦର୍ଵା)

କୁଚିଣ୍ଡା ବ୍ଲକ କୁତୁରାଚୁଆଁ ଜୁନିୟର କଲେଜର ପୂର୍ବତନ ସମ୍ପାଦକ ଶୋଭାରାମ ପଟେଲଙ୍କ ବିୟୋଗରେ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଅଧକ୍ଷ ନିରାଞ୍ଜଳ ତିୱାରିଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ, ସୁଧୀର କୁମାର ନାଏକ, ଅଧ୍ୟାପିକା ଭାନା ପାଣ୍ଡେ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ, ଡିଇଓ ସମିନ ରଞ୍ଜନ ନାଏକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରିଚାଳନା କମିଟି ସମ୍ପାଦକ ଥିବା ସମୟରେ କଲେଜ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଥିବା ବକ୍ତାମାନେ କହିଥିଲେ। ୯୦ବର୍ଷ ବୟସରେ ଗତ ୨୭ତାରିଖରେ ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା।

वरीय पुलिस अधीक्षक का कार्यालय, राँची
सर्वसाधारण के लिए सूचना।



नाम–रसना देवी, उम्र–27 वर्ष, उँचाई–4 फीट, 8 ईंच, रंग–सॉवला, पहनावा–गेहुँआ रंग का साड़ी पहनी हुई है।

उपरोक्त लापता महिला रसना देवी, उम्र–27 वर्ष, पिता–स्व0 कार्तिक महतो, सा0–बड़ाईटॉड़, थाना–सोनाहातु, जिला–राँची जो दिनांक–09.11.2025 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में सोनाहातु थाना सनहा संख्या–07/2025, दिनांक–23.11.2025 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
अनु पु0 पदा0 बुण्डु, राँची। – 9431706144
थाना प्रभारी, सोनाहातु, राँची। – 9431706192

वरीय पुलिस अधीक्षक, राँची।
PR.NO.370126 Police(25-26):D

वरीय पुलिस अधीक्षक का कार्यालय, राँची
सर्वसाधारण के लिए सूचना।



अज्ञात पुरूष का शव उम्र करीब–32 वर्ष,

उपरोक्त अज्ञात पुरूश का शव नामकुम थाना अन्तर्गत ग्राम लुपुंग टांड के महुआ पेड़ पास झाड़ी से बरामद किया गया है। जिसके संबंध नामकुम थाना यू0डी0 कांड सं0–08/25, दिनांक–23.01.2025 दर्ज किया गया है। इनकी पहचान हेतु जनता का सहयोग अपेक्षित है।

अतः सभी जनसाधारण से अनुरोध है कि यदि आपको इस पुरूष के शव के बारे में जानकारी हो तो वरीय पुलिस अधीक्षक के कार्यालय रॉची में या संबंधित थाना या निम्नांकित फोन नम्बर पर संपर्क कर इसकी सूचना दें।

पुलिस उपाधीक्षक मु0 प्रथम, राँची। –9431706141
थाना प्रभारी नामकुम, राँची। –9431706173

वरीय पुलिस अधीक्षक, राँची।
PR.NO.370111 Police(25-26):D

JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand. Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

Project Name: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
NIT No.: JUIDCO/ NIT/ RFP/ ITMS/ 2025 – 677
PR No.: 367081
Tender ID: 2025_UDD_107027_1
This is for information of all the bidders that Corrigendum – 4 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

Corrigendum – 4

| Sl. No. | Bid Document Ref. | Description | As per Corrigendum – 3 | As per Corrigendum - 4 |
|---|---|---|---|---|
| 1 | NIT | Last Date & Time of submission of Bid, Tender Fee and EMD online | 03.01.2026 at 17:00 Hrs | 09.01.2026 at 17:00 Hrs |
| 2 | | Date & Time of Bid Opening | 05.01.2026 at 17:00 Hrs | 10.01.2026 at 17:00 Hrs |

Note: Other terms and conditions remain unchanged.
Sd/-
Project Director (Technical)
JUIDCO Ltd.
PR 370083 Urban Development(25-26)D

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया की एक अनुषंगी ईकाई)/(A Subsidiary of Coal India Ltd.)
गोंदवाना प्लेस, काँके रोड, राँची–834008, झारखंड, भारत

सूचना/NOTICE

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इंडिया लिमिटेड की वेबसाइट www.coalindia.in/ संबंधित अनुषंगी कंपनी (सीएमपीडीआई, www.cmpdi.co.in), सीआईएल ई–प्रोक्योरमेंट पोर्टल https://coalindiatenders.nic.in एवं सेंट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध हैं। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।"/
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."

GOVERNMENT OF ODISHA
ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY:CHAMPUA
DIST: KEONJHAR
"e" Procurement Notice
Bid Identification No.ITDACH.-06/2025-26
No.24, Dt.05.01.2026
e-mail:itda.champua@gmail.com

1. No. of the Work : 13 Nos. of Construction Work.
2. Estimated Cost : Rs.165.38 to Rs.166.18 lakh
3. Period of Completion : 09 (Nine Calendar Months)
4. Date and Time of availability of Bid document in the portal : From 10.00 Hr.12.01.2026 to 17.30 Hr. of 21.01.2026
5. Last date/time for receipt of bids in the portal : 17.30 Hr. of 21.01.2026
6. Date of Opening of Bid from Portal : 11.30 Hr. of 22.01.2026
7. Name and address of the Officer Inviting Bid : Project Administrator I.T.D.A., Champua

Further details can be seen from the e-procurement portal "http://tendersorissa.gov.in"
Sd./- Project Administrator
I.T.D.A., Champua

कार्यपालक अभियंता का कार्यालय
लघु सिंचाई प्रमण्डल, धनबाद
ई0 निविदा आमंत्रण सूचना
निविदा सं0 : DMFT/MIR/DHN/ SBD-01/2025-26, दिनांक 02.01.2026

जिला खनिज फाउण्डेशन ट्रस्ट, धनबाद के न्यास परिषद् धनबाद की बैठक दिनांक 29.11.2025 में लिये गये निर्णय के आलोक में धनबाद जिला के टुण्डी प्रखण्ड के अंतर्गत Renovation of Dhadhkitand M.I. Scheme हेतु पत्रांक 935, दिनांक 18.11.2025 के आलोक में उप विकास आयुक्त सह सचिव DMFT, धनबाद के ज्ञापांक 1123/DMFT धनबाद, दिनांक 30.12.2025 से प्रशासनिक स्वीकृति प्राप्त है।

| | | |
|---|---|---|
| 1 | योजना का नाम | Renovation of Dhadhkitand M.I. Scheme, Vill.- Dhadhkitand, Panchyat- Purnadih, Block-Tundi, Dist- Dhanbad. |
| 2 | प्राक्कलित राशि (रूपये में ) | 48672700.00 |
| 3 | परिमाण विपत्र का मूल्य (रूपये में) | 10000.00 |
| 4 | अग्रधन की राशि (रूपये में) | 486800.00 |
| 5 | कार्य पूर्ण करने की अवधि | 11 माह |
| 6 | ऑन लाईन निविदा प्रकाशन की तिथि एवं समय | 27.01.2026, 12:30 बजे |
| 7 | ऑन लाईन निविदा /बीड समर्पित करने की अंतिम तिथि एवं समय | 03.02.2026, 5 बजे तक |
| 8 | निविदा खोलने की तिथि एवं समय | 05.02.2026, 12:30 बजे |
| 9 | निविदा आमंत्रित करने वाले पदाधिकारी | कार्यपालक अभियंता, लघु सिंचाई प्रमण्डल, लूबी सर्कूलर रोड, धनबाद– 826001 |
| 10 | सम्पर्क सूत्र मोबाईल संख्या | 7903299712 |

नोट :– केवल ई– निविदा हीं मान्य होगी। परिमाण विपत्र की राशि घट – बढ़ सकती है। निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी। विशेष जानकारी के लिए : http://jharkhandtenders.gov.in देखें।

PR 370162 Minor Irrigation(25-26).D
कार्यपालक अभियंता
लघु सिंचाई प्रमण्डल,धनबाद

CENTRE FOR DISTANCE AND ONLINE EDUCATION UNDER
FAKIR MOHAN UNIVERSITY
VYASA VIHAR, BALASORE
Advertisement No. Estt. (T)-II-52/2025/100 Dated: 06.01.2026

Applications are invited from Professors (Retd. Professor not above 62 years preferred) in the prescribed form (to be downloaded from the University website: https://fmuniversity.nic.in for the post of Director, CDOE (Full Time Contractual).

| Price of Form |
|---|
| Rs.1,000/- (for General Category) |
| Rs.500/- (for Reserved Category) |

Downloaded form shall accompany with a Crossed Demand Draft drawn in favour of the "F.M. University fees fund one" of requisite price for the post of "Director", (Full Time Contractual). The Centre for Distance and Online Education (CDOE) (erstwhile DDCE) (Self-Financed) under Fakir Mohan University, Balasore. Applicants must have the minimum qualifications and experience as per relevant latest recruitment rules of UGC Guidelines for the State Universities. Complete applications in the prescribed form along with photocopies of two sets of all credentials must reach the office of the Registrar, Fakir Mohan University, Balasore, Odisha, India - 756089 latest by 13.01.2026 (Through proper channel, in case of already employed candidates). No application for the said post will be received after 13.01.2026 (5.00 P.M.).
No TA/DA is admissible for attending the interview. It should be noted that possession of minimum eligibility shall not confer any right to be called for interview. Incomplete applications will be rejected outright. The administrative and financial liabilities will be governed by the rules and regulations of CDOE.
Name of the Post: Director [Full Time Contractual], The Centre for Distance and Online Education (Self-Financed) under FAKIR MOHAN UNIVERSITY, VYASA VIHAR, BALASORE.
1 Post (Unreserved):
Consolidated Pay: Rs.60,000/- per month. No other allowances are admissible.
Essential Qualification:
(i) Total 15 years teaching/academic administrator in the rank of a Professor (Retd. Professor preferred)
(ii) Preference shall be given to candidates with experience in online Teaching/Distance Education/SLM writings.
(iii) The appointment shall be contractual and to be extended if performance is satisfactory.
Sd./- Registrar

Ministry of Tourism, Government of India
Indian Institute of Tourism & Travel Management
(An autonomous body under Ministry of Tourism, Government of India)
GWALIOR • BHUBANESWAR • GOA • NOIDA • NELLORE
पर्यटन शिक्षा संस्कृति रक्षा
SELECTION FOR THE POST OF DIRECTOR

IITTM is an autonomous institute (registered under the Societies Registration Act) of Ministry of Tourism, Govt. of India that was established in 1983. It is the premier institute in the country in the field of tourism education, training research and consultancy. It is a five-campus institute with headquarters at Gwalior and other centers at Bhubaneswar, Noida, Goa and Nellore. It runs MBA (Tourism & Travel Management) & BBA (Tourism & Travel) courses from its campuses along with a large number of training programmes to cater to the needs to the market. Director IITTM is responsible for management of the institute and is required to drive it towards excellence and benchmark with the best in the world. Institute is in the process of selecting the Director. The appointment shall be made on contract basis for tenure of 3 years with possibility of further extension as per IITTM Recruitment Rules and depending upon the merit of the case. Applications are invited from willing and eligible candidates for the post of Director of IITTM on contract basis in the Pay Level-15 (7th CPC). Circular for this vacancy along with the details of pay scale and related benefits, qualifications, other eligibility conditions and application form can be downloaded from www.tourism.gov.in or www.iittm.ac.in. Completed applications shall reach Director (S&CB), Ministry of Tourism, 1st Floor, Transport Bhawan, Sansad Marg, New Delhi - 110001 in a sealed cover subscribing in bold letter "APPLICATION FOR THE POST OF DIRECTOR, IITTM", so as to reach latest by 1700 hrs on 27.01.2026.

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹୪୩,୦୭,୯୦୦ ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଏ, ବି, ସି, ଡି, ଇ, ଏଫ୍ (ତୃତୀୟ ଶ୍ରେଣୀ) ଏବଂ ସାଧାରଣ କ୍ଷେତ୍ର (ସିକ୍ୟୁରିଟି ଗାର୍ଡ ବୁଥ, ପମ୍ପ ରୁମ, କମ୍ୟୁନିଟି ସେଣ୍ଟର) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୯୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ୨୦ଜାନୁଆରୀ, ୨୦୨୬ ଅପରାହ୍ନ ୦୨:୦୦ ଟା ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

# ଲାଞ୍ଚ ନେଇ ଫରେଷ୍ଟର ଗିରଫ

## ଅଫିସ୍ ରୁମ୍‌ରୁ ମିଳିଲା ନଗଦ ୧.୮୦ ଲକ୍ଷ ଟଙ୍କା

ଟିଟିଲାଗଡ଼,(ଶରତ ମିଶ୍ର)/ ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର/ ଭୁବନେଶ୍ୱର,୬।୧(ସତ୍ୟଜିତ ରାଉତ)

ବଲାଙ୍ଗୀର ଜିଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଗୁଲ୍‌ମି ସେକ୍ସନ ଫରେଷ୍ଟର ଅଶୋକ କୁମାର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜଣେ ଚାଷୀଙ୍କଠାରୁ ନାୟକ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ତାଙ୍କୁ ମଙ୍ଗଳବାର ଗିରଫ କରିଛି। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଭିଜିଲାନ୍ସ ପକ୍ଷରୁ ନାୟକଙ୍କ ଦୁଇ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ବଲାଙ୍ଗୀର ଟାଉନସ୍ଥିତ ବାସଭବନ ଓ ଅଫିସ


ଫରେଷ୍ଟର ଅଶୋକ କୁମାର ନାୟକ

ଚାମ୍ବରରେ ଭିଜିଲାନ୍ସ ଅଧିକାରୀମାନେ ଅଧିକ ଯାଞ୍ଚ କରିଥିଲେ। ଏହି ସମୟରେ ନାୟକଙ୍କ ଅଫିସ ରୁମ୍‌ରୁ ନଗଦ ୧ ଲକ୍ଷ ୮୦ ହଜାର ୩୫୦ ଟଙ୍କା ଜବତ କରାଯାଇଛି। ଏହି ଟଙ୍କା ଲାଞ୍ଚ ଆକାରରେ ସେ ଗ୍ରହଣ କରିଥିବା ଭିଜିଲାନ୍ସ ଅଧିକାରୀମାନେ ଅନୁସନ୍ଧାନରୁ ଜାଣିବାକୁ ପାଇଛନ୍ତି।

ସୂଚନା ଅନୁଯାୟୀ, କୁତୁରାକେନ୍ ଗାଁର ଅଭିଯୋଗକାରୀ ଚାଷୀ ଜଣକ ନିଜ ଜମିରେ ଥିବା ଏକ ଶାଗୁଆନ ଓ ଶାଳ ଗଛକୁ କାଟିଦେଇଥିଲେ। ପରେ ଚାଷୀଜଣକ କାଠ ପରିବହନ ପାଇଁ ଫରେଷ୍ଟର ନାୟକଙ୍କ ଠାରୁ ଅନୁମତି ଲୋଡ଼ିଥିଲେ। ଅନୁମତି ବିନା ଗଛ କାଟିବା ପାଇଁ ସରକାରୀ ନିୟମ ଅନୁଯାୟୀ ୨ହଜାର ଟଙ୍କା ଜରିମାନା ଦେବାକୁ ନାୟକ କହିଥିଲେ। ଚାଷୀଜଣକ ନିଜ ଜମିରୁ ଗଛ କାଟିବା ପାଇଁ ପୂର୍ବରୁ ଅନୁମତି ନେବାର ନିୟମ ବିଷୟରେ ଅଜ୍ଞ ଥିବାରୁ ଜରିମାନା ଦେବାକୁ ରାଜି ହୋଇଥିଲେ। ହେଲେ ନାୟକ କାଠ ପରିବହନ ଅନୁମତି ଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଲାଞ୍ଚ ନ ଦେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଇଥିଲେ। ଚାଷୀଜଣକ ଉପାୟଶୂନ୍ୟ ହୋଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନା ପକ୍ଷରୁ ଏକ ମାମଲା (ନଂ.୧/୨୦୨୬) ରୁଜୁ କରାଯିବା ସହ ନାୟକଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଅଭିଯୋଗକାରୀ ଚାଷୀଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ଓ ୨୦୦୦ ଟଙ୍କା ଜରିମାନା ସମେତ ମୋଟ ୧୨ହଜାର ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ନାୟକଙ୍କୁ କାବୁ କରିଥିଲା। ସୂଚନାଯୋଗ୍ୟ, ନାୟକ ୨୦୦୦ ଅଗଷ୍ଟ ୨୦ରେ ଫରେଷ୍ଟ ଗାର୍ଡ ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ୨୦୧୯ ଅଗଷ୍ଟରେ ସେ ଫରେଷ୍ଟର ଭାବେ ପଦୋନ୍ନତି ପାଇଥିଲେ। ତେବେ ବଡ଼ କଥା ହେଉଛି, ନାୟକ ଚାକିରି କରିବା ଦିନଠୁ ଅର୍ଥାତ ଅଢ଼େଇ ଦଶନ୍ଧି ଧରି ବଲାଙ୍ଗୀର ଜିଲାର ବିଭିନ୍ନ ସେକ୍ସନରେ କାମ କରିଆସୁଛନ୍ତି। ବଡ଼ ବଡ଼ ଅଧିକାରୀ ଓ ନେତା, ମନ୍ତ୍ରୀଙ୍କୁ ହାତ କରି ସେ ବଲାଙ୍ଗୀର ଜିଲାରେ ରହିଥିବା ଚର୍ଚ୍ଚା ହେଉଛି।

## ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼

ବ୍ରହ୍ମପୁର,୬।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଏବେ ଦିନକୁ ଦିନ ଅପରାଧୀ ମାନେ ସକ୍ରିୟ ହେବାରେ ଲାଗିଛନ୍ତି। ସୋମବାର ସନ୍ଧ୍ୟାରେ ବଡ଼ବଜାର ଥାନା ଅନ୍ତର୍ଗତ ଗ୍ରାମଦେବତୀ ସାହିରେ ଥିବା ଏକ ମଦ ଦୋକାନ ନିକଟରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ସେହିପରି ରାତି ପ୍ରାୟ ୧୧ ଟାରେ ଏକ ରେଷ୍ଟୁରାଣ୍ଟ ଉପରକୁ ଦୁର୍ବୃତ୍ତମାନେ ବୋମାମାଡ଼ କରିଛନ୍ତି। ଖବରପାଇ ପୋଲିସ ସେଠାରେ ପହଞ୍ଚି ବୋମାର ଫୁଟା ଅଂଶ ସଂଗ୍ରହ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଏଥିସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ଘଟଣାର ତଦନ୍ତ କରୁଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜେନେନା ହସ୍ପିଟାଲ ନିକଟରେ ଥିବା ରେଷ୍ଟୁରାଣ୍ଟରେ ରାତିରେ ଲୋକମାନେ ଖାଉଥିବା ବେଳେ ବାହାରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ରେଷ୍ଟୁରାଣ୍ଟ ମ୍ୟାନେଜର ଓ କର୍ମଚାରୀ ବାହାରକୁ ଆସବାରେ ୨ ଯୁବକ ବାଇକରେ ଚମ୍ପଟ ମାରିଥିବା ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ।

## ଚନ୍ଦକା ନେଚର ରିସର୍ଟରେ ହୋଇଥିଲା ବଡ଼ ଡିଲ୍

ଭୁବନେଶ୍ୱର,୬।୧(ତ୍ରିନାଥ ମହାନ୍ତି)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

- ସିବିଆଇ ଚାର୍ଜଶିଟ୍‌ରୁ ମିଳିଲା ଆଉ ଏକ ସାଂଘାତିକ ତଥ୍ୟ
- ୨ ଦିନିଆ ସ୍କିଲ୍ ଇଣ୍ଡିଆ ଟ୍ରେନିଂ ନାଁରେ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା ପ୍ରଶିକ୍ଷଣ
- ପରୀକ୍ଷାର୍ଥୀଙ୍କଠାରୁ ୟୁପିଆଇରେ ନେଇଥିଲେ ୧୨ ହଜାର ଟଙ୍କା

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ଚାର୍ଜଶିଟରୁ ମିଳିଛି ଆଉ ଏକ ସାଂଘାତିକ ତଥ୍ୟ। ୨୦୨୫ ମାର୍ଚ୍ଚ ୮ ଓ ୯ତାରିଖରେ ପୋଲିସ ଏସ୍‌ଆଇ ପରୀକ୍ଷା ପୂର୍ବରୁ ହୋଇଥିଲା ବଡ଼ ଷଡ଼ଯନ୍ତ୍ର। ଭୁବନେଶ୍ୱରର ଚନ୍ଦକା ନେଚର ରିସର୍ଟରେ ୨ଦିନ ପୂର୍ବରୁ ବୁକ୍ ହୋଇଥିଲା ୨୨ଟି ରୁମ୍ ଏବଂ ୨ଟି କନ୍‌ଫରେନ୍ସ ହଲ୍। ମୁନା ମହାନ୍ତିଙ୍କ ନିର୍ଦ୍ଦେଶରେ ଡ୍ରାଇଭର ଲୋକନାଥ ସାହୁ ଏସବୁକୁ ବୁକ୍ କରିଥିଲେ। ୨ଦିନିଆ ସ୍କିଲ୍ ଇଣ୍ଡିଆ ଟ୍ରେନିଂ ହେବ ବୋଲି କହି ରୁମ ବୁକ୍ କରାଯାଇଥିଲା। ୭ତାରିଖ ଦିନ ରିସର୍ଟ ଛାଡ଼ିବା ପୂର୍ବରୁ ମୁନା ମହାନ୍ତି ୨ଲକ୍ଷ ୪୦ହଜାର ଟଙ୍କା ପେମେଣ୍ଟ କରିଥିଲେ। ଦେଢ଼ ଲକ୍ଷ ଟଙ୍କା ନଗଦ ଦେଇଥିବା ବେଳେ ୯୦ ହଜାର ଟଙ୍କା ମୁନା ମହାନ୍ତି ତାଙ୍କ ମା'ଙ୍କ ଆକାଉଣ୍ଟରୁ ଦେଇଥିଲେ। ୧୫୦ଜଣ ଚାକିରି ଆଶାୟୀ ଚନ୍ଦକା ନେଚର ରିସର୍ଟରେ ରହିଥିଲେ। ଏପରି କି ପିଲାଙ୍କୁ ପ୍ରଶ୍ନପତ୍ର ଘୋଷାଇବା ପାଇଁ ହୋଟେଲ ବାବଦକୁ ପ୍ରତି ପିଲାଙ୍କ ଠାରୁ ଶଙ୍କର ପୃଷ୍ଟି ଏବଂ ମୁନା ୟୁପିଆଇରେ ୧୨ ହଜାର ଟଙ୍କା ନେଇଥିଲେ ବୋଲି ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ଚାକିରି ଆଶାୟୀ ସାଇ ଚନ୍ଦନ ମହାପାତ୍ରଙ୍କୁ ସିବିଆଇ ପଚରାଉଚରା କରିବା ବେଳେ ଏଭଳି ତଥ୍ୟ ସାମ୍ନାକୁ ଆସିଥିଲା। ୧୫୦ଜଣ ଚାକିରି ଆଶାୟୀଙ୍କୁ ମୁନା ମହାନ୍ତି, ଲୋକନାଥ ସାହୁ ମାର୍ଚ୍ଚ ୮ ଓ ୯ ତାରିଖରେ ହେବାକୁ ଥିବା ପୋଲିସ ଏସ୍‌ଆଇ ପରୀକ୍ଷାର ସମ୍ଭାବ୍ୟ ପ୍ରଶ୍ନ ଦେଇଥିଲେ। ଚନ୍ଦକା ରିସର୍ଟର ମ୍ୟାନେଜର ପବିତ୍ର କୁମାର ଦାସଙ୍କୁ ସିବିଆଇ ପଚରାଉଚରା କରିଛି। ତାଙ୍କୁ ଖବରଦାତାମାନେ ଏନେଇ ପଚାରିବାରେ , କେହି ଏସମ୍ପର୍କରେ ତାଙ୍କୁ ପଚାରି ନାହାନ୍ତି, ରିସର୍ଟରୁ ମଧ୍ୟ କୌଣସି ଜିନିଷ ସିବିଆଇ ଜବତ କରି ନ ଥିବା ସେ କହିଛନ୍ତି।

# ୧୫୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

## ଭଦ୍ରକରୁ ଟ୍ରେନ୍‌ରେ ଆଣିଥିଲେ, କବିସୂର୍ଯ୍ୟନଗରରେ ବିକିଥାନ୍ତେ

ବ୍ରହ୍ମପୁର, ୬।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏବେ ନିଶା କାରବାରର ହବ୍ ପାଲଟିଛି। ଅନ୍ୟ ଜିଲାରୁ ଗଞ୍ଜେଇ ଆଣି ବ୍ରହ୍ମପୁର ଦେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ବେଳେ ବାହାର ଜିଲାରୁ ଏଠାକୁ ବ୍ରାଉନ୍‌ସୁଗାର ଆସୁଛି। ଏହି ଧଳାଜହର ବ୍ରହ୍ମପୁରରୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଅବକାରୀ ଗୋଇନ୍ଦା ବିଭାଗ ସୂଚନା ପାଇଛି।

ମଙ୍ଗଳବାର ଖବରପାଇ ଅବକାରୀ ଗୋଇନ୍ଦା ଡିଏସ୍‌ପି ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରହ୍ମପୁର ରେଳଷ୍ଟେଶନ ନିକଟରେ ବ୍ରାଉନ୍‌ସୁଗାର ଚାଲାଣକାରୀଙ୍କୁ ଟ୍ରାକିଂ କରୁଥିଲା। ଏକ ବାଇକ୍(ନଂ.ଓଡି ୩୨ଏଲ୍ ୪୧୫୦)କୁ



ଅଟକାଇ ଆରୋହୀଙ୍କ ବ୍ୟାଗ୍ ଯାଞ୍ଚ କରିଥିଲା। ସେଠାରେ ପୋଲିସ ଟିମ୍ ୨ ଯୁବକଙ୍କ ନିକଟରୁ ୧୫୬ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରିଥିଲା। ସେମାନେ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ନରେଶ ଦଳେଇ(୩୦) ଓ ରାକେଶ ସ୍ୱାଇଁ(୨୯)। ଜେରା ବେଳେ ଉଭୟ ଉକ୍ତ ବ୍ରାଉନ୍‌ସୁଗାର ଭଦ୍ରକରୁ ଟ୍ରେନ୍‌ରେ ଆଣି ବ୍ରହ୍ମପୁର ଆସିଥିବା କହିଥିଲେ। ଷ୍ଟେଶନରେ ପୂର୍ବରୁ ପାର୍କିଂ ଥିବା ବାଇକ୍‌ରେ କବିସୂର୍ଯ୍ୟନଗର ଯାଇ ସେଠାରେ ଏହାକୁ ବିକ୍ରି କରିଥାନ୍ତେ ବୋଲି ସ୍ୱୀକାର କରିଥିବା ଜଣାପଡ଼ିଛି। ଅଭିଯୁକ୍ତଦ୍ୱୟ ପୂର୍ବରୁ ମଧ୍ୟ ବାଲେଶ୍ୱର ଓ ଭଦ୍ରକ ଅଞ୍ଚଳରୁ ଅନେକଥର ବ୍ରାଉନ୍‌ସୁଗାର ଆଣି ଏଠାରେ ବିକ୍ରି କରିଥିବା ବେଳେ ପ୍ରଥମଥର ପୋଲିସ ହାବୁଡ଼ରେ ପଡ଼ିଥିବା ଜଣାପଡ଼ିଛି। ଜବତ ବ୍ରାଉନ୍‌ସୁଗାର ଓ ବାଇକ୍‌ର ମୂଲ୍ୟ ପ୍ରାୟ ୧୮ ଲକ୍ଷ ଟଙ୍କା ବୋଲି ଡିଏସ୍‌ପି ରାଉତ କହିଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ମାମଲା ନଂ.୫୬୯/୨୫-୨୬ରେ କୋର୍ଟ ଚାଲାଣ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ଚଢ଼ାଉ ବେଳେ ଗୋଇନ୍ଦା ଟିମ୍‌ରେ ଇନ୍ସପେକ୍ଟର ନାରାୟଣ ଜେନା, ଏସ୍‌ଆଇ ସଙ୍ଗୀତା ମହାପାତ୍ର, ବଳରାମ ସ୍ୱାଇଁ, ସନ୍ତୋଷ ନାୟକ, ସରୋଜ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ନିଶାଦ୍ରବ୍ୟ ଚାଲାଣର ମାଧ୍ୟମ ସାଜିଛି ବିମାନବନ୍ଦର

ଭୁବନେଶ୍ୱର,୬।୧ (ତ୍ରିନାଥ ମହାନ୍ତି)

## ୨୫ ଦାମୀ ସିଗାରେଟ୍ ପ୍ୟାକେଟ୍, ୪ ହଜାର ପିସ୍ ସିଗାର ଜବତ

ବିଜୁ ପଟ୍ଟନାୟକ ବିମାନବନ୍ଦର ଏବେ ନିଶା ଦ୍ରବ୍ୟ ଚାଲାଣର ପ୍ରମୁଖ ମାଧ୍ୟମ ସାଜିଛି। ମାରିଜୁଆନା ପରେ ଏବେ ବିମାନବନ୍ଦରରୁ ଜବତ ହୋଇଛି ବିଦେଶୀ ସିଗାରେଟ୍। ଭୁବନେଶ୍ୱରକୁ ଚାଲାଣ ହେଉଥିବା ୨୫ପ୍ୟାକେଟ ଦାମୀ ସିଗାରେଟ୍ ଏବଂ ୪ ହଜାର ପିସ୍ ସିଗାରକୁ ଡିଆର୍‌ଆଇ ଜବତ କରିଛି। ଏଥିସହ ଏହି ନିଶାଦ୍ରବ୍ୟ ଚାଲାଣ କରୁଥିବା ୮ଜଣ ଚାଲାଣକାରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଅଟକ ଚାଲାଣକାରୀଙ୍କ ମଧ୍ୟରୁ ୫ଜଣ ଉତ୍ତରପ୍ରଦେଶର ହୋଇଥିବାବେଳେ ୩ଜଣ ଦିଲ୍ଲୀର ବୋଲି ଜଣାପଡ଼ିଛି। ଚାଲାଣକାରୀ ଜିଏସ୍‌ଟି ଫାଙ୍କି ଦାମୀ ସିଗାରେଟ୍ ଭୁବନେଶ୍ୱରକୁ ଆଣୁଥିବା ଜଣାପଡ଼ିଛି। ଜବତ ସିଗାରେଟ ଏବଂ ସିଗାର୍‌ର ମୂଲ୍ୟ ୩୫ ଲକ୍ଷରୁ ଅଧିକ ହେବ ବୋଲି ଡିଆରଆଇ ପକ୍ଷରୁ କୁହାଯାଇଛି। ଏହି ବିଦେଶୀ ସିଗାରେଟ୍‌ର ମୂଲ୍ୟ ଦୁବାଇରେ ଶସ୍ତା ହୋଇଥିବାରୁ ଏକାଧିକ ମାଫିଆ ଏହାକୁ ଓଡ଼ିଶାକୁ ଚାଲାଣ କରୁଛନ୍ତି।

୮ଜଣ ଚାଲାଣକାରୀଙ୍କଠାରୁ ୧୭ଟି ମୋବାଇଲ୍ ଫୋନ୍ ଏବଂ ବିଦେଶୀ ସିଗାରେଟ୍ ଜବତ କରାଯାଇଛି। ଦୁବାଇରୁ ଏହି ବିପୁଳ ପରିମାଣର ସିଗାରେଟ୍ ବିମାନଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ, ଏଠାରେ ଥିବା ଦଲାଲଙ୍କ ମାଧ୍ୟମରେ ସଡ଼କପଥ ଦେଇ କୋଲ୍‌କାତା ଯାଇଥାନ୍ତା। ବିମାନବନ୍ଦରରୁ ପୂର୍ବରୁ ମଧ୍ୟ ଏକାଧିକ ଥର ଡିଆର୍‌ଆଇ ସିଗାରେଟ୍ ଜବତ କରିଛି। ମିଳିଥିବା ତଥ୍ୟ ଅନୁସାରେ ୩ବର୍ଷ ମଧ୍ୟରେ ୧୨ଥର ସିଗାରେଟ୍ ଜବତ କରାଯାଇଛି। ଏହି ଦାମୀ ସିଗାରେଟ୍‌ର ମୂଲ୍ୟ ଓଡ଼ିଶା ଏବଂ ଅନ୍ୟ ରାଜ୍ୟରେ ଅଧିକ ରହିଛି। ଅନେକ ଗ୍ରାହକ ଏହି ସିଗାରେଟ୍ ଚାହୁଁଥିବାରୁ ଜିଏସ୍‌ଟି ଫାଙ୍କି ନିଶା ମାଫିଆମାନେ ଭୁବନେଶ୍ୱର ଆଣୁଛନ୍ତି।

କେବଳ ସିଗାରେଟ୍ ନୁହେଁ, ଅଧିକାଂଶ ସମୟରେ ବିଦେଶୀ ଗଞ୍ଜେଇ(ମାରିଜୁଆନା)କୁ ମଧ୍ୟ ଓଡ଼ିଶାକୁ ଚାଲାଣ କରାଯାଉଛି। କିଛି ଜବତ ହେଉଥିବାବେଳେ ଅନେକ ସମୟରେ ଚାଲାଣକାରୀ ଖସି ଯାଉଛନ୍ତି। ସପ୍ତାହକ ମଧ୍ୟରେ ୧୨ କୋଟି ଟଙ୍କାର ମାରିଜୁଆନା ବିମାନବନ୍ଦରରୁ ଧରା ପଡ଼ିଲାଣି। ଗତ ୩୧ ତାରିଖରେ ୪ କୋଟିର ମାରିଜୁଆନା ସହ ଜଣେ କେରଳୀ ଯୁବକ ବନ୍ଧା ହୋଇଥିଲେ। ୨ତାରିଖରେ ପୁଣି ଜଣେ କେରଳୀ ଯୁବକଙ୍କ ଠାରୁ ୮ କୋଟିର ମାରିଜୁଆନା ଜବତ ହୋଇଥିଲା। ଜର୍ମାନୀରୁ ଭାରତ ଭାୟା ମାଲେସିଆ ଦେଇ ଚାଲାଣ ହେଉଛି ମାରିଜୁଆନା। କେଜିଏ କାରବାର କଲେ ଦଲାଲ ୧୦ ଲକ୍ଷ ଟଙ୍କା ପାଉଛନ୍ତି। ନିଶା ସିଣ୍ଡିକେଟରେ ମହିଳା ଓ ସୁନ୍ଦରୀ ଯୁବତୀଙ୍କ ସମ୍ପୃକ୍ତି ରହୁଛି। କୁଆଲାଲାମ୍ପୁରରୁ ନିଶା ଚାଲାଣ ଘଟଣାରେ ପୂର୍ବରୁ ଦୁଇ ମହିଳାଙ୍କୁ କଷ୍ଟମ୍ ବିଭାଗ ବାନ୍ଧିଥିଲା। ଗତବର୍ଷ ସ୍ୱତନ୍ତ୍ର ଟିମ୍ ପ୍ରାୟ ୧୦୦ କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲା।

**ରାଜ୍ୟ ଖବର**

## ମା'ଙ୍କ ମୃତ୍ୟୁ ଖବର ଶୁଣି ଚାଲିଗଲା ପୁଅଙ୍କ ଜୀବନ

### ଗୋଟିଏ ଘରୁ ଉଠିଲା ୨ କୋକେଇ

ଜୟପୁର,୬।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ମା'ଙ୍କ ମୃତ୍ୟୁର କିଛି ସମୟ ପରେ ଚିନ୍ତିତ ଥିବା ପୁଅଙ୍କ ହୃଦ୍‌ଘାତରେ ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଜୟପୁର ପରିଛାସାହିର ଏସ୍.ସାବିତ୍ରୀ(୮୦)ଓ ତାଙ୍କ ପୁଅ ଏସ୍.ରବି କୁମାର।

ସୂଚନାନୁଯାୟୀ, ସାବିତ୍ରୀ ଦୀର୍ଘଦିନରୁ ପକ୍ଷପାତରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ହୋଇରହିଥିଲେ। ପୁଅ ରବି ମା'ଙ୍କୁ ଅଧିକ ଭଲ ପାଉଥିଲେ। ସମସ୍ତ ଆବଶ୍ୟକତା ପୂରଣ କରୁଥିଲେ। ପ୍ରତିଦିନ ଭଳି ମଙ୍ଗଳବାର ମା'ଙ୍କ ସମସ୍ତ କାର୍ଯ୍ୟ ସାରି ରବି ଜମି ଦେଖିବାକୁ ବାହାରକୁ ଯାଇଥିଲେ। ବାହାରୁ ଫେରି ଦେଖିବା ବେଳେ ମା'ଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାକୁ ରବି ସହ୍ୟ କରିପାରି ନ ଥିଲେ। କିଛି ସମୟ ପରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ରବିଙ୍କ ପରିବାର କହିଲେ ମା' ସାବିତ୍ରୀ ଓ ଭଉଣୀ ଏସ୍. ସୁକାନ୍ତି। ବାପା ଚାଲିଯିବା ପରେ ତାଙ୍କ ପେନ୍‌ସନ ଟଙ୍କା ଓ ଜମିବାଡ଼ିରୁ ଆଦାୟ ହେଉଥିବା ଟଙ୍କାରେ ପରିବାର ଚଳୁଥିଲା। ମା'ଙ୍କ ସେବା କରିବା ପାଇଁ ରବି ବିବାହ କରି ନ ଥିଲେ। ଭଉଣୀଙ୍କ ମାନସିକ ଅବସ୍ଥା ଭଲ ନ ଥିବାରୁ ସେ ମଧ୍ୟ ବିବାହ କରି ନ ଥିଲେ। ସାହି ବାସିନ୍ଦାମାନେ ଘଟଣାସ୍ଥଳରେ ପହଞ୍ଚି ଗୋଟିଏ ପରେ ଗୋଟିଏ କରି ଘରୁ ୨ଟି କୋକେଇରେ ମା' ଓ ପୁଅଙ୍କ ମୃତଦେହ ଶେଷକୃତ୍ୟ ପାଇଁ ନେଇଥିଲେ। ଲୋକଙ୍କ ସହାୟତାରେ ଅନ୍ତିମ ସତ୍କାର କରାଯାଇଥିଲା। ପରିବାରର ଆର୍ଥିକ ସ୍ଥିତି ବହୁତ ଖରାପ ଥିବାରୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ସାହିବାସିନ୍ଦା ଦାବି କରିଛନ୍ତି।

# ୬ଷ୍ଠ ଜାତୀୟ ଚିଲିକା ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୬।୧ (ବନ୍ଦନା ସେଠୀ)

ପର୍ଯ୍ୟଟନ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସହଭାଗିତାରେ ମଙ୍ଗଳବାର ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଲୋକସେବା ଭବନ ସମ୍ମେଳନ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଉପକୂଳକୁ ପ୍ରବାସୀ ପକ୍ଷୀଙ୍କ ଯାତ୍ରା ଓଡ଼ିଶାର ଅନୁକୂଳ ଜଳବାୟୁର ସୂଚକ ବୋଲି ମତ ପ୍ରକାଶ କରିଛନ୍ତି। ସୁରକ୍ଷିତ ଓ ସଂରକ୍ଷିତ ଜଙ୍ଗଲର ମହତ୍ତ୍ୱକୁ ଗୁରୁତ୍ୱ ଦେଇ ସୁରକ୍ଷିତ ପ୍ରାକୃତିକ ଉପାଦାନ ସୁରକ୍ଷିତ ପର୍ଯ୍ୟଟନର ପ୍ରତୀକ ବୋଲି ସେ କହିଥିଲେ। ଚିଲିକାରେ ପ୍ରବାସୀ ପକ୍ଷୀଙ୍କ ଆଗମନ, ଗତି ଓ ରହଣି ବିଷୟରେ ଆଲୋଚନା କରିବା ସହ ଚିଲିକାର ଜୈବ ବିବିଧତା ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶର


କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିମାନେ ପକ୍ଷୀ ସଂରକ୍ଷଣ ସଂକ୍ରାନ୍ତ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ସଂରକ୍ଷଣ ଓ ସୁରକ୍ଷା ସରକାରଙ୍କ ପ୍ରାଥମିକତା ବୋଲି କହିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପକ୍ଷୀଙ୍କ ସମାଗମ ସହିତ ସ୍ଥାନୀୟ ଲୋକଙ୍କ ରୋଜଗାରର ଉତ୍ସ ହେଉଛି ଚିଲିକା ହ୍ରଦ। ତେଣୁ ଜାତୀୟ ପକ୍ଷୀ ମହୋତ୍ସବ ଚିଲିକାର ଶୋଭା ବୃଦ୍ଧି କରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ତର୍ଗତ ରାଜ୍ୟ ବନ୍ୟପ୍ରାଣୀ ସଂଗଠନ ଭୁବନେଶ୍ୱର ସହ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ୍ ଟ୍ରାଭେଲ ମ୍ୟାନେଜ୍‌ମେଣ୍ଟର ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଇକୋ ଟୁରିଜମ୍ ଉତ୍ପାଦ ବିକାଶ, ମାର୍କେଟିଂ ଓ ପ୍ଲାନିଂ ସୋପାର୍ଟ ଏହି ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଛି। ସେହିପରି ୧୫୦ ମିଲିୟନ ପକ୍ଷୀଙ୍କ ଉପରେ ପର୍ଯ୍ୟବସିତ ଏକ ପକେଟ୍ ଗାଇଡ୍, ଫ୍ଲାମିଙ୍ଗୋ ପକ୍ଷୀର ଜୀବନ ଉପରେ ଏକ ପତ୍ରିକା ଏବଂ ଓଡ଼ିଶା ପକ୍ଷୀ ସଂରକ୍ଷଣ ଉପରେ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ବିଭାଗର ବିଭିନ୍ନ କାର୍ଯ୍ୟ ସମେତ ଚିଲିକା ହ୍ରଦର ଉଲ୍ଲେଖନୀୟ ସୁଯୋଗ ଓ ସମ୍ଭାବନା ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ସୁରେଶ ପନ୍ତ ଓଡ଼ିଶା ବନ୍ୟ ସମ୍ପଦରେ ଚିଲିକାର ଭୂମିକାକୁ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ପ୍ରକାଶ କୁମାର ଝାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ, ପକ୍ଷୀପ୍ରେମୀ, ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦେଶୀ ଶିକ୍ଷାର୍ଥୀଙ୍କୁ ଆପଣାଇବାରେ କିଟ୍ ଦେଶର ୫ମ

ଭୁବନେଶ୍ୱର,୬।୧ (ଅନୁରାଧା ମହାରଣା)

**ନୀତି ଆୟୋଗ ରିପୋର୍ଟ**




ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକୁ ବିଦେଶୀ ଶିକ୍ଷାର୍ଥୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧିପାଉଛି ବୋଲି ନିକଟରେ ନୀତି ଆୟୋଗଙ୍କ ରିପୋର୍ଟ ପ୍ରକାଶ ପାଇଛି। ଭାରତରେ ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟକରଣ ଉପରେ ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ୨୦୨୧-୨୨ ଶିକ୍ଷାବର୍ଷରେ ଓଡ଼ିଶାକୁ ସର୍ବାଧିକ ବିଦେଶୀ ଛାତ୍ରୀଛାତ୍ର ଶିକ୍ଷାଲାଭ ପାଇଁ ଆସିଛନ୍ତି। ନୀତି ଆୟୋଗ ରିପୋର୍ଟରେ ଭାରତର କେଉଁ ରାଜ୍ୟରେ କେତେ ପିଲା ପଢୁଥିଲେ ଓ ସଂଖ୍ୟା କେତେ ବୃଦ୍ଧି ପାଇଛି ସେନେଇ ବିସ୍ତୃତ ସୂଚନା ଦିଆଯାଇଛି। ଏହି ତଥ୍ୟ ମୁତାବକ, ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆପଣାଇବାରେ ଭାରତର ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ସେହିପରି ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ପ୍ରଥମ ସ୍ଥାନ ପାଇଛି। ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆପଣାଇବାରେ କିଟ୍ ଦେଶରେ ପଞ୍ଚମ ସ୍ଥାନରେ ରହିଛି। ରିପୋର୍ଟରେ କୁହାଯାଇଛି ଯେ, କୋଲକାତା ଓ ହାଇଦ୍ରାବାଦ ଆଦି କସ୍‌ମୋପଲିଟାନ ନଗର ହୋଇଥିବାବେଳେ ପଶ୍ଚିମବଙ୍ଗ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶଠାରୁ ଓଡ଼ିଶାରେ ଅଧିକ ବିଦେଶୀ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ଦେଶର ପୂର୍ବାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମୋଟ ୨୩୬୨ ବିଦେଶୀ ଛାତ୍ରୀଛାତ୍ର ଶିକ୍ଷା ଲାଭ କରୁଥିବାବେଳେ ସେମାନଙ୍କ ମଧ୍ୟରୁ କେବଳ କିଟ୍‌ରେ ବିଶ୍ୱର ୭୦ଟି ଦେଶର ୨ହଜାର ଛାତ୍ରୀଛାତ୍ର ଅଛନ୍ତି। ଭାରତର ୫ଟି ଘରୋଇ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ବିଦେଶୀ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିବା କିଟ୍ ୫ମ ସ୍ଥାନରେ ରହିଛି। ବର୍ତ୍ତମାନ ସୁଦ୍ଧା ୫ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରୀଛାତ୍ର କିଟ୍‌ରୁ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି। ୨୦୧୨ରେ ଓଡ଼ିଶାରେ ମାତ୍ର ୧୨ଜଣ ବିଦେଶୀ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଏବେ କେବଳ କିଟ୍‌ରେ ୨ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଶିକ୍ଷାର୍ଥୀ ଅଧ୍ୟୟନ କରୁଛନ୍ତି। ଆଗାମୀ ଶିକ୍ଷାବର୍ଷରେ କିଟ୍‌ରେ ବିଦେଶୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଶା ପ୍ରକାଶ କରିଛନ୍ତି।

## କୁଆଖାଇରେ ବୁଡ଼ି ୨ ଛାତ୍ର ମୃତ

ଭୁବନେଶ୍ୱର, ୬।୧ (ସତ୍ୟଜିତ ରାଉତ)

କୁଆଖାଇ ନଦୀରେ ମଙ୍ଗଳବାର ବଡ଼ ଅଘଟଣ ଘଟିଛି। ବରିମୁଣ୍ଡ ଗାଁ ବାଲିଯାତ୍ରା ପଡିଆ ନିକଟ କୁଆଖାଇ ନଦୀରେ ବୁଡ଼ି ୨ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ ଥାନା ଅନ୍ତର୍ଗତ ଲାଉସେନା ଗାଁର ପଙ୍କଜ କୁମାର ସାହୁ (୧୮) ଓ ଖୋର୍ଦ୍ଧା ବାଘମାରି ଅଞ୍ଚଳର ପ୍ରତୀକ ପଲାରୁ (୧୮)। ମଞ୍ଚେଶ୍ୱର ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି। କ୍ୟାପିଟାଲ ହସ୍ପିଟାଲରେ ମୃତଦେହକୁ ରଖାଯାଇଥିବାବେଳେ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଛାତ୍ରଦ୍ୱୟ ମଞ୍ଚେଶ୍ୱର ଅଞ୍ଚଳରେ ରହୁଥିବାବେଳେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ୨ରେ ପଢୁଥିଲେ। ଏଥିସହ ସ୍ୱତନ୍ତ୍ର କୋଚିଂ ମଧ୍ୟ ନେଉଥିଲେ। ସେମାନେ ଅନ୍ୟ ଦୁଇ ସାଙ୍ଗଙ୍କ ସହ ରୁମ୍‌ରେ ଭୋଜି କରିଥିଲେ। ଭୋଜି ପରେ ରନ୍ଧା ଖାଦ୍ୟକୁ ଧରି ବରିମୁଣ୍ଡ ଗାଁ ନିକଟ ନଦୀପଠାକୁ ଯାଇଥିଲେ। ସେମାନେ ସେଠାରେ ଖାଇବା ସହ ବୁଲାବୁଲି କରିଥିଲେ। ତେବେ ଅପରାହ୍ନ ପ୍ରାୟ ୪ଟା ବେଳେ ପଙ୍କଜ ଓ ପ୍ରତୀକ ବାସନ ଧୋଇବାକୁ ନଦୀକୂଳକୁ ଯାଇଥିଲେ। ସେଠାରେ ଉଭୟଙ୍କ ଗୋଡ଼ ଖସିଯାଇଥିଲା। ଦେଖୁ ଦେଖୁ ସେମାନେ ନଦୀର ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। କିଛି ସମୟ ପରେ ପାଣି ଭିତରେ ସେମାନେ ନିଖୋଜ ହୋଇଯାଇଥିଲେ। ଏପଟେ ଥିବା ସାଙ୍ଗଦ୍ୱୟ ଓ ସ୍ଥାନୀୟ ଲୋକମାନେ ପୋଲିସ ଓ ଅଗ୍ନିଶମକୁ ଖବର ଦେଇଥିଲେ। ୪ଟା ୩୦ ବେଳେ ମଞ୍ଚେଶ୍ୱର ଅଗ୍ନିଶମ କେନ୍ଦ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା। ଅଗ୍ନିଶମ ଟିମ୍ ଯୁବକଦ୍ୱୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିବା ସହ ପୋଲିସ ସହାୟତାରେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଖବର ପ୍ରସ୍ତୁତ ପର୍ଯ୍ୟନ୍ତ ଏନେଇ ମାମଲା ରୁଜୁ ପଞ୍ଜୀକୃତ ହୋଇ ନ ଥିବା ଜଣାପଡ଼ିଛି।

## କାର୍ତ୍ତିକଙ୍କ ଜୀବନରେ 'ମିଷ୍ଟ୍ରି ଗର୍ଲ'ଙ୍କ ଏଣ୍ଟ୍ରି

ବଲିଉଡର ଚକ୍‌ଲେଟ ବୟ କାର୍ତ୍ତିକ ଆର୍ଯ୍ୟନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହ ନାମ ଯୋଡ଼ାଯିବା ପରେ ଏବେ ଜଣେ ବିଦେଶୀ 'ମିଷ୍ଟ୍ରି ଗର୍ଲ'ଙ୍କ ସହ କାର୍ତ୍ତିକଙ୍କ ଲିଙ୍କଅପ ଖବର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କାର୍ତ୍ତିକ ଆର୍ଯ୍ୟନ ବର୍ତ୍ତମାନ ଗୋଆରେ ଛୁଟି କଟାଉଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ସମୁଦ୍ରକୂଳର କିଛି ଫଟୋ ଶେୟାର କରିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, କରିନା ନାମ୍ନୀ ଜଣେ ଯୁବତୀ ମଧ୍ୟ ଠିକ୍ ସେହି ସମାନ ଲୋକେଶନର ଫଟୋ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। କରିନା ଗ୍ରୀସ୍ ବାସିନ୍ଦା ଏବଂ ବର୍ତ୍ତମାନ ୟୁକେରେ ପାଠ ପଢୁଛନ୍ତି। ରିପୋର୍ଟ ଅନୁଯାୟୀ, କରିନାଙ୍କୁ ମାତ୍ର ୧୮ ବର୍ଷ ହୋଇଥିବା ବେଳେ କାର୍ତ୍ତିକଙ୍କ ବୟସ ୩୫ ବର୍ଷ। ଏହି ବୟସ ବ୍ୟବଧାନକୁ ନେଇ ମଧ୍ୟ ପ୍ରଶଂସକଙ୍କ ମଧ୍ୟରେ ବେଶ ଚର୍ଚ୍ଚା ହେଉଛି। ପ୍ରଥମେ କାର୍ତ୍ତିକ କରିନାଙ୍କୁ ଇନ୍‌ଷ୍ଟାଗ୍ରାମରେ ଫଲୋ କରୁଥିଲେ, ମାତ୍ର ସମ୍ପର୍କକୁ ନେଇ ଗୁଜବ ଉଠିବା ପରେ ସେ ତାଙ୍କୁ 'ଅନଫଲୋ' କରିଦେଇଛନ୍ତି।



## ସଂକ୍ଷେପରେ

### ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ତୁଣ୍ଡଲା,୬।୧ (ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ତୁଣ୍ଡଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ରଜାପଡ଼ା ଭାଗୀରଥି ଯୁବକ ସଂଘ ତରଫରୁ ସିଲେଟପଡ଼ା ଖେଳ ପଡିଆଠାରେ ନବମ ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ନର୍ଲା ତଳପଡ଼ା ଓ ଡଙ୍ଗାପଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଗୋଲକରି ସମାନ ସ୍ଥିତିରେ ରହିବାରୁ ଟାଇବ୍ରେକରରେ ୩-୨ରେ ଡଙ୍ଗାପଟା ଦଳ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଗାଁ ଗୋନ୍ତିଆ ମୁନିରାମ ମାଝୀଙ୍କ ସମେତ ପ୍ରସନ୍ନ ମାଝୀ, ସର୍ଦ୍ଦାର ମାଝୀ, ଅଚ୍ୟୁତ ମାଝୀ, ହରେକୃଷ୍ଣ ମାଝୀ, ଉଗ୍ରସେନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପବିତ୍ର ନାଏକ ମ୍ୟାଚ ପରିଚାଳନା କରିଥିବା ବେଳେ ହେରାମ ମାଝୀ ଓ କୈଳାସ ମାଝୀ ସହଯୋଗ କରିଥିଲେ। ମ୍ୟାଚର ଧାରା ବିବରଣୀ ଦିବ୍ୟସିଂ ମାଝୀ ଦେଇଥିଲେ।

### ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ନୂଆପଡ଼ା,୬।୧ (ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ କେରମେଲି ପଞ୍ଚାୟତ ଗୋଳାବନ୍ଧ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲାଇବାନ ସୋରି (୫୮)ଙ୍କ ମଙ୍ଗଳବାର ଆକସ୍ମିକ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ପ୍ରଧାନ ଶିକ୍ଷକ ସୋରି ସୋମବାର ସନ୍ଧ୍ୟାରେ ବିଦ୍ୟାଳୟରୁ ନିଜ ଘର କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁକୁ ଯାଇ ରାତିରେ ଖାଇ ଶୋଇଥିଲେ। ମଙ୍ଗଳବାର ସକାଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ରାୟପୁର ଏମ୍ସ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ୧୯୯୧ ଜାନୁଆରୀ ୧୫ରେ କଳାହାଣ୍ଡି ଜିଲା ଧନସୁଲି ଆଶ୍ରମ ବିଦ୍ୟାଳୟରେ ସେ ଶିକ୍ଷକତା ଜୀବନ ଆରମ୍ଭ କରି ମିଛାପାଲି, ଖୋଲିଗାଁ, ସୋସେଙ୍ଗ, ସୁନାବେଡା କାଣ୍ଡେତରା, ଦର୍ଲିପଡା ସେବାଶ୍ରମରେ ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ତୁଲାଇବା ପରେ କିଛିବର୍ଷ ହେବ ଗୋଳାବନ୍ଧ ସେବାଶ୍ରମରେ ପ୍ରଧାନ ଶିକ୍ଷକ ଭାବରେ ରହିଥିଲେ। ୨୦୨୭ ଏପ୍ରିଲରେ ସେ ଅବସର ଗ୍ରହଣ କରିଥାନ୍ତେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେଲା ପରେ ଜିଲାରେ ଶୋକର ଛାୟା ଖେଳିଯାଇଛି।

### ପାଣି ପଞ୍ଚାୟତ ପକ୍ଷ ପାଳିତ

**ଖଡ଼ିଆଳ,୬।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ଆଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଓ ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନନ୍ଦ, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ଦେବୀ ପ୍ରସାଦ ମେହେର, ନୂଆପଡା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଆନ୍ତର୍ଯାମୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଧର୍ମଗଡ଼, ୬।୧ (ଘାସିରାମ ଜଗତ):** ଅବସରପ୍ରାପ୍ତ ଶିକ୍ଷକ ତଥା କଳାହାଣ୍ଡି ପଣ୍ଡରା ମାଳି ସଂଘର ସମ୍ପାଦକ ଅଚ୍ୟୁତାନନ୍ଦ ନାଏକଙ୍କ ମଙ୍ଗଳବାର ଧର୍ମଗଡ ଅରବିନ୍ଦ ପଡ଼ାସ୍ଥିତ ବାସ ଭବନରେ ୬୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ କିଛିବର୍ଷ ହେଲା ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ଝିଅଜ୍ୱାଇଁ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ପ୍ରଭାତ କୁମାର ନାଏକ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ନାଏକ ୧୯୮୮ରେ ଅବିଭକ୍ତ କଳାହାଣ୍ଡି ଜିଲାର ବେଲଟୁକୁରୀଠାରେ ପ୍ରାଥମିକ ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ୨୦୨୩ରେ ମୋଟର ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ପଣ୍ଡରା ମାଳି ସଂଘର ସଭାପତି ଦୁର୍ଗା ପ୍ରସାଦ ନାଏକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି କବିରାଜ ଦୁର୍ଗା, ସମ୍ପାଦକ ରାଜେନ୍ଦ୍ର ଭୋଇ, ଉପଦେଷ୍ଟା ଲୋକନାଥ ବେହେରା, ସରପଞ୍ଚ ମକୁନ୍ଦ ଶବର ପ୍ରମୁଖ ଶୋକ ପ୍ରକାଶ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି।

# ସକାଳ ସାଢ଼େ ୮ରେ ଜାତୀୟ ପତାକା ଉତ୍ତୋଳନ

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୬।୧ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ଏହି ଦିବସ ପାଳନ ନିମନ୍ତେ ସମସ୍ତଙ୍କ ସାହାଯ୍ୟ ସହଯୋଗ କାମନା କରିଥିଲେ। ଜାତୀୟ ଦିବସରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ଉପରେ ନ୍ୟସ୍ତ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୬ ତାରିଖ ଭୋର ୫ଟା ସମୟରେ ସହରରେ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ପରିବେଷଣ, ସକାଳ ୭ଟାରେ ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମୁଖ୍ୟ ଅତିଥିଙ୍କ ଦ୍ୱାରା ସକାଳ ୮ଟା ୩୦ରେ ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଜାତୀୟ ପତାକା ଉତ୍ତୋଳନ, ଅଭିବାଦନ ଗ୍ରହଣ ଓ ମିଳିତ ପରେଡ ଅନୁଷ୍ଠିତ ହେବ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା, ଝୋଟି ବେବି ଶୋ ପ୍ରତିଯୋଗିତା, ଜିଲା କ୍ରୀଡା ବିଭାଗ ତରଫରୁ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଏବଂ ସନ୍ଧ୍ୟାରେ ଟାଉନ ହଲଠାରେ ଜିଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁକ୍ତିକୁନ୍ତ ନିଶା, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ନିର୍ବାହୀ ଅଧିକାରୀ ପୌରପାଳିକା ଭବାନୀପାଟଣା ପ୍ରମୋଦ କୁମାର ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନିଆଲ ସ୍ୱାଗତ ଅଭିଭାଷଣ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ସିନାପାଲି ବ୍ଲକ ଗଣ୍ଡାବାହାଲିଠାରେ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରାରେ ମହିଳାମାନେ।

## ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା

**ସିନାପାଲି,୬।୧ (ମଜପୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲି ଠାରେ ରାଷ୍ଟ୍ରୀୟ ଶୌର୍ଯ୍ୟ ସମୃଦ୍ଧି ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧ହଜାରରୁ ଅଧିକ ମହିଳା ସାମିଲ ହୋଇଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଟୋଳି ନାୟକ ରଶ୍ମି ପ୍ରଭୁ ସଦିପ ପଣ୍ଡିଆ ଜୀ ଓ ବନୱାରି ଲାଲ ଜୀଙ୍କ ସମେତ ସିନାପାଲି ଶକ୍ତିପୀଠ କର୍ମକର୍ତ୍ତା, ଖରିଆର ଶକ୍ତି ପୀଠ, ରାଣୀମୁଣ୍ଡା ଶକ୍ତିପୀଠ, ହାତିବନ୍ଧା ପ୍ରଜ୍ଞାପୀଠ, ନୂଆପଡା ଗାୟତ୍ରୀ ପରିବାର ଉପସ୍ଥିତ ଥିଲେ। କଳସଯାତ୍ରା ସହ ଘୁମୁରା, ଘୋଡ଼ାନାଚ, ଘଣ୍ଟବାଦ୍ୟ, ରାମକଥି ମହିଳା ଦଳ ସାମିଲ ହୋଇ ନିଜର କଳା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ପ୍ରବଚକଙ୍କ ଦ୍ୱାରା ସୁନ୍ଦର ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପାଣି ସମସ୍ୟା: କାର୍ଯ୍ୟକ୍ଷମ ହୋଇପାରୁନି ସ୍ୱାସ୍ଥ୍ୟକେନ୍ଦ୍ର ଗୃହ


ଶାନ୍ତିନଗର ପଡ଼ାଠାରେ ନବନିର୍ମିତ ଡାକ୍ତରଖାନା।

**କର୍ଲାମୁଣ୍ଡା,୬।୧ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ ଥିବା ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧ କୋଟି ଅର୍ଥ ମଞ୍ଜୁର ହୋଇଥିଲା। ଏହି ଅର୍ଥରେ ବ୍ଲକ ସଦର ଶାନ୍ତିନଗର ପଡ଼ାଠାରେ ୩୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ପାଇଁ ଟେଣ୍ଡର ଜରିଆରେ ଜନୈକ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ ଚୁକ୍ତିନାମା ଅନୁଯାୟୀ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ ହୋଇପାରି ନ ଥିବାରୁ ନୂତନ ଗୃହରେ ଜନ ସାଧାରଣ ଚିକିତ୍ସା ସେବା ପାଇପାରୁ ନ ଥିବା ଜଣାପଡ଼ିଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିହାରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ପାଣି ସମସ୍ୟା ଥିବାରୁ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷେ ବିଡିଏମ୍ ଅଜିତ ସିଂ କୁମାରଙ୍କୁ ପଚାରିବାରୁ ପାଣି ସମସ୍ୟା ସମାଧାନ ପାଇଁ ୬୦ ଲକ୍ଷ ଟଙ୍କା ଅନୁଦାନ ଆସିଛି। ଶୀଘ୍ର ପାଣି ସମସ୍ୟା ଦୂର ହେବା ପରେ ଡାକ୍ତରଖାନା କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି।

## ଦର୍ଲିମୁଣ୍ଡାଠାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ


ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କରାଯାଉଛି।

**ନୂଆପଡ଼ା,୬।୧ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଚଳିତ ଖରିଫ ଋତୁର ଶ୍ରୀଅନ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, ନୂଆପଡା ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ବ୍ଲକ କୃଷି ଅଧିକାରୀ ସତ୍ୟ ନାଗ, ଶ୍ରୀଅନ ଅଭିଯାନର ସ୍କିମ ଅଫିସର ବର୍ଷା ଆଜାଦ, ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ମିର୍ଦ୍ଧା, ଶ୍ରୀଅନ ଅଭିଯାନ ଜିଲା ସଂଯୋଜକ ନରସିଂହ ଜଗତ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୬୪ ଚାଷୀଙ୍କଠାରୁ ୧୫୨ କୁଇଣ୍ଟାଲ ୩୪ କିଲୋଗ୍ରାମ ମାଣ୍ଡିଆ କ୍ରୟ କରାଯାଇଛି । ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟା କାର୍ଯ୍ୟକାରୀ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମେଗା କ୍ୟାମ୍ପ: ନାମ ଲେଖାଇଲେ ୧୧୪ ଡ୍ରପ୍‌ଆଉଟ ଛାତ୍ରୀଛାତ୍ର

**ରୁପ୍ରାରୋଡ୍, ୬।୧ (ସଞ୍ଜୀବ ଦାସ)**

ବିଦ୍ୟାଳୟ ବାହାରେ ରହିଥିବା କିମ୍ବା ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲକରାଇବା ଉଦ୍ଦେଶ୍ୟରେ ନର୍ଲା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟରେ ନାମଲେଖା ପାଇଁ ଏକ ମେଗା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାମ୍ପରେ ମୋଟ ୧୧୪ ଛାତ୍ରୀଛାତ୍ର ନିଃଶୁଳ୍କ ନାମ ପଞ୍ଜୀକରଣ କରିଛନ୍ତି। ଏଥିରେ ୧୦୩ ଜଣ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟର ଦ୍ୱାଦଶ (ଯୁକ୍ତ ୨) ଓ ୧୧ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟର ଦଶମରେ ନାମ ଲେଖାଇବା ପାଇଁ ଫର୍ମ ପୂରଣକରି ଆବଶ୍ୟକ ଦସ୍ତାବିଜ ଦାଖଲ କରିଥିଲେ। କାର୍ଯ୍ୟକ୍ରମରେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ ନେତୃତ୍ୱ ନେଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ ଓ ବ୍ଲକ୍‌ର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ରହି ସହଯୋଗ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଜାନୀ କହିଛନ୍ତି, ପରବର୍ତ୍ତୀ ସମୟରେ ଆହୁରି ଅଧିକ ପିଲାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ପ୍ରୟାସ ଜାରି ରହିବ।

## ଦ୍ୱିତୀୟ ଦିବସରେ ମେଗା ଶିବିର: ୧୨୫ ୟୁନିଟ୍ ରକ୍ତ ସଂଗ୍ରହ

**ଲାଞ୍ଜିଗଡ଼,୬।୧ (ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ବ୍ଲକ କାଉଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ୨୬ତମ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ମଙ୍ଗଳବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଯୋଗ ଓ ପ୍ରାଣାୟାମ ପରେ ରେଡ୍‌କ୍ରସର ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ପ୍ରଶିକ୍ଷାର୍ଥୀମାନଙ୍କୁ ସଚ୍ଚିଦାନନ୍ଦ ଗଉଡ଼ ଓ ସୌମ୍ୟରଞ୍ଜନ ମିଶ୍ର ପ୍ରାଥମିକ ଚିକିତ୍ସା, ସୁଦାମ ଚରଣ ମିଶ୍ର ରେଡ୍‌କ୍ରସର ଇତିହାସ, ମୋଟର ଯାନ ନିରୀକ୍ଷକ ମିଥୁନ ପ୍ରଧାନ ଓ ଜୁନିୟର ରେଡ୍‌କ୍ରସ ଅଧିକାରୀ ନାରାୟଣ ପ୍ରଧାନ ସଡ଼କ ସୁରକ୍ଷା ସମ୍ପର୍କରେ, ଯୁଧିଷ୍ଠିର ମୁଦୁଲି ପରିବେଶ ସୁରକ୍ଷା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଭବାନୀପାଟଣାସ୍ଥିତ ଓଡ଼ିଶା ରକ୍ତ ଭଣ୍ଡାରର ଅଜିତ ନାଏକ, କୃଷ୍ଣଚନ୍ଦ୍ର ସାହୁ, ସଞ୍ଜୀବ ମହାଖୁଡ଼, ଜଞ୍ଜିର ପ୍ରସାଦ ବାଗ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସାନ୍ଧ୍ୟ କାର୍ଯ୍ୟକ୍ରମରେ ଦଳଗତ ସଙ୍ଗୀତ ପ୍ରତିଯୋଗିତା ସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

**ପଲମ, ୬।୧ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଟକର୍ଲା ପଞ୍ଚାୟତର ଟକର୍ଲା ଖେଳପଡ଼ିଆଠାରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଯାଇଛି। ସରପଞ୍ଚ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆରମ୍ଭ ହୋଇଥିଲା। ନର୍ଲା ବ୍ଲକ ଏପିଓ ସୂର୍ଯ୍ୟମଣି ସେଠ ମୁଖ୍ୟ ଅତିଥି ଓ ଟକର୍ଲା ପଞ୍ଚାୟତ ସମିତି ସଭ୍ୟା ବୁଇରାଣୀ ରାଉତ, ନାଏବ ସରପଞ୍ଚ ମମତା ସାହୁ, ଶତ୍ରୁଘ୍ନ ମାଝୀ, ଫକିର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ମନୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

**ଭବାନୀପାଟଣା,୬।୧ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନୃତତ୍ତ୍ୱ ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ସୋମବାର ‘କ୍ଲାଇମେଟ୍ ଚେଞ୍ଜ ଆଣ୍ଡ ଜେଣ୍ଡର ଜଷ୍ଟିସ୍’ ଶୀର୍ଷକ ବିଶିଷ୍ଟ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତା କରି ଲିଙ୍ଗାନୁଭେଦ ସମ୍ବନ୍ଧରେ ନିଜର ମତ ଉପସ୍ଥାପନ କରିଥିଲେ। ଉପ କୁଳସଚିବ ମେଜର ଡ. ଜୟଦେବ ସାହୁ ପ୍ରସଙ୍ଗଭିତ୍ତିକ ମନ୍ତବ୍ୟ ରଖିଥିଲେ। ଏଥିରେ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ନୃତତ୍ତ୍ୱ ବିଜ୍ଞାନ ବିଭାଗ ପ୍ରଫେସର ଡ. ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ ବକ୍ତାରୂପେ ଉପସ୍ଥିତ ହୋଇ ଜଳବାୟୁ ପରିବର୍ତ୍ତନ



ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ସମ୍ବନ୍ଧରେ ବକ୍ତବ୍ୟ ଉପସ୍ଥାପନକରି ସଂସ୍କୃତି ଓ ପ୍ରକୃତିର ଆନ୍ତଃସମ୍ବନ୍ଧ ବିଷୟରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ନୃତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଚିରଞ୍ଜିବୀ ଶବର ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡ. ଧନଞ୍ଜୟ କୁମାର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବକ୍ତା ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରି ଜିଜ୍ଞାସା ମୋଚନ କରିଥିଲେ।

## ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ଉପରେ ‘ଟେବୁଲ ଟପ୍’ ଅଭ୍ୟାସ

**ନୂଆପଡ଼ା,୬।୧ (ମକାରୁ ବେମାଲ)**

ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଏନ୍‌ଡିଆର୍‌ଏଫ୍ ମିଳିତ ଆନୁକୂଲ୍ୟରେ ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ଉପରେ ‘ଟେବୁଲ ଟପ୍’ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ଡ. ତୀର୍ଥବାସୀ ସାହୁ, ଇନ୍ସପେକ୍ଟର ବରୁଣ କୁମାର ଏବଂ ସବ୍‌ଇନ୍ସପେକ୍ଟର ବିକାଶ ପ୍ରମୁଖ ବନ୍ୟାରେ ଏନ୍‌ଡିଆର୍‌ଏଫ୍‌ର ଭୂମିକା ଓ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ‘ଟେବୁଲ ଟପ’ ଅଭ୍ୟାସର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲାପାଳ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏନ୍‌ଡିଆର୍‌ଏଫ୍‌ର ଭୂମିକାକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଓ ଲମ୍ବୋଦର ଧରୁଆ, ଏଡିଏମ୍ (ରାଜସ୍ୱ) ପ୍ରଫୁଲ୍ଲ କୁଜୁର, ଉପଜିଲାପାଳ ସୁର୍ମି ସୋରେନ, ସିଡିଏମ୍‌ଓ ଡା. ଧନେଶ୍ୱର ସେଠୀ ଓ ବିଭିନ୍ନ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଶେଖ ନସିମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ରାଜା ଜିତାମିତ୍ର ସିଂଦେଓଙ୍କୁ ଶ୍ରଦ୍ଧାଞ୍ଜଳି

**ଖଡ଼ିଆଳ, ୬।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳର ରାଜା ଡ. ଜିତାମିତ୍ର ପ୍ରସାଦ ସିଂଦେଓଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ଓ ଖଡ଼ିଆଳ ମହୋତ୍ସବ କମିଟି ତରଫରୁ ଅନୁଷ୍ଠାନ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଜିତେନ୍ଦ୍ର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେବା ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ମେଜର ଡ. ରାମଚନ୍ଦ୍ର ମିଶ୍ର, ସତୀଶ ପଟ୍ଟନାୟକ, ସୁନୀଲ ସାହୁ ପ୍ରମୁଖ ଯୋଗଦେଇ ଜିତାମିତ୍ରଙ୍କ ସ୍ମୃତିଚାରଣ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ପୃଥ୍ୱୀରାଜ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ଖଡ଼ିଆଳର ବହୁ ଜନସାଧାରଣ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖଡ଼ିଆଳ,୬।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦୋହେଲପଡା ପଲ୍ଲୀ ପ୍ରଗତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ପାଠପଢାରେ ଧ୍ୟାନଦେଇ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଡିଏଭି ମହାବିଦ୍ୟାଳୟ ଟିଟିଲାଗଡ଼ର ପ୍ରାକ୍ତନ ଅଧ୍ୟକ୍ଷ ଶିବପ୍ରସାଦ ବେହେରା ଯୋଗଦେଇ ଜୀବନରେ ଶିକ୍ଷାର ଆବଶ୍ୟକତା ଉପରେ ମତ ରଖିଥିଲେ। ଅଧ୍ୟକ୍ଷ ରୁଦ୍ର ମାଧବ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରତିଷ୍ଠାତା ସମ୍ପାଦକ କେଶବ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଅସିତ ସୁପକାର ସ୍ୱାଗତ ଭାଷଣ ଓ ଅଧ୍ୟାପକ ଅମୂଲ୍ୟ କୁମାର ପାଲ ଧନ୍ୟବାଦ ଦେଇଥିଲେ।

## ଜଳର ସୁବିନିଯୋଗ କରିବା ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡ଼ା,୬।୧ (ମକାରୁ ବେମାଲ)**

ନୂଆପଡ଼ା ଜଳ ସମ୍ପଦ ବିଭାଗ ଡାକବଙ୍ଗଳାଠାରେ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ଜଳସେଚନ ପ୍ରଭାଗ ନୂଆପଡ଼ା ଅଧୀକ୍ଷଣ ଯନ୍ତ୍ରୀ ଉଜ୍ଜ୍ୱଳ ଜାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର କୁଜୁର ମୁଖ୍ୟ ଅତିଥି, ନୂଆପଡ଼ା ବିଧାୟକ ପ୍ରତିନିଧି ରାମଲାଲ ହଂସ, ଜିଲା ପରିଷଦ ଭାନୁ ପ୍ରତାପ ସିଂ ମାଝି, ଜିଲା ପରିଷଦ ଭରତଲାଲ ରାଉତ, ଝାରବନ୍ଧ ପାଣି ପଞ୍ଚାୟତ ସଭାପତି ଶୋଭାରାମ ସାହୁ, ଡୁମେରବାହାଲ ପାଣି ପଞ୍ଚାୟତ ସଭାପତି ରାଧେଶ୍ୟାମ ସାନ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଣିର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ଷା ଅନିୟମିତତା ଯୋଗୁ ମୁଡା, ପୋଖରୀ କିମ୍ବା ପ୍ରକଳ୍ପଗୁଡିକ ପାଣି ଭର୍ତ୍ତି ହୋଇପାରୁନାହିଁ। ଫସଲ ଅମଳ ପୂର୍ବରୁ ପାଣିର ଅଭାବ ଦେଖାଦେଉଛି। ସେଥିପାଇଁ ଜଳ ଅପଚୟ ନ କରି ସୁବିନିଯୋଗ କଲେ ଏହା ଚାଷକାର୍ଯ୍ୟ ପାଇଁ ଅନୁକୂଳ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୀମାଞ୍ଚଳ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ଜଳର ବ୍ୟବହାରିକ ବାର୍ତ୍ତା ପ୍ରଚାର ପାଇଁ ଗଡ଼ିଲା ରଥ

ସୋନପୁର,୬।୧(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଜାନୁଆରୀ ୬ରୁ ୨୦ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳିତ ହେଉଛି। ଏହିକ୍ରମରେ ସୁବର୍ଣ୍ଣପୁର ଉଠା ଜଳସେଚନ ବିଭାଜନ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୫-୨୬ ମଙ୍ଗଳବାର ପାଳିତ ହୋଇଯାଇଛି। ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଜଳର ବ୍ୟବହାରିକ ବାର୍ତ୍ତା ପ୍ରଚାର ପାଇଁ ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ସମସ୍ତ ଅଞ୍ଚଳ ବୁଲିବା ସହ ଜଳର ସୁବିନିଯୋଗ ବାର୍ତ୍ତା ପ୍ରଚାର କରିବ। ସେହିପରି ପୂର୍ବାହ୍ନରେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାଣି ପଞ୍ଚାୟତ ପକ୍ଷ ପାଳନର ଶୁଭାରମ୍ଭ ହୋଇଥିଲା। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଣି ପଞ୍ଚାୟତଗୁଡିକରେ କିପରି ଅଧିକରୁ ଅଧିକ କୃଷକମାନଙ୍କୁ ଅନ୍ତର୍ଭୁକ୍ତ କରା ଯାଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ମାଝୀ ଏହି ସଚେତନତା ସଭାରେ ଅଧକ୍ଷତା କରିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ, ସୋନପୁର କୃଷି ଜିଲା ଅଧିକାରୀ ଘନଶ୍ୟାମ ଦେହୁରୀ, ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ(ରୋଗପୋକ ବିଶେଷଜ୍ଞ) ଡ. ତ୍ରିନାଥ ଖଣ୍ଡାୟତରାୟ, ବୈଜ୍ଞାନିକ(କ୍ଷେତ୍ର ବିଜ୍ଞାନୀ) ଡ. ସତ୍ୟବ୍ରତ ମଙ୍ଗରାଜ, ସୋନପୁର ସହକାରୀ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ବେହେରା, ସୋନପୁର ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶିନୀ ପୂଜାହାରୀ ପ୍ରମୁଖ ଯୋଗଦାନ କରି ଭାଗୀଦାରୀ ସେଚ ପରିଚାଳନା, ଜଳ ସଞ୍ଚୟ, ପ୍ରକଳ୍ପ ଅଞ୍ଚଳରେ ପାଣି ପଞ୍ଚାୟତ ଗଠନ, ମହିଳା ମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି, ଫସଲ ଉତ୍ପାଦନରେ ବୃଦ୍ଧି ଓ ଜଳ ସଂରକ୍ଷଣ ଏବଂ ଆବଣ୍ଟନ ବିଷୟରେ ଆଲୋଚନା କରିବା ସହ ଉପସ୍ଥିତ ଚାଷୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ସଚେତନ କରିଥିଲେ। ଏଥିପାଇଁ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା ଲିଖନ, ବକ୍ତୃତା, କୁଇଜ୍, ପେଣ୍ଟିଂ ଓ ମୋଡେଲ ପ୍ରଦର୍ଶନୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲେ। ଏଥିରେ ଦିପ୍ତିମୟୀ ଖମାରୀ, ପ୍ରିୟାଂଶୀ ସାହୁ, ବବଲି ମହଲା, ସ୍ୱସ୍ତିକ ମେହେର, ସୌମ୍ୟ ରାଣୀ ବିଶ୍ୱାଳ, ନିକି ମୁଦୁଲି, ବିରାଟ ପଧାନ, ଅରିନ୍ଦମ ପଧାନ, ଅମ୍ରିତା ସା, ଶ୍ରୀୟା ପଧାନ, ପୁଜସ୍ୱଦ ଦଣ୍ଡସେନା ଓ ଲିଲି ବେରିହାଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଲୋକନାଥ ବାଗ ଧନ୍ୟବାଦ ପ୍ରଦାନ କରିଥିଲେ। ଇଂ ସୁଶାନ୍ତ କୁମାର ସାମଲ, ଦିଲ୍ଲିପ କର, ସୁଶ୍ରୀ ଲିନା ଲଗ୍ନା ଦୀପ, ସୁରଜ ମେହେର ଓ ବିକାଶ ରମଣ ପ୍ରତାପ ରାଏ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲାର ୬ଟି ବ୍ଲକରୁ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।


ଜିଲାପାଳ ଡ. ନୃପରାଜ ସାହୁ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ସମାବେଶ

ତରଭା, ୬।୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ପର୍ଯ୍ୟଟନସ୍ଥଳୀ ଚୁଡାଖାଇ ପାହାଡ଼ ପାଦଦେଶରେ ମଙ୍ଗଳବାର ଅପରାହ୍ନରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ତରଭା ନିବୃତ୍ତି ଯୋର କ୍ଷୁଦ୍ର ଜଳ ସେଚନ ବିଭାଜନ ଏସଡିଓ ବିଜୟ କୁମାର ସେଠୀ ଅଧକ୍ଷତା କରି ପାଣି ପଞ୍ଚାୟତର କାର୍ଯ୍ୟକାରିତା ଓ ପାଣି ପଞ୍ଚାୟତ ପକ୍ଷ ଉପରେ ସୂଚନା ଦେଇଥିଲେ। ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନିବୃତ୍ତି ଯୋର ଏଲଏମସି-୩ର ସଭାପତି ତଥା ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳ, ଏସ୍‌ଡ଼ିଓ ସୋନପୁର ଡିଭିଜନ ସନ୍ତୋଷ କୁମାର ଦାଶ, ବିଭାଗୀୟ ଡିଭିଜନ ଏସଡ଼ିଓ ବୀରମହାରାଜପୁର ଦିଲ୍ଲୀପ କୁମାର ପରିଡା, ତରଭା ଜେଇ ସଚ୍ଚିତାନନ୍ଦ ବେହେରା, ତରଭା ଅତିରିକ୍ତ ମତ୍ସ୍ୟ ଅଧିକାରୀ ସାଗର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହା ପୂର୍ବରୁ ସୋନପୁର ଓ ବୀରମହାରାଜପୁର ଡିଭିଜନସ୍ତରୀୟ ହୋଇ ଯାଇଥିବା ଓଡ଼ିଆ ବକ୍ତୃତା, ଆଦର୍ଶ ପ୍ରକଳ୍ପ ପ୍ରଦର୍ଶନ, ସାଧାରଣ ଜ୍ଞାନ, ଓ ଚିତ୍ରାଙ୍କନ ପ୍ରତିଯୋଗିତାର ୧୫ ଜଣ କୃତୀ ଛାତ୍ରୀଛାତ୍ର ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ନଗଦ ଟଙ୍କା ପୁରସ୍କୃତ କରାଯାଇଥିଲା। ଏହି ସମାବେଶରେ ନିବୃତ୍ତିଯୋର ପାଣି ପଞ୍ଚାୟତର ପାଟମେଶ୍ୱରୀ (କୁଇଟଶିରା), ମାହେଶ୍ୱରୀ (ଶିବତୁଲା), ମା' ପୂର୍ଣ୍ଣମାସୀ (ଜୁରାବନ୍ଧ), ମା' ଭୁବନେଶ୍ୱରୀ (ଗର୍ଜା), କୁଶଳେଶ୍ୱର ଘାଟକଇଁତରା, ବନବାହାଲ ପାଣି ପଞ୍ଚାୟତ ସଭାପତି, ସମ୍ପାଦକ, କୋଷାଧକ୍ଷ ଓ ଚାଷୀ ଯୋଗଦାନ କରିଥିଲେ। ବନ୍ଧଖୋଲ, ବଡ଼ଯୋର, କମସରା, ଡାହିମାଲ ପ୍ରକଳ୍ପର ଚାଷୀମାନେ ଉପସ୍ଥିତ ଥିଲେ। ଆଗାମୀ ୨୬-୨୭ ଆର୍ଥିକ ବର୍ଷ ପାଇଁ ବନ୍ଧଖୋଲ, ନିବୃତ୍ତି, ରେଙ୍ଗସା ପ୍ରକଳ୍ପର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ଚାଲିଛି। ତରଭା ବ୍ଲକର ମେଣ୍ଡା ୨, କେକଟପାଲି, ଲକ୍ଷ୍ମୀମୁଣ୍ଡା ୨, ରୁଗୁଡ଼ିପାଲି ଚେକଡ୍ୟାମ ମରାମତି କରାଯାଇଛି ବୋଲି ଏସଡ଼ିଓ ସେଠୀ ସୂଚନା ଦେଇଥିଲେ । ଜେଇ ସଚିତା ନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବ୍ଲକ ଅନ୍ତର୍ଗତ ପଣ୍ଡକିମାଲ ଗ୍ରାମରେ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପାଣିମୋରା ୱାର୍ଡସଭ୍ୟା ଜୟକାନ୍ତି କୁଅଁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଚାଷୀ ମଧୁ ଦେହେରି, ନରେଶ ଷଣ୍ଢ ମଞ୍ଚାସୀନ ଥିଲେ। ସହାୟକ ଯନ୍ତ୍ରୀ ଅମରନାଥ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩ ମେଗା ଉଠାଳସେଚନ ପ୍ରକଳ୍ପର ୧୩ ହଜାର ୩୮୧ ଚାଷୀ ବର୍ତ୍ତମାନ ଚାଷ କରୁଥିବା ସେ ପ୍ରକାଶ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। କନିଷ୍ଠ ଯନ୍ତ୍ରୀ ଶରତ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ସୋନପୁର,୬।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସୋନପୁର ଥାନା ଅଞ୍ଚଳର ପ୍ରକାଶ ଶଙ୍ଖୁଆ, ଅନ୍ତର୍ଯ୍ୟାମୀ ନାଏକ, ଗୋବର୍ଦ୍ଧନ ଗହୀର, ବିମଳ ମେହେର ଓ ଦୀପକ ଦାସ ପ୍ରମୁଖ ନିଯୁକ୍ତି ଆଶାୟୀ ଯୁବତୀଯୁବକ ଏହି ଅଭିଯୋଗ କରିଛନ୍ତି। ଜିଲାର ଅନ୍ୟ ଥାନା ଅଞ୍ଚଳରୁ ଯୁବତୀ ଯୁବକଙ୍କୁ ସୋନପୁର ଥାନାରେ ଗୃହରକ୍ଷୀଭାବେ ନିଯୁକ୍ତି ଦିଆଯିବାକୁ ସେମାନେ ବିରୋଧ କରିଛନ୍ତି। ତେବେ ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛତାର ସହ ସମ୍ପନ୍ନ ହୋଇଛି। ବିଫଳ ଆଶାୟୀମାନେ ଏପରି ଅଭିଯୋଗ କରୁଛନ୍ତି। ନିର୍ଦ୍ଦିଷ୍ଟ ତଥ୍ୟ ଥିଲେ ଅଭିଯୋଗକାରୀ ପ୍ରମାଣ ଦିଅନ୍ତୁ। ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ଏସ୍‌ପି ନାୟକ କହିଛନ୍ତି।

ସୂଚନା ଅନୁଯାୟୀ ପରୀକ୍ଷାରେ ଯୋଗ୍ୟ ବିବେଚିତ ୯୨ଜଣ ଗୃହରକ୍ଷୀଙ୍କୁ ଏସ୍‌ପି ନାରାୟଣ ନାୟକ ରିଜର୍ଭ ପୋଲିସ ପଡିଆରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମଙ୍ଗଳବାର ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଜିଲାର ବିଭିନ୍ନ ଥାନାରେ ଖାଲି ଥିବା ୯୨ଟି ଗୃହରକ୍ଷୀ ପଦବୀ ପୂରଣ ନିମନ୍ତେ ଗତ ମେ ୧୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ୪ହଜାରରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଆବେଦନ କରିଥିଲେ। ଲିଖିତ ପରୀକ୍ଷା ପରେ ମୋଟ ୧୬୫୪ ଜଣ ପ୍ରାର୍ଥୀ ପରବର୍ତ୍ତୀ ପର୍ଯ୍ୟାୟ ପରୀକ୍ଷା ପାଇଁ ଯୋଗ୍ୟ ହୋଇଥିଲେ। ପରେ ଶାରୀରିକ ଦକ୍ଷତା ପରୀକ୍ଷା, ମୌଳିକ ଡାକ୍ତରୀ ପରୀକ୍ଷା, ଶାରୀରିକ ମାପ ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତକାର ପରେ ଯୋଗ୍ୟତା ତାଲିକା ପ୍ରକାଶ ପାଇଥିଲା। ଗୃହରକ୍ଷୀ ଡିଜିଙ୍କ ଅନୁମୋଦନ ପରେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳିଛି।

**ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛତାର ସହ ସମ୍ପନ୍ନ ହୋଇଛି : ଏସ୍‌ପି**


ସୋନପୁର ଥାନା ଅଞ୍ଚଳର ନିଯୁକ୍ତି ଆଶାୟୀମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।


ସମ୍ବଲପୁରର ରାହୁଲ ବିଶ୍ୱକର୍ମାଙ୍କୁ ମ୍ୟାନ ଅଫ ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

# ଜେସିସି ସମ୍ବଲପୁର ସେମିଫାଇନାଲରେ

ଅମରପାଲି, ୬।୧(ପୀତାମ୍ବର ସାହୁ)

**୧୮ତମ ମା' ମାହେଶ୍ୱରୀ କ୍ରିକେଟ କପ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ବିକଳପୁର ଖେଳ ପଡ଼ିଆରେ ଚାଲିଥିବା ୧୮ତମ ମା' ମାହେଶ୍ୱରୀ କ୍ରିକେଟ କପର ଦ୍ୱିତୀୟ ଦିବସରେ ସ୍କାନ କ୍ରିକେଟ କ୍ଲବକୁ ହରାଇ ଜେସିସି ସମ୍ବଲପୁର ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ହରାଇ ୯୫ ରନ କରିଥିଲା। ଦଳର ଡବଲୁ କୁମାର ଏବଂ ପ୍ରତ୍ୟୁଷ ରାଉତରାଏ ୨୩ ରନ ଲେଖାଏ, ଆଶୁତୋଷ ଦାସ ୨୧ ରନ କରିଥିଲେ। ବିପକ୍ଷ ସମ୍ବଲପୁରର ଅବିନାଶ ନନ୍ଦ ଓ ଡିନା ଦାସ ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ୭.୩ ଓଭରରେ ୨ଉଇକେଟ ହରାଇ ଆବଶ୍ୟକ ୯୬ ରନ କରିଥିଲା। ଦଳର ରିଷି ମେହେର ୩୦ ବଲରୁ ୭୬ ରନ କରିଥିଲେ। ଭୁବନେଶ୍ୱରର ପ୍ରଥମ ଖଟୁଆ ଓ ପ୍ରତ୍ୟୁଷ ରାଉତରାଏ ଉଭୟେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଦ୍ୱିତୀୟ ଫର୍ମାଟରେ ଭୁବନେଶର ୮ ଓଭରରେ ୭ ଉଇକେଟ ହରାଇ ୬୨ ରନ କରିଥିଲେ। ଦଳର ପ୍ରତ୍ୟୁଷ ରାଉତରାଏ ୪୯ ରନ କରିଥିଲେ। ସମ୍ବଲପୁରର ରାହୁଲ ବିଶକର୍ମା ହ୍ୟାଟ୍ରିକ ସହ ୫ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ୪.୫ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୬୩ ରନ କରିଥିଲା। ଦଳର ରିଷି ମେହେର ୩୪ ରନ କରିଥିଲେ। ବିପକ୍ଷ ଆଶିଷ ନାୟକ ୨ ଟି ଉଇକେଟ ନେଇଥିଲେ। ଉଭୟ ଫର୍ମାଟ ରେ ବିଜୟୀ ହୋଇ ସମ୍ବଲପୁର ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ଆୟୋଜକ ସଭାପତି ରାମ ପ୍ରସାଦ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, କ୍ରୀଡାବିତ ରାଜେଶ ସେଠୀ ଅତିଥିଭାବେ ଯୋଗଦେଇ ସମ୍ବଲପୁରର ରାହୁଲ ବିଶ୍ୱକର୍ମାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ପ୍ରଶାନ୍ତ ମିଶ୍ର ଓ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିଲେ। ମନୋଜ କୁମାର ପାତ୍ର ସ୍କୋରିଂ, ପରକ୍ଷିତ କର୍ଣ୍ଣ ଅନଲାଇନ ସ୍କୋରିଂ ଏବଂ ଶ୍ରୀନିବାସ ପ୍ରଧାନ ଓ ଟୁଟୁ ରାଓ ଧାରା ବିବରଣୀ ପ୍ରଦାନ କରିଥିଲେ।

# ସୁବର୍ଣ୍ଣପୁର: ବଦଳିଲେ ୩ ଥାନାର ଆଇଆଇସି

ସୋନପୁର,୬।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଜିଲାର ୩ ଥାନାର ଆଇଆଇସିଙ୍କୁ ବଦଳି କରିଛନ୍ତି। ସୋନପୁର, ରାମପୁର ଓ ଲଛିପୁର ଥାନାର ଆଇଆଇସିଙ୍କୁ ବଦଳି କରାଯାଇଛି। ଆଇନଶୃଙ୍ଖଳା ଓ ପ୍ରଶାସନିକ ସ୍ତରରେ ଆବଶ୍ୟକତାକୁ ଦୃଷ୍ଟି ରଖି ଏସ୍‌ପି ନାୟକ ଏହି ବଦଳି କରିଥିବା ଜଣାପଡିଛି। ସୁବର୍ଣ୍ଣପୁର ଜିଲା ପୋଲିସ ମୁଖ୍ୟାଳୟରେ ଥିବା ଇନିସପେକ୍ଟର ଯାଦବ ବାଗଙ୍କୁ ସୋନପୁର ଥାନା, ସୋନପୁର ଥାନାର ଆଇଆଇସି ତାପସ କୁମାର ଭୋଇଙ୍କୁ ଜିଲା ପୋଲିସ ମୁଖ୍ୟାଳୟ, ରାମପୁର ଥାନାର ଆଇଆଇସି ପଦ୍ମାସିନୀ ମେହେରଙ୍କୁ ଜିଲା ପୋଲିସ ମୁଖ୍ୟାଳୟ, ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ଡୋଲାମଣି ନାଏକଙ୍କୁ ରାମପୁର ଥାନା ଓ ଜିଲା ପୋଲିସ ମୁଖ୍ୟାଳୟରେ ଥିବା ଯଯାତି କେଶରୀ ସାହୁଙ୍କୁ ଲଛିପୁର ଥାନା ଆଇଆଇସି ଭାବେ ବଦଳି କରାଯାଇଛି।

# ସେମିରେ ସୋନପୁର ରାମଧୁନ୍ କ୍ଲବ୍


ଖେଳାଳି ଓ କର୍ମକର୍ତ୍ତାଙ୍କ ଗହଣରେ ଅତିଥି ବୃନ୍ଦ।

ସୋନପୁର,୬।୧(ମୃତ୍ୟୁଞ୍ଜୟ ଶତପଥୀ)

**ରାଜ୍ୟସ୍ତରୀୟ ସୁଜନ ନାଗ ଫୁଟ୍‌ବଲ**

ସୁବର୍ଣ୍ଣପୁର ରୟାଲ ପଡିଆରେ ୧୩ତମ ସୁଜନ ନାଗ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ସୋନପୁର ରାମଧୁନ କ୍ଲବ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ସୋନପୁର ରାମଧୁନ କ୍ଲବ ଓ ଶାନ୍ତିନଗର ଝାରସୁଗୁଡା ମଧ୍ୟରେ ମ୍ୟାଚ ହୋଇଥିଲା। ରାମଧୁନ କ୍ଲବର ଖେଳାଳି ଉନ୍ନତ ଖେଳ ପ୍ରଦର୍ଶନ କରି ୬-୦ ଗୋଲରେ ବିଜୟୀ ହୋଇଥିଲେ। ଜିଲାପାଳ ଡ଼ ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ପି ନାରାୟଣ ନାୟକ, ସାରଥୀ କଲେତ, ରାମଧୁନ କ୍ଲବର ପ୍ରଯୋଜକ ଶ୍ରୀରାମ ଚରଣ ସୁନା, ସଞ୍ଜୀବ ମହାରଣା ଏବଂ ଶାନ୍ତିନଗର ଝାରସୁଗୁଡା ଦଳର ପ୍ରଯୋଜକ ଈଶ୍ୱର ମେହେର, ଗଜାନନ ବନଛୋର, ବରିଷ୍ଠ କ୍ରୀଡ଼ାବିତ ସନତ ହୋତା, ଯଦୁମଣୀ ସାହା, ସଞ୍ଜୟ ସାହୁ ଓ ସୁଜନ ନାଗ ଏକାଡେମୀର ବରିଷ୍ଠ ସଦସ୍ୟ ଜଳନ୍ଧର ଦୀପ ଉପସ୍ଥିତ ଥିଲେ। ଖେଳର ଧାରା ବିବରଣୀ ଓ ପୁରସ୍କାର ବିବରଣୀ କାର୍ଯ୍ୟକ୍ରମକୁ ପ୍ରଭୁଦାଶ କୁମ୍ଭାର ପରିଚାଳନା କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ଅରୁଣ ଇଲେଭେନ ସମ୍ବଲପୁର ଓ ରାମଧୁନ କ୍ଲବ ସୋନପୁର ମଧ୍ୟରେ ଅନୁଷ୍ଠିତ ହେବ ।

# ଜୟ ଜଗନ୍ନାଥ କ୍ରିକେଟ: ସେମିରେ କଳାପଥର

ଅମରପାଲି,୬।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ବିଶାଳପାଲି ଖେଳ ପଡ଼ିଆରେ ବିଶାଳପାଲି, ପାତ୍ରପାଲି ଓ ଟିଙ୍ଗିରାନାଲିର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ୧୨ତମ ଜୟ ଜଗନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବହଳପଦର ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ମ୍ୟାଚ ଲୁତୁରପଙ୍କ ଓ ଜନକପୁର ମଧ୍ୟରେ ହୋଇଥିଲା। ଲୁତୁରପଙ୍କ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮୮ ରନ କରିଥିବା ବେଳେ ଜନକପୁର ୮୯ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଟିଠିପାଲି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪୪ ରନ କରିଥିବା ବେଳେ କଳାପଥର ୪୫ ରନ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ କଳାପଥର ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୬୯ ରନ କରିଥିବା ବେଳେ ଜନକପୁର ଦଳ ୭ ଓଭରରେ ୬୭ ରନ କରି ପରାସ୍ତ ହୋଇଥିଲା। ଫଳରେ କଳାପଥର ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି।


ଉଭୟ ଦଳର ଖେଳାଳି ଓ ଅତିଥିମାନେ।

# ଚଳିତବର୍ଷ ୪ଦିନ ହେବ ମହୋତ୍ସବ

ବୀରମହାରାଜପୁର,୬।୧(ଯୁଗଳ କିଶୋର ମିଶ୍ର)

**ଲୋକ ମହୋତ୍ସବ ମାଳେଶ୍ରୀ ପାଇଁ ଦ୍ୱିତୀୟ ପ୍ରସ୍ତୁତି ସଭା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀ ସଦନଠାରେ ମଙ୍ଗଳବାର ଅପରାହ୍ନ ୪ଟାରେ ଲୋକ ମହୋତ୍ସବ ମାଳେଶ୍ରୀ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଉପଜିଲାପାଳ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ସୁରେନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଲୋକ ମହୋତ୍ସବକୁ ଆହୁରି ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଆଲୋଚନାଚକ୍ର, ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ, ବିଭିନ୍ନ ପ୍ରକାର ଖାଦ୍ୟ ପ୍ରତିଯୋଗିତା, ବୁକ୍ ଫେୟାର, ବୀରମହାରାଜପୁର ଶ୍ରୀମତି ସୁନ୍ଦରୀ, ମିସ୍ ବୀରମହାରାଜପୁର ଆଦି କାର୍ଯ୍ୟକ୍ରମ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଆସନ୍ତା ମାର୍ଚ୍ଚ ତୃତୀୟ ସପ୍ତାହରେ ବୀରମହାରାଜପୁର ପ୍ରଥମ କରି ୪ ଦିନ ପାଇଁ ଲୋକ ମହୋତ୍ସବ କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଛି। ପରବର୍ତ୍ତୀ ପ୍ରସ୍ତୁତି ବୈଠକ ଆସନ୍ତା ୧୫ ତାରିଖ ସ୍ଥାନୀୟ ମୈତ୍ରୀ ସଦନରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ୫୧ଜଣିଆ କୋର କମିଟି ଗଠନ କରାଯାଇଛି। ପରବର୍ତ୍ତୀ ବୈଠକ ଉପକମିଟି ଗଠନ କରାଯିବ ବୋଲି ସ୍ଥିର ହୋଇଛି। ମହୋତ୍ସବ ପାଇଁ ଜନମତ ଆଧାରରେ ନୂତନ ଖସଡ଼ା ପ୍ରସ୍ତୁତ ହେବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ, ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ତଥା ମହୋତ୍ସବ ସାଂସ୍କୃତିକ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ରାଓ, ଭାଜପା ଜିଲା ସଭାପତି ବେଣୁଧର ଦାସ, ବୀରମହାରାଜପୁର ଓକିଲ ସଂଘ ସଭାପତି ରାଧାକାନ୍ତ ମହାକୁଡ଼, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ବୀରମହାରାଜପୁର ବିଡ଼ିଓ ରାଜିବ କୁମାର ହାଁସଦା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଉଲୁଣ୍ଡା ଅତିରିକ୍ତ ତହସିଲଦାର ସୋମନାଥ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୩ ମାଳେଶ୍ରୀର ଆୟବ୍ୟୟ ଉପସ୍ଥାପନ କରିଥିଲେ ସହକାରୀ ଜିଲାପାଳ ଅଜିତ କୁମାର ମିର୍ଦ୍ଧା। ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଲକ୍ଷ୍ମୀନାରାୟଣ ସାହୁ। କୋର କମିଟି ସଦସ୍ୟ ଡ଼ ଦ୍ୱିତୀକୃଷ୍ଣ ପଣ୍ଡା ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିଲେ। ବୀରମହାରାଜପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ମହୋତ୍ସବ ପାଇଁ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।


ବୀରମହାରାଜପୁର ଲୋକ ମହୋତ୍ସବ ମାଳେଶ୍ରୀ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ଗଣ।

# ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ମହୋତ୍ସବ

ବାଲିଶଙ୍କରା,୬ା୧(ହୃଦାନନ୍ଦ ବାରିକ)

ବାଲିଶଙ୍କରା ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଲିଶଙ୍କରା ତହସିଲଦାର କୁନ୍ତୀରଣୀ ନାଏକ, ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ସରୋଜା ଲକ୍ଷ୍ମୀ ନାଏକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତପନ କୁମାର ରାଏ, ଯୁକ୍ତ ୨ କଲେଜର ଅଧ୍ୟକ୍ଷ ରାକେଶ ରୋଶନ ବାର୍ଲା, ବିଦ୍ୟାଳୟ ସଭାପତି ୱାଲସନ ହାଲାନା ବାରା, ଗଙ୍ଗାଧର କିସାନ, ପ୍ରଦୀପ ନନ୍ଦ, ଯଶବନ୍ତ ଜୟପୁରିଆ, ପ୍ରମୋଦ ନାଏକ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନାକୁମାରୀ ଶତପଥୀ ଏଥିରେ ସଭାପତିତ୍ୱ କରିଥିବାବେଳେ ସହ ଶିକ୍ଷୟିତ୍ରୀ ସସ୍ମିତା କିସାନ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀମାନେ ଖେଳ, ବାଣିଜ୍ୟ, ବିଜ୍ଞାନ, ସବୁଜ ଓଡ଼ିଶା ଭଳି ବିଭିନ୍ନ ଷ୍ଟଲ ପ୍ରଦର୍ଶନ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ନାଚ ଏବଂ ନାଟକ ପରିବେଷଣ କରାଯାଇଥିଲା। ଉକ୍ତ ସମାରୋହରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହାୟତା କରିଥିଲେ।

# ଚାଷୀ ସମାଜର ସର୍ବାଙ୍ଗୀନ ଉନ୍ନତିର ମୁଖ୍ୟ କର୍ଣ୍ଣଧାର



କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଅତିଥି ସଦର ଉପଜଲାପାଳ ଓ ଅନ୍ୟ ଅତିଥି।

ସୁନ୍ଦରଗଡ଼,୬ା୧(ଜୟ ନାରାୟଣ ମେଣ୍ଡୁଲି)

- ପ୍ରଥମ ଦିନରେ ୧୫୨ କୁଇଣ୍ଟାଲ ମାଣ୍ଡିଆ କ୍ରୟ
- ସୁନ୍ଦରଗଡ଼ ଜିଲାରେ ଜିଲା ସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକର ରଙ୍ଗିଆମୁଣ୍ଡା ସ୍ଥିତ ସେବକ ଅନୁଷ୍ଠାନ ପରିସର ମଧ୍ୟରେ ମଙ୍ଗଳବାର ଜିଲା ସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଚଳିତ ଖରିଫ ଋତୁରେ ଅମଳ ହୋଇଥିବା ମାଣ୍ଡିଆକୁ ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ସରକାର ଚାଷୀଙ୍କ ଠାରୁ ମାଣ୍ଡିଆ କ୍ରୟ କରିବା ପାଇଁ ଧାର୍ଯ୍ୟ କରିଛନ୍ତି। ଏହି ଅବସରରେ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ସେବକ କାର୍ଯ୍ୟାଳୟ ପରିସରରେ ଏକ କୃଷକ ସମାବେଶ, ପୁଷ୍ଟିଶସ୍ୟ ଖାଦ୍ୟ ମେଳା ଓ ମାଣ୍ଡିଆ ମଣ୍ଡିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ ସଦର ଉପ ଜିଲାପାଳ ତେଜସ୍ୱିନୀ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଦେଶ ତଥା ସମାଜର ସର୍ବାଙ୍ଗୀନ ଉନ୍ନତିର କର୍ଣ୍ଣଧାର ହେଉଛନ୍ତି ଚାଷୀ ବୋଲି ବକ୍ତବ୍ୟ ରଖିବା ସହ ମାଣ୍ଡିଆ ଓ ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଚାଷ ଦ୍ୱାରା ଚାଷୀ ସାବଲମ୍ବୀ ହୋଇ ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ସୁନ୍ଦରଗଡ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର କୁମାର ସେଠୀ ଜିଲାର ଚାଷୀଙ୍କ ଦ୍ୱାରା ଉତ୍ପାଦିତ ମାଣ୍ଡିଆ କିପରି ଜିଲାର ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରୁଛି ସେ ଉପରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ ଶ୍ରୀ ଅନ୍ନ ଅଭିଯାନର ପ୍ରମୁଖ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ପୁଷ୍ଟିଶସ୍ୟର ପୁନରୁଦ୍ଧାର ଏବଂ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ବିଷୟରେ ବର୍ଣ୍ଣନା କରିଥିଲେ। ସେବକର ଶ୍ରୀ ଅନ୍ନ ଅଭିଜାନର ଟାଙ୍ଗରପାଲି ବ୍ଲକ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା ସଭା ପରିଚାଳନା କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଟାଙ୍ଗରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା ମାଣ୍ଡିଆ ଓ ଅଣ ମାଣ୍ଡିଆ ପୁଷ୍ଟିଶସ୍ୟ ଚାଷ ଦ୍ୱାରା ଚାଷୀ ଅଧିକରୁ ଅଧିକ ଉତ୍ପାଦନ କରି ଲାଭବାନ ହୋଇପାରିବେ ବୋଲି କହିଥିଲେ। ଚଳିତ ଖରିଫ ଋତୁରେ ସହଯୋଗୀ ସଂସ୍ଥା ସେବକ ଟାଙ୍ଗରପାଲି ବ୍ଲକରେ ୧୩୦୯ ଚାଷୀ ଦ୍ୱାରା ୮୩୦ ହେକ୍ଟର ମାଣ୍ଡିଆ ଓ ୧୪୦ ହେକ୍ଟରରେ ଅଣମାଣ୍ଡିଆ ପୁଷ୍ଟିଶସ୍ୟ ଚାଷ କରାଯାଇଛି । ପ୍ରଥମ ଦିନରେ ଟାଙ୍ଗରପାଲି ବ୍ଲକରୁ ୪୬ ଜଣ ଚାଷୀଙ୍କ ପାଖରୁ ୧୫୨ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି। ସେବକର ଅଧ୍ୟକ୍ଷ ଅମିୟାକାନ୍ତ ନାଏକ ମାଣ୍ଡିଆ ଚାଷ ଗୁଣବତ୍ତା ଉପରେ ପରାମର୍ଶ ଦେଇଥିଲେ ଏବଂ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ପ୍ରତିଦିନ ମାଣ୍ଡିଆ ଖାଦ୍ୟକୁ ନିଜ ଖାଦ୍ୟ ଥାଳିରେ ସାମିଲ କରିବା ପାଇଁ ସମସ୍ତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେବକ ପରିସରରେ ଆୟୋଜିତ ଖାଦ୍ୟ ମେଳାରେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତି ବିଭିନ୍ନ ପାରମ୍ପାରିକ ଓ ଲୋକପ୍ରିୟ ମିଷ୍ଟାନ୍ନ,ଜଳଖିଆର ପ୍ରଦର୍ଶନ ଓ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ଛେଦଲଗନ କୃଷି ଉତ୍ପାଦକ ସଂସ୍ଥାର ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟ ଓ ବସୁଧା କୃଷି ଉତ୍ପାଦକ ସଂସ୍ଥାର ମିଲେଟ ବେକେରୀ ୟୁନିଟ ପରିଦର୍ଶନ କରିଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶ୍ରୀଅନ୍ନ ଅଭିଯାନର ଟାଙ୍ଗରପାଲି ସହକାରୀ ବ୍ଲକ ସଞ୍ଜୋଜିକା ବର୍ଷା ସାହୁ, ଆକାଉଣ୍ଟାଣ୍ଟ ସରିତା ବୁଡ଼ା ତଥା ସିଆରପିମାନେ ପରିଚାଳନା କରିଥିଲେ। ଶେଷରେ ସେବକର ସ୍ନିଗ୍ଧାରାଣୀ ମହାକୁଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଲହୁଣୀପଡା,୬ା୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଦର୍ଜାଂ ପଞ୍ଚାୟତ ଅନ୍ତର୍ଗତ ଦର୍ଜାଂ ସ୍ଥିତ ଜାତୀୟ ରାଜପଥ ଡାକ ବଙ୍ଗଳାଠାରେ ପାର୍ବତୀ ଗିରି ମେଗାଲିଫ୍ଟ ପ୍ରକଳ୍ପ ବିଭାଗ ପକ୍ଷରୁ ମଙ୍ଗଳବାର ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏମପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓରାମ, କୃଷି ଅଧିକାରୀ ବିଜୟ କୁମାର ବେଉରା, ଜିଲା ସାଧାରଣ ସଚିବ ସୁରେନ୍ଦ୍ର ଦେହୁରୀ, କାଂଶବାହାଲ ସଭାପତି ଦୀପକ ଏକ୍କା, ଜିଲା ଯୁବ ସାଧାରଣ ସଚିବ ହେମନ୍ତ ନାଗ, ଅଭିରାମ ମହାକୁଳ, ଅନୀଲ ମାହାନ୍ତ, ଦର୍ଜାଂ ସରପଞ୍ଚ ସିଂରାୟ ମୁଣ୍ଡା ଯୋଗ ଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ଯନ୍ତ୍ରୀ ସୁନିତା ରାଉତ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ଯୁଗଳ କିଶୋର ମେହେର ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିବା ବେଳେ ଅତିଥିମାନେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଶେଷରେ କନିଷ୍ଠ ଯନ୍ତ୍ରୀ ସନ୍ଧ୍ୟାରାଣୀ ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିରତୋଳା,ଜାଙ୍ଗଳା,ଓ ସାତକୁଟା ପାଣି ପଞ୍ଚାୟତର ସଭାପତି, ସମ୍ପାଦକ,କୋଷାଧ୍ୟକ୍ଷଙ୍କ ସମେତ ପାଣି ପଞ୍ଚାୟତର ସଭ୍ୟ ଓ ସ୍ଥାନୀୟ ମହିଳା ଓ ପୁରୁଷ କୃଷକମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ବଡ଼ଗାଁ, ୬ା୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ମଙ୍ଗଳବାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ବିଭାଜନ ଝାରସୁଗୁଡ଼ା ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ହେଉଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି, ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ, ବିଧାୟକଙ୍କ ପ୍ରତିନିଧି ବାବୁଲି କର୍ସେଲ, ନିର୍ବାହୀ ଯନ୍ତ୍ରୀ ଦେବୀ ପ୍ରସନ୍ନ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବିଇଓ ଶାନ୍ତି ମୁନି, ସୁରେଖା ହାରୋ, କୃଷି ଅଧିକାରୀ ରିତୁରାଣୀ କାଲୋ, ଉଦ୍ୟାନ କୃଷି ଅଧିକାରୀ ପୁଣ୍ୟ ଶ୍ଳୋକ ନନ୍ଦ, ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା ସମ୍ମାନିତ ଅତିଥିଭାବେ ଯୋଗଦେଇ କୃଷିର ବିକାଶ ଓ କୃଷି ପାଇଁ ସରକାର କିପରି ସହଯୋଗ କରୁଛନ୍ତି ତାହା ବକ୍ତବ୍ୟରେ ଆଲୋଚନା ରଖିଥିଲେ। ସମବେତ ଚାଷୀଙ୍କୁ ଅଧିକାରୀମାନେ ବିଲକୁ କିପରି ସୁଚାରୁ ରୂପେ ପାଣି ମିଳିପାରିବ, ଧାନ ସହ ଅର୍ଥକରୀ ଫସଲ ଚାଷ କରାଯାଇପାରିବ ସେନେଇ ବୁଝାଇଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନ ପୂର୍ବରୁ ବିଭିନ୍ନ ବିଭାଗରେ ହୋଇଥିବା ବକ୍ତୃତା, ରଚନା ଓ ଡ୍ରଇଂ ପ୍ରତିଯୋଗିତାର ପ୍ରଥମରୁ ତୃତୀୟ ସ୍ଥାନ ପାଇଥିବା କୃତୀ ପ୍ରତିଯୋଗୀ ପ୍ରାଚୀ ପୃଷେଟ୍, ଧରିତ୍ରୀ ଭଏସାଲ, ଜ୍ୟୋତ୍ସ୍ନାରାଣୀ କାଲୋ, ପ୍ରିୟଙ୍କା ଭୋଇ, ରଶ୍ମି ଆପଟ, ଲିଙ୍କନ କିସାନ, ଥବିର କିସାନ, ଯମୁନା କରିଆଲି, ଯଶୋବନ୍ତୀ ମଲ୍ଲିକ, ଜୟଶ୍ରୀ ଘଷି, ଅଙ୍କିତା ମାଝୀ, ପ୍ରିୟଦର୍ଶିନୀ ବିଶି, ତେହେରିନ ପରଇନ, ଶ୍ରୀୟଂଶା ସା, ବର୍ଷାରାଣୀ ମାଝୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ମୁଖ୍ୟ ଅତିଥି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

# ଖଣ୍ଡାଧାର ପର୍ଯ୍ୟଟନ ସ୍ଥଳକୁ ପ୍ଲାଷ୍ଟିକ୍‌ମୁକ୍ତ ନେଇ ସଚେତନତା




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

ବଣାଇଁ, ୬ା୧(ପ୍ରଦୀପ ତ୍ରିପାଠୀ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସୁନ୍ଦରଗଡ଼ ଜିଲାର ଖଣ୍ଡାଧାର ପର୍ଯ୍ୟଟନ ସ୍ଥଳକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ନେଇ ଘୋଷଣା କରାଯାଇଥିବା ପରିପ୍ରେକ୍ଷୀରେ ଏକ ସଚେତନତା କାର୍ଯ୍ୟକ୍ରମ ଏସପିସିବି (ଷ୍ଟେଟ ପଲୁସନ କଣ୍ଟ୍ରୋଲ ବୋର୍ଡ)ର ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିଲା। ଏସ୍‌ପିସିବିର ରାଉରକେଲା ଆଞ୍ଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ ଆୟୋଜିତ ଏକ ସଭାରେ ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ, ପିକନିକ ଓ ପର୍ଯ୍ୟଟନ ସ୍ଥଳଗୁଡିକୁ ପ୍ଲାଷ୍ଟିକ ମୁକ୍ତ ପାଇଁ ଆମର ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। ଓଡ଼ିଶାରେ ଅନେକ ସ୍ଥାନ ପ୍ଲାଷ୍ଟିକମୁକ୍ତ ହୋଇଥିବା ବେଳେ ସୁନ୍ଦରଗଡ଼ ଓ ଦେବଗଡ଼ ଜିଲାରେ ଥିବା ୪୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟନ ଓ ପିକନିକ ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ ପାଇଁ ଅଭିଯାନ ଜାରି ରହିଛି। ଏଦିଗରେ ଜନସାଧାରଣଙ୍କ ସହଯୋଗ ସେ କାମନା କରିଥିଲେ। ସୁନ୍ଦରଗଡ଼ ଜିଲାସ୍ଥିତ ଜେଏସଡବ୍ଲ୍ୟୁ ମାଇନିଂ ବିଭାଗ ବିଜ୍‌ନେସ୍ ହେଡ୍ ପ୍ରସନ୍ନ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ, ପ୍ଲାଷ୍ଟିକ ପ୍ରଦୂଷଣର ମୂଳ କାରଣକୁ ଚିହ୍ନଟ କରି ପ୍ରତିକାର କରାଯିବାର ଆବଶ୍ୟକତା ରହିଛି। ତେବେ ଜନ ସହଭାଗିତା ଜରୁରୀ ବୋଲି ମତ ଦେଇଥିଲେ। ଶିକ୍ଷାବିତ ତଥା ସମାଜସେବୀ ଏସ.ଏନ୍. ମଲ୍ଲିକ, ବିଭାଗୀୟ ଉପ ପରିବେଶ ଯନ୍ତ୍ରୀ ଇଂ. ରମଣୀ ରଞ୍ଜନ ଦାସ, ବିଜୟ କୁମାର ଭୋଇ ବକ୍ତବ୍ୟ ରଖିଥିଲେ। ୱାଇଏମଏଫଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ଓ ଉପସ୍ଥିତ ବ୍ୟକ୍ତି ବିଶେଷ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପର୍ଯ୍ୟଟନ ଓ ପିକନିକ ସ୍ଥଳରେ ବର୍ଜ୍ୟବସ୍ତୁ କିମ୍ବା ପଲିଥିନ ନ ଫିଙ୍ଗିବାକୁ ପରାମର୍ଶ ଦିଆଯାଇଥିଲା। ସ୍ୱଚ୍ଛତା ବଜାୟ ରଖିବାକୁ ଆହ୍ୱାନ କରାଯାଇଥିଲା। ଖଣ୍ଡାଧାରରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ବଣାଇଁ ଏସିଏଫ୍ ଦୁର୍ଯ୍ୟୋଧନ ଜରାଇଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ।

# ୯ରୁ ୧୧ ପର୍ଯ୍ୟନ୍ତ ଆଉଟ୍‌ଡୋର ସେବା ବନ୍ଦ ରହିବ

ବଡ଼ଗାଁ,୬ା୧(ଅଶୋକ ଷଡଙ୍ଗୀ)

## ଧର୍ମଘଟରେ ଡାକ୍ତର

ରାଜ୍ୟରେ ଡାକ୍ତରଙ୍କ ଅଭାବ ସତ୍ତ୍ୱେ ନୂଆ ନିଯୁକ୍ତି ଓ ସ୍ଥାୟୀ ପଦ ପୂରଣ ହୋଇପାରି ନାହିଁ। ଏଥିସହ କାର୍ଯ୍ୟସ୍ଥଳରେ ସୁରକ୍ଷା ଅଭାବ, ବାରମ୍ବାର ହେଉଥିବା ହିଂସା, ଅତିରିକ୍ତ କାର୍ଯ୍ୟ ଚାପ ଓ ଯଥୋଚିତ ଭତ୍ତା ନ ମିଳିବା ଆଦି ଅଭିଯୋଗ ଉଠାଇ ଓଡ଼ିଶା ମେଡିକାଲ ସେବା ସଂଘର ଡାକରାରେ ଗତମାସ ୨୬ରୁ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆନ୍ଦୋଳନରେ ସରକାରୀ ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ସାମିଲ ହୋଇଛନ୍ତି। ଦୀର୍ଘବର୍ଷ ହେଲା ଡାକ୍ତର ଅଭାବ, ଅସୁରକ୍ଷିତ କାର୍ଯ୍ୟସ୍ଥଳ, ଅତିରିକ୍ତ କାର୍ଯ୍ୟ ଚାପ ଓ ପ୍ରଶାସନିକ ଅବହେଳା ଏଭଳି ପରିସ୍ଥିତିକୁ ଆମନ୍ତ୍ରଣ କରିଛି ବୋଲି ସଂଘ ଅଭିଯୋଗ କରିଛି। ଡାକ୍ତରଙ୍କୁ କରୋନା ଯୋଦ୍ଧା ସମ୍ମାନ ଦେଇଥିଲାବେଳେ ସେମାନଙ୍କ ସୁରକ୍ଷା, ସେବା ସର୍ତ୍ତ ଓ ମର୍ଯ୍ୟାଦା ପ୍ରଶ୍ନରେ ନୀରବ। ଏହି ଧର୍ମଘଟ ରୋଗୀଙ୍କ ବିରୋଧରେ ନୁହେଁ, ବରଂ ସରକାରୀ ଅବହେଳା ବିରୋଧରେ ବୋଲି ସଂଘ କହିଛି। ଗତମାସ ୨୬ରୁ ଆଉଟ୍‌ଡୋର ସେବା ଏକ ଘଣ୍ଟା ବନ୍ଦ ରହୁଥିଲା। ସରକାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ଅଭିଯୋଗକରି ଗତ ୫ ତାରିଖରୁ ଆଉଟ୍‌ଡୋର ସେବା ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଫଳରେ ରୋଗୀମାନେ ଡାକ୍ତରଖାନାରେ ଘୋର ହଇରାଣ ହେଉଥିବା ଦେଖାଯାଇଛି। ତେବେ ସକାଳ ୮ରୁ ୯ଟା ପର୍ଯ୍ୟନ୍ତ ଆଉଟ୍‌ଡୋର ଖୋଲା ରହିବ। ଜରୁରିକାଳୀନ ଓ ଆମ୍ବୁଲାନ୍ସରେ ଆସୁଥିବା ରୋଗୀଙ୍କୁ ଚିକିତ୍ସାସେବା ମିଳିବ ବୋଲି ସୁନ୍ଦରଗଡ଼ ଜିଲା ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସାରଦା ପ୍ରସନ୍ନ ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ୧୪ ତାରିଖ ମଧ୍ୟରେ ସରକାର କୌଣସି ସମାଧାନ ନ କଲେ ୧୫ ତାରିଖ ପୂର୍ବାହ୍ନ ୯ରୁ ୧୧ଟା ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଆଉଟ୍‌ଡୋର ସେବା ବନ୍ଦ ରହିବ। ତେବେ ଏ ନେଇ ସଂଘ ପକ୍ଷରୁ ଜିଲା ସଭାପତି ଡାକ୍ତର ବିନୋଦ ବିହାରୀ ଦାସ ଓ କୋଷାଧ୍ୟକ୍ଷ ଡାକ୍ତର ଦେବବ୍ରତ ନାୟକ ସୋମବାର ଜିଲାପାଳ ଏବଂ ଏସ୍‌ପିଙ୍କୁ ସାକ୍ଷାତ୍ କରି ଦାବିପତ୍ର ଦେଇଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

ବଡ଼ଗାଁ, ୬ା୧(ଅଶୋକ ଷଡ଼ଙ୍ଗୀ): ବଡ଼ଗାଁ ଥାନା ଅନ୍ତର୍ଗତ ସାଲବିରା ଛକରେ ଗତ ଶନିବାର ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ସେମେଲବାହାଲ ଗ୍ରାମର ଗୋବର୍ଦ୍ଧନ ବାଗ(୨୮)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୁନ୍ଦରଗଡ଼ ଡାକ୍ତରଖାନାରେ ମଙ୍ଗଳବାର ପୂର୍ବାହ୍ନରେ ମୃତ୍ୟୁ ହୋଇଥିବା ବଡ଼ଗାଁ ପୋଲିସ ପକ୍ଷରୁ ସୂଚନା ମିଳିଛି। ଗୋବର୍ଦ୍ଧନ ନିଜ ବାଇକ୍ ଯୋଗେ ତଲସରାରୁ ଫେରୁଥିବାବେଳେ ସାଲବିରା ଛକରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଦୋକାନ କାନ୍ଥରେ ପିଟିହୋଇ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାରକରି ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ସୁନ୍ଦରଗଡ଼ ଟାଉନ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

# ସଡ଼କ ସୁରକ୍ଷା ମାସ ପାଳିତ

ସୁନ୍ଦରଗଡ,୬ା୧(ଜୟ ନାରାୟଣ ମେଣ୍ଡୁଲି)

ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ମଙ୍ଗଳବାର ଏଲ ଆଣ୍ଡ ଟି ମସ୍ନିକାନୀ ସ୍ଥିତ ଟୋଲ ପ୍ଲାଜା ତରଫରୁ ସଡକ ସୁରକ୍ଷା ମାସ ପାଳିତ ହୋଇଯାଇଛି। ମସ୍ନିକାନି ଟୋଲ ଗେଟଠାରେ ଆୟୋଜିତ ଏହି ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଏସପି ଅମ୍ରିତ ପାଲ କୌର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଡ଼କ ସୁରକ୍ଷା ନିୟମ ପାଳନ ଦ୍ୱାରା ଆମେ ନିଜର ସୁରକ୍ଷା ସହ ନିଜର ପରିବାର ବର୍ଗ, ସହଯାତ୍ରୀ, ଅନ୍ୟ ଚାଳକଙ୍କ ନିରାପତ୍ତା ତଥା ସୁଖଦ ଜୀବନ ସୁନିଶ୍ଚିତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବା ବୋଲି ସେ କହିଥିଲେ। ସମ୍ମାନୀତ ଅତିଥିଭାବେ ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ( ଆରଟିଓ ) ମାନା ସିଂହ ଓ ଭାସ୍ମା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡ଼ା ଯୋଗ ଦେଇଥିଲେ। ଏହା ପରେ ଏକ ରାଲି ମାଧ୍ୟମରେ ସଡକ ସୁରକ୍ଷା ଜୀବନ ରକ୍ଷା ବିଷୟରେ ସଚେତନା କରାଇବା ପାଇଁ ସହର ପରିକ୍ରମା କରିଥିଲେ। ଏହି ଅବସରରେ ସେକୁରା ପ୍ରୋଜେକ୍ଟ ହେଡ ଦେବେନ୍ଦ୍ର କୁମାର ବାରିକ, ପ୍ରୋଜେକ୍ଟ ମ୍ୟାନେଜର ଆଶିଷ ମହାନ୍ତି, ରୁଟ ଅଫିସର ଶଙ୍କର ଦାସ, ଏମ. ଶିବା ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି ଅମ୍ରିତ ପାଲ କୌର ସବୁଜ ପତାକା ଦେଖାଇ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ସୁନ୍ଦରଗଡ,୬ା୧(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ପୋଲିସ ମଙ୍ଗଳବାର ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ବେଆଇନ ଭାବେ ବାଲି ଚାଲାଣ କରୁଥିବା ପୋଲିସ ତଦନ୍ତରେ ଜଣାପଡିଛି। ଏ ନେଇ ପୋଲିସ ୨ ପୃଥକ୍ ମାମଲା (ନଂ.୯ ଓ ୧୦/୨୬) ରୁଜୁ କରି ଟ୍ରାକ୍ଟର ମାଲିକଙ୍କୁ ନୋଟିସ ଦେଇ ଛାଡିଛି। ସେମାନଙ୍କ ଟ୍ରାକ୍ଟରର ଟ୍ରଲି ରେଜିଷ୍ଟ୍ରେଶନ ନମ୍ବର ନ ଥିବା ପୋଲିସ କହିଛି।

# ମଣ୍ଡିରୁ ଉଠୁନି ଧାନ, ଚାଷୀ ଅସନ୍ତୋଷ

ବଡ଼ଗାଁ, ୬ା୧(ଅଶୋକ ଷଡ଼ଙ୍ଗୀ)



ମଣ୍ଡିରେ ଧାନ ପଡ଼ିରହିଛି।

## ବଡ଼ଗାଁ ବ୍ଲକ୍

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ସମସ୍ତ ମଣ୍ଡିରେ ଶହ ଶହ ବସ୍ତା ଧାନ କିଣା ନ ହୋଇ ପଡ଼ିରହିଛି। ମିଲର୍ସ ସଂଘ ପକ୍ଷରୁ ୪ ଦଫା ଦାବି ନେଇ ସୋମବାରଠାରୁ ସାରା ରାଜ୍ୟରେ ମଣ୍ଡିରୁ ଧାନ ଉଠାଇବା ବନ୍ଦ କରାଯାଇଛି। ରାଜ୍ୟ ସରକାର ଓ ଯୋଗାଣ ବିଭାଗ ମଧ୍ୟରେ ଆଲୋଚନା ବିଫଳ ହେବାରୁ ସାରା ରାଜ୍ୟରେ ଧାନକିଣାରେ ଅଚଳାବସ୍ଥା ଦେଖାଦେଇଛି। ଅନୁରୂପ ଭାବେ ବଡ଼ଗାଁ ବ୍ଲକର ମଣ୍ଡିଗୁଡିକରେ ଧାନକିଣା ଠପ୍ ହୋଇଯାଇଛି। ଏହି ଅଚଳାବସ୍ଥାକୁ ନେଇ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବଡ଼ଗାଁ ଲ୍ୟାମ୍ପସ ଅନ୍ତର୍ଗତ ବଡ଼ଗାଁ, ଦାଣ୍ଡଜମିରା, ଭୋଇପାଲି, ଟିଙ୍କିଲିପଡ଼ା, ଜରଙ୍ଗଲୋଇ ଧାନମଣ୍ଡି, ସାହାଜବାହାଲ ଲ୍ୟାମ୍ପସ ଅନ୍ତର୍ଗତ ସାହାଜବାହାଲ, ପାମରା, ଏକମା ମୁଣ୍ଡା ଗାଁ, ବରଙ୍ଗାକଛାର, ପେଟଫୋଡ଼ ପ୍ରଗତି ଏମ୍‌ପିସିଏସ୍, ଶଙ୍କରାପୋଷ ଏମ୍‌ପିସିଏସ୍ ଅନ୍ତର୍ଗତ ଶଙ୍କରାପୋଷ, ରେଙ୍ଗାଲମାଲ, ସିଙ୍ଗାରମୁଣ୍ଡା ଧାନମଣ୍ଡିରେ କିଣା ହୋଇପାରୁନାହିଁ। ଏହାକୁ ନେଇ ମିଲର୍ସମାନଙ୍କ ଉପରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ସୁନ୍ଦରଗଡ଼ ଜିଲାର ୬୪ଟି ସମବାୟ ସଂସ୍ଥା ଓ ୬ ଟି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଧାନକିଣା ଆରମ୍ଭ ହୋଇଥିଲା। ମାତ୍ର ମିଲର୍ସ ଧାନ ଉଠାଇବା ବନ୍ଦ କରିଦେବାରୁ ଧାନକିଣା ହୋଇପାରୁନାହିଁ। ସୁନ୍ଦରଗଡ଼ ଜିଲାରେ ୬୧ ହଜାର ୯୭୭ ଜଣ ଚାଷୀ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ୫୨୮୫ ଚାଷୀଙ୍କଠାରୁ ମାତ୍ର ୨ ଲକ୍ଷ ୮ ହଜାର କୁଇଣ୍ଟାଲ ଧାନ କିଣାଯାଇଛି। ଏହି ସମସ୍ୟାର ସମାଧାନ ଅତିଶୀଘ୍ର କରି ଧାନକ୍ରୟ କରିବାକୁ ଦାବି ହେଉଛି।

# ଜିଲାସ୍ତରୀୟ ମତ୍ସ୍ୟ,ପ୍ରାଣିସମ୍ପଦ ମେଳା ଉଦ୍‌ଘାଟିତ

ସୁନ୍ଦରଗଡ଼,୬ା୧(ଜୟ ନାରାୟଣ ମେଣ୍ଡୁଲି)



ଅତିଥିମାନେ ସଫଳ ଛେଳିପାଳକ ଓ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସୁନ୍ଦରଗଡ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଜିଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡିଆଠାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୨ ଦିନ ଧରି ଚାଲିବ। ଜିଲାର ୧୭ଟି ବ୍ଲକରୁ ୧୨୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟ ଓ ପ୍ରାଣୀ ପାଳକ ଏଥିରେ ଭାଗ ନେଇଛନ୍ତି। ଏହି ଜିଲା ସ୍ତରୀୟ ମେଳାରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ ଜିଲା ପରିଷଦର ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଏବଂ ସୁନ୍ଦରଗଡ ପୌରପାଳିକାର ଅଧ୍ୟକ୍ଷା ତନ୍ମୟା ମିଶ୍ର ଅତିଥି ଭାବରେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ସୁନ୍ଦରଗଡ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ସଭାକୁ ସମ୍ବୋଧନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସନ୍ତୋଷ କୁମାର ପାଣିଗ୍ରାହୀ ସଭାର ସ୍ୱାଗତ ଭାଷଣଦେବା ସହିତ ବିଭାଗୀୟ ଯୋଜନା ଗୁଡ଼ିକର ଲାଭ ଉଠାଇବା ପାଇଁ ଉପସ୍ଥିତ ମତ୍ସ୍ୟ ଓ ପ୍ରାଣୀ ପାଳକଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭା ପରିଚାଳନା ଦାୟିତ୍ୱ କୋଇଡା ସହକାରୀ ମତ୍ସ୍ୟ ଅଧିକାରୀ ଆକାଂକ୍ଷା ଦାସ ତୁଲାଇ ଥିଲେ। ସଭାରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ହେମଗିରି ବ୍ଲକର ସଫଳ କୁକୁଡା ଚାଷୀ ପ୍ରଦୀପ କୁମାର ସାହୁ, କୁଆଁରମୁଣ୍ଡା ବ୍ଲକର ସଫଳ ଛେଳି ପାଳକ ସୁନ୍ଦର ବିଞ୍ଜିଆ, ଲହୁଣୀପଡା ବ୍ଲକର ସଫଳ ଛେଳି ପାଳନ ପାଇଁ ଗାୟତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯିବା ସହ ମାନପତ୍ର ପୁରସ୍କାର ରାଶି ସହ ସମ୍ମାନିତ କରଯାଇଥିଲା । ସେହିପରି ମତ୍ସ୍ୟ ସମ୍ପଦ ବିଭାଗ ତରଫରୁ ରାଜଗାଙ୍ଗପୁର ବ୍ଲକର ବଦ୍ରିନାଥ ମିଞ୍ଜ ଓ ଲାଠିକଟା ବ୍ଲକର ବିଜଚନ୍ଦ୍ର ଖାଲୋକୋଙ୍କୁ ସଫଳ ମତ୍ସ୍ୟ ଚାଷୀ ଭାବରେ ସମ୍ବର୍ଦ୍ଧିତ କରଯାଇଥିଲା। ଏହି ଅବସରରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ କୃଷକ ବୈଜ୍ଞାନିକ ଆଲୋଚନାଚକ୍ରରେ ଡ. ବସନ୍ତ କୁମାର ଧଳ, ଡ.ନବୀନ କୁମାର ମିଶ୍ର, ମତ୍ସ୍ୟ ବିଭାଗ ତରଫରୁ ନଳିନୀକାନ୍ତ ଦାସ ଓ ମୃତ୍ୟୁଞ୍ଜୟ ଘଡେଇ ପ୍ରାଣୀ ଓ ମତ୍ସ୍ୟ ପାଳନ ଏବଂ ଲାଭଜନକ କରିବା ବିଷୟରେ କହିଥିଲେ। ଶେଷରେ ଜିଲା ମତ୍ସ୍ୟ ଅଧିକାରୀ ବିବେକ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ୩୫ଟି ବିଭାଗୀୟ ଓ ଆନୁଷଙ୍ଗିକ ଷ୍ଟଲ ସ୍ଥାନିତ ହୋଇଛି। ଏହାସହିତ ବିଭିନ୍ନ ପ୍ରଜାତିର ଗାଈ, ଛେଳି, ମେଣ୍ଢା, କୁକୁଡା, ଘୁଷୁରି, ଘାସ, ମାଛ ଆଦି ପ୍ରଦର୍ଶନ କରାଯାଇଅଛି। କାର୍ଯ୍ୟକ୍ରମରେ ଅତିଥି ତଥା ଜନସାଧାରଣମାନେ ସମସ୍ତ ଷ୍ଟଲ ବୁଲି ଦେଖିବା ସହିତ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡ଼ିକ ସମ୍ପର୍କରେ ସୂଚନା ଉପଲବ୍ଧ କରିଥିଲେ। ମେଳାରେ ବହୁ ସଂଖ୍ୟାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀମାନେ ଯୋଗ ଦେଇଛନ୍ତି।



ସମ୍ବଲପୁର ଲୋକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ହରିୟାଣା କଳାକାରଙ୍କ ଘୁମର ନୃତ୍ୟ ପରିବେଷଣ।



ସମ୍ବଲପୁର ଲୋକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମିଳିତ କଳାକାରଙ୍କ ନୃତ୍ୟ ପରିବେଷଣ।

# ସଂସ୍କୃତିର ବାର୍ତ୍ତାବହ ଲୋକ ମହୋତ୍ସବ

## ଲୋକ ମହୋତ୍ସବ ସମ୍ବଲପୁର ଉଦ୍‌ଯାପିତ

ସମ୍ବଲପୁର,୬।୧(ଭବାନୀ ଶଙ୍କର ଭୋଇ)

ଲୋକ ମହୋତ୍ସବ ସମ୍ବଲପୁରର ମଙ୍ଗଳବାର ଅନ୍ତିମ ରଜନୀରେ ଦେଶର ବିଭିନ୍ନ କୋଣରୁ ଆସିଥିବା ଲୋକ କଳାକାରମାନଙ୍କ ମିଶ୍ରିତ ନୃତ୍ୟ ସହ ଚଳିତବର୍ଷର ସ୍ମୃତି ସାଇତି ହୋଇ ରହିଯାଇଛି। ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଇଜି ହିମାଂଶୁ ଲାଲ, ଏସ୍‌ପି ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି, ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ଡ. ମହାଦେବ ଜୟସ୍ୱାଲ, ସମ୍ବଲପୁର ବନମଣ୍ଡଳ ଅଧିକାରୀ ଯାଦବ ସୁଦର୍ଶନ ଗୋପୀନାଥ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଓ ସୁଧାଂଶୁ କୁମାର ଭୋଇ ଏବଂ ଶ୍ୟାମ ମେଟାଲିକର ନିର୍ଦ୍ଦେଶକ ଦେବ କୁମାର ତିୱାରୀ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୈସୱାଲ ଲୋକ ମହୋତ୍ସବ ସମ୍ବଲପୁରକୁ ଲୋକ ସଂସ୍କୃତିର ବାର୍ତ୍ତାବହଭାବେ ବର୍ଣ୍ଣନା କରିଥିଲେ। ଆଇଜି ହିମାଂଶୁ ଲାଲ ତାଙ୍କ ବକ୍ତବ୍ୟରେ ଲୋକ ମହୋତ୍ସବର



ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

ସଫଳତା ପାଇଁ ସମ୍ବଲପୁରବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସମ୍ବର୍ଦ୍ଧନା ଉପ ସମିତି ଆବାହକ ଡ. ଅତିଶ କୁମାର ଶତପଥୀଙ୍କ ଆବାହକତ୍ୱରେ ବର୍ଷିୟାନ ମଞ୍ଚ ଅଭିନେତ୍ରୀ ଜ୍ୟୋସ୍ନାମୟୀ ମିଶ୍ର, ପାରମ୍ପରିକ ଲୋକଖାଦ୍ୟ ସରସତିଆର ପ୍ରସାର ପାଇଁ ପ୍ରଭୁଲାଲ ଗୁପ୍ତା, ଲୋକ ମହୋତ୍ସବର ଲୋଗୋ ତିଆରି କରିଥିବା ଚିତ୍ରକର ପ୍ରଦୀପ କୁମାର ବେହେରା, ଲୋକ ସଙ୍ଗୀତ ପାଇଁ ପଦ୍ମିନୀ ଦୋରା, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ଯୁବ ପ୍ରତିଭା ସୌମ୍ୟଜିତ ସୌମିତ୍ରୀ ବଡପଣ୍ଡାଙ୍କୁ ଏବଂ ସମ୍ବଲପୁରୀ ନାଟକର ବିକାଶ ଓ ପ୍ରସାର ଦିଗରେ ଅବଦାନ ପାଇଁ ଝାଡୁଆପଡା ସମ୍ବଲପୁରର ଯୁବଉଦୟନ ଅନୁଷ୍ଠାନକୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ସଂଯୋଜକ ଦୀପକ କୁମାର ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିବାବେଳେ ସହସଂଯୋଜକ ସତ୍ୟ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଲୋକ ମହୋତ୍ସବ ଅନ୍ତିମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ମା' ସମଲେଇଙ୍କ ଭରନି ପାରରୁ। ଏହାପରେ ପରିବେଶିତ ହୋଇଥିଲା ଲୋକଗୀତର କାର୍ଯ୍ୟକ୍ରମ। ସାଂସ୍କୃତିକ ସନ୍ଧ୍ୟା ଲୀଳାଶୈଳୀରେ ପ୍ରଥମ ଗୀତ ପରିବେଷଣ କରିଥିଲେ ପ୍ରିୟଦର୍ଶିନୀ ନାଥ। ଲୀଳାଶୈଳୀର କହ୍ନେଇଗୋ ତୁମେ ମୋର ଜୀବର ଜୀବନ ଗୀତ ପରିବେଷଣ କରିଥିଲେ ଆକାଶବାଣୀର ଯୁବ ଗାୟିକା ପ୍ରିୟଦର୍ଶିନୀ ନାଥ । ଏହାପରେ ରବୀନ୍ଦ୍ର ପଣ୍ଡାଙ୍କ କଣ୍ଠରୁ ଝରି ଆସିଲା ସମ୍ବଲପୁରୀ ଗୀତ ଲଭ ଲୁଭାନି। ସାଇସ୍ମିତା ନାଏକଙ୍କ ଝୁମେର ଶୈଳୀର ଅଧାରାତି ଅଧାଜହ୍ନ ଥିଲା ଲୋକଗୀତ କାର୍ଯ୍ୟକ୍ରମର ତୃତୀୟ ଅର୍ଘ୍ୟ। ଏହି କାର୍ଯ୍ୟକ୍ରମର ଶେଷ ଗୀତ କୋରାପୁଟିଆ ଦେଶିଆ ଶୈଳୀର ଫୁଲମଲିଆ ପରିବେଶିତ ହୋଇଥିଲା ରାଜ କୁମାର ଜାଲଙ୍କ ଦ୍ୱାରା। ଲୋକଗୀତ କାର୍ଯ୍ୟକ୍ରମରେ ସଙ୍ଗୀତ ପରିଚାଳନା କରିଥିଲେ ଗୁରୁ ରତନ ପୂଜାହାରୀ। ଲୋକଗୀତ କାର୍ଯ୍ୟକ୍ରମ ସମାପନ ପରେ ତଥ୍ୟ ସଂରକ୍ଷଣ ଉପସମିତି ପକ୍ଷରୁ ଆବାହକ ଆଶିଷ କୁମାର ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ବୃତ୍ତଚିତ୍ର ସମ୍ବଲପୁରର ଚିହ୍ନା ପ୍ରଦର୍ଶିତ ହୋଇଥିଲା। ଲୋକନୃତ୍ୟ କାର୍ଯ୍ୟକ୍ରମରେ ପ୍ରଥମେ ଟ୍ରାଇବେଲ ଫୋକ ଆର୍ଟ ସମ୍ବଲପୁରର ଚୁଟକୁଚୁଟା,ପରେ ପରେ ମୟୂରଭଞ୍ଜର ଛଉ, ହିମାଚଳ ପ୍ରଦେଶର ସିରମୋରି ପରିବେଷିତ ହୋଇଥିଲା। ଆସାମର ବିହୁ ନାଚ, ବାମରାର କିସାନ ନାଚ, ସମ୍ବଲପୁର କଳା ପରିଷଦର ଦେଶି କରମା ଓ ଡାଲଖାଇ ଥିଲା ଲୋକନୃତ୍ୟ କାର୍ଯ୍ୟକ୍ରମର ଶେଷ ଅର୍ଘ୍ୟ।



ଉତ୍ତରପ୍ରଦେଶ କଳାକାରମାନେ ମୟୂର ନୃତ୍ୟ ପରିବେଷଣ କରୁଛନ୍ତି।

# ଲୋକ ସଂସ୍କୃତିରେ ବିଜ୍ଞାନ ରହିଛି

## ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ଆଲୋଚନାଚକ୍ର

ସମ୍ବଲପୁର,୬।୧(ବି.ଶଙ୍କର)

ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ସମ୍ବଲପୁର ଜିଲା ସଂସ୍କୃତି ପରିଷଦ ମିଳିତ ଆୟୋଜିତ ଲୋକ ମହୋତ୍ସବ ସମ୍ବଲପୁର -୨୦୨୬ ଅବସରରେ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ପିଏଚ୍‌ଡି ପଡିଆରେ ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପଶ୍ଚିମ ଓଡ଼ିଶାର ଲୋକକ୍ରୀଡା, ଲୋକ ଚିକିତ୍ସା, ଲୋକଚିତ୍ର ବିଷୟରେ ଆଲୋଚକମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଆଲୋଚନାଚକ୍ର ଉପସମିତି ଆବାହକ ପ୍ରଦୀପ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସହ ଆବାହକ ଭବତୋଷ ବିଶି ଅତିଥି ସ୍ୱାଗତ କରିଥିଲେ। ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ଦୀପକ କୁମାର ପଣ୍ଡା, ଉପଦେଷ୍ଟା ପ୍ରଫୁଲ୍ଲ କୁମାର ହୋତା, ସହ ସଂଯୋଜକ ସତ୍ୟରଞ୍ଜନ ବେହେରା, ନୋଡାଲ ଅଧିକାରୀ ରବିନ୍ଦ୍ର ଦଳେଇ ଯୋଗଦେଇ ଆଲୋଚନାଚକ୍ରର ଶୁଭାରମ୍ଭ କରିଥିଲେ ।

ସଂଯୋଜକ ପଣ୍ଡା କହିଥିଲେ, ଆମ ଲୋକ ସଂସ୍କୃତିରେ ବିଜ୍ଞାନ ରହିଛି । ତାହା ଆମେ ନିଜେ ଜାଣିବା ଉଚିତ । ଓଡ଼ିଶାର ୮୫ ପ୍ରତିଶତ ଶିଳାଚିତ୍ର ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ସୁନ୍ଦରଗଡ଼ରେ ରହିଛି । ଆଲୋଚକ ବୃନ୍ଦାବନ ମହାରଣା ଲୋକ ଚିତ୍ରକଳା ଉପରେ ମତ ରଖିଥିଲେ। ଆମେ ଯେଉଁ ଚିତ୍ରକଳା କରୁଛୁ, ତାହାର ମାଧ୍ୟମଗୁଡିକୁ ଜାଣିବା ଉଚିତ । ଲୋକକଳା ଆମ ଘରେ ଅଛି । ଆଦିମ କାଳରୁ ମଣିଷ କୌଣସି ବସ୍ତୁରେ ଗାର ଟାଣିବାଠାରୁ ଆରମ୍ଭ କରି ଶିଳାଚିତ୍ର ଜରିଆରେ ଭାବବ୍ୟକ୍ତ କରିବାର ପ୍ରୟାସରୁ ଏହି କଳା ବିକାଶ ଲାଭ କରିଛି। ପ୍ରାଗୈତିହାସିକ ଯୁଗର ଶିଳାଚିତ୍ର ସହ ଆଦିବାସୀ ଚିତ୍ରକଳାର ମଧ୍ୟ କିଛି ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ଘରକାନ୍ଥ ଓ ପର୍ବ ସମୟରେ ଦିଆଯାଉଥିବା ଝୋଟି ମେହେନ୍ଦି ମଧ୍ୟ ଏହି ଲୋକକଳା ଅନ୍ତର୍ଭୁକ୍ତ। କଳା ହେଉଛି ଏକ ପ୍ରକାର କୌଶଳ ଯାହା ପିଢିପିଢି ଧରି ଲୋକ ଅନୁକରଣ କରି ଆସୁଛି । ତେବେ ମୁରୁଜ ଦେବାର କଳା ବୌଦ୍ଧ ତନ୍ତ୍ରରୁ ଆସିଛି । ସପ୍ତପୁରୀ ଅମାବାସ୍ୟାରେ ପଶ୍ଚିମ ଓଡ଼ିଶାର ମୃଣ୍ମୟ କଳାର ସୁନ୍ଦର ଦୃଷ୍ଟାନ୍ତ ଦେଖିବାକୁ ମିଳେ। ସେହିଭଳି ପାରମ୍ପରିକ କାଷ୍ଠଶିଳ୍ପର ଦୃଷ୍ଟାନ୍ତ ମଧ୍ୟ ଆମ ଅଞ୍ଚଳରେ ରହିଛି । ପଶ୍ଚିମ ଓଡ଼ିଶାର ତାସ ସଦୃଶ ଗଞ୍ଜପା ମଧ୍ୟ ଆମ ଲୋକ ଚିତ୍ରକଳାର ଏକ ବଳିଷ୍ଠ ଦୃଷ୍ଟାନ୍ତ। ତେନ୍ତୁଳି ଅଠା, ଖଡି ପଥର, ଗେରୁମାଟି ରଙ୍ଗ ତିଆରି କରି ଗେଙ୍ଗୁଟି ପଥର ଦେଇ ଏହା ତିଆରି ହେଉଥିଲା। ଡାଲଖାଇ କୁଠି, ମଙ୍ଗଳା କୁଠିର ଚିତ୍ର ମଧ୍ୟ ଆମ ପାରମ୍ପରିକ ଲୋକକଳାର ପରିଚୟ ଦେଇଥାଏ। ଅନ୍ୟତମ ଆଲୋଚିକା ଅନୁରାଧା ପୁରୋହିତ ଚିକିତ୍ସାର ପଦ୍ଧତି ଆମେ କୌଣସି ଶାସ୍ତ୍ରର ଅନୁକରଣରେ ନକରି ପାରମ୍ପରିକ ରୀତିରେ ପ୍ରୟୋଗ କରି ଆସଛୁ । ସେହିଭଳି ଚିକିତ୍ସାମାନ ହିଁ ଲୋକ ଚିକିତ୍ସା ଅନ୍ତର୍ଭୁକ୍ତ। ଆମ ଅଞ୍ଚଳରେ ବୌଦ୍ଧତନ୍ତ୍ରର ପ୍ରଖର ପ୍ରଚଳନ ରହିଥିଲା । ଡ. ସ୍ୱୟଂ ପ୍ରକାଶ ପଣ୍ଡା ଖେଳର ଉପକାରିତା ବିଷୟରେ ଆଲୋଚନା କରିଥିଲ । ମାନସିକ ଚାପକୁ ଏହା କମାଇବା ସହ ନୂତନ ସୃଷ୍ଟି ନିମନ୍ତେ କ୍ରୀଡା ମାନବକୁ ପ୍ରସ୍ତୁତ କରେ । ସେହିପରି ଦ୍ୱିତୀୟ ଅଧିବେଶନ ଲୋକ ସଂସ୍କୃତି ଆଧରିତ କବିତା ପାଠୋତ୍ସବ ହୋଇଥିଲେ। କବି ମୁକ୍ତକଣ୍ଠ ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ। ଲୋକ ମହୋତ୍ସବ ଆଲୋଚନା ସମିତି ସହ ଆବାହକ ସୌମିକ ବାବୁ ଓ କବି କମଳ ଲୋଚନ ପଣ୍ଡା ପରିଚାଳନା ଏବଂ ଅନୁପମା ବିଶ୍ୱାଳ ଏବଂ ରମଣିକାନ୍ତ ସାହୁଙ୍କର ସଂଯୋଜନା ସମ୍ବଲପୁରୀ କବିତା ଆସର ହୋଇଥିଲା। ଏଥିରେ ମୋଟ ୫୩ ଜଣ କବୟିତ୍ରୀ ଓ କବି ସମ୍ବଲପୁରୀ ସଂସ୍କୃତି, ଲୋକ ପରମ୍ପରା ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ଓ କବିଙ୍କୁ ପ୍ରଶଂସା ପତ୍ର ପ୍ରଦାନ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କବି ମାହେଶ୍ୱରୀ ପାଣିଗ୍ରାହୀ, ସୂର୍ଯ୍ୟ ପାଣିଗ୍ରାହୀ, ମନୋଜ ପଣ୍ଡା, ସଞ୍ଜୀବ ପାଢ଼ୀ, ମମତା ପଣ୍ଡା, ପ୍ରମୋଦ ସେଠ୍, ମାନଭଞ୍ଜନ ମିଶ୍ର, ଇପିସିତା ମିଶ୍ର, ତନୁଜା ଶତପଥୀ, ସ୍ମୃତିରେଖା ତ୍ରିପାଠୀ, ସ୍ପନ୍ଦନ ବେହେରା, ସୁସ୍ୱତ ପାଢ଼ୀ, ସ୍ୱରୂପ କୁମାର ପାଢ଼ୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।




ମଙ୍ଗଳବାର ସମ୍ବଲପୁର ପିଏଚ୍‌ଡି ପଡିଆରେ ଆୟୋଜିତ ସାହିତ୍ୟ ଓ କବିତା ଆସରରେ ଅତିଥି ଓ ବକ୍ତାମାନେ।

# ସମ୍ବଲପୁରର ସୁରଜଙ୍କୁ ୩ ଅନ୍ତର୍ଜାତୀୟ ଟାଇଟଲ୍

## ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିବେ

ସମ୍ବଲପୁର,୬।୧(ପ୍ରମୋଦ ବହିଦାର)

ସମ୍ବଲପୁରର ସୁରଜ କୁମାର ପାଣିଗ୍ରାହୀ ତିନୋଟି ଅନ୍ତର୍ଜାତୀୟ ଟାଇଟଲ୍ ବିଜୟୀ ହୋଇଛନ୍ତି। ୨୦୨୫ ଡିସେମ୍ବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ମ୍ୟାନ୍ ଅଫ ଦି ଆର୍ଥ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରି ସେ ଏହି କୃତିତ୍ୱ ହାସଲ କରିଛନ୍ତି। ମହାରାଷ୍ଟ୍ର ସରକାରଙ୍କ ଆନୁକୂଲ୍ୟରେ ମୁମ୍ବାଇର ଗ୍ଲୋବାଲ୍ ମଡେଲ୍ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଏହି ୪ ଦିନିଆ ମଡେଲିଂ ପ୍ରତିଯୋଗିତାରେ ସୁରଜ ଉତ୍କର୍ଷ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ଆର୍ଥ ଇଣ୍ଟରନ୍ୟାଶନାଲ-୨୦୨୫, ପିପୁଲ୍ସ ଚଏସ୍ ୱିନର୍ ଓ ବେଷ୍ଟ ଇନ୍ ଫର୍ମାଲ୍ ୱେୟାର ସବଟାଇଟଲ୍ ଆଦି ତିନୋଟି ଟାଇଟଲ୍ ବିଜୟୀ ହୋଇଥିଲେ। ଏହି ଅନ୍ତର୍ଜାତୀୟ ମଡେଲିଂ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, ଆମେରିକା, ଆଲଜିରିଆ, ମାଲେସିଆ, ଶ୍ରୀଲଙ୍କା, ନେପାଳ ଆଦି ବିଭିନ୍ନ ଦେଶରୁ ପ୍ରାୟ ୩୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିପାଇଁ ଅନୁଷ୍ଠିତ ୬ଟି ରାଉଣ୍ଡରେ ଶ୍ରେଷ୍ଠ ୩କୁ ସେ ଉତ୍ତୀର୍ଣ୍ଣ ହୋଇ ଉକ୍ତ ଟାଇଟଲ୍ ହାସଲ କରିଥିଲେ।

ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସାମ୍ବାଦିକ ଭବନରେ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୁରଜ



ଖବରଦାତା ସମ୍ମିଳନୀରେ ସହଯୋଗୀଙ୍କ ସହିତ ଅନ୍ତର୍ଜାତୀୟ ଟାଇଟ୍‌ଲ ବିଜେତା ସୁରଜ ପାଣିଗ୍ରାହୀ।

ଏହି ସଫଳତାକୁ ମା' ଧରିତ୍ରୀଙ୍କୁ ଉତ୍ସର୍ଗ କରିବା ସହିତ ଭାରତର ଯୁବପିଢିଙ୍କୁ ସମର୍ପଣ କରିଛନ୍ତି ବୋଲି କହିଥିଲେ। ସେ କହିଥିଲେ ଆଗକୁ ସେ ପରିବେଶ ସୁରକ୍ଷା ସହିତ ଏଦିଗରେ ସଚେତନତା ଜାଗ୍ରତ ପାଇଁ କାର୍ଯ୍ୟ କରିବେ ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଦିଗରେ ଉତ୍ସାହିତ କରିବେ ବୋଲି କହିଛନ୍ତି। ବରଗଡ଼ ଜିଲା ଅତାବିରାର ମୂଳ ବାସିନ୍ଦା ଅନ୍ତର୍ଜାତୀୟ ଟାଇଟଲ୍ ବିଜେତା ସୁରଜ ବର୍ତ୍ତମାନ ସମ୍ବଲପୁର ଗୋବିନ୍ଦଟୋଲାରେ ରହୁଛନ୍ତି। ସେ ଏଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ସଂସ୍କୃତ ଶିକ୍ଷକଭାବେ କାର୍ଯ୍ୟରତ ଅଛନ୍ତି। ଏହାସହ ଆମ୍ବିସିଅସ୍ ନୃତ୍ୟ ଏକାଡେମୀରେ କୁନି ପିଲାଙ୍କୁ ନୃତ୍ୟ ପ୍ରଶିକ୍ଷଣ ଦେଉଛନ୍ତି।

# ଗୀତାର ବାଣୀ ବିଷାଦରୁ ମୋକ୍ଷ ଆଡ଼କୁ ନିଏ

## ଚିନ୍ମୟ ମିଶନ ପକ୍ଷରୁ ଗୀତା ଆବୃତ୍ତି କାର୍ଯ୍ୟକ୍ରମ

ସମ୍ବଲପୁର,୬।୧(ବି.ଶଙ୍କର)

ଆନ୍ତର୍ଜାତିକ ଚିନ୍ମୟ ମିଶନର ୭୫ ବର୍ଷ ପୂର୍ତ୍ତି ଅବସରରେ ଚିନ୍ମୟ ଅମୃତ ମହୋତ୍ସବ ସମ୍ବଲପୁର ଶାଖା ପକ୍ଷରୁ ବିର୍ସା ମଇଦାନ (ପିଏଚ୍‌ଡି ପଡିଆ)ରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହିକ୍ରମରେ ସମଷ୍ଟି ଗୀତା ଆବୃତ୍ତି କାର୍ଯ୍ୟକ୍ରମ ହୋଇଥିଲା। କେନ୍ଦୁଝର ଜିଲା ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ଅନୁଗୋଳ ଜିଲା ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ଆମ୍ବିକାନନ୍ଦ ସରସ୍ୱତୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ସ୍ୱାମୀ ଆମ୍ବିକା କହିଥିଲେ, ମାତା ସମଲେଶ୍ୱରୀ ଯେମିତି ସକଳ ସମ୍ବଳର ଅଧିଶ୍ୱରୀ ଠିକ୍ ସେମିତି ଗୀତା ମାତା ସମସ୍ତ ଜ୍ଞାନର ଅଧିକାରୀ । ମଣିଷ ସମସ୍ତ ସମସ୍ୟାର ସମାଧାନ ରାସ୍ତା ଗୀତାଠାରୁ ପାଇପାରିବ । ମୁଖ୍ୟ ଅତିଥି ନିର୍ଲିପ୍ତାନନ୍ଦ ସମ୍ବୋଧିତ କରି କହିଥିଲେ, ଜୀବନକୁ ପରିବର୍ତ୍ତନ ପାଇଁ ଗୀତା ହେଉଛି ସହଜ, ସରଳ ଉପାୟ। ଗୀତା ମଣିଷକୁ ବିଷାଦର ମୋକ୍ଷ ଆଡ଼କୁ ନେଇଯାଏ । ଦେବଗଡ଼ ସ୍ଥିତ ଚିନ୍ମୟ ମିଶନର ମୁଖ୍ୟ ତନିଷ୍ଠାନନ୍ଦ ସରସ୍ୱତୀ ସମ୍ମାନୀତ ଅତିଥିଭାବେ ଉଦ୍‌ବୋଧନ ଦେଇଥିଲେ । ସମ୍ବଲପୁର ଚିନ୍ମୟ ମିଶନ ମୁଖ୍ୟ ବିଷ୍ଣୁପ୍ରିୟାନନ୍ଦ ସରସ୍ୱତୀ ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ କାର୍ତ୍ତିକ ପ୍ରସାଦ ବହିଦାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମିଶନର ଲକ୍ଷ୍ୟ ବାବଦରେ ସୂଚନା ଦେଇଥିଲେ । ଏହାପରେ ସମ୍ବଲପୁର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ପ୍ରାୟ ପାଞ୍ଚ ହଜାର ଶିକ୍ଷାର୍ଥୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ଶିକ୍ଷୟିତ୍ରୀଶିକ୍ଷକ, ମିଶନର ସଦସ୍ୟମାନେ ଗୀତାର ପଞ୍ଚଦଶ ଅଧ୍ୟାୟ ପୁରୁଷୋତ୍ତମ ଯୋଗ ଆବୃତ୍ତି କରିଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରତିନିଧିତ୍ୱ କରି ପୁରୁଷୋତ୍ତମ ଯୋଗର ଶ୍ଳୋକଗୁଡିକର ସରଳ ବ୍ୟାଖ୍ୟା କରି ସମସ୍ତଙ୍କୁ ଚମତ୍କୃତ କରିଥିଲେ । ମିଶନର ଭଉଣୀଭାଇ ନିର୍ବାଣ ଶଟକମ ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ମିଶ୍ର, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ, ଡାକ୍ତର ପ୍ରଭାସ ଦେବତା, ନରେଶ ବର୍ମା, ବିନୟ ସୋନି, ବିଶ୍ୱଭୂଷଣ ବିଶ୍ୱାଳ, ଡ.ସତ୍ୟ ନାରାୟଣ ଠାକୁର, କାର୍ତ୍ତିକ ପ୍ରସାଦ ବାରିକ, ଆରତୀ ପଣ୍ଡା, ରତ୍ନପ୍ରଭା ଦାସ, ସୁଷମା ଭୋଇ, ନିୟତି ସାହୁ, ଅମୃତା ତ୍ରିପାଠୀ, ଚିନ୍ମୟୀ ମିର୍ଦ୍ଧା, କାମିନୀ ରାଉତ, ସନ୍ତୋଷିନୀ ଭୋଇ ମଞ୍ଚାସୀନ ଥିଲେ । ଶେଷରେ ସଭାପତି ଇଞ୍ଜିନିୟର ଅକାଂକ୍ଷା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅବସରପ୍ରାପ୍ତ ଅଧ୍ୟାପିକା ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକାରୀ ସଭାପତି ଶଶାଙ୍କ ଶେଖର ସ୍ୱାଇଁ ଏବଂ ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ଜେନା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।




ଚିନ୍ମୟ ଅମୃତ ମହୋତ୍ସବ ସମ୍ବଲପୁର ଶାଖା ପକ୍ଷରୁ ମଙ୍ଗଳବାର ବିର୍ସା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାମାନେ।

# ଶଙ୍ଖ ଫୁଙ୍କା, ହୁଳହୁଳି ପ୍ରତିଯୋଗିତା

କଣ୍ଟାବାଞ୍ଜି,୬ା୧(ଗୁରୁ ଦୟାଲ ହଂସ)

କଣ୍ଟାବାଞ୍ଜି ମାଟିର ମହୋତ୍ସବ ଉପଲକ୍ଷେ କଣ୍ଟାବାଞ୍ଜି ସହରର ଜଗନ୍ନାଥ ମନ୍ଦିର ପରିସରରେ ମହିଳା ଓ ଯୁବତୀଙ୍କୁ ନେଇ ଶଙ୍ଖ ଫୁଙ୍କା ଓ ହୁଳହୁଳି ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ପ୍ରଗତି ଓ ଅଲେଖ ମହିମା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲଖୋ, ସମ୍ମାନିତ ଅତିଥି ଭାବେ ଲେଖକ ସଞ୍ଜୟ କୁମାର ମିଶ୍ର, ମାଟିର ମହୋତ୍ସବ କମିଟି ସଭାପତି ବ୍ରଜଶ୍ୟାମ ଗୁରୁ, ଉପସଭାପତି କୈଳାଶ ଦୀପ, ସହସମ୍ପାଦକ ରାଜେନ୍ଦ୍ର ବେହେରା, ପ୍ରକାଶ ପ୍ରଧାନ, ବିମଳ ହାତୀ, ସଦସ୍ୟ ଜଗନ୍ନାଥ ପାଣିଗ୍ରାହୀ, ସତ୍ୟନାରାୟଣ ଅଗ୍ରୱାଲ ଯୋଗଦେଇଥିଲେ। କମିଟି ସହସମ୍ପାଦକ ଦିନେଶ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ

**ଇନ୍ଦିରା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକଙ୍କ ମନମୁଖି କାର୍ଯ୍ୟ ପ୍ରସଙ୍ଗ**

**ଡିଇଓ, ଏଡିଇଓଙ୍କ କଥାରେ ରହୁନି ତାଳମେଳ**

ଲାଠୋର,୬ା୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ୍ ଅଧୀନ ଢୋଲମାନ୍ଦଲ ଗ୍ରାମରେ ଥିବା ଇନ୍ଦିରା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷକ ମନମୁଖି କାର୍ଯ୍ୟ ଚଳାଇଥିବା କେତେଜଣ ଅଭିଭାବକ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ୨୦୨୫ ଡିସେମ୍ବର ୧୯ରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡିଇଓ) ପ୍ରବୀର ପଣ୍ଡା ଉକ୍ତ ଅଭିଯୋଗପତ୍ର ଗ୍ରହଣ କରିବା ସହ ଉପସ୍ଥିତ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ 'ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକଳାପକୁ ନେଇ ଏଡିଇଓଙ୍କଠାରେ ଫେରାଦ' ଶୀର୍ଷକ ଖବର ୨୦୨୫ ଡିସେମ୍ବର ୨୧ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଇତିମଧ୍ୟରେ ଅଭିଯୋଗପତ୍ର ଦାଖଲ ହେବାର ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା ଘଟଣାର ତଦନ୍ତ ମଧ୍ୟ କରାଯାଇନାହିଁ। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଯଦି ଶିକ୍ଷା ବିଭାଗ ଏଭଳି ଟାଳଟୁଳ ନୀତି ଅବଲମ୍ବନ କରିବ ତା'ହେଲେ ଅଭିଭାବକଙ୍କ ପକ୍ଷରୁ ଆନ୍ଦୋଳନ ସହ ବିଦ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଅଭିଭାବକ ମନୋଜ ବୁଡେକ, ଡୋଲାମଣି ବୁଡେକ, ସୁବନାଥ ନାଗ, ଅଶୋକ ପରାଭୁଏ, କୈଳାସ ଭୋଇ, ହରେକୃଷ୍ଣ ଜାନି, ପରମା ବାଗ୍ କହିଛନ୍ତି। ଏନେଇ ଏଡିଇଓ ପଣ୍ଡା କହିଛନ୍ତି, ଖୁବ୍‌ଶୀଘ୍ର ଉକ୍ତ ବିଦ୍ୟାଳୟକୁ ଏକ ଟିମ୍ ପରିଦର୍ଶନ କରିବ। ଅପରପକ୍ଷେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ପ୍ରଦୀପ ନାଗ କହିଛନ୍ତି, ଘଟଣା ବିଷୟରେ ଆମେ ଅବଗତ ଅଛୁ। ତଦନ୍ତରେ ସମୟ ଲାଗୁଛି। ଖୁବ୍‌ଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉପରୋକ୍ତ ୨ ଅଧିକାରୀଙ୍କ କଥାରେ ତାଳମେଳ ରହୁ ନ ଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷକ ସନ୍ଦୀପ ତରିଆ କହିଛନ୍ତି, ମୋ ନାମରେ ଅଭିଯୋଗ ହୋଇଛି। ଉଚ୍ଚ କର୍ତ୍ତୃପକ୍ଷ ଯାହା ପଦକ୍ଷେପ ନେବା କଥା ନେବେ।

ଅଭିଭାବକଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ନବମ ଶ୍ରେଣୀରେ ନାମ ଲେଖାଯାଉଥିବା ଛାତ୍ରୀଛାତ୍ରଙ୍କ ଠାରୁ ୫ ଶହରୁ ୨ ହଜାର ଟଙ୍କା ଦାବି କରାଯାଉଛି। ସେହିପରି ଗରିବ ପରିବାରରୁ ଆସୁଥିବା ପିଲାମାନେ ମୂଲ ଲାଗି ଟଙ୍କା ଆଣି ଦେଉଛନ୍ତି, ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ଥିଲେ ମଧ୍ୟ ଅଧିକ ଦର୍ଶାଇ ମଧ୍ୟାହ୍ନଭୋଜନ ଚାଉଳ ଏବଂ ଟଙ୍କା ହଡ଼ପ କରାଯାଉଛି। ୨୦୨୪-୨୫ ଶିକ୍ଷା ବର୍ଷରେ ଖେଳ ସାମଗ୍ରୀ କିଣିବା ପାଇଁ ଆସିଥିବା ଅନୁଦାନ ଟଙ୍କା ମଧ୍ୟ ହଡ଼ପ କରାଯାଇଛି।

# 'ସଫଳତା ହାସଲ କରନ୍ତୁ ଛାତ୍ରୀଛାତ୍ର'



କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଓ ସହକର୍ମଚାରୀ।

**ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା**

ଲୋଇସିଂହା,୬ା୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଅଧୀନ ଯୋଗୀସର୍ଡା ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ କଲେଜ ପକ୍ଷରୁ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ତ୍ରିପାଠି ଅଧ୍ୟକ୍ଷତା କରି କହିଛନ୍ତି, ଛାତ୍ରୀଛାତ୍ର ଜୀବନରେ ସଫଳତା ହାସଲ କରନ୍ତୁ। ଏଥିସହ ଜୀବନରେ ଉଚ୍ଚବିଚାର ତଥା ଉତ୍ତମ ଚରିତ୍ର ଗଠନ ପାଇଁ ସେ ପରାମର୍ଶ ଦେଇଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ପିଙ୍କି ମିଶ୍ର କଲେଜରେ ତାଙ୍କର ୨ ବର୍ଷର ଅଭିଜ୍ଞତା ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରଥମ ବର୍ଷ ଛାତ୍ର ବ୍ରହ୍ମାକୁମାର ବେହେରା ସଭା ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବ

ମୁରିବାହାଲ,୬ା୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ଲୋକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ତଥା ଭାଜପା ଜିଲା ସଭାପତି ଶ୍ରୀବତ୍ସ ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ହରିବନ୍ଧୁ ମେହେର, ଜିଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ଜିଲା ପରିଷଦ ସଦସ୍ୟ ଗୋପୀନାଥ ପାଣିଗ୍ରାହୀ, ବିଧାୟକଙ୍କ ପ୍ରତିନିଧି ପୁରନ୍ଦର ବାଗ, ଗଙ୍ଗାଧର ହେର୍ଣ୍ଣା, ଅର୍ଥ ଅଧିକାରୀ ଘେନୁରାମ ତାଣ୍ଡି, ଜିପିଡିଓ ପ୍ରସନ୍ନ କୁମାର ନାଗ, ବ୍ଲକ୍ କଳାକାର ସଂଘ ଉପସଭାପତି କୈଳାସ ଦଣ୍ଡସେନା, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ବିଏସ୍‌ଏସ୍‌ଓ ରିଙ୍କୁ ମେହେର ଯୋଗଦେଇଥିଲେ। ବିପିଏମ୍ ଡ. ଗୋପାଳକୃଷ୍ଣ ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଚାରକ ଭାବେ କନିଷ୍ଠଯନ୍ତ୍ରୀ ଦାଶରଥି ଶବର, ପିଇଓ ସୁଧାଂଶୁ ଶେଖର ପଟ୍ଟନାୟକ, ଅର୍ଜ୍ଜୁନ ଛୁରା ଓ କଳାକାର ସୁଦର୍ଶନ ଦୀପ ଦାୟିତ୍ୱ ତୁଲାଥିଲେ। ଏଥିରେ ଏକକ ଓ ଦଳଗତ ଲୋକବାଦ୍ୟ, ଏକକ ଓ ଦଳଗତ ଲୋକ ସଙ୍ଗୀତ, ଦଳୀୟ ଲୋକନୃତ୍ୟ, ଦଳୀୟ ଲୋକ ନାଟକ ପାଇଁ ପଞ୍ଜିକରଣ କରିଥିବା ୨୨ଟି ପଞ୍ଚାୟତର ମୋଟ ୪୨ଟି କଳା ପରିବେଷିତ ହୋଇଥିଲା। ବରିଷ୍ଠ କଳାକାର ଫକୀର ପଧାନଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କାର୍ଯ୍ୟକ୍ରମ ଅଂଶଗ୍ରହଣ କରିଥିବା ସମସ୍ତ କଳାକାରଙ୍କୁ ମାନପତ୍ର ଦିଆଯାଇଥିଲା। ବରିଷ୍ଠ କଳାକାର ସୁଦାମ ଚରଣ ବଘାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



ଲୋକ ଉତ୍ସବରେ ପରିବେଷିତ ଏକ ନାଟକର ଦୃଶ୍ୟ।



ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆଠାରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ରାଉରକେଲାକୁ ହରାଇ ସେମିଫାଇନାଲରେ ଭବାନୀପାଟଣା

**ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ**

ବଲାଙ୍ଗୀର,୬ା୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆଠାରେ ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିନରେ ରାଉରକେଲାର ଷ୍ଟିଲସିଟି କ୍ଲବ୍ ଏବଂ ଭବାନୀପାଟଣାର ଇଭିନିଙ୍ଗ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପର ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପରେ ଭବାନୀପାଟଣା ଦଳ ପେନାଲ୍‌ଟି ସୁଟ୍ ଆଉଟ୍ ଜରିଆରେ ରାଉରକେଲା ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା।

କ୍ଲବ୍ ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ଆଶିଷ ପଣ୍ଡା, ଇଂ. ସୁବ୍ରତ ସେଠ, ଜିଲା କ୍ରୀଡ଼ା ଅଧିକାରୀ ପରାଶର ବାଗ, ଜିଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ହୀରାଖଣ୍ଡ କର୍ମଚାରୀ ସଂଘ ଉପସଭାପତି ପବିତ୍ର ଖୁଣ୍ଟିଆ, କ୍ରୀଡ଼ାବିତ୍ ଶୁଭଶ୍ରୀ ମିଶ୍ର, କ୍ଲବ୍ ସାଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ମଞ୍ଚାସୀନ ଥିଲେ। ଶରତ ନନ୍ଦ ସଭା ପରିଚାଳନା କରିଥିଲେ। ରାଜେନ୍ଦ୍ର ଧାରୁଆ, ସୁଦର୍ଶନ ସେଠ, ଜିତୁ କୁମାର ଦଳାଇ, ସଞ୍ଜନ କୁଡ଼େଇ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବରେ ସୁନୀଲ ଚନ୍ଦ୍ର ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ବିଶିଷ୍ଟ କ୍ରୀଡ଼ାବିତ୍ ଭିକାରି ଚରଣ ବାଗ ଓ ସୁବୋଧ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁ ବନଛୋର, ଲକ୍ଷ୍ମୀ ସ୍ୱାଇଁ, କିଶୋର ଦଣ୍ଡସେନା, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ମନୋଜ କୁମାର ମିଶ୍ର, ଆକାଶ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ଖେଳ ବରଗଡ଼ ଓ ଭବାନୀପାଟଣା ଇଭିନିଙ୍ଗ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ।

# 'ଓଡ଼ିଆ, କୋଶଳୀ ଭାଷା ସାହିତ୍ୟର ଉନ୍ନତି ଦିଗରେ ନିରନ୍ତର କାର୍ଯ୍ୟ କରିବି'

**୯୨ ବର୍ଷରେ ପଦାର୍ପଣ କଲେ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା**

ବଲାଙ୍ଗୀର,୬ା୧(ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଆ, ହିନ୍ଦୀ ଓ କୋଶଳୀ ଭାଷା ସାହିତ୍ୟର ଯଶସ୍ୱୀ କବି ଏବଂ କଥାକାର ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା ମଙ୍ଗଳବାର ୯୨ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ବଲାଙ୍ଗୀର ରାଧାରାଣୀପଡାସ୍ଥିତ ତାଙ୍କ ବାସଭବନ 'କବିକୁଟୀର'ରେ ପଦ୍ମଶ୍ରୀ ଉଦ୍‌ଗାତାଙ୍କ ଜନ୍ମଦିନ ପାଳନ କରାଯାଇଛି। ବଲାଙ୍ଗୀରର ବହୁ ବିଶିଷ୍ଟ ବ୍ୟକ୍ତି, କବି, ସାହିତ୍ୟିକ, କଳାକାର ତାଙ୍କ ବାସଭବନକୁ ଯାଇ ଉଦ୍‌ଗାତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ବଲାଙ୍ଗୀର ନାଗରିକ କମିଟି ସମ୍ପାଦକ ମଧୁସୂଦନ ନାୟକ, କବି ସନ୍ଦୀପ କୁମାର କୁଅଁର, ବୀରେନ୍ଦ୍ର କୁମାର ଝାଙ୍କର ତାଙ୍କ ବାସଭବନକୁ ଯାଇ ଉପାୟନ ଓ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଗାତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ତାଙ୍କ ସହଧର୍ମିଣୀ କବୟିତ୍ରୀ ସୌଦାମିନୀ ଉଦ୍‌ଗାତା ଉପସ୍ଥିତ ଥିଲେ। ୯୨ ବର୍ଷ ବୟସରେ ମଧ୍ୟ କବି ଉଦ୍‌ଗାତା ଚଳଚଞ୍ଚଳ ରହି ଲେଖନୀ ଚାଳନା ଜାରି ରଖିଛନ୍ତି। ଏଯାବତ୍ ସେ ୪୦୨ ଖଣ୍ଡ ପୁସ୍ତକ ରଚନା କରିସାରିଛନ୍ତି। ଓଡ଼ିଆ ଓ କୋଶଳୀ ଭାଷା ସାହିତ୍ୟର ପ୍ରଚାର, ପ୍ରସାର ଓ ହିନ୍ଦୀ ଅନୁବାଦ ସାହିତ୍ୟ କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସାହିତ୍ୟ ସାଧନା ପାଇଁ ସେ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ସମ୍ମାନ, ବିଦ୍ୟାବାଚସ୍ପତି ସମ୍ମାନ, ସାରଳା ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ସହ ଦେଶ ଓ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଓଡ଼ିଆ ଓ କୋଶଳୀ ଭାଷା ଓ ସାହିତ୍ୟର ଉନ୍ନତି ଦିଗରେ ସେ ନିରନ୍ତର କାର୍ଯ୍ୟ କରିବାକୁ ଜନ୍ମଦିନ ଅବସରରେ କହିଛନ୍ତି।



ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଉଛନ୍ତି।

# ଜଳ ସୁପରିଚାଳନାକୁ ଗୁରୁତ୍ୱ

ଖପ୍ରାଖୋଲ,୬ା୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ୍ ଅଧୀନ ହରିଶଙ୍କର ଝରଣା କୂଳରେ ବଲାଙ୍ଗୀର କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ମଙ୍ଗଳବାର ପାଳନ କରାଯାଇଛି। ବଲାଙ୍ଗୀର ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ. ରବୀନ୍ଦ୍ର ନାଥ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର କ୍ଷୁଦ୍ର ଜଳସେଚନ ସର୍କଲର ଅତିରିକ୍ତ ମୁଖ୍ୟମନ୍ତ୍ରୀ ଇଂ. କାଳିନ୍ଦ୍ରି ସେଠୀ, ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ଓପିକ୍ରା ଟିମ୍ ଲିଡର ସୂର୍ଯ୍ୟକାନ୍ତ ଦାଶ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ନାନ୍ଦୁପଲା ସରପଞ୍ଚ ନିଲେନ୍ଦ୍ରି ପୂଝାରୀ, ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ ଯୋଗଦେଇଥିଲେ। ଅତିଥିମାନେ ଜଳର ସୁପରିଚାଳନା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେବା ସହ ପାଣି ପଞ୍ଚାୟତ ଗଠନର ଉଦ୍ଦେଶ୍ୟ, ଗୋଷ୍ଠୀ ସହାୟତା, ଫସଲ ବିବିଧକରଣ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. କିରଣବାଳା ଭୋଇ, ଇଂ. ମୁରଲୀଧର ମହାଳିକ, ଇଂ. ଅଜିତ୍ କୁମାର ନାଏକ, ଇଂ. ସୁବ୍ରତ ପ୍ରଧାନ, ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଡା. ସ୍ୱପ୍ନେଶ୍ୱର ନାଏକ, କନିଷ୍ଠଯନ୍ତ୍ରୀ ନୋବେଲ ମୁଣ୍ଡା, ଅଚ୍ୟୁତ ନାଏକ, ସାରଥି ସାହୁ, ବିଦ୍ୟାଧର ସାହୁ, ଅରବିନ୍ଦ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଇଂ. ମାନଭଞ୍ଜନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପାଣି ପଞ୍ଚାୟତ ପକ୍ଷ ପାଳିତ**

# ତଦନ୍ତ କଲେ ବିଡିଓ, ସହକାରୀ ଯନ୍ତ୍ରୀ

**ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ**

**କୁସଙ୍ଗ ଡିଗ୍ରୀ କଲେଜ**

ଲୋଇସିଂହା,୬ା୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଅଧୀନ କୁଶଙ୍ଗ ଡିଗ୍ରୀ କଲେଜର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣରେ ଅନିୟମିତା ହୋଇଥିବା ନେଇ କଲେଜ କର୍ତ୍ତୃପକ୍ଷ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ବିଡିଓ ଅକ୍ଷୟ ପାଣି ଉଦ୍ଧୁ, ବ୍ଲକ୍ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀ କ୍ଷେତ୍ର ପରିଦର୍ଶନ କରି ତଦନ୍ତ କରିଥିଲେ। ବିନା ସୂଚନା ଫଳକରେ କୋଠା କାମ ଚାଲିଛି। ଉକ୍ତ କାମରେ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଲୋକେ ଓ ଅଭିଭାବକ ଅଭିଯୋଗ କରିବା ସହ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ୧୯୯୪ ମସିହାରେ କଳା ବିଭାଗରେ ଉକ୍ତ ଡିଗ୍ରୀ କଲେଜ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ କଲେଜରେ ୫୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ୮ଟି ଶ୍ରେଣୀଗୃହ ରହିଛି। ସେଥିମଧ୍ୟରୁ ୩ଟି ପୁରୁଣା ଆଜବେଷ୍ଟସ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଆବଶ୍ୟକ ଶ୍ରେଣୀଗୃହ ପାଇଁ ଛାତ୍ରୀଛାତ୍ର, ଅଭିଭାବକ, କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଥିଲା। ଏହିକ୍ରମରେ ଚଳିତ ଆର୍ଥିକ ବର୍ଷରେ ଦୁଇଟି ଅତିରିକ୍ତ ଶ୍ରେଣୀଗୃହ ପାଇଁ ଅନୁଦାନ ଅନୁମୋଦନ ହୋଇ କାମ ଚାଲିଛି। କୁଆଡେ ୩୦ ଲକ୍ଷ ଟଙ୍କା ବ୍ୟୟରେ ଶ୍ରେଣୀଗୃହ ନିର୍ମାଣ ହେଉଛି। ହେଲେ କାମ ଆରମ୍ଭରୁ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। କୋଠାର ପିଲର ପିଲର ମଧ୍ୟରେ ଟେଢାମେଢାରେ ନିର୍ମାଣ ହୋଇଛି। ଏହାଛଡ଼ା କୋଠା ବର୍ଗାକାର ଦେଖା ନ ଯାଇ ଅସମାନତା ଦେଖାଯାଉଛି। ସରକାରୀ ଅନୁଦାନରେ ମନମାନୀ କାମକୁ ନେଇ ସ୍ଥାନୀୟ ଅଧିବାସୀ ଓ ଅଭିବାବକମାନେ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅସନ୍ତୋଷ ଜାହିର କରିଥିଲେ। ଏହାପରେ ଅଧ୍ୟକ୍ଷ ବିଜୟ କଲେତ ଉକ୍ତ କୋଠା କାମରେ ଅନିୟମିତତା ଉପରେ ଅନୁଧ୍ୟାନ ପାଇଁ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏନେଇ କଲେଜ ଅଧ୍ୟକ୍ଷ କହିଛନ୍ତି, ବିଳମ୍ବ ହେଲେ ମଧ୍ୟ ମଙ୍ଗଳବାର ବିଡିଓ ଏବଂ ସହକାରୀ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ତେବେ ଏହା ପୂର୍ବରୁ ଦାୟିତ୍ୱରେ ଥିବା ଯନ୍ତ୍ରୀ କ୍ଷେତ୍ରକୁ ଆସି ଯେଉଁସବୁ ଅଭିଯାଗ ହୋଇଥିଲା, ସେସବୁ ଭାଙ୍ଗି ପୁନର୍ବାର ନିର୍ମାଣ କରିଥିବା କହିଥିଲେ। ତେବେ ମଙ୍ଗଳବାର ସକାଳେ ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ କହିଥିଲେ, ବିଡିଓ ଏବଂ ସହକାରୀ ଯନ୍ତ୍ରୀଙ୍କ ପରିଦର୍ଶନ ପୂର୍ବରୁ ଦାୟିତ୍ୱରେ ଥିବା ଯନ୍ତ୍ରୀ କ୍ଷେତ୍ରକୁ ଆସି ଯେଉଁସବୁ ଅଭିଯାଗ ହୋଇଥିଲା, ସେସବୁକୁ ଭାଙ୍ଗି ପୁନର୍ବାର ନିର୍ମାଣ କରିଥିବା କହିଥିଲେ। ଅପରପକ୍ଷେ ଅଧ୍ୟକ୍ଷ କୌଣସି ଚାପର ବଶବର୍ତ୍ତୀ ହୋଇ ଏଭଳି ମନ୍ତବ୍ୟ ଦେଇଥିବା ସ୍ଥାନୀୟ ଅଧିବାସୀ କହିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢ଼ୀ କହିଛନ୍ତି, ମଙ୍ଗଳବାର ବିଡିଓଙ୍କ ସହ କ୍ଷେତ୍ର ପରିଦର୍ଶନ କରିଥିଲି। ଅଭିଯୋଗକୁ ଖଣ୍ଡନ କରିବା ସହ ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲେ।



# ପାରମ୍ପରିକ ଲୋକକଳା, ସଂସ୍କୃତି ଉଜ୍ଜୀବିତ ରଖିବାକୁ ଆହ୍ୱାନ

**ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ**

ଦେଓଗାଁ,୬ା୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କଳା ସଂସ୍କୃତି ସଂଘ ସଭାପତି ତଥା ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ କଳାକାର ଡ. ମୂରଳୀ ପତି ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ବ୍ଲକ୍ ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତୀ ଛତ୍ରିଆ, ବିକେଏସ୍‌ଏସ୍‌ର ଉପସଭାପତି ସୁଦାମ ଚରଣ ବିଶି, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ଶଶି ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ସୁମତୀ ସେଠ, ବିଶ୍ୱଜିତ୍ ପାତ୍ର, ଏବିଡିଓ ପୁଷ୍ପାଞ୍ଜଳି ନାଏକ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଲୁପ୍ତ ହେବାକୁ ବସିଥିବା ପାରମ୍ପରିକ ହଳିଆ ଗୀତକୁ ନେଇ ମାହାକୁରପାଲି ଗ୍ରାମର ଥକାମନ ମାହାକୁରଙ୍କ ରଚିତ ଏକ ପୁସ୍ତକ ଉନ୍ମୋଚିତ ହେବା ସହ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଞ୍ଜନ କୁମାର ଷଡ଼ଙ୍ଗୀ ଓ ଶରତ କୁମାର ପୁଟେଲଙ୍କ ସଂଯୋଜନାରେ ବ୍ଲକର ୨୬ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ରହିଥିବା ପାରମ୍ପରିକ ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ସେହିପରି ନାଟକ 'କିଚକବଧ' ଦର୍ଶକଙ୍କୁ ମୁଗ୍ଧ କରିଥିଲା। ବରିଷ୍ଠ କଳାକାର ଶ୍ରୀବଚ୍ଛ ସାହୁ, ମହାଦେବ ସାହୁ, ଗୌରାଙ୍ଗ ସାହୁ, ଚିତ୍ରସେନ ସୁନା, ବିଭୁଚରଣ ରଣା, ରାଜେନ୍ଦ୍ର ମହାନନ୍ଦ, ସୁରଥ ଧରୁଆ, ଗଣ୍ଡାରାମ କପାଟ, ଧନେଶ୍ୱର ଥନାପତି, ପ୍ରଦୀପ କୁମାର ତ୍ରିପାଠୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏଥିରୁ ମନୋନିତ କଳାକାରମାନେ ବଲାଙ୍ଗୀର ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସେନାପତି ମଙ୍ଗରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଲୋକ ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।


केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି। ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଦାଣ୍ଡିସାହି ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଦାଣ୍ଡିସାହି ଶାଖା** (୧)ମେସର୍ସ ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା- ୭୫୪୨୪୦। | (କ)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ ଏବଂ ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ। /(ଖ)୩୦.୧୦.୨୦୨୫/(ଗ)୦୬.୦୧.୨୦୨୬/(ଘ)୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ (ଷୋହଳ ଲକ୍ଷ ଷୋହଳ ହଜାର ଏକ ଶହ ଅଠଚାଳିଶି ଟଙ୍କା ତେତିସି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ। |

ତାରିଖ: ୦୬.୦୧.୨୦୨୬, ସ୍ଥାନ: କଟକ
**କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

## ସଂକ୍ଷେପରେ

### ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ ଅଭିଯୋଗ ପ୍ରତିବିଧାନ ପୀଠ

**ବରଗଡ଼, ୬।୧(ପ୍ରେମାନନ୍ଦ ଖମାରୀ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସଂଶୋଧନ ଲାଗି ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ଚଳିତ ଜାନୁଆରୀ ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି ବୋଲି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବରଗଡ଼ ଜିଲାର ବିଦ୍ୟୁତ୍ ଉପଭୋକ୍ତାମାନେ ଅଭିଯୋଗ ପ୍ରତିବିଧାନ ପୀଠକୁ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲ୍‌କୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିବା ପାଇଁ ଅନୁରୋଧ କରାଯାଇଛି। ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ବରଗଡ଼ ଜିଲାର ଟିପିଡବ୍ଲ୍ୟୁଓଡିଏଲର ବିଭିନ୍ନ ସେକ୍ସନ ଏବଂ ସବ୍‌ଡିଭିଜନ ଅଫିସମାନଙ୍କରେ ଅନୁଷ୍ଠିତ ହେବ। ୭ତାରିଖ ବିଜେପୁରସ୍ଥିତ ଉଭୟ ସେକ୍ସନ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯିବ। ସେହିପରି ୮ତାରିଖ ଖୁଣ୍ଟଲିପାଲି ଏବଂ ଭେଡେନସ୍ଥିତ ସେକ୍ସନ ଅଫିସଠାରେ, ୯ତାରିଖ ବରଗଡ଼ ଟାଉନ ସ୍ଥିତ ସବ୍‌ଡିଭିଜନ ଅଫିସଠାରେ, ୧୨ତାରିଖ ଭଟଲିସ୍ଥିତ ସବ୍‌ଡିଭିଜନ ଅଫିସଠାରେ, ୧୩ ତାରିଖ ବରପାଲିସ୍ଥିତ ଉଭୟ ସେକ୍ସନ ଅଫିସଠାରେ, ୧୫ ତାରିଖ ଅତାବିରା ଏବଂ ରେଙ୍ଗାଲିକ୍ୟାମ୍ପସ୍ଥିତ ସେକ୍ସନ ଅଫିସଠାରେ, ୧୬ତାରିଖ ବରଗଡ଼-୨ ସବ୍‌ଡିଭିଜନ ଅଫିସଠାରେ ଏବଂ ୨୦ ତାରିଖ ଝାରବନ୍ଧସ୍ଥିତ ସବ୍‌ଡିଭିଜନ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯିବ ବୋଲି ଟିପିଡବ୍ଲ୍ୟୁଓଡିଏଲର କର୍ପୋରେଟ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ ସୂଚନା ଦେଇଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଅତାବିରା, ୬।୧(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ଏନ୍ଏସି ଅନ୍ତର୍ଗତ ରେଙ୍ଗାଲିକେମ୍ପ ନିବାସୀ ସ୍ୱର୍ଗତ ଭକ୍ତ ଚରଣ ପଣ୍ଡାଙ୍କ ସ୍ତ୍ରୀ ଭୂମିସୂତା(୭୭)ଙ୍କ ସୋମବାର ପରଲୋକ ହୋଇଛି। ବରଗଡ଼ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ଘଟିଥିଲା। ସେ ଜଣେ ଧର୍ମପ୍ରାଣା ମହିଳା ଥିଲେ। ମୃତ୍ୟୁ ପରେ ସେ ତାଙ୍କ ପଛରେ ୩ପୁଅ ହରିନାରାୟଣ, ସତ୍ୟନାରାୟଣ, ରବି ନାରାୟଣ, ୨ଝିଅ ସୁଷମା, ସୁରମା, ନାତି ନାତୁଣୀ ତଥା ପରିବାରବର୍ଗଙ୍କୁ ଛାଡ଼ି ଯାଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଅତାବିରା ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ହରିନାରାୟଣ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ଼, ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼ ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ, ବରଗଡ଼ ଜିଲା କ୍ରୀଡା ସଂସଦ, ତିହାର ଲୋକ ମହୋତ୍ସବ ସମିତି, ଗାନ୍ଧୀ ସ୍ମୃତି ପାଠାଗାର ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ ରାଜନୈତିକ ଦଳର ପ୍ରତିନିଧିମାନେ ସ୍ୱର୍ଗତ ପଣ୍ଡାଙ୍କ ଅନ୍ତିମ ଦର୍ଶନ ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



# ଅତାବିରାରେ ଚାଷୀ ସମାବେଶ


ଅତାବିରା ତହସିଲ କାର୍ଯ୍ୟାଳୟରେ ବିଜେଡି ନେତା ଓ ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଅତାବିରା/ଗୋଡ଼ଭଗା, ୬।୧ (ଯୁଧିଷ୍ଠିର ମହାପାତ୍ର/ ସୁରେଶ ଦାଶ)**

**ଧାନ କିଣାବିକା ସମସ୍ୟାର ସମାଧାନ ଦାବିରେ ରଣହୁଙ୍କାର**

ବରଗଡ଼ ଜିଲାରେ ଧାନ କିଣାବିକା ସମସ୍ୟା ଲାଗି ରହିଛି। ମିଲର୍ସମାନେ ଧାନ ଉଠାଣ ପ୍ରକ୍ରିୟା ବନ୍ଦ କରି ଦେଇଥିବା ଯୋଗୁ ଏହି ସମସ୍ୟା ଆହୁରି ବଢି ଯାଇଛି। ଜିଲାର ଅନେକ ଚାଷୀ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସ୍ଥିତି ଏଭଳି ହୋଇଛି ଯେ, ଚାଷୀମାନେ ଖରିଫ ଫସଲରୁ ଅମଳ ଧାନକୁ ବିକ୍ରି କରିପାରୁ ନାହାନ୍ତି କି ରବି ଚାଷକାର୍ଯ୍ୟ ଆରମ୍ଭ କରିପାରୁନାହାନ୍ତି। ଏହାକୁ ନେଇ ଚାଷୀ ଅସନ୍ତୋଷ ବଢି ଚାଲିଥିବାବେଳେ ମଙ୍ଗଳବାର ବିଜେଡ଼ି ଅତାବିରାରେ ଚାଷୀ ସମାବେଶ କରି ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର କରିଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ବିଜେଡି ନେତୃବୃନ୍ଦଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଏବଂ ଚାଷୀମାନେ ଅତାବିରା ମାରୱାଡ଼ି ଧର୍ମଶାଳା ନିକଟରେ ସମବେତ ହୋଇଥିଲେ। ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରେଢାଖୋଲ ବିଧାୟକ ତଥା ବିରୋଧି ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷାସିଂ ବରିହା, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଅପାରଗତାକୁ ସେମାନେ କଡ଼ା ସମାଲୋଚନା କରିଥିଲେ। ପରେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ସମସ୍ତେ ଅତାବିରା ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ ଏବଂ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବରଗଡ଼ ଜିଲାର ସମସ୍ତ ପଞ୍ଜୀକୃତ ଚାଷୀଙ୍କୁ ଆସନ୍ତା ୧୦ତାରିଖ ସୁଦ୍ଧା ଟୋକନ ପ୍ରଦାନ, ଜିଲାସ୍ତରରେ ଅଭିଯୋଗ ପ୍ରକୋଷ୍ଠରେ ଟୋକନ ସମ୍ବନ୍ଧୀୟ ସମସ୍ୟାର ସମାଧାନ, ଧାନକ୍ରୟ କେନ୍ଦ୍ରର ଦୈନିକ ଧାର୍ଯ୍ୟ ଲକ୍ଷ୍ୟକୁ ୨ଗୁଣା କରାଯାଇ ଚାଷୀଙ୍କ ସମସ୍ତ ଧାନ ଉଠାଣ, ସମସ୍ତ ଧାନକ୍ରୟ କେନ୍ଦ୍ରକୁ ଦଲାଲମୁକ୍ତ କରିବା, କଟନୀଛଟନୀ ବନ୍ଦ କରିବା ଏବଂ ଧାନ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କା ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବି ସମୂହ ପୂରଣ ନ ହେଲେ ଆଗାମୀ ଦିନରେ ବିଜେଡି ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି


ଜନଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀ ଓ ଅଭିଯୋଗକାରୀ।

**ବରପାଲି, ୬।୧(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ସିଡିଏମ୍‌ଓ କୁବେର ମହନ୍ତ ଉପସ୍ଥିତ ଥିଲେ। ଏହି ଶୁଣାଣିରେ ବ୍ୟକ୍ତିଗତ ୬୧ ଓ ସାଧାରଣ ୧୪ ମୋଟ ୭୫ ଅଭିଯୋଗ ଆସିଥିବାବେଳେ ମୁଖ୍ୟ ଭାବରେ କଟନିଛଟନି, ଧାନର ଅଭାବୀ ବିକ୍ରି ଉପରେ ଚାଷୀ ଓ ଜିଲାପାଳଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମାର୍କେଟ ୟାର୍ଡମାନଙ୍କରେ ଦଲାଲମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଇ ଗିରଫ କରିବା ପାଇଁ ଚାଷୀମାନେ ଏସ୍‌ପିଙ୍କୁ କହିଥିଲେ। ବରପାଲି ସହରର ୱାର୍ଡ ନଂ. ୧ ନୂଆଁପଡାବାସୀଙ୍କ ରାସ୍ତା ଉପରେ ନର୍ଦ୍ଦମା ପାଣି ଜମି ରହିଥିବାରୁ ନୂଆଁପଡାବାସୀ ଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଘଟଣାସ୍ଥଳକୁ ନିଜେ ଜିଲାପାଳ, ଉପଜିଲାପାଳ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ତହସିଲଦାର ଯାଇ ତଦାରଖ କରିଛନ୍ତି। ଏହାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ଏହି ଶୁଣାଣିରେ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ‘ଜାତୀୟ ଶିକ୍ଷାନୀତି-୨୦୨୦’ ଉପରେ ବକ୍ତୃତା

**ପଦ୍ମପୁର, ୬।୧(ପ୍ରଦୀପ୍ତ ଦାଶ)**


ମହାବିଦ୍ୟାଳୟ ତରଫରୁ ପ୍ରଫେସର ଡ. ରମେଶ କୁମାର ପରୁଆଙ୍କୁ ସମ୍ମାନିତ କରାଯାଉଛି।

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଏବଂ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ ‘ଉଚ୍ଚଶିକ୍ଷାରେ ଶିକ୍ଷାଦାନଗତ ନବସୃଜନ ଏବଂ ପାଠ୍ୟକ୍ରମ ସଂସ୍କାର: ଜାତୀୟ ଶିକ୍ଷା ନୀତି-୨୦୨୦ର ଦୃଷ୍ଟିକୋଣ’ ଶୀର୍ଷକ ଏକ ସମ୍ମାନଜନକ ବକ୍ତୃତା କାର୍ଯ୍ୟକ୍ରମ ମଙ୍ଗଳବାର ନୂତନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଦାଶ ନିଜର ସ୍ୱାଗତ ଅଭିଭାଷଣ ରଖି ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ପରେ ଅଧ୍ୟାପକ ଡ. ଭେଙ୍କଟେଶ୍ୱର ମେହେର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ. ତୁଷାରକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ପ୍ରସଙ୍ଗର ପ୍ରାସଙ୍ଗିକତା ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟ ସମ୍ବାଦକ ଭାବେ ମେଘାଳୟ ରାଜ୍ୟର ଶିଲଂସ୍ଥିତ ନର୍ଥ ଇଷ୍ଟର୍ନ ହିଲ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ସହଯୋଗୀ ପ୍ରଫେସର ଡ. ରମେଶ କୁମାର ପରୁଆ ଯୋଗଦେଇ ଜାତୀୟ ଶିକ୍ଷା ନୀତି-୨୦୨୦ ଅନ୍ତର୍ଗତ ଉଚ୍ଚଶିକ୍ଷାରେ କିଭଳି ନୂତନ ଜ୍ଞାନକୌଶଳ ଓ ପାଠ୍ୟକ୍ରମରେ ସଂସ୍କାର ଅଣାଯାଇ ବିଦ୍ୟାର୍ଥୀମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରାଯାଇପାରିବ, ସେ ବିଷୟରେ ଏକ ପ୍ରଭାବଶାଳୀ ଉପସ୍ଥାପନା ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ର, ଅଧ୍ୟାପକ ଶ୍ରୀକାନ୍ତ ସାହୁ ଓ ପ୍ରଶାନ୍ତ କୁମାର ମେହେର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ପ୍ରଫେସର ଡ. ରମେଶ କୁମାର ପରୁଆଙ୍କୁ ସମ୍ମାନିତ କରାଯାଇଥିଲା। ବକ୍ତୃତା ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ନିଜର ସନ୍ଦେହ ଦୂର କରିଥିଲେ। ଶେଷ ପର୍ଯ୍ୟାୟରେ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠର ସଂଯୋଜକ ଅଧ୍ୟାପକ ନବକୃଷ୍ଣ ମିଶ୍ର ଶିକ୍ଷାର ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ନିଜର ବକ୍ତବ୍ୟ ରଖିଥିଲେ ଏବଂ ପରିଶେଷରେ ଡ. ସସ୍ମିତା ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ନୀଳିଜିପତ୍ରା ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

**ଝାରବନ୍ଧ, ୬।୧(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ନିଳିଜିପତ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆବାହକ ପ୍ରଧାନଶିକ୍ଷକ ଜରବିନ୍ଦ ନାୟକଙ୍କ ନେତୃତ୍ୱରେ ସଭାପତି ଭାବରେ ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ତହସିଲଦାର ଅଲେଖ ଘୁଟା, ମୁଖ୍ୟବକ୍ତା ସନ୍ତୋଷ ବେହେରା, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ପଦ୍ମା ସତନାମୀ, ବିବେକାନନ୍ଦ ପଟେଲ, କୌଶିକ କୁମାର ପଟେଲ, ଗଜାଧର ପଟେଲ, ଜଗଦିଶ କୁମାର ସେଠ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୀଷ୍ମଦେବ ସାହୁ ଓ ବିକ୍ରମ ମହନ୍ତ ସଭା ପରିଚାଳନା କରିଥିଲେ। କିଶନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ହୋସରାମ ସତନାମୀ, ତପନ କୁମାର ସତନାମୀ,ଭୁବନ ବାଗ, ଖୁଲଣା ମହନ୍ତ, ରୀନା ନାୟକ ସହଯୋଗ କରିଥିଲେ।

# ବୌଦ୍ଧ ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ବୌଦ୍ଧ,୬।୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାର ୩୨ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ୫ ଦିନ ଧରି କଚେରି ଖେଳ ପଡିଆରେ ଚାଲିଥିବା ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ବିରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ତହସିଲଦାର ଅନିତା କୁମାରୀ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ‘ଯଶୋଧାରା’ ଉନ୍ମୋଚିତ ହୋଇଥିଲା। ଏହି ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଘଣ୍ଟାପଡ଼ା,୬।୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଅନ୍ତର୍ଗତ କୋଡ଼ିବାହାଲସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଦୁଲଣା ସୁନ୍ଦରୀ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ପାତ୍ର, ଘଣ୍ଟାପଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ପିତବାସ ପଣ୍ଡା, ଏବିଇଓ ଦୁର୍ଗାଚରଣ ପ୍ରଧାନ, ନୀଳମଣି ପଣ୍ଡା, ଶିକ୍ଷକ ନେତା ନିଳାଚଳ ଭୋଇ, ସମାଜସେବୀ ପିନାକଧର ରଣା, ଗୋପୀନାଥ କହଁର ସମ୍ମାନୀତ ଅତିଥି ଏବଂ କଣ୍ଟାମାଳ ବିଇଓ ଅଶୋଭରଞ୍ଜନ ମାଲି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷା ଏକ ମାଇଲ ଖୁଣ୍ଟ। ଏହାକୁ ହାସଲ କରିବାକୁ ହେଲେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଜିଜ୍ଞାସା ରହିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଘଣ୍ଟାପଡ଼ା ସିଆର୍‌ସିସି ରୂପା ସିଂ କ୍ଷେତି ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ଋଷଭ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ଶିକ୍ଷକମାନଙ୍କ ସମେଟ ସ୍ଥାପନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ କାର୍ଯ୍ୟକ୍ରମ



**ଝାରବନ୍ଧ, ୬।୧(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକର ବିଜାଢୋଲ, ବିଳାସପୁର ଓ ଭଣ୍ଡାରପୁରୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କାୟାକଳ୍ପ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ସ୍ୱଚ୍ଛତା, ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଗୁଣମାନକୁ ନେଇ ବର୍ଗୀକରଣ କରିବା। ଏହାର ପରିଦର୍ଶନ କରିବାକୁ ବରଗଡ଼ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ହେମଚନ୍ଦ୍ର ମହାନନ୍ଦ, ଚୂଡ଼ାମଣି ଭୁଏ, ଅମୀୟ କୁମାର ବରିହା, ସୁବ୍ରତ କୁମାର ବିଶ୍ୱାଳ ପରିଦର୍ଶନ କରିଥିଲେ। ବିଜାଢୋଲ ଆରୋଗ୍ୟ ମନ୍ଦିରରେ ସ୍ୱାସ୍ଥ୍ୟକର୍ମୀ ମନୋରଞ୍ଜନ ସୁନା, ରଜନୀ ସାହୁ, ସତ୍ୟଭାମା ଦୀପ, ବିପିଏମ୍ ପ୍ରଶାନ୍ତ ପ୍ରଧାନଙ୍କ ସମେତ ସମସ୍ତ ଆଶାକର୍ମୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରକାଶଥାଉ କି ବିଜାଢୋଲ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସମସ୍ତ ମାନଦଣ୍ଡ ପୂରଣ କରୁଥିବାରୁ ରାଜ୍ୟସ୍ତରୀୟ ପୁରସ୍କୃତ ହେବ ବୋଲି ବିପିଏମ୍ ପ୍ରଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ଘରଡିହ ଜମି ବଣ୍ଟନକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ

**ଏମ୍‌ପିଙ୍କ ପାଖରେ ଫେରାଦ ହେଲେ ଜର୍ଜଗଡ଼ ଗ୍ରାମବାସୀ**

**ପାଇକମାଳ, ୬।୧(ବଡ଼ ଶତପଥୀ)**


ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଭେଟିବାକୁ ଗ୍ରାମବାସୀ ଯାଉଛନ୍ତି।

ବରଗଡ଼ ଜିଲା ପାଇକମାଳ ବ୍ଲକ ଜର୍ଜଗଡ଼ ଗ୍ରାମ ନିକଟରେ ଥିବା ଜମିକୁ ତହସିଲଦାର ଅନ୍ୟ ଗ୍ରାମର ଲୋକଙ୍କୁ ଘରଡ଼ିହ ଭାବେ ପ୍ରଦାନ କରିବା ନେଇ ଜର୍ଜଗଡ଼ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ତହସିଲଦାରଙ୍କୁ ନିଜର ଅସନ୍ତୋଷ ଜଣାଇ ନିରାଶ ହେବା ପରେ ମଙ୍ଗଳବାର ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଭେଟିଥିଲେ। ଜର୍ଜଗଡ଼ ଗ୍ରାମ ନିକଟରେ ଥିବା ଜମିକୁ ତହସିଲଦାର ଅନ୍ୟ ଗ୍ରାମର ଲୋକଙ୍କୁ ଘରଡ଼ିହ ପ୍ରଦାନ କରିବା ନେଇ ଖବରପାଇ ଗ୍ରାମବାସୀ ତାଙ୍କ ପାଖକୁ କିଛିଦିନ ତଳେ ଯାଇ ସାକ୍ଷାତ କରିଥିଲେ। ସେହି ସ୍ଥାନରେ ସ୍କୁଲର ଖେଳପଡ଼ିଆ ତଥା ଗୋଟିଏ କମ୍ୟୁନିଟି ସେଣ୍ଟର କରାଯିବା ନେଇ ଅନେକ ଦିନ ହେଲା ବିଡ଼ିଓଙ୍କୁ ଦାବିପତ୍ର ଦେଇଥିବା ଗ୍ରାମବାସୀ କହିଥିଲେ। ଗ୍ରାମବାସୀଙ୍କ କଥାଶୁଣି ତହସିଲଦାର ଏହି ଜାଗାରେ ପ୍ରାୟ ୩୦ ଜଣଙ୍କୁ ଘରଡ଼ିହ ଜମି ବଣ୍ଟନ ହେବ ବୋଲି କହିଥିଲେ। ଗ୍ରାମବାସୀ ନିଜ ଗ୍ରାମର ଜମିହୀନମାନଙ୍କୁ ପ୍ରଥମେ ଦିଆଯାଉ ଏବଂ ସ୍କୁଲ ପାଇଁ ଖେଳପଡ଼ିଆ କରାଯାଉ ବୋଲି ଦାବି କରିଥିଲେ। ପୂର୍ବରୁ ଗ୍ରାମବାସୀ ଏନେଇ ଦାବି କରିଥିଲେ ବୋଲି କହିଥିଲେ ସୁଦ୍ଧା ସେ ଶୁଣି ନ ଥିଲେ। ମଙ୍ଗଳବାର ଗ୍ରାମର ମହିଳା ଓ ପୁରୁଷ ମିଶି ପ୍ରାୟ ୭୦ ଜଣ ତହସିଲଦାରଙ୍କ ପାଖକୁ ଏ ନେଇ ଯାଇଥିଲେ। ତହସିଲଦାର କହିଥିଲେ, ଆଉ କିଛି କରାଯାଇ ପାରିବ ନାହିଁ। ନିରାଶ ହୋଇ ସମସ୍ତେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ପାଖକୁ ଯାଇଥିଲେ। ସେ ସମୟରେ ଏମ୍‌ପି ପୁରୋହିତ କୌଣସି ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଅଫିସରୁ ବାହାରୁ ଥିବାରୁ ଗ୍ରାମବାସୀଙ୍କ ଦରଖାସ୍ତ ରଖି ବୁଧବାର ଏହାର ବିଚାର କରିବା ବୋଲି କହିଥିଲେ।

ପ୍ରକାଶ ଥାଉକି, ପାଇକମାଳ ବ୍ଲକରେ ଜନଶୁଣାଣି ସମୟରେ ମଧ୍ୟ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଜିଲାପାଳ ଗ୍ରାମବାସୀଙ୍କ କଥା ବୁଝିବାକୁ ସ୍ଥାନୀୟ ଅଧିକାରୀଙ୍କୁ ଆଦେଶ ଦେଇଥିଲେ। ପାଇକମାଳ ନବୋଦୟ ବିଦ୍ୟାଳୟ ନିକଟରେ ଶହଶହ ଏକର ସରକାରୀ ଜମି ରହିଛି। ସରକାରୀ କଟା ପାଖରେ ମଧ୍ୟ ବହୁତ ସରକାରୀ ଜମି ପଡ଼ିରହିଛି। ହେଲେ ସେଠାରେ ଜମିହୀନମାନଙ୍କୁ ଘରଡ଼ିହ ପାଇଁ ସ୍ଥାନ ନ ଦେଇ ଜର୍ଜଗଡ଼ଠାରେ କାହିଁକି ତହସିଲଦାର ଜମି ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ମହିଳାମାନେ। ଏମ୍‌ପି ପ୍ରଦୀପ ପୁରୋହିତ ଜର୍ଜଗଡ଼ ମହିଳା ଓ ଗ୍ରାମବାସୀଙ୍କ ପାଇଁ କିଛି କରିବେ ବୋଲି ଗ୍ରାମବାସୀ ଆଶା କରିଛନ୍ତି।


केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁକ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଦାଣ୍ଡିସାହି ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଦାଣ୍ଡିସାହି ଶାଖା** (୧)ମେସର୍ସ ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା- ୭୫୪୨୧୦। | (କ)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ ଏବଂ ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । /(ଖ)୩୦.୧୦.୨୦୨୫/ (ଗ)୦୬.୦୧.୨୦୨୬/(ଘ)୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ (ଷୋହଳ ଲକ୍ଷ ଷୋହଳ ହଜାର ଏକ ଶହ ଅଠଚାଳିଶି ଟଙ୍କା ତେତିସି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୦୬.୦୧.୨୦୨୬, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ସଂକ୍ଷେପରେ

### ରାଉରକେଲା ଷ୍ଟେଶନରୁ ଆହତ ଚିଲ ଉଦ୍ଧାର



ରାଉରକେଲା,୬।୧(ସଙ୍ଗୀତା ଜେନା): ରାଉରକେଲା ରେଳଷ୍ଟେଶନ ପ୍ଲାଟଫର୍ମ ନଂ. ୧ରେ ମଙ୍ଗଳବାର ଅପରାହ୍ନ ୨ଟାରେ ଏକ ବିଲୁପ୍ତପ୍ରାୟ ଚିଲ ପକ୍ଷୀକୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସୋମବାର ରାତିରେ ଉକ୍ତ ଚିଲ ପକ୍ଷୀ ଆହତ ଅବସ୍ଥାରେ ଉଡ଼ିଆସି ଷ୍ଟେଶନର ଏସି ରେଷ୍ଟ ରୁମ୍ ନିକଟକୁ ପଶିଆସିଥିଲା। ଖବର ପାଇ ରାଉରକେଲା ବନଖଣ୍ଡ ଡିଏଫ୍‌ଓ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ପାନପୋଷ ରେଞ୍ଜର ସୁଚିସ୍ମିତା ଦାସ ଓ ବନକର୍ମୀ ଅଲିଅଲ ବେହେରା ଷ୍ଟେଶନକୁ ଯାଇଥିଲେ। ଉକ୍ତ ଚିଲ ପକ୍ଷୀକୁ ଉଦ୍ଧାର କରାଯିବା ପରେ ରାଉରକେଲା ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀକାନ୍ତ ତ୍ରିପାଠୀ ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ଉକ୍ତ ଆହତ ପକ୍ଷୀକୁ ପ୍ରାଣୀ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରି ଖୋଲା ଆକାଶରେ ଛାଡି଼ଦିଆଯାଇଥିଲା।

### ଚୋରି ସାମଗ୍ରୀ ଜବତ, ୨ ଗିରଫ

ରାଉରକେଲା,୬।୧(ଦିନେଶ ମିଶ୍ର): ଘରେ କେହି ନ ଥିବା ଅବସ୍ଥାରେ ସୁନା ଅଳଙ୍କାର ଚୋରି ଅଭିଯୋଗରେ ଛେଣ୍ଡ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଲଗୋଦାମ ଅଞ୍ଚଳରେ ଚନ୍ଦନ ସିଂ(୩୩) ଏବଂ କାଶିନାଥ ମାଝୀ(୪୨) । ପୋଲିସ ଏକ ମାମଲା (ନଂ.୩/୨୬) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୨ ତାରିଖରେ ଛେଣ୍ଡ ଅଞ୍ଚଳର ସନ୍ଧ୍ୟାରାଣୀ ମହାପାତ୍ର ସପରିବାର ଭୁବନେଶ୍ୱର ଯାଇଥିଲେ। ଘର ବନ୍ଦ ଥିବା ଅବସ୍ଥାରେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଆଲମିରା ଭାଙ୍ଗି ୩୦ ହଜାର ଟଙ୍କା ସହ ସୁନା ଅଳଙ୍କାର, ଘଣ୍ଟା, ସ୍କୁଟି (ନଂ.ଓଡି୧୪ଏବି/୪୩୮୯) ଚୋରି କରି ନେଇଥିଲେ। ଜାନୁଆରୀ ୨ ତାରିଖରେ ସନ୍ଧ୍ୟାରାଣୀ ଘରକୁ ଫେରିବା ପରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଚୋରି ସାମଗ୍ରୀ ଜବତ କରିବା ସହ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଚନ୍ଦନ ଓ କାଶୀନାଥଙ୍କ ନାମରେ ପୂର୍ବରୁ ଏକାଧିକ ଥାନାରେ ମାମଲା ରହିଥିବା ଥାନାଧିକାରୀ ବିଜୟ କୁମାର ସିଂ କହିଛନ୍ତି।

### ଗ୍ୟାସ୍ ଟାଙ୍କି ଜବତ, ଜଣେ ଗିରଫ

ରାଉରକେଲା,୬।୧(ଦିନେଶ ମିଶ୍ର): ଛେଣ୍ଡ ଥାନା ଅନ୍ତର୍ଗତ ଏମ୍‌ଆଇ ବ୍ଲକରେ ଜଣେ ବ୍ୟକ୍ତିଙ୍କ ଘରୁ ଗ୍ୟାସ ଟାଙ୍କି ଚୋରି ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୧୪ ଶାନ୍ତିନଗର ବସ୍ତିର ପ୍ରକାଶ ରାୟ(୨୭)। ତାଙ୍କଠାରୁ ଗ୍ୟାସ୍ ଟାଙ୍କି ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦/୨୬) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଗତ ୫ ତାରିଖରେ ଛେଣ୍ଡ କଳିଙ୍ଗ ବିହାରର ସୁବ୍ରତ କୁମାର ସାହୁଙ୍କ ଘରେ ଜଣେ ଅଜଣା ବ୍ୟକ୍ତି ପଶି ଗ୍ୟାସ ସିଲିଣ୍ଡର ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିଥିଲା।

# ନାଟକ 'ରଣକୁହୁଡି଼' ମଞ୍ଚସ୍ଥ

**ଲୋକନାଟକ ମହୋତ୍ସବର ୩ୟ ସନ୍ଧ୍ୟା**

ରାଉରକେଲା,୬।୧(ବିପ୍ଳବ ରଞ୍ଜନ ଦାଶ)



ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକର ଏକ ଦୃଶ୍ୟ।

ରାଉରକେଲା କଲଚରାଲ ଏକାଡେମୀ ପ୍ରାୟୋଜିତ ୩୮ତମ ଲୋକନାଟକ ମହୋତ୍ସବର ମଙ୍ଗଳବାର ୩ୟ ସନ୍ଧ୍ୟାରେ ନାଟକ 'ରଣକୁହୁଡି଼' ସିଭିକ ସେଣ୍ଟର ପ୍ରେକ୍ଷାଳୟରେ ମଞ୍ଚସ୍ଥ ହୋଇଯାଇଛି। ନାଟକର ବିଷୟବସ୍ତୁରେ ଆଜିର ଦୁନିଆଁରେ ଟଙ୍କା ବଳରେ କିଭଳି ଅନ୍ୟାୟୀ ଅତ୍ୟାଚାରୀ ଲୋକମାନେ ସାଧାରଣ ଲୋକଙ୍କ ହକ୍‌କୁ ଚାପି ଦେଉଛନ୍ତି। ଜଣେ ଶିଳ୍ପପତିଙ୍କ ପ୍ରତିଶ୍ରୁତି ପାଲଟିଯାଉଛି ପ୍ରତାରଣା। ସୁକିନ୍ଦା ଅଞ୍ଚଳର ୨୨ ଆଦିବାସୀ ସମ୍ପ୍ରଦାୟର ଭୋଇ ପରିବାର ହୋଇଯାନ୍ତି ବିସ୍ଥାପିତ। ଟଙ୍କା ଆଗରେ ଏହି ପରିବାର ହୁଅନ୍ତି ଡଳିତଳାନ୍ତ। ପ୍ରଶାସନିକ ଅଧିକାରୀଙ୍କ ଆଗରେ ନିଜ ହକ୍ ଉଠାଇ ଥକିଯାଆନ୍ତି ନିରୀହ ଆଦିବାସୀ। ସମସ୍ତେ ନିରାଶ ଓ ହତାଶ ହୋଇଯାନ୍ତି। ଘରର ଶିକ୍ଷିତ ପୁଅ ସାଜେ ଦିନ ମଜୁରିଆ। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ, ଜମି ଓ ଜଳରୁ ଏହି ୨୨ଟି ବିସ୍ଥାପିତ ପରିବାର ବଞ୍ଚିତ ହୋଇଯାନ୍ତି। ଶେଷରେ ସର୍ବସମ୍ମତି କ୍ରମେ ଏହି ପରିବାର ନିଅନ୍ତି ଚରମ ନିଷ୍ପତ୍ତି। ଜିଲାପାଳଙ୍କ ଅଫିସ ଆଗରେ ସାମୂହିକ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ହୁଏ। ଏତେସତ୍ତ୍ୱେ ମଧ୍ୟ ଟଙ୍କା ଆଗରେ ଆତ୍ମବଳି ପ୍ରଚେଷ୍ଟା କିଭଳି ଫିକା ପଡିଯାଏ ତାକୁ ନେଇ ଗତିଶୀଳ ହୋଇଥିଲା ନାଟକ ରଣକୁହୁଡି଼। ନିର୍ମଳ ଚନ୍ଦ୍ର ପତିଙ୍କ ରଚିତ ଓ କାର୍ତ୍ତିକ ଜେନାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଯାଜପୁର କଳାବିକାଶ କେନ୍ଦ୍ରର କଳାକାର ପ୍ରମୋଦ କୁମାର ପଣ୍ଡା, ନିଶାକର ସ୍ୱାଇଁ, ନିର୍ମଳ ଚନ୍ଦ୍ର ପତି, ସୁବ୍ରତ କୁମାର ମହାପାତ୍ର, ନରେଶ କୁମାର ପୃଷ୍ଟି, ବିପିନ ବିହାରୀ ସେନାପତି, ପ୍ରକାଶ କୁମାର ମିଶ୍ର, ଲିସାରାଣୀ ଦାସ, ସ୍ୱୟଂଶ୍ରୀ ସାହୁ ଏବଂ ଶିଶୁ କଳାକାର ଶ୍ରୀକାନ୍ତ ରାଉଳ ଅଭିନୟ କରିଥିଲେ। ତୃତୀୟ ସନ୍ଧ୍ୟା ସଭାମଞ୍ଚରେ କଲଚରାଲ ଏକାଡେମୀ ସଭାପତି ପଶୁପତିନାଥ ଚାଟାର୍ଜୀ ସଭାପତିତ୍ୱ କରିଥିଲେ। ଆର୍‌ଏସ୍‌ପିର ପ୍ରାକ୍ତନ ଜିଏମ ଅଭୟ କୁମାର ଦାଶ ମୁଖ୍ୟ ଅତିଥି ଏବଂ ରାଉରକେଲା ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ସଭାମଞ୍ଚ ପରିଚାଳନା ଏବଂ ପ୍ରତାପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି ବିପିୟୁଟିର ଇନୋଭେଶନ ଡିଜାଇନ ଆଇଡିଇ ବୁଟ୍‌କ୍ୟାମ୍ପ

ରାଉରକେଲା,୬।୧(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡସ୍ଥିତ ବିପିୟୁଟିରେ ପିଏମ୍‌ଶ୍ରୀ ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକମାନଙ୍କ ପାଇଁ ଇନୋଭେଶନ ଡିଜାଇନ ଓ ଏଣ୍ଟରପ୍ରିନ୍ୟୁରଶିପ୍ ଆଇଡିଇ ବୁଟ୍‌କ୍ୟାମ୍ପର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହେବ। ଏହି ଆଇଡିଇ ବୁଟ୍ କ୍ୟାମ୍ପ୍ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପିତ ଏକ ଜାତୀୟ ପଦକ୍ଷେପ। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକମାନଙ୍କ ମଧ୍ୟରେ ନୂତନତ୍ୱ, ସୃଜନଶୀଳ ଚିନ୍ତନ ଏବଂ ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବ। ଏହି କାର୍ଯ୍ୟକ୍ରମରେ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଓ ଶିକ୍ଷା ମନ୍ତ୍ରଣାଳୟର ଇନୋଭେଶନ ସେଲ୍ ଦ୍ୱାରା ମିଳିତ ଭାବେ ଆୟୋଜିତ ହୋଇଥିବାବେଳେ ୱାଧୱାନୀ ଫାଉଣ୍ଡେଶନ ଏହାର 'ନଲେଜ ପାର୍ଟନର' ଭାବେ ସହଯୋଗ କରୁଛି। ଏହି ୩ଦିନିଆ ବୁଟ୍‌କ୍ୟାମ୍ପ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆଜିର ନୂତନତ୍ୱ ଓ ବ୍ୟବସାୟିକ ପରିବେଶ ବୁଝିବା ପାଇଁ ଆବଶ୍ୟକ ଦକ୍ଷତା, ଆତ୍ମବିଶ୍ୱାସ ଓ ମାନସିକତା ବିକଶିତ କରିବ। ତୃତୀୟ ପର୍ଯ୍ୟାୟ ଅନ୍ତର୍ଗତ ଏହି ଆଇଡିଇ ବୁଟ୍‌କ୍ୟାମ୍ପ ଭାରତର ୧୫ଟି ସ୍ଥାନରେ ଏକକାଳୀନ ହୋଇଛି। ଯେଉଁଥିରେ ବିପିୟୁଟି ଏକ ଆୟୋଜକ ଅନୁଷ୍ଠାନ ଭାବେ ସାମିଲ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଂଶଗ୍ରହଣକାରୀମାନେ ମାନବ-କୈନ୍ଦ୍ରିକ ଡିଜାଇନ, ସୃଜନଶୀଳ ସମସ୍ୟା ସମାଧାନ ଓ ନୂତନ ଚିନ୍ତାଧାରାକୁ ବାସ୍ତବ ଦୁନିଆରେ ପ୍ରଭାବଶାଳୀ କରିବା ଉପରେ ପ୍ରାୟୋଗିକ ଶିକ୍ଷା ଗ୍ରହଣ କରିବେ। ଏହି ଅଧିବେଶନ ଗୁଡିକ ଅଂଶଗ୍ରହଣକାରୀଙ୍କୁ ସମ୍ପୂର୍ଣ୍ଣ ଇନୋଭେଶନ ଜର୍ଣ୍ଣି ବା ନୂତନତ୍ୱ ଯାତ୍ରା ବିଷୟରେ ମାର୍ଗଦର୍ଶନ କରିବ। ଏଥିରେ ଡିଜାଇନ ଥିଙ୍କିଙ୍ଗଠାରୁ ଆରମ୍ଭ କରି ବ୍ୟବସାୟିକ ମଡେଲିଂ ମୌଳିକ ଆର୍ଥିକ ଯୋଜନା ଓ ନୂତନ ବିଚାରଗୁଡିକର ନିର୍ମାଣ, ପରୀକ୍ଷଣ, ପାଣ୍ଠି ଯୋଗାଣ ତଥା ଏହାର ପ୍ରସାର ଭଳି ରଣନୀତି ଅନ୍ତର୍ଭୁକ୍ତ ହେବ। ଓଡିଶା ସରକାରଙ୍କ ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମରେ ୧୬ଟି ଜିଲାରେ ମନୋନିତ ପ୍ରାୟ ୧୯୦ ଜଣ ଅଧ୍ୟକ୍ଷ, ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅଂଶଗ୍ରହଣ କରିବେ। ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

# ଗୋଟିଏ ପରିବାରର ୩ ମୃତ

- ସୀମାନ୍ତରେ ବଢୁଛି ଦନ୍ତା ଆକ୍ରମଣ
- ସପ୍ତାହକରେ ଗଲାଣି ୯ ଜୀବନ

ରାଉରକେଲା,୬।୨(ସଙ୍ଗୀତା ଜେନା)



ଆର୍‌ଜିଏଚ୍‌ରେ ଆହତଙ୍କ ଚିକିତ୍ସା କରାଯାଉଛି।

ସୀମାନ୍ତ ରାଜ୍ୟ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଗୋଇଲକେରା ବ୍ଲକ ଅଞ୍ଚଳରେ ସୋମବାର ରାତିରେ ଏକ ଦନ୍ତା ହାତୀ ଆକ୍ରମଣରେ ଗୋଟିଏ ପରିବାରର ତିନି ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗୋଇଲକେରା ବ୍ଲକ ଆରାହାସ ପଞ୍ଚାୟତ ସୋୱା ଗ୍ରାମର କୁନ୍ଦନ ବାହାନଡା(୪୨), ତାଙ୍କ ଝିଅ କୋଦମା ବାହାନଡା(୬) ଏବଂ ପୁଅ ସାମୁ ବାହାନଡା (ଦେଢ଼ ବର୍ଷ)। ଏହି ଘଟଣାରେ କୁନ୍ଦନଙ୍କ ସ୍ତ୍ରୀ ରକ୍ଷା ପାଇଯାଇଥିବାବେଳେ ଝିଅ ଜିଙ୍ଗି ବାହାନଡା (୩) ଗୁରୁତର ହୋଇଛନ୍ତି। ତାଙ୍କୁ ମଙ୍ଗଳବାର ଚିକିତ୍ସା ପାଇଁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ସୋୱା ଗ୍ରାମର କୁନ୍ଦନ ସପରିବାର ସୋମବାର ରାତିରେ ଏକ କୁଡ଼ିଆରେ ଶୋଇଥିଲେ। ଏହି ସମୟରେ ଏକ ଦନ୍ତା ହାତୀ କୁଡ଼ିଆ ଉପରେ ଆକ୍ରମଣ କରିଥିଲା। ଫଳରେ କୁନ୍ଦନ ଏବଂ ତାଙ୍କ ଦେଢ଼ ବର୍ଷର ପୁଅ ସାମୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତାଙ୍କର ଦୁଇ ଝିଅ କୋଡାମା ଏବଂ ଜିଙ୍ଗି ଆହତ ହୋଇଥିଲେ। ବିଳମ୍ବିତ ରାତିରେ ବନ ବିଭାଗ ଏବଂ ଗ୍ରାମବାସୀ ଉଭୟ ଝିଅଙ୍କୁ ଚିକିତ୍ସା ପାଇଁ ମନୋହରପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କୋଡାମାଙ୍କୁ ମୃତ ଘୋଷଣା କରିଥିଲେ। ଜିଙ୍ଗିର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଆର୍‌ଜିଏଚ୍ ସ୍ଥାନାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ଉକ୍ତ ହାତୀ ଗତ ସପ୍ତାହ ଭିତରେ ୯ ଜଣଙ୍କ ଜୀବନ ନେଇସାରିଲାଣି।

## ଆଜିଠୁ ବିଦ୍ୟୁତ୍ ବିଲ୍ ସଂଶୋଧନ କାର୍ଯ୍ୟକ୍ରମ

ରାଉରକେଲା,୬।୧(ବିପ୍ଳବ ରଞ୍ଜନ ଦାଶ)

ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲ୍ ସଂଶୋଧନ ପାଇଁ ରାଉରକେଲା ସହରର ପାୱାର ହାଉସ, ଲାଠିକେଟା, ଝିରପାଣି, ବାସନ୍ତୀ, ମହୁଲଡିହା, ବନ୍ଧମୁଣ୍ଡା, ସବଡେଗା, କଲୁଙ୍ଗା, ହାତୀବାରି, ଗୋପାଳପୁର ଏବଂ କାଂସବାହଲ ଆଦି ଅଞ୍ଚଳର ସେକ୍ସନ ଅଫିସରେ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ। ବିଦ୍ୟୁତ୍ ଉପଭୋକ୍ତାମାନେ ଧାର୍ଯ୍ୟ ତାରିଖରେ ନିଜ ନିଜ ଅଞ୍ଚଳର ସେକ୍ସନ ଅଫିସ୍‌ରେ ଏ ନେଇ ଅଭିଯୋଗ ପଞ୍ଜୀକରଣ ଏବଂ ସମାଧାନ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାମେଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ



ରୁଦ୍ର ମହାଯଜ୍ଞରେ ଉପସ୍ଥିତ ଶ୍ରଦ୍ଧାଳୁ।

ରାଉରକେଲା,୬।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨୦ ନେହେରୁପଲ୍ଲୀ ମିଶ୍ର ଖଟାଲସ୍ଥିତ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବଙ୍କ ଦ୍ୱାଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୧ଦିନ ବ୍ୟାପୀ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ମଙ୍ଗଳବାର ଆରମ୍ଭ ହୋଇଛି। ଏହା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ଗତ ୪ ତାରିଖରେ ଅଙ୍କୁରାରୋପଣ ଓ ଯଜ୍ଞଶାଳା ସଂସ୍କାର, ୫ରେ କଳସ ଯାତ୍ରା, ସନ୍ଧ୍ୟା ଆଳତୀ, ପୁଷ୍ପାଞ୍ଜଳି ଓ ନାମକୀର୍ତ୍ତନ ଏବଂ ମଙ୍ଗଳବାର ରୁଦ୍ରାଷ୍ଟାଧ୍ୟାୟୀରେ ମହାଭିଷେକ, ଆଳତୀ ଓ ନାମକୀର୍ତ୍ତନ କରାଯାଇଥିଲା। ମନ୍ଦିର କମିଟି ସଭାପତି ଜଗନ୍ନାଥ ରାଉତ ଓ ମୁଖ୍ୟ କାର୍ଯ୍ୟକର୍ତ୍ତା ଗଣେଶ ଜୟସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣ୍ଡିତ ପ୍ରଶାନ୍ତ କୁମାର ଷଡଙ୍ଗୀ ପୂଜକ, ଦୁଃଖିଶ୍ୟାମ ଜୟସିଂହ, ସୁମାମଣି ଜୟସିଂହ, ଉପ କର୍ମକର୍ତ୍ତା ଅମର ସିଂ ଓ ଉମାଦେବୀ ମୁଖ୍ୟକର୍ତ୍ତା ଏବଂ ପଣ୍ଡିତ ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଧୀରେନ୍ଦ୍ର ଓଝା, ଶ୍ୟାମଲାଲ ବଡାଇକ, ନାରାୟଣ ସିଂ, ରମେଶ ଯାଦବ, ଅମୂଲ୍ୟ ରାଉତ, ଗୋକୁଳି ମହାପାତ୍ର, ପ୍ରଫୁଲ୍ଲ ସ୍ୱାଇଁ, ଜୁଲି ମିଶ୍ର, ଲିଲି ମିଶ୍ର, ଶ୍ରୀଚରଣ ଚୌଧୁରୀ, ଲୋକନାଥ ନନ୍ଦ, ପ୍ରଫୁଲ୍ଲ ଦାସ, କାର୍ତ୍ତିକ ଜୟସିଂହ, ରାକେଶ ଚାନ୍ଦ, ଲିଲିମା ଜୟସିଂହ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିରୁ ଗଡ଼ିଲା ସୁରକ୍ଷା ରଥ

**ଜାତୀୟ ସଡକ ସୁରକ୍ଷା ମାସ ପାଳନ**

ରାଉରକେଲା,୬।୧(ବିପ୍ଳବ ରଞ୍ଜନ ଦାଶ)



ସୁରକ୍ଷା ରଥର ଶୁଭାରମ୍ଭ କରାଯାଉଛି।

ଆର୍‌ଏସ୍‌ପିରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଜନସଚେତନତା ସୃଷ୍ଟି କରିବା ପାଇଁ ମଙ୍ଗଳବାର କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଇଡି (ୱାର୍କସ) ବିଲ୍ଡିଂ ନିକଟରେ ଦୁଇଟି ସୁରକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏଥିରେ କାରଖାନାର ବହୁ ସିଜିଏମ, ବିଭାଗୀୟ ମୁଖ୍ୟ, ବିଭାଗୀୟ ସୁରକ୍ଷା ଅଧିକାରୀ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ ପଲାଇ ସଡ଼କ ଦୁର୍ଘଟଣା ପରିପ୍ରେକ୍ଷୀରେ ମାନବ ଜୀବନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନିଜର, ପରିବାର, ବନ୍ଧୁ, ସହକର୍ମୀ ଏବଂ ସମୁଦାୟ ସମାଜର ଉନ୍ନତି ପାଇଁ ନିଜେ ସୁରକ୍ଷା ଓ ଟ୍ରାଫିକ ନିୟମର କଡାକଡି ଅନୁପାଳନ କରିବା ସହିତ ଅନ୍ୟମାନଙ୍କୁ କାରଖାନା ତଥା ବାହାରେ ଅନୁରୂପ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗର ଜୁନିୟର ଇଞ୍ଜିନିୟର ଆର୍. ସି. ମହାନ୍ତି ଏବଂ ବିଭାଗୀୟ ଦଳ ଦ୍ୱାରା ଏକ ସୁରକ୍ଷା ନାଟକ ମଞ୍ଚସ୍ଥ ହୋଇଥିଲା। ସେହିପରି ସୁରକ୍ଷା ଦାୟିତ୍ୱ ସନ୍ଦର୍ଭରେ ଏକ ସ୍ୱାକ୍ଷର ଅଭିଯାନ ହୋଇଥିଲା। କାର୍ଯ୍ୟକ୍ରମରେ ଏକ ସୁରକ୍ଷା ବୁଲେଟିନ ଉନ୍ମୋଚିତ ହୋଇଥିଲା ଏବଂ ସାରା ବର୍ଷ ପ୍ରତିଷେଧକମୂଳକ ଗାଡି ଚାଳନାର ସ୍ୱୀକୃତି ସ୍ୱରୂପ ଦୁଇ ଜଣ ଅଧିକାରୀ, ଦୁଇ ଜଣ କର୍ମଚାରୀ ଓ ଦୁଇଟି ଏଜେନ୍ସିକୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ପିଏମ, ଏସ୍‌ପିପି ଓ ଡିଜିଟାଲାଇଜେଶନ ବିଭାଗର ସିଜିଏମ୍ ଆର୍. କେ. ମୁଦୁଲି, ପିପିସି ବିଭାଗର ସିଜିଏମ୍ ସୁଶ୍ରୀ ସୁନିତା ସିଂହ ଏବଂ ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଏ. ସି ସରକାର ଯଥାକ୍ରମେ ଓଡିଆ, ଇଂରାଜୀ ଓ ହିନ୍ଦୀରେ ସୁରକ୍ଷା ସଂକଳ୍ପ ପାଠ କରାଇଥିଲେ। ଏହି ଉପଲକ୍ଷେ ସଡକ ସୁରକ୍ଷା ଉପରେ ସର୍ବସାଧାରଣ ଘୋଷଣା ପ୍ରଣାଳୀ ସହିତ ଗୋଟିଏ ସୁରକ୍ଷା ରଥ କାରଖାନାର ବିଭିନ୍ନ ୟୁନିଟ୍ ଦେଇ ଯାତ୍ରା କରିବ ଏବଂ ଅନ୍ୟଟି ସହରାଞ୍ଚଳରେ ସୁରକ୍ଷା ବାର୍ତ୍ତା ପ୍ରସାର କରିବ। କାରଖାନାର ଗେଟ୍‌ଗୁଡିକରେ ସଡ଼କ ସୁରକ୍ଷା ଲିଫ୍‌ଲେଟ ବିତରଣ, ଗାଡି ଷ୍ଟିକରିଂ, ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ପାଇଁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ଏବଂ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ରହିଛି। ଅଗ୍ନିଶମ ଓ ସୁରକ୍ଷା ବିଭାଗର ସିଜିଏମ ହିରଲାଲ ମହାପାତ୍ର, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରା ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଏଜିଏମ ବିକ୍ରମ ପାତ୍ରୀଙ୍କ ମାର୍ଗଦର୍ଶନରେ ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି।

## ବସୁଧୈବ କୁଟୁମ୍ବକମ୍‌ର କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ

ରାଉରକେଲା,୬।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ବସୁଧୈବ କୁଟୁମ୍ବକମ ପକ୍ଷରୁ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରଠାରେ ମଙ୍ଗଳବାର ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ସହ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଅନିଲ କୁମାର ଦାଶଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ, ଆର୍‌ଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ଇଂ. ଅଭୟ କୁମାର ଦାସ, ରିମ୍ସର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ, ପାଠାଗାର ସଭାପତି ନବଘନ ସାହୁ, ଗୋଲକ ବିହାରୀ ମଙ୍ଗରାଜ, ସୁବାସ ଚନ୍ଦ୍ର ମହାପାତ୍ର, ଶମ୍ଭୁନାଥ ପରିଡା, ନଗେନ ସାମନ୍ତରାୟ, ଶ୍ରୀନିବାସ ରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ଗିରିଜା ଶଙ୍କର ଗୋସ୍ୱାମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଚ୍ଚିକାନ୍ତ ବିଶ୍ୱାଳ, ସୂର୍ଯ୍ୟନାରାୟଣ ପଣ୍ଡା, ନଳିନୀପ୍ରଭା ଗୋସ୍ୱାମୀ, ପ୍ରତିମାବାଳା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଆବାହକ ହରିହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସପ୍ତମ କୋଏଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଆରମ୍ଭ

ରାଉରକେଲା,୬।୧(ବିପ୍ଳବ ରଞ୍ଜନ ଦାଶ)



ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟନୀ ମ୍ୟାଚ୍‌ର ଏକ ଦୃଶ୍ୟ।

ସ୍ପୋର୍ଟସ ଫେଡେରେଶନ ଅଫ୍ ରାଉରକେଲା ପକ୍ଷରୁ କୋଏଲନଗରସ୍ଥିତ ଏ ବ୍ଲକ ଦୁର୍ଗାପୂଜା ପଡିଆରେ ମଙ୍ଗଳବାର ସପ୍ତମ କୋଏଲ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏହି ଚାମ୍ପିୟନଶିପ୍‌ରେ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ବିଦ୍ୟାଷ୍ଟଡି ସେଣ୍ଟର୍‌ର ନିର୍ଦ୍ଦେଶକ ଅଜିତ କୁମାର ଦାସ ମୁଖ୍ୟଅତିଥି, ପ୍ରାକ୍ତନ ଉପନଗରପାଳ ରାଜେନ୍ଦ୍ର ନାରାୟଣ ମିଶ୍ର, ଶିକ୍ଷକ ଅକ୍ଷୟ କୁମାର ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ସୁମନ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପ୍ରାଧ୍ୟାପକ ରଶ୍ମିରଞ୍ଜନ ରାଉତଙ୍କ ସଂଯୋଜନାରେ ଏହି ଟୁର୍ନାମେଣ୍ଟ ହୋଇଥିଲା। ଏହା ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ, ଏହି ଟୁର୍ନାମେଣ୍ଟରେ କେବଳ ପୁରୁଷ ବିଭାଗରେ ଡବଲ (ଯୁଗ୍ମ) ଖେଳାଳି ଭାଗନେଇ ପାରିବେ। ପ୍ରତିଯୋଗିତାରେ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୦ହଜାର ଟଙ୍କା, ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ୬ ହଜାର ଟଙ୍କା ପୁରସ୍କାର ଦିଆଯିବ। ସେହିପରି ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଓ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ। ଶଶାଙ୍କ ଶେଖର ଦାସ, ଶକ୍ତିକାନ୍ତ ରାଉଳ, ତୁଷାରକାନ୍ତି ବେହେରା, ଅଶୋକ ରଥ, ସତୀଶ ସାହୁ, ଶ୍ରୀମନ୍ମିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

केनरा बैंक Canara Bank
सिंडिकेट Syndicate
**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଦାଣ୍ଡିସାହି ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଦାଣ୍ଡିସାହି ଶାଖା** (୧)ମେସର୍ସ ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୧୦। | (କ)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ ଏବଂ ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । /(ଖ)୩୦.୧୦.୨୦୨୫/ (ଗ)୦୬.୦୧.୨୦୨୬/(ଘ)୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ (ଷୋହଳ ଲକ୍ଷ ଷୋହଳ ହଜାର ଏକ ଶହ ଅଠଚାଳିଶି ଟଙ୍କା ତେତିସି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୦୬.୦୧.୨୦୨୬, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ଝାରସୁଗୁଡ଼ାରେ ଅବୈଧ ଜମି କାରବାର ବିରୋଧରେ ପ୍ରତିବାଦ

**ଝାରସୁଗୁଡ଼ା,୬।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ପୌରପାଳିକା ଅନ୍ତର୍ଗତ ସାରସମାଲ ଗ୍ରାମ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମି ଅବୈଧ କାରବାର ହୋଇଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ଥିବା ଗ୍ରାମ୍ୟ ଜଙ୍ଗଲ, ବଡ଼ ଜଙ୍ଗଲ, ଗୋଚର ଜମି ଓ ଅନ୍ୟାନ୍ୟ କିସମର ସରକାରୀ ଜମି ଥିଲା। କିନ୍ତୁ କୌଣସି ମତେ ସବୁ ଜମିକୁ ଝାରସୁଗୁଡାର କେତେଜଣ ମୁଷ୍ଟିମେୟ ପରିବାର ତାଙ୍କ ନାମରେ ନେଇଯାଇଥିବା ଆରୋପ ଲଗାଇ ସାରସମାଲ ଗ୍ରାମବାସୀ ଓ ଯୁବ ସାମ୍ମୁଖ୍ୟ କର୍ମକର୍ତ୍ତା ପ୍ରତିବାଦ କରିଛନ୍ତି। ଗ୍ରାମବାସୀ ଓ ଯୁବ ସାମ୍ମୁଖ୍ୟ କର୍ମକର୍ତ୍ତା, ମହିଳା ପୁରୁଷ, ଯୁବକ ଯୁବତୀ ମିଳିତ ଭାବେ ମଙ୍ଗଳବାର ଝାରସୁଗୁଡା ଜିଲାପାଳ ଅଫିସକୁ ଘେରି ଯାଇଥିଲେ। ଯୁବ ସାମ୍ମୁଖ୍ୟର କହିବା ଅନୁସାରେ ଏହି ଜମିଗୁଡିକ କେଉଁ ଭଳି ଭାବରେ ସେହି ମୁଷ୍ଟିମେୟ ପରିବାର ବର୍ଗଙ୍କ ନାମରେ ନାମିତ ହୋଇଛି। ଜମି ପଟ୍ଟା ମିଳିଛି, ତାର କୌଣସି ପ୍ରକାର ନଥିପତ୍ର ଜିଲା ରେକର୍ଡ ରୁମ, ତହସିଲ କାର୍ଯ୍ୟାଳୟ ତଥା ସମ୍ବଲପୁର ବନ୍ଦୋବସ୍ତ କାର୍ଯ୍ୟାଳୟରେ ମିଳିପାରୁ ନାହିଁ। ଏଥିରୁ ସ୍ପଷ୍ଟ ଯେ, ଏହି ମୂଲ୍ୟବାନ ଜାଗାଗୁଡିକ ହେରଫେର କରି କେତେଜଣ ମୁଷ୍ଟିମେୟ ପରିବାର ତାଙ୍କ ନାମରେ ନାମିତ କରିଛନ୍ତି। ଅନ୍ୟତ୍ର ସେହି ଯାଗାରେ ପିଢ଼ି ପିଢ଼ି ଧରି ରହି ଆସୁଥିବା ସ୍ଥାନୀୟ ଗ୍ରାମବାସୀ କୌଣସି ପ୍ରକାର ଲାଭ ପାଇନାହାନ୍ତି। ପୂର୍ବବର୍ତ୍ତୀ ସରକାର ଅନେକ ସମୟରେ ବସ୍ତି ପଟ୍ଟା ଆକାରରେ ଏଠାକାର ଭୂମିହୀନମାନଙ୍କୁ ଜମିପଟ୍ଟା ଆବଣ୍ଟନ କରିଥିଲେ ସୁଦ୍ଧା ଏବେ ଯାଏ ଜମି ଚିହ୍ନଟ କରିଛନ୍ତି ନା ଦଖଲ ପ୍ରଦାନ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଭାବରେ ପ୍ରତାରଣା ବୋଲି ଗ୍ରାମବାସୀ ତଥା ସାମ୍ମୁଖ୍ୟ ପ୍ରକାଶ କରିଛି। ଗ୍ରାମବାସୀ ତଥା ସାମ୍ମୁଖ୍ୟର ସକ୍ରିୟ ସଦସ୍ୟ ରୁପେଶ ମୁଣ୍ଡାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ପ୍ରଥମେ ଏକ ଶୋଭାଯାତ୍ରା ବେହେରାମାଲ କିସାନଛକରୁ ବାହାରି ଜିଲାପାଳ ଅଫିସ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଗଣଧାରଣାରେ ବସିବା ପରେ ଝାରସୁଗୁଡା ଜିଲାପାଳ କୁଣାଲ ମୋତିରାମ ଚହୱାଣଙ୍କୁ ଏକ ଦାବିପତ୍ର ପ୍ରଦାନ ପୂର୍ବକ ଆଲୋଚନା କରିଥିଲେ। ଏହି ଜମି ଦୁର୍ନୀତିର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ ଏକ କମିଟି ଗଠନ କରାଯାଉ ଯେଉଁଥିରେ ଦୁଇ ଜଣ ଗ୍ରାମବାସୀଙ୍କୁ ସଦସ୍ୟ ରଖାଯାଉ। ଜମିପଟ୍ଟା ମିଳିଥିବା ଜମିହୀନ ଗ୍ରାମବାସୀଙ୍କ ଜମି ଚିହ୍ନଟ କରାଯାଇ ଦଖଲ ପ୍ରଦାନ କରାଯାଉ। ସମଗ୍ର ଜଙ୍ଗଲ କିସମ ଜମିକୁ ଚିହ୍ନଟ କରି ପୁନଃ ବନୀକରଣ କରାଯାଉ ଏବଂ ସାର୍ବଜନୀନ ବ୍ୟବହାର ଉପଯୋଗ ହେଉଥିବା ସରକାରୀ ଜମିଗୁଡିକୁ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଉ। ଯଦି ଏହି ଦାବିଗୁଡିକ ଏକ ମାସ ମଧ୍ୟରେ ପୂରଣ ନ ହୁଏ, ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗ୍ରାମବାସୀ ଅନଶନରେ ବସି ରହିବା ପାଇଁ ଜିଲାପାଳଙ୍କୁ ଜଣାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସାମ୍ମୁଖ୍ୟର ଆଦିବାସୀ ମାମଲା ଉପଦେଷ୍ଟା ପ୍ରଭାକର ଓରାମ, ଦଳିତ ବର୍ଗ ମାମଲା ଉପଦେଷ୍ଟା ରବୀନ୍ଦ୍ର ସୋହେଲା, ସାମ୍ମୁଖ୍ୟର ପର୍ଯ୍ୟବେକ୍ଷକ ଜିତେନ୍ଦ୍ରୀୟ ଧୁରୁଆ, ସହପର୍ଯ୍ୟବେକ୍ଷକ ଅସିମ ପଟେଲ, ସାଧାରଣ ସମ୍ପାଦକ ନନ୍ଦୁ ରୋହିଦାସ, ଗ୍ରାମବାସୀ କାଶୀନାଥ ମୁଣ୍ଡା, ଜଗନ୍ନାଥ ମୁଣ୍ଡା, ନାଏକ ବାରଲା, ଶ୍ୟାମସୁନ୍ଦର ବାରଲା, ଅମିତ ମୁଣ୍ଡା, ଧନିରାମ ରୋହିଦାସ, ଗୋପି ମୁଣ୍ଡା, ଅଜିତ ଓରାମ, ଗୋପିନାଥ ମୁଣ୍ଡା, ମୋହନ କୁଜୁର, କୈଳାସ ତିଗ୍ଗା, ସୀତାରାମ କୁଜୁର, ନିରଞ୍ଜନୀ ମୁଣ୍ଡା, ଫୁଲ ମୁଣ୍ଡା, ରାଧା ମୁଣ୍ଡା, ସୁମନ ସାହୁ, ଦସମୀ ମୁଣ୍ଡା, ଅଷ୍ଟମୀ ମୁଣ୍ଡା, ଶୀବଯାତ୍ରୀ କୁଜୁର, ନନ୍ଦୁ ମୁଣ୍ଡା ଓ ଶୈଳେନ୍ଦ୍ରୀ ମୁଣ୍ଡା ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।




ଜିଲାପାଳଙ୍କୁ ଦାବିପତ୍ର ଦେବା ସହ ଆଲୋଚନା କରାଯାଉଛି।

## ପ୍ରବଳ ଥଣ୍ଡାରେ ଜରିପାଲ ଘରେ ଥିବା ବୃଦ୍ଧ ମୃତ



ଆତ୍ମାରାମଙ୍କ ଘରକୁ ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷ ଯାଇ ପରିସ୍ଥିତି ଦେଖୁଛନ୍ତି।

**ବ୍ରଜରାଜନଗର,୬।୧(ବିଜୟ ବରାଡ଼)**

ପ୍ରବଳ ଥଣ୍ଡା ଯୋଗୁ ଝାରସୁଗୁଡା ଜିଲା ବ୍ରଜରାଜନଗର ଗଣ୍ଡଘୋରାରେ ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ଗଣ୍ଡଘୋରାରେ ରହୁଥିବା ଆତ୍ମାରାମ ତାଣ୍ଡିଆ । ଜରିପାଲ ଘରେ ନିଜ ପରିବାର ସହ ମୁଣ୍ଡ ଗୁଞ୍ଜିଥିବା ଏହି ବୃଦ୍ଧ ଜଣକ ଅସହ୍ୟ ଶୀତ ସହି ନ ପାରି ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶୀତଦାଉରୁ ରକ୍ଷା ପାଇଁ ପୌର ପରିଷଦ ପକ୍ଷରୁ କମ୍ବଳ, ତାରପୋଲିନ ଆଦି ଦିଆଯାଇ ନାହିଁ। ଏହା ସହ ବାରମ୍ବାର ଦାବି ସତ୍ତ୍ୱେ ଏକ ପକ୍କା ଘର ଦିଆଯାଇ ନ ଥିଲା। ଫଳରେ ଆତ୍ମାରାମଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ରଙ୍ଗବତୀ ପାଣ୍ଡିଆ ଏବଂ ପଡାବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ନଗରପାଳ ଗୋପାଳ ସୀତାନୀ କହିଛନ୍ତି, ସ୍ଥାନୀୟ କାଉନସିଲରଙ୍କ ଜରିଆରେ ବର୍ଷା ଦିନେ ରାଶନ ସାମଗ୍ରୀ ଓ ତାରପୋଲିନ ପଠାଯାଇଥିଲା ଯାହା କାଉନସିଲର ନିଜେ ଆତ୍ମାରାମଙ୍କୁ ପ୍ରଦାନ କରିଛନ୍ତି। ଅନ୍ୟପଟେ ଆତ୍ମାରାମ ଏବଂ ତାଙ୍କ ପଡୋଶୀ ଲୋକେ କୌଣସି ସହଯୋଗ ପ୍ରଦାନ କରାଯାଇ ନ ଥିବା କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି ଆତ୍ମାରାମଙ୍କ ପରିବାର ପାଇଁ ପଠାଯାଇଥିବା ସାମଗ୍ରୀ ଗଲା କୁଆଡେ। ଅନ୍ୟପଟେ ଆତ୍ମାରାମଙ୍କ ପରିବାର ଲୋକେ ଏକ ପକ୍କା ଘର ଯୋଗାଇ ଦେବା ପାଇଁ ବର୍ଷବର୍ଷ ଧରି ବ୍ରଜରାଜନଗର ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଘର ମିଳିନାହିଁ। ଆତ୍ମାରାମଙ୍କ ଘରେ ଏବେ ବିଧବା ବୁଢ଼ୀ ସ୍ତ୍ରୀ ଏବଂ ଜଣେ ପୁଅ ଥିବାବେଳେ ଜରିପାଲ ଘରେ ଏତେ ଥଣ୍ଡାରେ ରହିବା ସମ୍ଭବ ନୁହେଁ। କାରଣ ତାଙ୍କ ଘର କହିଲେ, କିଛି ଖଣ୍ଡିଆ ଇଟାରେ ଫଟା ଦଦରା ତାରପୋଲିନ ଏବଂ ପ୍ଲାଷ୍ଟିକ ବସ୍ତା ଘୋଡାଯାଇଛି। ଘର ଭିତରକୁ ଚାରିପଟୁ ଥଣ୍ଡା ପବନ ପଶୁଛି। ଏହିପରି ପରିସ୍ଥିତିରେ ରହିଲେ ଆତ୍ମାରାମଙ୍କ ବୃଦ୍ଧା ସ୍ତ୍ରୀ ରଙ୍ଗବତୀଙ୍କ ମଧ୍ୟ ଶୋଚନୀୟ ଅବସ୍ଥା ହେବାର ଆଶଙ୍କା ରହିଛି। ତେଣୁ ଶୀଘ୍ର ପୌର ପ୍ରଶାସନ ପକ୍ଷରୁ ତାଙ୍କ ପରିବାର କୁ ଏକ ପକ୍କା ଘର ଓ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉ ବୋଲି ପଡାବାସୀ ଦାବି କରିଛନ୍ତି। ଅନ୍ୟପଟେ ହରିଶ୍ଚନ୍ଦ୍ର ଯୋଜନାରେ ୪ହଜାର ଟଙ୍କା ସହ କମ୍ବଳ ଯୋଗାଇ ଦିଆଯିବ ଏବଂ ଆବଶ୍ୟକ ସୁବିଧା ଯୋଗାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ନଗରପାଳ ପ୍ରକାଶ କରିଛନ୍ତି।

### ସଂକ୍ଷେପରେ

## ପାଚେରି ନିର୍ମାଣ ପାଇଁ ଶିଳାନ୍ୟାସ

**ଝାରସୁଗୁଡ଼ା,୬।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ପୌରପରିଷଦ ଅନ୍ତର୍ଗତ ୯ନଂ.ୱାର୍ଡରେ ଥିବା ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟର ପାଚେରୀ ନିର୍ମାଣ ପାଇଁ ମଙ୍ଗଳବାର ବିଧାୟକ ଟଙ୍କଧର ତ୍ରିପାଠୀ ଶିଳାନ୍ୟାସ କରିଛନ୍ତି। ବିଧାୟକ ଅନୁଦାନ ପାଣ୍ଠିରୁ ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମାଣ ହେବ ବୋଲି ବିଧାୟକ ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ଏହା ସହ ଆଗାମୀ ଦିନରେ ଯେଉଁ ପ୍ରକାର ସହାୟତା ଦରକାର ପଡିବ ତାହାକୁ ପୂରଣ କରିବା ପାଇଁ ଚେଷ୍ଟା କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ ନାୟକ, ସମ୍ପାଦକ ରାଜକିଶୋର ଜେନା, ଉପଦେଷ୍ଟା ପ୍ରଶାନ୍ତ ପାଟଯୋଶୀ, ପୂର୍ବତନ ସଭାପତି ଅଶୋକ ସାହୁ ଓ ନରେନ୍ଦ୍ର ମୋହନ ଝା ଏବଂ ପୂର୍ବତନ ସମ୍ପାଦକ ପ୍ରହ୍ଲାଦ ନାୟକ ପ୍ରମୁଖଙ୍କ ସହ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶେଷରେ ଶିକ୍ଷକ ଲିଙ୍ଗରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦୦ ମିଟର ଦୌଡ଼ରେ ଭାଗନେଲେ ୭୫ ବର୍ଷୀୟ କ୍ରୀଡ଼ାବିତ୍ ନେତ୍ରାନନ୍ଦ ମହାକୁଲ

**ଦେବଗଡ଼,୬।୧(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶା ରାଜ୍ୟ ମାଷ୍ଟର୍ସ ଆଥଲେଟିକ ଆସୋସିଏଶନ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ବିଭିନ୍ନ ବୟସ୍କ ମହିଳା, ପୁରୁଷ କ୍ରୀଡାବିତ୍ ଯୋଗଦେଇଥିଲେ। ଦେବଗଡ଼ ଜିଲାର ନେତ୍ରାନନ୍ଦ ମହାକୁଳ ୭୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ୧୦୦ ମିଟର ଦୌଡରେ ଭାଗନେଇଥିଲେ। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ମାଷ୍ଟର୍ସ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ବନବିହାରୀ ବସାକ, ସମ୍ପାଦକ ସୌମ୍ୟରଞ୍ଜନ ପରିଜା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁପ୍ରସାଦ ପଟ୍ଟନାୟକ, ରଶ୍ମୀ ରାଉତରାୟ, ପ୍ରତିମା ଦାସ ମହାନ୍ତି ଉପସ୍ଥିତ ଥିଲେ।

# ଯୁଗ୍ମ ଜନଶୁଣାଣି ଶିବିର



ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଧିକାରୀ ଓ ଅଭିଯୋଗକାରୀ।

**ଝାରସୁଗୁଡା,୬।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସମସ୍ୟାର ସମାଧାନ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ମିଳନୀ କକ୍ଷଠାରେ ସୋମବାର ପୂର୍ବାହ୍ନରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୮୪ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୫ ଗୋଟି ସାମୂହିକ ଏବଂ ୬୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏହି ଶିବିରରେ ରେଡକ୍ରସ ପାଣ୍ଠିରୁ ୩ ଜଣ ହିତାଧିକାରୀଙ୍କୁ ମୋଟ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିମଧ୍ୟରେ ଜଣଙ୍କୁ ୨୦ ହଜାର ଟଙ୍କା ଏବଂ ଅନ୍ୟ ୨ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ବଡ଼େଇମୁଣ୍ଡା ୱାର୍ଡ ନଂ. ୪ ର ଜମି ଚିହ୍ନଟ ଏବଂ କଲ୍ୟାଣ ମଣ୍ଡପ ପାଇଁ ପାଣ୍ଠି ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ରହିଥିବା ସମସ୍ୟା, ବେଦାନ୍ତ କମ୍ପାନୀ ଦ୍ୱାରା ଅନିୟମିତ ଭାବେ ପାଉଁଶ ଜମା କରାଯିବା ଉପରେ ପ୍ରଶାସନିକ ହସ୍ତକ୍ଷେପ ପାଇଁ ନିବେଦନ କରାଯାଇଥିଲା। କଟାପାଲି ସ୍ଥିତ ସ୍ଥାନୀୟ ବାଲିଘାଟକୁ ଆଇନଗତ ଭାବେ ପୁନଃ ଖୋଲିବା ପାଇଁ ଦାବି, ଶ୍ରୀପୁରା ଅଞ୍ଚଳରେ ବେଆଇନ ମାଟି ଖୋଳା ବିରୋଧରେ ଅଭିଯୋଗ, ଗଣ୍ଡଘୋରା ସରକାରୀ ହାଇସ୍କୁଲର ନାମ ପରିବର୍ତ୍ତନ ଏବଂ କିର୍ମିରା ଇଏମ୍‌ଆରଏସର ପୂର୍ବତନ ଅତିଥି ଶିକ୍ଷକଙ୍କ ବକେୟା ଦରମା ପ୍ରଦାନ ସମ୍ବନ୍ଧୀୟ, ଦୁର୍ଲଗା ଅଞ୍ଚଳରେ ବିଦ୍ୟୁତ ସମସ୍ୟା, ସାରସମାଲରେ ପାନୀୟ ଜଳ ବ୍ୟବସ୍ଥା, ଗାୟତ୍ରୀ ବିହାର ପୁରୁଣା ବସ୍ତିରେ ଡ୍ରେନ ନିର୍ମାଣ ଏବଂ ଲଖନପୁର ଭଇଁରଖୋଲ ପାକ୍ସ ଅଞ୍ଚଳରେ ଚାଷୀଙ୍କ ଧାନ ବିକ୍ରି ପାଇଁ ଟୋକନ ସମସ୍ୟା ଉପରେ ଜିଲାପାଳ ଶୁଣାଣି କରିଥିଲେ। ଜିଲାପାଳ ସମସ୍ତ ଅଭିଯୋଗର ଶୁଣାଣି ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହାର ତଦନ୍ତ କରି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ଜିଲାର ବରିଷ୍ଠ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ରହି ସମସ୍ୟାଗୁଡିକର ତର୍ଜମା କରିଥିଲେ।

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ଦେବଗଡ଼,୬।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ପରକ୍ଷିତ ସାହୁ ଅଧ୍ୟକ୍ଷତା କରି ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆସନ୍ତା ୨୬ ତାରିଖ ପ୍ରାତଃ ୪.୩୦ରେ ରାମଧୁନ୍, ସକାଳ ୭ଟାରେ ପ୍ରଭାତ ଫେରି, ସକାଳ ୭ରୁ ସାଢେ ୭ଟା ମଧ୍ୟରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତକା ଉତ୍ତୋଳନ କରାଯିବ। ସେହିପରି ସାଢେ ୮ଟାରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତକା ଉତ୍ତୋଳନ କରାଯିବ। ଜିଲାସ୍ତରୀୟ ପତକା ଉତ୍ତୋଳନ ସହ ଜାତୀୟ ସଙ୍ଗୀତ ଗାନ କରାଯିବ। ଏହି ଉପଲକ୍ଷେ ଅନେକ ସ୍କୁଲର ଛାତ୍ରୀଛାତ୍ର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୨୧, ୨୨ ଓ ୨୪ ତାରିଖ ସକାଳ ୮ଟାରୁ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ପରେଡ୍ ରିହର୍ସାଲ କରାଯିବ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ଅନେକ କାର୍ଯ୍ୟକ୍ରମ ରହିଥିବା ବୈଠକରେ ସୂଚନା ଦିଆଯାଇଛି। ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ସହକାରୀ ଜିଲାପାଳ ତଥା ଜିଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିବେକାନନ୍ଦ ମହାନ୍ତି, ରିଜର୍ଭ ଇନ୍ସପେକ୍ଟର ହମିରା ସରେନ, ବରିଷ୍ଠ ନାଗରିକ ହେମନ୍ତ ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଆଇନଜୀବୀ ଦିଲୀପ ଗୁରୁ, ସଂସ୍କୃତି ପରିଷଦ ସଦସ୍ୟ ସୁଜିତ୍ ପାତ୍ର, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସାଧାରଣତନ୍ତ୍ର ଦିବସ ପାଳନ କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଦେଇଥିଲେ।

## ପର୍ଯ୍ୟଟନ ସ୍ଥଳ, ରାସ୍ତା, ଡ୍ରେନ୍‌ର ଉନ୍ନତୀକରଣ ଦାବି



ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମି ଜୀଙ୍କ ସହ ଆଲୋଚନା କରୁଛନ୍ତି କମିଟି ସଦସ୍ୟ।

**ଦେବଗଡ଼,୬।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳ ଏନ୍‌ଏଚ୍ ଷ୍ଟୋରଠାରୁ ଅତିରିକ୍ତ ଜିଲାପାଳଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ନିର୍ମାଣାଧିନ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସମେତ ଷୋହଳବଖରୀ କଟାର ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲା ନାଗରିକ କମିଟି ପକ୍ଷରୁ ଦାବି ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ଜିଲା ନାଗରିକ କମିଟି ସଭାପତି ସୁଶୀଳ କୁମାର କପରଦାରଙ୍କ ନେତୃତ୍ୱରେ କମିଟି ସଦସ୍ୟ ମହେଶ୍ୱର ପାଣି, ମଞ୍ଜୁଳ କୁମାର ନାଏକ, ସୁଦାମ ବୁଡା ଓ ନରୋତମ ସାହୁ ଦେବଗଡ଼ ପୂର୍ତ୍ତ ବିଭାଗ ନିରୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝାଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଉପରୋକ୍ତ ଦାବି ଉପସ୍ଥାପନ କରିଥିଲେ। ଅନୁରୂପ ଭାବେ କମିଟି ପକ୍ଷରୁ ଉପରୋକ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମୀ ଜୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି କୁରୁଡୁକୁଟ ଜଳପ୍ରପାତ ରାସ୍ତାର ଉନ୍ନତିକରଣ ସହିତ ସେଠାରେ ଏକ ରୋଷେଇ ଘର ଓ ଅଶ୍ରୟ ସ୍ଥଳ ନିର୍ମାଣ ପାଇଁ ଦାବି କରିଥିଲେ। ଏଥିସହ ପ୍ରଧାନପାଟ ପର୍ଯ୍ୟଟନ ସ୍ଥଳରେ ଏକ ଡିୟର ପାର୍କ, ଫରେଷ୍ଟ ପାର୍କ ଓ ଫାଉଣ୍ଟେନ ନିର୍ମାଣ ଏବଂ ସେଠାରେ ଥିବା ପୌର ପରିଷଦ ଡାକବଙ୍ଗଳା ପଛପଟେ ଏକ ସ୍ଥାୟୀ ପୋଖରୀ ଖୋଳିବା ପାଇଁ ଦାବି କରିଥିଲେ ।

## ୧୪ବର୍ଷ ଧରି ଶିକ୍ଷକ ପଦବୀ ଖାଲି

**ଲଖନପୁର,୬।୧(ଗୌତମ ସାହୁ)**

ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରାଯାଉଛି। ହେଲେ ଅନେକ ସ୍ଥାନରେ ଏହାର ବ୍ୟତିକ୍ରମ ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ ବଂଜାରୀ ପଞ୍ଚାୟତରେ ସ୍ଥାପିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉଚ୍ଚ ବିଦ୍ୟାଳୟ ବଂଜାରୀରେ ଦୀର୍ଘ ୧୪ବର୍ଷ ହେଲା ଗଣିତ ଓ ବିଜ୍ଞାନ ଶିକ୍ଷକ, ୨ବର୍ଷ ହେଲା କଳା ଶିକ୍ଷକ, ୩ବର୍ଷ ହିନ୍ଦୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୧୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ଶିକ୍ଷକ ପଦବୀ ଖାଲିଥିବା ବେଳେ ଛାତ୍ରୀଛାତ୍ରଙ୍କ ଉତ୍ତମ ଶିକ୍ଷା ଗ୍ରହଣ କିଭଳି ଅଛି ବୋଲି ସ୍ଥାନୀୟ ଜନସାଧାରଣ ପ୍ରଶାସନ ନିକଟରେ ପ୍ରଶ୍ନ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ଶୀଘ୍ର ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ଗୋପୀ ମାଝୀ କହିଛନ୍ତି, ଅନୁସୂଚିତ ଜନଜାତି ଓ ଜାତି ବିକାଶ ନାରା କେବଳ ପ୍ରହସନ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ୟୋସ୍ନା ରାଉଡ଼ିଆ ନିଜ ପ୍ରତିକ୍ରିୟାରେ କହିଛନ୍ତି, ନୂତନ ଶିକ୍ଷକ ପଦବୀ ପୂରଣ ନ ହେବା ଯୋଗୁ ଏହି ସମସ୍ୟା ସୃଷ୍ଟି ହେଉଥିବାବେଳେ ବର୍ତ୍ତମାନ ନୂତନ ପଦବୀ ପୂରଣ ଦିଗରେ କାର୍ଯ୍ୟକ୍ରମ ଚାଲୁ ରହିଛି। ସମସ୍ୟା ସମାଧାନ ହେବ।

# ଲୋକଙ୍କୁ ସଚେତନ କରିବ ସଚେତନତା ରଥ

### ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

**ଦେବଗଡ଼,୬।୧(ଶଶାଙ୍କ ଶେଖର ଝାଙ୍କର)**

ମଧ୍ୟମ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଓ କ୍ଷୁଦ୍ର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଜିଲାର କୃଷକଙ୍କ ପାଇଁ ମଙ୍ଗଳବାର ପାଣି ପଞ୍ଚାୟତ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ ବାସଭବନ ସମ୍ମୁଖରେ ଏହି ରଥକୁ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଶୁଭାରମ୍ଭ କରିଥିଲେ। ଏହି ରଥ ସହର, ବ୍ଲକ୍ ଓ ସମସ୍ତ ପଞ୍ଚାୟତ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରେରଣ କରିବ। ପରେ କ୍ଷୁଦ୍ର ଜଳସେଚନ ବିଭାଜନ ବିଭାଗ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ଜଳ ବିଭାଜନ ସହକାରୀ ନିର୍ବାହୀଯନ୍ତ୍ରୀ ବିମଳ କୁମାର ବାରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ୍ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ବରେଣ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ୍ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଯୋଗ୍‌ଦେବ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଦେବଗଡ଼ କ୍ଷୁଦ୍ର ଜଳସେଚନ ଉପବିଭାଜନର ସହକାରୀ ନିର୍ବାହୀଯନ୍ତ୍ରୀ ଅଭିଷେକ ଜେନା ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ପାଣି ପଞ୍ଚାୟତ ଯୋଜନାକୁ ଗଣତାନ୍ତ୍ରିକ ପଦ୍ଧତିରେ ସଫଳ ଓ ଦୀର୍ଘ ସ୍ଥାୟୀ କରିବାକୁ ଉଦ୍ୟମ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ରଚନା, ଜଣାଅଜଣା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଓ ବ୍ଲକରୁ ଆସିଥିବା ଚାଷୀ ଓ ପାଣି ପଞ୍ଚାୟତର କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।


केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁଙ୍କ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଦାଣ୍ଡିସାହି ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଦାଣ୍ଡିସାହି ଶାଖା** (୧)ମେସର୍ସ ନିଭ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୧୦। | (କ)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ ଏବଂ ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । /(ଖ)୩୦.୧୦.୨୦୨୫/ (ଗ)୦୬.୦୧.୨୦୨୬/(ଘ)୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ (ଷୋହଳ ଲକ୍ଷ ଷୋହଳ ହଜାର ଏକ ଶହ ଅଠଚାଳିଶି ଟଙ୍କା ତେତିସି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୦୬.୦୧.୨୦୨୬, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ସିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଚଏମ୍ଏସ୍ଆଇର ୪.୪୬ ଲକ୍ଷ ୟୁନିଟ୍ ଗାଡ଼ି ବିକ୍ରି

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ୨୦୨୫ ଡିସେମ୍ବରରେ ମୋଟ ୪,୪୬,୦୪୮ ୟୁନିଟ୍ ବିକ୍ରି କରିଛି। ଏଥିରେ ମଜଭୁତ ଚାହିଦା ସହ ବହୁ ନିୟୁତ ଗ୍ରାହକଙ୍କ ପାଇଁ ଗମନାଗମନକୁ ଅଧିକ ନିରାପଦ, ସ୍ୱଚ୍ଛ ଏବଂ ଅଧିକ ସୁଲଭ କରିବା ନିମନ୍ତେ କମ୍ପାନୀର ପ୍ରଚଳିତ ପ୍ରୟାସ ପ୍ରତିଫଳିତ ହୋଇଛି। ଏହି ବିକ୍ରି ମଧ୍ୟରେ ଘରୋଇ ବଜାରରେ ୩,୯୨,୩୦୬ ୟୁନିଟ୍ ବିକ୍ରୟ ଏବଂ ରପ୍ତାନି ୫୩,୭୪୨ ୟୁନିଟ୍ ରହିଛି। ଏଚ୍ଏମ୍ଏସ୍ଆଇ ୨୦୨୪ ଡିସେମ୍ବର ତୁଳନାରେ ଇୟର-ଅନ୍-ଇୟର (ୱାଇଓୱାଇ) ୪୫% ଅଭିବୃଦ୍ଧି ହାସଲ କରିଛି। ୨୦୨୫ ଏପ୍ରିଲରୁ ଡିସେମ୍ବରର ଇୟର-ଟୁ-ଡେଟ୍ ଅବଧି ନିମନ୍ତେ ଏଚ୍ଏମ୍ଏସ୍ଆଇ ମୋଟ ୪୬,୭୮,୮୧୪ ୟୁନିଟ୍ ବିକ୍ରି କରିଛି। ଏଥିମଧ୍ୟରେ ଘରୋଇ ବଜାରରେ ୪୨,୦୪,୪୨୦ ୟୁନିଟ୍ ବିକ୍ରି ଏବଂ ରପ୍ତାନି ୪,୭୪,୩୯୪ ୟୁନିଟ୍ ରହିଛି ଏବଂ ଏଥିରେ ୨୦୨୪ ଡିସେମ୍ବର ତୁଳନାରେ ୱାଇଓୱାଇ ୩% ଅଭିବୃଦ୍ଧି ହାସଲ ହୋଇଛି।

# ଯାତ୍ରୀସେବା ଓ ସୁରକ୍ଷାକୁ ଭାରତୀୟ ରେଳର ଗୁରୁତ୍ୱ

## ଆଧୁନିକ ସାଧାରଣ ଏବଂ ଅଣ-ଏସି କୋଚ୍‌ର ରେକର୍ଡ ଉତ୍ପାଦନ

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ଭାରତୀୟ ରେଳପଥ ସୁଲଭ ଭଡ଼ାରେ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ଆଧୁନିକ ଯାତ୍ରୀ-ଅନୁକୂଳ ସୁବିଧା ସହିତ ଡିଜାଇନ ହୋଇଥିବା ସାଧାରଣ ଏବଂ ଅଣ-ଏସି କୋଚ୍ ଉତ୍ପାଦନରେ ରେକର୍ଡ ସୃଷ୍ଟି କରିଛି। ଆର୍ଥିକ ବର୍ଷ ୨୦୨୫-୨୬ ବର୍ତ୍ତମାନ ସୁଦ୍ଧା ୪,୮୩୮ ନୂତନ ଏଲ୍ଏଚ୍‌ବି ଜିଏସ୍ ଏବଂ ନନ୍ ଏସି କୋଚ୍ (ଏଲ୍ଏସ୍ କୋଚ- ୨୮୧୭, ଏଲ୍ଏସ୍‌ସିଏନ୍ କୋଚ୍- ୨୦୨୧) ପାଇଁ ବ୍ୟବସ୍ଥା କରାଯାଇଛି। ୨୦୨୬-୨୭ ପାଇଁ ୪,୮୦୨ ଏଲ୍ଏଚ୍‌ବି କୋଚ (ଏଲ୍ଏସ୍ କୋଚ- ୨୬୩୮, ଏଲ୍ଏସ୍‌ସିଏନ୍ କୋଚ- ୨୧୬୪) ଉତ୍ପାଦନ ଉତ୍ପାଦନ ଲକ୍ଷ୍ୟ ରହିଛି। ଅନ୍ୟପଟେ ମୌସୁମୀ ଏବଂ ଉତ୍ସବକାଳୀନ ଭିଡ଼ ପରିଚାଳନା ପାଇଁ, ଭାରତୀୟ ରେଳପଥ ୨୦୨୫ରେ ସ୍ୱତନ୍ତ୍ର ଟ୍ରେନ ପରିଚାଳନାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ମହାକୁମ୍ଭ ପାଇଁ ୧୭,୩୪୦, ହୋଲି ପାଇଁ ୧,୧୪୪, ଗ୍ରୀଷ୍ମକାଳୀନ ସ୍ପେଶାଲ ୧୨,୪୧୭ ଏବଂ ଛଟ୍‌ପୂଜା ପାଇଁ ୧୨,୩୮୩ ସମେତ ୪୩,୦୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଛି। ନୂଆ ଦିଲ୍ଲୀ ରେଳ ଷ୍ଟେଶନରେ ଯାତ୍ରୀ ସୁବିଧା କେନ୍ଦ୍ରର ସଫଳ କାର୍ଯ୍ୟାନ୍ୱୟନ ପରେ, ଭାରତୀୟ ରେଳପଥ ଦେଶବ୍ୟାପୀ ୭୬ଟି ଷ୍ଟେଶନ ଚିହ୍ନଟ କରିଛି। ନୂତନ ହୋଲ୍ଡିଂ ଏରିଆଗୁଡ଼ିକ ସ୍ଥାନୀୟ ପରିସ୍ଥିତି ଉପରେ ଆଧାରିତ ମଡ୍ୟୁଲାର ଡିଜାଇନ ଅନୁସରଣ କରିବ ଏବଂ ୨୦୨୬ ପାର୍ବଣ ଋତୁ ପୂର୍ବରୁ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରକୃତ ଯାତ୍ରୀମାନେ କନ୍‌ଫର୍ମ ଟିକେଟ ପାଇବା ପାଇଁ, ଭାରତୀୟ ରେଳପଥ ଆଧାର ଯାଞ୍ଚ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ମନିଟରିଂ ମାଧ୍ୟମରେ ଟିକେଟିଂ ବ୍ୟବସ୍ଥା କରିଛି। ଇ-ଟିକେଟିଂ ସିଷ୍ଟମର ଅପବ୍ୟବହାର କରିବାକୁ ଚେଷ୍ଟା କରୁଥିବା ଅସାଧୁ ଉପଭୋକ୍ତାମାନଙ୍କୁ ଚିହ୍ନଟ ଏବଂ ରୋକିବା ପାଇଁ ମଧ୍ୟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି। ଏହାଫଳରେ ୫.୭୩ କୋଟି ସନ୍ଦିଗ୍ଧ ଏବଂ ନିଷ୍କ୍ରିୟ ଆଇଆରସିଟିସି ବ୍ୟବହାରକାରୀ ଆକାଉଣ୍ଟଗୁଡ଼ିକୁ ନିଷ୍କ୍ରିୟ କିମ୍ବା ଅସ୍ଥାୟୀ ଭାବରେ ସ୍ଥଗିତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

# ୟୁକୋ ବ୍ୟାଙ୍କର ୮୪ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ୟୁକୋ ବ୍ୟାଙ୍କର ୮୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ, ଉପ-ମହାପ୍ରବନ୍ଧକ, ସହାୟକ ମହାପ୍ରବନ୍ଧକ ତଥା ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ମୃତିଚିହ୍ନ ଏବଂ ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍ଏଲ୍‌ବିସି ଆବାହକ ଗୌତମ ପାତ୍ର, ଏସ୍ଏଲ୍‌ବିସି ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ, ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗବତ ସିଂହ ଭାକୁନି, କଟକ ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ବର୍ଷା, ଅବସରପ୍ରାପ୍ତ ମହାପ୍ରବନ୍ଧକ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୫ଜି ବଜାରରେ ଜିଓର ପ୍ରାଧାନ୍ୟ

ଭୁବନେଶ୍ୱର,୬।୧

ଭାରତରେ ୫ଜି ବଜାରରେ ଜିଓର ପ୍ରାଧାନ୍ୟ ପରିଲକ୍ଷିତ ହୋଇଛି। ଜିଓ ଆରମ୍ଭରୁ ଏକ ସମ୍ପୂର୍ଣ୍ଣ ଷ୍ଟାଣ୍ଡଆଲୋନ ୫ଜି ନେଟୱର୍କରେ ନିବେଶ କରିଥିବାବେଳେ ଏୟାରଟେଲ ଏକ ନନ-ଷ୍ଟାଣ୍ଡଆଲୋନ ମଡେଲ ବ୍ୟବହାରରେ ସେବା ଆରମ୍ଭ କରିଥିଲା। ଓପନ ସିଗ୍ନାଲ ତଥ୍ୟ ଅନୁଯାୟୀ, ଜିଓର ୫ଜି ଗ୍ରାହକମାନେ ସେମାନଙ୍କର ମୋଟ ମୋବାଇଲ ସମୟର ୬୭.୩% ୫ଜି ନେଟୱର୍କରେ ବିତାଉଥିବାବେଳେ ୫ଜି ସିଗନାଲ ଉପଲବ୍ଧତା ୬୮.୧% ରହିଛି। ଏୟାରଟେଲର ୫ଜି ସିଗନାଲ ଉପଲବ୍ଧତା ୬୬.୬% ଥିବା ସତ୍ତ୍ୱେ ଗ୍ରାହକମାନେ ୨୮% ସମୟ ୫ଜି ନେଟୱର୍କରେ ରହିଥାନ୍ତି। ଭୋଡାଫୋନ ଆଇଡିଆ ୨୦୨୫ ମାର୍ଚ୍ଚରେ ମୁମ୍ବାଇରେ ୫ଜି ସେବା ଆରମ୍ଭ କରିଥିଲେ ମଧ୍ୟ ଏହାର ନେଟୱର୍କ ପ୍ରାରମ୍ଭିକ ଅବସ୍ଥାରେ ଅଛି। ବିଏସ୍ଏନ୍ଏଲ୍ ୫ଜି ପୂର୍ବରୁ ଏହାର ସ୍ୱଦେଶୀ ୪ଜି ନେଟୱର୍କ ଉପରେ ଧ୍ୟାନ ଦେଉଛି। ଜିଓର ୫ଜି ଉପଭୋକ୍ତାମାନେ ୪ଜିଅପେକ୍ଷା ପ୍ରାୟ ୧୧ ଗୁଣ ଦ୍ରୁତ ଡାଉନଲୋଡ ସ୍ପିଡ ଉପଭୋଗ କରୁଛନ୍ତି।


## ଜନ୍ମଦିନର ଶୁଭେଚ୍ଛା



ସାହିଲ୍ ଶେଖର ଜେନା (ସିପୁ)
ସୁନ୍ଦରପୁର, ପଥରଗାଡ଼ିଆ, ଭୁବନେଶ୍ୱର
ଆଜି ତୁମର ୨୬ତମ ଜନ୍ମଦିନ ଅବସରରେ ଜଗତରନାଥ ପ୍ରଭୁ ଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-: ଶୁଭେଚ୍ଛା ସହ :-
ପାପା, ମାମି, ସାଙ୍ଗସାଥୀମାନେ
D-3050


# ପତଞ୍ଜଳି ଯୋଗପୀଠରେ ୩୨ତମ ପ୍ରତିଷ୍ଠା ଦିବସ ପାଳିତ



ହରିଦ୍ୱାର,୬।୧

ପତଞ୍ଜଳିର ୩୨ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠାତା ସଭାପତି ରାମଦେବ ଏବଂ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣା, ସମସ୍ତ ଋଷି ଏବଂ ସନ୍ଥଙ୍କ ବଂଶଧରଙ୍କୁ ଯୋଗ, ଆୟୁର୍ବେଦ, ସ୍ୱଦେଶୀ, ସନାତନ ଧର୍ମ, ସନାତନ ଶିକ୍ଷା, ସନାତନ ଔଷଧ, ସନାତନ ଗବେଷଣା, ସନାତନ ସେବା କରି ଏକ ସମୃଦ୍ଧ ଏବଂ ବିକଶିତ ଭାରତ ଗଠନ କରିବାକୁ ଆହ୍ୱାନ କରିଛନ୍ତି। ଯୋଗଗୁରୁ ରାମଦେବ କହିଛନ୍ତି, ଯେଉଁଦିନ ପତଞ୍ଜଳି ଗୁରୁକୁଳମ, ଆଚାର୍ଯ୍ୟକୁଳମ, ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ଶିକ୍ଷା ବୋର୍ଡର ଫସଲ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ, ସେହିଦିନ ଆମର ଟଙ୍କା ଡଲାର, ପାଉଣ୍ଡ ଏବଂ ୟୁରୋକୁ ଅତିକ୍ରମ କରିବ। ଆମ ମୁଦ୍ରାର ମୂଲ୍ୟ, ଭାରତୀୟ ଜୀବନଶୈଳୀ ଏବଂ ଭାରତୀୟ ମାନଦଣ୍ଡର ମୂଲ୍ୟ, ଭାରତୀୟ ସାଂସ୍କୃତିକ ପର୍ବଗୁଡ଼ିକର ମୂଲ୍ୟ ଏବଂ ଭାରତୀୟ ପାସ୍‌ପୋର୍ଟର ମୂଲ୍ୟ ସାରା ବିଶ୍ୱରେ ବୃଦ୍ଧି ପାଇବ। ବିଶ୍ୱର ୨୦୦ଟି ଦେଶ ଆମକୁ ଭିସା ମାଗିବେ ନାହିଁ। ବର୍ତ୍ତମାନ ଆମ ପିଲାମାନେ ଶିକ୍ଷା ହାସଲ କରିବା ପାଇଁ ଆମେରିକା, କାନାଡା, ବ୍ରିଟେନ, ୟୁରୋପ, ଅଷ୍ଟ୍ରେଲିଆ ଏବଂ ରୁଷିଆ ଭଳି ଦେଶକୁ ଯାତ୍ରା କରନ୍ତି। ପତଞ୍ଜଳି ଗୁରୁକୁଳମ ମଧ୍ୟ ବିଶ୍ୱବ୍ୟାପୀ ଆକର୍ଷଣର କେନ୍ଦ୍ର ପାଲଟିଛି। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଥିଲେ, ଗତ ୩୦ ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗବେଷଣା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପତଞ୍ଜଳିର ଅଗ୍ରଗତି ସହଜ ନ ଥିଲା। ପତଞ୍ଜଳିର ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗ, ମଲ୍ଲଖମ୍ବ, କୁସ୍ତି, ସମରକଳା, ମୁଷ୍ଟିଯୁଦ୍ଧ, ଜୁଡୋ-କରାଟେ ପ୍ରଦର୍ଶନ କରିଥିଲେ।

# ଅନ୍‌ଲାଇନରେ ଉପଲବ୍ଧ ଜାୱା ୟେଜ୍‌ଦି ଆଡ୍‌ଭେଞ୍ଚର, ରୋଡ୍‌ଷ୍ଟର

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ଜାୱା ୟେଜ୍‌ଦି ମୋଟରସାଇକେଲ ଏହାର ଟପ୍-ସେଲିଂ, ୟେଜ୍‌ଦି ଆଡ୍‌ଭେଞ୍ଚର ଏବଂ ୨୦୨୫ ୟେଜ୍‌ଦି ରୋଡ୍‌ଷ୍ଟର ଏଣିକି ଅନ୍‌ଲାଇନରେ ଉପଲବ୍ଧ ହେବ। ଏପର୍ଯ୍ୟନ୍ତ କେବଳ ଶୋ'ରୁମ୍‌ରେ ଉପଲବ୍ଧ ୟେଜ୍‌ଦିର ଲୋକପ୍ରିୟ ମୋଟରସାଇକେଲଗୁଡ଼ିକ ଏବେ ପ୍ରମୁଖ ବଜାରଗୁଡ଼ିକରେ ସହଜରେ ଉପଲବ୍ଧ ହୋଇପାରିବ। ଅନ୍‌ଲାଇନରେ ଏହାର ସମସ୍ତ ନୂତନ ମଡେଲ ସହ କମ୍ପାନୀ ଏହାର ଡିଜିଟାଲ ବିତରଣ ପହଞ୍ଚକୁ ଉନ୍ନତ କରିବା ପାଇଁ ଗତ ବର୍ଷ ଏକ ଦୃଢ଼ ଅନ୍‌ଲାଇନ ଡେବ୍ୟୁ ପାଇଁ ପ୍ରସ୍ତୁତ ହେଉଛି। ଏହା ଫ୍ଲିପ୍‌କାର୍ଟରେ ପ୍ରିମିୟମ କ୍ଲାସିକ୍ ମୋଟରସାଇକେଲ ତାଲିକାଭୁକ୍ତ କରିବାରେ ପ୍ରଥମ ହୋଇଥିବାବେଳେ ଏହାପରେ ଆମାଜନ ରହିଛି। ଜାୱା ୟେଜ୍‌ଦି ମୋଟରସାଇକେଲର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, ଆମାଜନ ଏବଂ ଫ୍ଲିପ୍‌କାର୍ଟରେ ଆମର ଦୁଇଟି ସବୁଠାରୁ ପ୍ରିୟ ୟେଜ୍‌ଦି ଆଣିବା ଦ୍ୱାରା ସମଗ୍ର ଭାରତରେ ଆରୋହୀମାନେ କ୍ଲାସିକ୍ ମୋଟରସାଇକେଲିଂର ରୋମାଞ୍ଚ ଅନୁଭବ କରିପାରିବେ। ଏଥିରେ ଚାଳକମାନେ ପ୍ଲାଟ୍‌ଫର୍ମ-ନିର୍ଦ୍ଦିଷ୍ଟ ଅଫରଗୁଡ଼ିକୁ ମଧ୍ୟ ଉପଲବ୍ଧ କରିପାରିବେ। ବ୍ରାଣ୍ଡର ଇ-କମର୍ସ ନେଟ୍‌ୱର୍କ ବର୍ତ୍ତମାନ ୪୪ଟି ସହରରେ କାର୍ଯ୍ୟ କରୁଛି ଯେଉଁଥିରେ ୫୫ ଜଣ ଡିଲର ସାମିଲ ଅଛନ୍ତି। ସମସ୍ତ ଜାୱା ଏବଂ ୟେଜ୍‌ଦି ମୋଟରସାଇକେଲଗୁଡ଼ିକ ବ୍ୟାପକ 'ଜାୱା ୟେଜ୍‌ଦି ବିଏସ୍ଏ ଓନରଶିପ୍ ଆସ୍ୟୁରାନ୍ସ ପ୍ରୋଗ୍ରାମ ଦ୍ୱାରା ସମର୍ଥିତ।


# Classified Everyday

0674-2580101, 2549949


MATRIMONIAL

## BRIDE WANTED

Wanted Brahmin bride, Preferably working/studying in USA. Boy 5'8", DOB- 2000, USA Citizen, S/W Engineer in USA. Ph: 9437288173. D-3020

Khandayat Boy, 1998, 5'9", B-Tech, Serving Engineer Deloitte, Bhubaneswar. ''SUNASANSAR'', 9937512659. D-3021

Bride wanted, Karan, 5'4", fair, lower middle class, well educated for our second son, MBA, 6', 40 years working on mutual funds. O+, Bharadwaj, Karkata. Living in Cuttack City. Contact: 7873817735. D-3045

## GROOM WANTED

Odia Kotia (ST) Girl, 6/3, 5'2", 1996, BA+PG+BEd, Koraput looks for service holders. Contact with Profile- 8917511747 (WhatsApp). D-3044

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


REAL ESTATE

## SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

All types of physiotherapy and massage. Contact: 9556924059/ 7656969134. D-3013

Newly open health benefits, joint pain relax good environment atmosphere. 7653969971. D-3035

## AFFIDAVIT

By virtue of an affidavit sworn before the Executive Magistrate, Gaisilet, dated- 06.01.2026, I, Sourabha Kumar Tribedi, AT/PO/P.S.- Gaisilet, Dist.- Bargarh, PIN- 768037, Odisha declare that I have changed my son's name from Suriyansh Tribedi to Suryansh Trivedi. Henceforth, he shall be known as Suryansh Trivedi for all purposes.
Sourabha Kumar Tribedi
D-3038

I, Ananta Thakur, S/o.- Rajkumar Thakur, Resident of Madan Mohan Pada, Bhawanipatna, Dist.- Kalahandi, PIN- 766001, Odisha declare by this affidavit No. 77AA 648317, dtd.- 06.01.2026 that now onwards I shall be known as ANAND THAKUR for all future purposes.
D-3039

I, Dusmanta Roychoudhury, S/o.- Bijandra Roychoudhury, resident of Plot No.- 697/ 2, Gandamunda, Khandagiri, Bhubaneswar- 751030, Dist.- Khordha, Odisha declare by this affidavit CF No.- 51, dtd.- 18.12.2025 that now onwards I shall be known as DUSMANTA RAYCHOUDHURY for all purposes. D-3043

By virtue of an affidavit sworn before the Executive Magistrate, Jajpur Road Sl. No.- 5433 on dtd.- 23.12.2025, I, Iswar Chandra Sahu, S/o.- Dayanidhi Sahu, date of birth 5th April 1954, resident of At- Prusti Colony, Vyasanagar(M), Post/P.S.- Jajpur Road, Dist,- Jajpur, PIN- 755019 in the State of Odisha Mob- 9438786512 state that my actual name is Iswar Chandra Sahu but in my passport bearing No. L8336452 my name mentioned as ISHWARA CHANDRA SAHU son of DAYANIDHI SAHU. That ISWAR CHANDRA SAHU and ISHWARA CHANDRA SAHU is one and same person. That I shall be known as ISWAR CHANDRA SAHU for all future purposes.
ISWAR CHANDRA SAHU
D-3040

By virtue of an affidavit sworn before the Notary Public, Talcher, Odisha, dated- 03.01.2026, I, PARI PRADHAN, W/o.- PRATAP PRADHAN, At- BARADANGUA, P.O.- BIJIGOL, P.S.- NTPC, Dist.- ANGUL, State- ODISHA declare that I have changed my name from PRAMILA PRADHAN, W/o.- PRATAP PRADHAN to PARI PRADHAN, W/o.- PRATAP PRADHAN. Henceforth, I shall be known as PARI PRADHAN for all purpose. D-3041

By virtue of an affidavit sworn before Executive Magistrate, Erasama, Dated- 06.01.2026, I, JAYA PRAKASH MALIK, Address: At/P.O.- Bhiranga, P.S.- Erasama, Dist.- Jagatsinghpur, PIN- 754138 declare that I have changed the name of my son from SRITAM DAS to SRITAM MALIK. Henceforth, he shall be known as SRITAM MALIK for all purposes.
JAYA PRAKASH MALIK
D-3042

## LEGAL NOTICE

In the Court of Sub-Divisional Judicial Magistrate, Bargarh
1 cc No.- 59 of 2016
Byomakesh Kar .......Compl.
Versus
Ashok Kumar Bhoi ...... Accused

To
Ashok Kumar Bhoi, S/o.- Jaldhar Bhoi, At- Rinbachana, P.O.- Rinbachana, P.S.- Loisinga, Dist.- Bolangir

Take notice that your attendance is necessary to answer a charge of 138 of Negotiable Instrument Act in this Court.

You are hereby required to appear in person or through pleader on 12th day of January 2026.

Dated this 15th day of December 2025.
Sd./- Magistrate
Bargarh
D-3037

Now Matrimonial ads. only on Wednesday & Sunday Book 1 Get 1 FREE

## ମନେ ପଡ଼ନ୍ତି

### ଏକାଦଶ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି



୰ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା
ଏକାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
❖ ଶୋକସନ୍ତପ୍ତ ❖
ବନ୍ଧୁ ଓ ପରିବାରବର୍ଗ।
D-3049

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ମମତା ମହାନ୍ତି
ନୟାପଲ୍ଲୀ, ଭୁବନେଶ୍ୱର
ସ୍ୱାମୀ- ପ୍ରଦୀପ ମହାନ୍ତି
ଆବିର୍ଭାବ- ୦୧।୦୬।୧୯୭୧
ତିରୋଧାନ- ୨୮।୧୨।୨୦୨୫
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇରହିବ। ଆପଣଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ, ଝିଅ- ବବ୍‌ଲି, ଭାଇ- ଗୁଡ୍ଡୁ, ବନ୍ଧୁବାନ୍ଧବ ଓ ସମ୍ପର୍କୀୟ
D-3048

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସଂଯୁକ୍ତାରାଣୀ ରାୟ
ଲୋକାପଡା, ଆଳି
ଆବିର୍ଭାବ- ୨୧।୧୦।୧୯୬୪
ତିରୋଧାନ- ୨୮।୧୨।୨୦୨୫
ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା। ତୁମେ କେଉଁ ଏକ ଅଫେରା ରାଇଜକୁ ଚାଲିଗଲ ଯେ ଆଉ ଫେରିବାର ନାମ ଧରିଲନି। ତୁମେ ଯେଉଁଠାରେ ଅଛ ଶାନ୍ତିରେ ରୁହ ଠାକୁରଙ୍କ ପାଖରେ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ରାୟ ପରିବାର ଓ ବନ୍ଧୁବର୍ଗ
D-3047

### ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଶୈଳେଶ ଚନ୍ଦ୍ର ନାଥ
Ex PM (IT) ଅନୁଗୋଳ ଜିଲ୍ଲା ପରିଷଦ,
ଗୀତାଗ୍ରାମ ଅନୁଗୋଳ
ଆବିର୍ଭାବ- ୨୭।୦୩।୧୯୭୪
ତିରୋଧାନ- ୨୭।୧୨।୨୦୨୫
ଚାହୁଁ ଚାହୁଁ ୧୧ଦିନ ବିତିଗଲା। ତୁମ ମହାପ୍ରୟାଣରେ ଆମେ ମର୍ମାହତ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଆଶୀର୍ବାଦ୍, କର୍ତ୍ତବ୍ୟପରାୟଣତା ଆମର ପଥ ପ୍ରଦର୍ଶକ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପତ୍ନୀ- ସୁପ୍ରଭା, ପୁତ୍ର- ଅଭିଷେକ, କନ୍ୟା- ସୌମ୍ୟା, ଭାଇ- ରାଜେଶ, ନାତୁଣୀ- ଆଦ୍ରିତି, ପରିବାର ଓ ବନ୍ଧୁବର୍ଗ।
D-3046

## ପିଆଜ ଚାଷ



ପିଆଜର ପତ୍ରପୋଡ଼ା ସହ ଆଞ୍ଜୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ଗହମରେ କାଳିଗୁଣ୍ଡି ପୋକ ଦମନ

ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବା ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।



## ଚାଷୀଙ୍କ ପାଇଁ



ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

# ଖରିଫ ଧାନ ସାଇତି ରଖିବା ସମୟରେ...

### ଏ ମାସର କୃଷି ସୂଚନା



ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫା କରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବପିଢ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଆ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲ ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ୱା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ। ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ :ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ ।

**ସୋରିଷ**

ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରଡିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୂର୍ଯ୍ୟମୁଖୀ**

ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

**ଚିନାବାଦାମ**

ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶୁଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ଫ୍ଲୁବେଣ୍ଡିଆମାଇଡ୍ ସିଞ୍ଚନ କରନ୍ତୁ। ଜଉପୋକ ପାଇଁ ହେକ୍ଟର ପିଛା ଇମିଡାକ୍ଲୋପ୍ରିଡ୍ ୧୨୦ ମି.ଲି./ହେକ୍ଟର କିମ୍ବା ୧୦୦ ଗ୍ରାମ୍ ଥାୟୋ ମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୭୫୦ ମି.ଲି. ଟେବୁକୋନାଜୋଲ୍ ଇ.ସି. (୨୫.୯%)/ହେକ୍ସାକୋନାଜଲ୍ ଇ.ସି. (୫%) କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୧-୨ଟି ଟ୍ରାଇକୋକାର୍ଡ ୫୦୦୦୦ ରୁ ୧୦୦୦୦୦ ଅଣ୍ଡା ପ୍ରତି ସପ୍ତାହ ଅନ୍ତରରେ ୩-୪ ଥର ଛାଡ଼ନ୍ତୁ ।

**ପନିପରିବା**

**କୋବି :** କୋବି ଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିରିପିଠିଆ ପୋକ, କରଡିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତକରି ତଳି ପକାନ୍ତୁ। କିସମ - ସ୍ନୋବଲ୍, ସ୍ନୋବଲ୍-୧୬ ।

**ଶାଗ :** ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ ।

**ତରଭୁଜ :** ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜାହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ । ଉନ୍ନତ କିସମ - ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା, ସଙ୍କର କିସମ - ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍, ଆଣ୍ଡାମାନ୍

**ଲିଚୁ ଓ ସପେଟା :** ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

**ଫୁଲ :** ଖରାଟିଆ ଫୁଲଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

### ଆମ୍ବ



ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ। ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।

### ଅଳ୍ପରେ...



**ଗୋପାଳନ:** ଗାଇମାନଙ୍କଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ଚର୍ମବିଣ୍ଡି ରୋଗ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପରାମର୍ଶ ନିଅନ୍ତୁ। ଗାଇକୁ ଚରିବାକୁ ଛାଡ଼ନ୍ତୁ ନାହିଁ ଏବଂ ସୁସ୍ଥ ପଶୁଙ୍କଠାରୁ ଦୂରରେ ରଖନ୍ତୁ।



**ଛେଳି ପାଳନ:** ଥଣ୍ଡାଜନିତ ଅସୁବିଧାରୁ ରକ୍ଷାକରିବା ପାଇଁ ଯଥାସାଧ୍ୟ ପଦକ୍ଷେପ ଗ୍ରହଣକରନ୍ତୁ । ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।



**କୁକୁଡ଼ା ପାଳନ :** ଥଣ୍ଡାଜନିତ ଅସୁବିଧାରୁ ରକ୍ଷା ପାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ। ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।



**ମତ୍ସ୍ୟଚାଷ:** ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହ ୩ କି.ଗ୍ରା. ୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆକୁ ମିଶାଇ ଖାଇବାକୁ ଦିଅନ୍ତୁ ।

## ରାଶିର ଉନ୍ନତ କିସମ

ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ।

## କଦଳୀ ଚାଷ କରୁଥିଲେ...



କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ଆଳୁଚାଷରେ ଜଳସେଚନ



ମାଟିର ଆବଶ୍ୟକତାକୁ ଚାହିଁ ଆଳୁ କିଆରିରେ ୮-୧୦ ଦିନ ଅନ୍ତରରେ ପାଣି ମଡ଼ାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ । ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ । ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୧.୫ କି.ଗ୍ରା. କାର୍ବେଣ୍ଡାଜିମ୍ ୧୨% ସହ ମାଙ୍କୋଜେବ୍ ୬୩% ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ ୮ % ସହ ମାନ୍‌କୋଜେବ୍ ୬୪% ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ ଓ ସେହି ସମୟରେ ହୁଡ଼ା ଟେକା ପୂର୍ବରୁ ବିଷ ପ୍ରୟୋଗ କରନ୍ତୁ।

### ଡାଲି ଜାତୀୟ ଫସଲ



ଡାଲିଜାତୀୟ ଫସଲର ୧ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% ସହ ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷକରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜଉପୋକ ଲାଗିଲେ ହେକ୍ଟର ପିଛା ଥାୟୋମେଥୋକ୍ସାମ୍ ୨୫ ଏସ୍‌ଜି ୧୦୦ ଗ୍ରାମ୍/ହେକ୍ଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

### ଆଖୁ ବିହନ ଚୟନ



ଆଖୁ ବିହନ ୬ ରୁ ୮ ମାସ ହୋଇଯାଇଥିଲେ ତାକୁ ବିହନ ରୂପେ ବ୍ୟବହାର କରନ୍ତୁ । ଆଖୁଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ହେକ୍ଟର ପିଛା ୭୫ ରୁ ୧୦୦ କୁଇଣ୍ଟାଲ ଆଖୁ ବିହନ ଆବଶ୍ୟକ । ମୂଳିଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ ଏବଂ ପୋକରା ଫସଲକୁ ମଧ୍ୟ ବ୍ୟବହାର କରନ୍ତୁ ନାହିଁ । ଲଗାଇବା ପୂର୍ବରୁ ଆଖୁଗୁଳାକୁ ଶତକଡ଼ା ୦.୧ ଭାଗ କାର୍ବେଣ୍ଡାଜିମ୍ ମିଶାଯାଇଥିବା ପାଣିରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇଲେ ଭଲ ଗଜା ବାହାରେ । ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଓ ଆଖୁକୁ ଗଭୀର ଖାଇ କରି ପୋତନ୍ତୁ ।

ଧରିତ୍ରୀ
DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୭/୨୦୨୬ Bhubaneswar, Wednesday, January 7/ 2026




# ସିଏମ୍ ଟ୍ରଫି: କବାଡ଼ି, ଖୋ ଖୋ, ଭଲିବଲ ସାମିଲ

ଭୁବନେଶ୍ୱର, ୬।୧ (ତପନ ସ୍ୱାଇଁ)



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ ନିର୍ଦ୍ଦେଶକ ୟେଦ୍ଦୁଲା ବିଜୟ।

ତୃଣମୂଳ ସ୍ତରରୁ ପ୍ରତିଭା ଅନ୍ୱେଷଣ ଏବଂ କ୍ରୀଡ଼ାର ବିକାଶ ଉଦ୍ଦେଶ୍ୟରେ ଗତବର୍ଷ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣଲାଗି କ୍ଷେତ୍ର ପ୍ରସ୍ତୁତ। ପ୍ରତିଭା ଅନେକ ଲକ୍ଷ୍ୟ ଏକ ସଂକଳ୍ପ ସହ ୨୦୨୫ରେ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିବା ଏହି ପ୍ରତିଯୋଗିତା ଏଥର 'ପଡ଼ିଆରୁ ପୋଡିୟମ' ଲକ୍ଷ୍ୟରେ ଆୟୋଜନ ହେବ। ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ କେବଳ ବାଳକ ଫୁଟବଲକୁ ସାମିଲ କରାଯାଇଥିଲା।

- ଫୁଟବଲକୁ ମିଶାଇ ୪ ଇଭେଣ୍ଟରେ ହେବ ପ୍ରତିଯୋଗିତା
- ୩୨,୦୦୦ରୁ ଅଧିକ ଯୁବ ଖେଳାଳିଙ୍କ ଅଂଶଗ୍ରହଣ ସମ୍ଭାବନା
- ଜାନୁଆରୀ ୭ରୁ ୧୪ ପଞ୍ଜୀକରଣ ପ୍ରକ୍ରିୟା

ଏଥର ଏଥିରେ ଭଲିବଲ ଏବଂ ୨ଟି ସ୍ୱଦେଶୀ କ୍ରୀଡ଼ା କବାଡ଼ି ଓ ଖୋ ଖୋକୁ ସାମିଲ କରାଯାଇଛି। ତୃଣମୂଳ ସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚୟନ କରି ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଏହି ଅଭିନବ ପ୍ରୟାସର ମୂଳ ଲକ୍ଷ୍ୟ। ଏହି ପ୍ରତିଯୋଗିତା ମାଧ୍ୟମରେ ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ାବିତ୍ମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ସୁଦୃଢ଼ ମଞ୍ଚ ପ୍ରଦାନ କରାଯାଇ ପାରିବ ବୋଲି ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ରାଜ୍ୟ କ୍ରୀଡ଼ା ସଂଘ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥର ଉଭୟ ବାଳିକା ଓ ବାଳକ ବର୍ଗରେ ପ୍ରତିଯୋଗିତା ହେବ, ଯାହା କ୍ରୀଡ଼ା କ୍ଷେତ୍ରରେ ସମାନତା ଏବଂ ସମାବେଶୀ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଗତବର୍ଷ ପ୍ରଥମ ସଂସ୍କରଣରେ କେବଳ ବାଳକ ଫୁଟବଲରେ ପ୍ରତିଭା ଅନ୍ୱେଷଣ ହୋଇଥିଲା। ଏଥର ଉଭୟ ବାଳିକା ଓ ବାଳକ ବର୍ଗରେ ୧୪ ବର୍ଷରୁ କମ୍ ବଲିବଲ, ୧୫ ବର୍ଷରୁ କମ୍ ଫୁଟବଲ ଏବଂ ୧୪ ବର୍ଷରୁ କମ୍ ଭଲିବଲ ଓ ଖୋ ଖୋକୁ ସାମିଲ କରାଯାଇଛି।

ପ୍ରତିଯୋଗିତା ବହୁସ୍ତରୀୟ ପ୍ରକ୍ରିୟାରେ ପରିଚାଳିତ ହେବ। ପ୍ରଥମେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାଙ୍କୁ ଚୟନ କରାଯାଇ ଜିଲାସ୍ତର, ଜୋନାଲ୍ ଏବଂ ଶେଷରେ ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ୨୦୨୬ ଜାନୁଆରୀ ୭ରୁ ୧୪ ମଧ୍ୟରେ ଆଶାୟୀ କ୍ରୀଡ଼ାବିତ୍ମାନେ ସିଏମ୍ ଟ୍ରଫି ଚାମ୍ପିୟନଶିପ୍ ପାଇଁ ପଞ୍ଜୀକରଣ କରିପାରିବେ। ମେଧା ଭିତ୍ତିରେ ଜିଲା ସ୍ତରରେ ବାଳକ ବର୍ଗରେ ୧୦ଟି ଏବଂ ବାଳିକା ବର୍ଗରେ ୬ଟି ଟିମ୍ ଗଠନ କରାଯିବ। ସମଗ୍ର ରାଜ୍ୟରୁ ପ୍ରାୟ ୫୦୦ଟି ଦଳ ଏବଂ ୩୨,୦୦୦ ଯୁବ କ୍ରୀଡ଼ାବିତ୍ ଏଥିରେ ସାମିଲ ହେବା ଆଶା କରାଯାଉଛି। ପ୍ରତିଯୋଗିତା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଜାନୁଆରୀ – ଫେବୃଆରୀ ମଧ୍ୟରେ ହେବାପରେ ଦ୍ୱିତୀୟ ପର୍ଯ୍ୟାୟ ମେ' ମାସରୁ ଆରମ୍ଭ ହେବ। ସେମିଫାଇନାଲ୍ ଏବଂ ଫାଇନାଲ୍ ଗୁଡ଼ିକ ମେ'ରେ ଆୟୋଜନ କରାଯିବାର ଲକ୍ଷ୍ୟ ରଖାଯାଇଛି। ରାଜ୍ୟ କ୍ରୀଡ଼ା ସଂଘଗୁଡ଼ିକ ଖେଳାଳିଙ୍କ ପଞ୍ଜୀକରଣ, ଟ୍ରାଏଲ୍ ପରିଚାଳନା, ବୈଷୟିକ ଅଧିକାରୀଙ୍କ ନିଯୁକ୍ତି ଏବଂ ମ୍ୟାଚ୍ ଆୟୋଜନ ପରି ବୈଷୟିକ ଦିଗଗୁଡ଼ିକର ଦାୟିତ୍ୱ ନେବେ। କ୍ରୀଡ଼ା ଓ ଯୁବ ସେବା ବିଭାଗ ସମଗ୍ର କାର୍ଯ୍ୟକ୍ରମର ଯୋଜନା ଏବଂ ପରିଚାଳନା ଦିଗ ଉପରେ କାର୍ଯ୍ୟ କରିବେ। ଓଡ଼ିଶାର ଏହି "ସିଏମ୍ ଟ୍ରଫି ଚାମ୍ପିୟନଶିପ" ଆଗାମୀ ଦିନରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ କ୍ରୀଡ଼ା ନିର୍ଦ୍ଦେଶକ ୟେଦ୍ଦୁଲା ବିଜୟ ଉପସ୍ଥିତ ଥିଲେ।

# ଅପରାଜିତାଙ୍କୁ ଆଉ ଏକ ଗୁରୁଦାୟିତ୍ୱ

ଭୁବନେଶ୍ୱର, ୬।୧ (ତପନ ସ୍ୱାଇଁ)

## ଟାଟା ଷ୍ଟିଲ୍ ଚେସ୍‌ରେ ଫେୟାର ପ୍ଲେ ଅଫିସର



ଚଳିତ ମାସ ୭ରୁ ୧୧ ପର୍ଯ୍ୟନ୍ତ ଟାଟା ଷ୍ଟିଲ୍ ଚେସ୍ ଟୁର୍ନାମେଣ୍ଟ କୋଲକାତାର ଧନୋ ଧାନ୍ୟୋ ଅଡିଟୋରିୟମରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ତଥା ଆର୍ବିଟର ଅପରାଜିତା ଗୋଚ୍ଛିକାର ଫେୟାର ପ୍ଲେ ଅଫିସର ନିଯୁକ୍ତ ହୋଇଛନ୍ତି। ଟାଟା ଷ୍ଟିଲ୍ ଚେସ୍ ଭାରତର ଅନ୍ୟତମ ବଡ଼ ଚେସ୍ ଟୁର୍ନାମେଣ୍ଟ। ସର୍ବଭାରତୀୟ ଚେସ୍ ଫେଡେରେଶନ ଏବଂ ବିଶ୍ୱ ଚେସ୍ ଫେଡେରେଶନ (ଫିଡେର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଶ୍ୱର ନାମୀ ଖେଳାଳିଙ୍କ ମଧ୍ୟରେ ଓପନ ବର୍ଗରେ ସୁପର ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ, ଅର୍ଜ୍ଜୁନ ଇରିଗାସି, ଆର. ପ୍ରଜ୍ଞାନନ୍ଦ, ଭିଦିତ ଗୁଜରାଟି, ୱେସଲି ସୋ ଏବଂ ମହିଳା ବର୍ଗରେ ଦିବ୍ୟା ଦେଶମୁଖ, ବୈଶାଳୀ ଓ ଡି ହାରିକାଙ୍କ ପରି ଖେଳାଳି ଅଂଶଗ୍ରହଣ କରିବେ। ଟାଟା ଷ୍ଟିଲ୍ ଚେସ୍‌ର ପରବର୍ତ୍ତୀ ପର୍ଯ୍ୟାୟ ନେଦରଲାଣ୍ଡ୍‌ସର ୱିକ୍ ଆନ୍ ଜିରେ ଆସନ୍ତା ୧୬ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏପରି ବଡ଼ ଟୁର୍ନାମେଣ୍ଟରେ ଫେୟାର ପ୍ଲେ ଅଫିସର ପରି ଗୁରୁଦାୟିତ୍ୱ ପାଇଥିବାରୁ ଖୁସି ଜାହିର କରିଛନ୍ତି ଅପରାଜିତା। ତାଙ୍କ ପାଇଁ ଏହି ଦାୟିତ୍ୱ ଯଦିଓ ନୂଆ ନୁହେଁ ତେବେ ଆଗାମୀ ଟୁର୍ନାମେଣ୍ଟରେ ସେ ନିଜର ଶ୍ରେଷ୍ଠ ଅଭିଜ୍ଞତାକୁ ଉପଯୋଗ କରିବାକୁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ଶୃଙ୍ଖଳିତଭାବେ ଆୟୋଜନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

# ଫେବୃଆରୀ ୧୪ରୁ ଆଇଏସ୍‌ଏଲ୍

ନୂଆଦିଲ୍ଲୀ,୬।୧(ପି.ଟି.)

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୨୦୨୫-୨୬ ସଂସ୍କରଣ ଆସନ୍ତା ଫେବୃଆରୀ ୧୪ରୁ ଆରମ୍ଭ ହେବ। ଏ ନେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ମଙ୍ଗଳବାର ଘୋଷଣା କରିଛନ୍ତି। କମର୍ସିଆଲ ପାର୍ଟନରଙ୍କ ଅଭାବରୁ ସ୍ଥଗିତ ରଖାଯାଇଥିବା ଆଇଏସ୍‌ଏଲ୍‌ର ଏହି ସଂସ୍କରଣରେ ସମସ୍ତ ୧୪ କ୍ଲବ ଭାଗନେବେ। ସେହିଭଳି ଆଇ-ଲିଗ୍ ମଧ୍ୟ ପାଖାପାଖି ସମାନ ସମୟରେ ହେବ, ଯେଉଁଥିରେ ସମସ୍ତ ୧୧ କ୍ଲବ୍ ଅଂଶଗ୍ରହଣ କରିବେ।

ଆଇଏସ୍‌ଏଲ୍‌କୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା କରାଯାଉଥିଲା। କିନ୍ତୁ ମଙ୍ଗଳବାର ସରକାର, ଫୁଟ୍‌ବଲ ଫେଡେରେଶନ ଓ ୧୪ କ୍ଲବ୍ ପ୍ରତିନିଧି ଏକ ବୈଠକରେ ସାମିଲ ହୋଇ ଫେବୃଆରୀ ୧୪ରୁ ଆଇଏସ୍‌ଏଲ୍ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ସମସ୍ତ କ୍ଲବ ଭାଗନେବେ ବୋଲି ମାଣ୍ଡବ୍ୟ କହିଛନ୍ତି। ହୋମ୍ ଆଣ୍ଡ୍ ଆୱେ ଫର୍ମାଟ୍‌ରେ ଆଇଏସ୍‌ଏଲ୍‌ରେ ମୋଟ ୯୧ ମ୍ୟାଚ୍ ଖେଳାଯିବ। ସେହିଭଳି ଆଇ-ଲିଗ୍‌ରେ ୫୫ ମ୍ୟାଚ୍ ଖେଳାଯିବ। କେବଳ ଆଇଏସ୍‌ଏଲ୍‌ର ପରିଚାଳନା ଲାଗି ୨୫ କୋଟି ଟଙ୍କାର ସେଣ୍ଟ୍ରାଲ ପୁଲ୍ ବ୍ୟବସ୍ଥା କରାଯାଇଛି। ଏଥିରୁ ୧୦ ପ୍ରତିଶତ ପାଣ୍ଠି ଏଆଇଏଫ୍‌ଏଫ୍ ଯୋଗାଇବ। ୩୦ ପ୍ରତିଶତ ପାଣ୍ଠି କମର୍ସିଆଲ ପାର୍ଟନରଙ୍କଠାରୁ ଆସିବ। କିନ୍ତୁ ଆମ ପାଖରେ ବର୍ତ୍ତମାନ କୌଣସି କମର୍ସିଆଲ ପାର୍ଟନର ନାହାନ୍ତି। ଏଣୁ ଏହି ଖର୍ଚ୍ଚ ମଧ୍ୟ ଫେଡେରେଶନ ଉଠାଇବ। ନୂଆ କମର୍ସିଆଲ ପାର୍ଟନର ନ ମିଳିବା ପର୍ଯ୍ୟନ୍ତ ଏଆଇଏଫ୍‌ଏଫ୍ ମୋଟ ଉପରେ ଆଇଏସ୍‌ଏଲ୍ ଲାଗି ୧୪ କୋଟି ଓ ଆଇ-ଲିଗ୍ ପାଇଁ ୩.୨ କୋଟି ଟଙ୍କା ଦେବ। ଲିଗ୍ ପରିଚାଳନା କରିବା ପାଇଁ ଏକ ଗଭର୍ନିଂ କାଉନ୍‌ସିଲ ବୋର୍ଡ ଗଠନ କରାଯିବ, ଯାହା ପାଖରେ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତା ରହିବ ବୋଲି ଏଆଇଏଫ୍‌ଏଫ୍ ମୁଖ୍ୟ କଲ୍ୟାଣ ଚୌବେ କହିଛନ୍ତି।

## ଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍

# ଭାଗନେବେ କିସ୍‌ର ବାଳିକା, ବାଳକ ଦଳ

ଭୁବନେଶ୍ୱର,୬।୧ (ବିଜୟ ରଣା)

ଜାନୁଆରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ହେବଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍। ଏଥିରେ ଭାରତକୁ ପ୍ରତିନିଧିତ୍ୱ କରିବେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍ (କିସ୍)ର ଉଭୟ ବାଳକ ଓ ବାଳିକା ରଗବୀ ଦଳ। ଏହି ଚାମ୍ପିୟନଶିପ୍‌ରେ ବିଭିନ୍ନ ଏସୀୟ ଦେଶର ସ୍କୁଲ ଓ କଲେଜ ଦଳ ଅଂଶଗ୍ରହଣ କରିବେ। ଥାଇ ରଗବୀ ୟୁନିୟନ ଦ୍ୱାରା ଆୟୋଜିତ ଏହି ଇଭେଣ୍ଟରେ ଆୟୋଜକ ଥାଇଲାଣ୍ଡ ବ୍ୟତୀତ ଲାଓସ୍, ମାଲେସିଆ, ପାକିସ୍ତାନ, ଚାଇନିଜ୍ ତାଇପେ ଭଳି ଦେଶ ଅଂଶଗ୍ରହଣ କରୁଛନ୍ତି। ବିଦ୍ୟାଧର ମାଝିଙ୍କୁ ୧୪ ଜଣିଆ କିସ୍ ଇଣ୍ଡିଆ ବାଳକ ଦଳର ଅଧିନାୟକ ମନୋନୀତ କରାଯାଇଛି। ଯଶୋବନ୍ତ କୁମୁରା ଦଳର ପ୍ରଶିକ୍ଷକ ଓ କନ୍ଦନ ମୁର୍ମୁ ମ୍ୟାନେଜର ରହିଛନ୍ତି। ସେହିପରି ମାମାଲି ସିଂହଙ୍କୁ ୧୪ ଜଣିଆ କିସ୍ ଇଣ୍ଡିଆ ବାଳିକା ଦଳର ଅଧିନାୟିକା କରାଯାଇଥିବା ବେଳେ ହିରାନୋ ମିକିନୋରି ଦଳର ପ୍ରଶିକ୍ଷକ ଓ ନିର୍ମାଲ୍ୟ ରାଉତଙ୍କୁ ମ୍ୟାନେଜର କରାଯାଇଛି। ଦଳ ୭ ତାରିଖରେ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରିବ। ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଚାମ୍ପିୟଶିପ୍‌ରେ ଉଭୟ ଦଳର ସଫଳତା କାମନା କରିଛନ୍ତି। ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିୟନ୍ ଓ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର କର୍ମକର୍ତ୍ତାଗଣ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ରଗ୍‌ବୀ ଫୁଟବଲ୍ ଆସୋସିଏଶନର ଉପସଭାପତି ଉପେନ୍ଦ୍ର ମହାନ୍ତ, କିଟ୍‌ର କ୍ରୀଡ଼ା ଏବଂ ଯୋଗ ସ୍କୁଲ ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ହେଡ୍, ସ୍ମିଥ୍‌ଙ୍କ ଶତକ: ଅଷ୍ଟ୍ରେଲିଆ- ୫୧୮/୭

ସିଡ୍‌ନୀ,୬।୧(ପି.ଟି.)



ଶତକ ହାସଲ ପରେ ଷ୍ଟିଭ୍ ସ୍ମିଥ୍।

ଏଠାରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଆଶେସ୍ ଟେଷ୍ଟର ତୃତୀୟ ଦିନ ଶେଷସୁଦ୍ଧା ଅଷ୍ଟ୍ରେଲିଆ ଆଗରେ ରହିଛି। ପ୍ରଥମ ଇନିଂସ୍‌ରେ ଇଂଲଣ୍ଡର ୩୮୪ ରନ୍‌ର ଜବାବରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଅପରାଜିତ ଶତକ ବଳରେ ତୃତୀୟ ଦିନ ଶେଷସୁଦ୍ଧା ୭ ଉଇକେଟ ହରାଇ ୫୧୮ ରନ୍ କରିଛି। ଫଳରେ ଦଳ ହାତରେ ୩ ଉଇକେଟ ରଖି ୧୩୪ ରନ୍‌ରେ ଆଗରେ ରହିଛି। ମ୍ୟାଚ୍ ଜରିଆରେ ସ୍ମିଥ୍ କ୍ୟାରିୟରର ୩୭ତମ ଟେଷ୍ଟ ଶତକ ହାସଲ କରିଛନ୍ତି। ଏଥିସହ ସେ ସର୍ବାଧିକ ସଂଖ୍ୟକ ଟେଷ୍ଟ ଶତକ ହାସଲ କରିଥିବା ବ୍ୟାଟରଙ୍କ ତାଲିକାରେ ଥିବା ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ୍‌ଙ୍କୁ ପଛରେ ପକାଇଛନ୍ତି।

ମଙ୍ଗଳବାର ଅଷ୍ଟ୍ରେଲିଆ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୧୬୬/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଟ୍ରାଭିସ୍ ହେଡ୍ ଓ ନାଇଟ୍ ୱାଚ୍‌ମ୍ୟାନ ମାଇକେଲ ନେସର ଦିନର ପ୍ରଥମ ସେସନରେ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ଦୁହେଁ ୩ୟ ଉଇକେଟରେ ୭୨ ରନ୍ ଯୋଡ଼ିଥିଲେ। ନେସର ୨୪ ରନ୍‌କରି ଆଉଟ୍ ହେବା ପରେ ଅଧିନାୟକ ସ୍ମିଥ୍ କ୍ରିଜ୍‌କୁ ଓହ୍ଲାଇଥିଲେ। ସ୍ମିଥ୍‌ଙ୍କ ସହ ଚତୁର୍ଥ ଉଇକେଟରେ ୫୪ ରନ୍ ଯୋଡ଼ିବା ପରେ ହେଡ୍ ୧୬୩ ରନ୍ କରି ଆଉଟ ହୋଇଥିଲେ। ଏହି ମ୍ୟାଚ୍ ଜରିଆରେ କ୍ରିକେଟ୍‌ରୁ ଅବସର ନେବାକୁ ଯାଉଥିବା ଅଷ୍ଟ୍ରେଲିଆନ୍ ବ୍ୟାଟର ଉସ୍ମାନ୍ ଖ୍ୱାଜା ଉପସ୍ଥିତ ଦର୍ଶକଙ୍କ କରତାଳି ଓ କୋଳାହଳ ମଧ୍ୟରେ କ୍ରିଜ୍‌କୁ ଓହ୍ଲାଇଥିଲେ। ସେ ୪୯ଟି ବଲ୍‌ରେ ୧୭ ରନ୍ କରିଥିଲେ। ସ୍ମିଥ୍ ଓ ନଂ.୯ରେ ବ୍ୟାଟିଂ କରିବାକୁ ଆସିଥିବା ୱେବ୍‌ଷ୍ଟର ଭ୍ରମଣକାରୀ ଦଳର ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ଅବିଭାଜିତ ଅଷ୍ଟମ ଉଇକେଟରେ ୮୧ ରନ୍ ଯୋଡ଼ିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ୱେବ୍‌ଷ୍ଟର ୪୨(୪ ଚୌକା) ଓ ସ୍ମିଥ୍ ୧୨୯(୧୫ ଚୌକା, ୧ ଛକା) ରନ୍‌ରେ ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୪/ଅଲ୍‌ଆଉଟ୍। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୧୮/୭ (ଟ୍ରାଭିସ୍ ହେଡ୍-୧୬୩, ଷ୍ଟିଭ ସ୍ମିଥ-୧୨୯*, ବ୍ୟୁ ୱେବ୍‌ଷ୍ଟର-୪୨*, ବ୍ରାଇଡନ କାର୍ସ-୩/୧୦୮, ବେନ୍ ଷ୍ଟୋକ୍ସ-୨/୮୭)।

# ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସ ୯ରୁ

ଭୁବନେଶ୍ୱର, ୬।୧ (ତପନ ସ୍ୱାଇଁ)

## ଜର୍ସି ଉନ୍ମୋଚିତ

ଏସ୍ ଟେନିସ କ୍ଲବ ଅନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମର ଟେନିସ କମ୍ପ୍ଲେକ୍ସରେ ଦ୍ୱାଦଶ ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ଚଳିତ ମାସ ୯ରୁ ଆରମ୍ଭ ହେବ। ୧୧ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ମୋଟ ୮ଟି ବର୍ଗରେ ଅନୁଷ୍ଠିତ ହେବ। ପୁରୁଷ ସିଙ୍ଗଲ୍ସ, ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ସିଙ୍ଗଲ୍ସ ଏବଂ ମହିଳା ସିଙ୍ଗଲ୍ସଲାଗି ୭୦୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି। ସେହିପରି ପୁରୁଷ ଡବଲ୍ସ ଏବଂ ଭେଟେରାନ ବର୍ଗରେ ୪୦+, ୫୦+ ଓ ୬୦+ ଡବଲ୍ସଲାଗି ୧୦୦୦ ଟଙ୍କା ଏଣ୍ଟ୍ରି ଫି' ରଖା ଯାଇଛି। ଅଂଶଗ୍ରହଣପାଇଁ ଇଚ୍ଛୁକ ଖେଳାଳିମାନେ ୮ ତାରିଖ ସନ୍ଧ୍ୟା ୬ଟା ପୂର୍ବରୁ ସେମାନଙ୍କ ନାମ ପଞ୍ଜୀକୃତ କରିବାକୁ ପଡ଼ିବ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ଅଧ୍ୟକ୍ଷ ଡ. ବିଶ୍ୱଜିତ ମିଶ୍ର ପ୍ରକାଶ କରିଛନ୍ତି। ପ୍ରତିଯୋଗିତାଲାଗି ୩.୫୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। କ୍ୱାର୍ଟର ଫାଇନାଲିଷ୍ଟଙ୍କଠାରୁ ଆରମ୍ଭକରି ଚାମ୍ପିୟନ ପର୍ଯ୍ୟନ୍ତ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟି-ଶାର୍ଟ, ମୋମେଣ୍ଟୋ ଓ ଅର୍ଥରାଶି ପ୍ରଦାନ କରାଯିବ। ଚାମ୍ପିୟନଙ୍କୁ ଟ୍ରଫି ସହ ୧୨,୦୦୦ ଓ ରନରଅପ୍‌ଙ୍କୁ ୮,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ଇମର୍ଜିଂ ପ୍ଲେୟର, ସ୍ପୋର୍ଟ୍ସମ୍ୟାନ ସ୍ପିରିଟ, ୱେଲ୍-ଡ୍ରେସ୍‌ଡ୍ ଏବଂ ଲାଇଫଟାଇମ୍ ଆଚିଭମେଣ୍ଟ ବର୍ଗରେ ସ୍ୱତନ୍ତ୍ର ପୁରସ୍କାର ରଖାଯାଇଛି। ସର୍ବଭାରତୀୟ ଟେନିସ ଆସୋସିଏଶନର ନିୟମକୁ କଡ଼ାକଡ଼ିଭାବେ ଅନୁପାଳନ କରାଯିବ। ଆୟୋଜକ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ। ୪୦+କୁ ଛାଡ଼ି ଅନ୍ୟ ସମସ୍ତ ଭେଟେରାନ ବର୍ଗର ମ୍ୟାଚ କ୍ଲେ-କୋର୍ଟରେ ଅନୁଷ୍ଠିତ ହେବ। ଅନ୍ୟ ସମସ୍ତ ମ୍ୟାଚ ଗୁଡ଼ିକ ସିନ୍ଥେଟିକ୍ ଏବଂ କ୍ଲେ କୋର୍ଟରେ ଆୟୋଜନ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଉକ୍ତ ସମ୍ମିଳନୀରେ କ୍ଲବ ସମ୍ପାଦକ ନଭରତନ ବୋଥ୍ରା, କାର୍ଯ୍ୟକାରିଣୀ ସଦସ୍ୟ ଡ. ଧିରଜ ପଣ୍ଡା, ଲକ୍ଷ୍ମଣ ନାଥ, ଦୀପକ କୁମାର ନାୟକ, ପ୍ରଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାଲାଗି ଜର୍ସି ଉନ୍ମୋଚନ କରିଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରତିଯୋଗିତାର ଜର୍ସି ଉନ୍ମୋଚନ କରୁଛନ୍ତି।

# ଓଡ଼ିଶାର ଶୋଚନୀୟ ପରାଜୟ

ବେଙ୍ଗାଲୁରୁ,୬।୧

## ବିଜୟ ହଜାରେ ଟ୍ରଫି


କ୍ୟାପ ଗ୍ରହଣ କରୁଛନ୍ତି ତୁଫେଲ ଅହମଦ।

ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଘରୋଇ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୨୩୩ ରନ୍‌ର ଏକ ବଡ଼ ବ୍ୟବଧାନରେ ଗୁଜରାଟଠାରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍ ଜରିଆରେ ସୟେଦ ତୁଫେଲ ଅହମଦ ତାଙ୍କର ଲିଷ୍ଟ-ଏ' କ୍ୟାରିୟର ଆରମ୍ଭ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥବା ଗୁଜରାଟକୁ ଆର୍ଯ୍ୟା ଦେଶାଇ (୫୪ ରନ୍, ୭ ଚୌକା ଓ ୧ ଛକା) ଓ ଉର୍ଭିଲ ପଟେଲ (୬୪ ରନ, ୮ ଚୌକା ଓ ୧ ଛକା) ୧୧୮ ରନ୍‌ର ଭଲ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ତୃତୀୟ କ୍ରମରେ ଆସିଥିବା ଆହାନ ପୋଦ୍ଦାର ୬୪(୫ ଚୌକା) ରନ୍ କରିଥିବା ବେଳେ ଅକ୍ଷର ପଟେଲ ସର୍ବାଧିକ ୭୩ (୮ ଚୌକା ଓ ୨ ଛକା) ଓ ସୌରଭ ଚୌହାନ ୪୪ (୭ ଚୌକା) ରନ୍ କରିଥିଲେ। ଗୁଜରାଟ ୫୦ ଓଭରରେ ୬ ଉଇକେଟ ହରାଇ ୩୩୩ ରନ୍ କରିଥିଲା। ଓଡ଼ିଶାର ଅଧିନାୟକ ବିପ୍ଳବ ସାମନ୍ତରାୟ ୨ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୮.୧ ଓଭରରେ ୧୦୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ୪ ଜଣଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଗୁଜରାଟ ପକ୍ଷରୁ ଅଧିନାୟକ ଚିନ୍ତନ ଗାଜା ସର୍ବାଧିକ ୬ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ: ୫୦ ଓଭରରେ ୩୩୩/୬(ଅକ୍ଷର ପଟେଲ-୭୩, ଉର୍ଭିଲ ପଟେଲ-୬୪, ଆହାନ ପୋଦ୍ଦାର-୬୪, ବିପ୍ଳବ ସାମନ୍ତରାୟ-୨/୩୩)। ଓଡ଼ିଶା: ୨୮.୧ ଓଭରରେ ୧୦୦/ଅଲଆଉଟ୍ (ବିପ୍ଳବ ସାମନ୍ତରାୟ-୨୨, ଚିନ୍ତନ ଗାଜା-୬/୩୧,ଜପଞ୍ଜା ଭଙ୍ଗ-୨/୨୨)।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ